ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁଲାଇ ୨୦୨୬ ସଂସ୍କରଣ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍, ଡି.ସି.ଏନ୍.ଡି

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ରଥଯାତ୍ରା ପର୍ବ ଉପଲକ୍ଷେ**
**ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ**
**ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୦୯ |
| **ଗଳ୍ପ ବିଭାଗ** | | **୫୬** |
| ଅନେକ କଳାଛାଇ - ୪୧ | ଅଶୋକ ବିଶ୍ୱାଳ | ୫୭ |
| ବଡ଼ବାବୁ (ଧାରାବାହିକ କାହାଣୀ) | | ୬୮ |
| ନନାଙ୍କ ହୋଟେଲ୍ | ଅଭୟ କୁଣ୍ଡ | ୭୬ |
| ହାତୀ ମଣିଷ ଲଢ଼େଇ | ନିବେଦିତା ରଥ | ୮୦ |
| କାହାଣୀର କାହାଣୀ | ଗଦାଧର ବଳ | ୮୫ |
| କିଏ ହେବ ପତି | ସୁଧାଂଶୁ ଶେଖର ଦ୍ୱିବେଦୀ | ୮୯ |
| ଆତ୍ମବିଶ୍ୱାସ | ଆଶୁତୋଷ ମେହେର | ୯୩ |
| ସିନ୍ଦୁର | ଅଜୟ କୁମାର ମହାନ୍ତି | ୯୫ |
| ବାଲିଘର | ସୀମା କାନୁନଗୋ | ୧୦୦ |
| ଖରାପ ପିଲାର ଗପ | ଦେବାଶିଷ ମାଇତି | ୧୦୧ |
| ଅଦୃଶ୍ୟ ହାତ | ଆଶୁତୋଷ ନାୟକ | ୧୦୭ |
| **କବିତା ବିଭାଗ** | | **୧୧୦** |
| ଖରାଦିନେ କଟକ ସହର | ଶିବନାରାୟଣ ଦାସ | ୧୧୧ |
| ଧୂମକେତୁ | ସରୋଜ ସାହୁ | ୧୨୦ |
| ପ୍ରେମ (ତୁମ ପାଇଁ)... | ଅଭିଜିତ୍ ନାୟକ | ୧୨୧ |
| ଅଛି ନାହିଁର ଦୁନିଆ | ପ୍ରହ୍ଲାଦ ସାହୁ | ୧୨୩ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଶାଗୁଆ ଓଢ଼ଣୀ ତଳେ | କିରନ୍ ସ୍ୱାଇଁ | ୧୨୫ |
| ଚିହ୍ନ | ଦୁଷ୍ମନ୍ତ ବେହେରା | ୧୨୬ |
| ଡୋରି ଥରେ ଡୋର ଲଗେଇ ଦେ | ନଳିନୀ ଦାଶ | ୧୨୭ |
| ମୋ କଳା ଠାକୁର | ସ୍ନିଗ୍ଧା ପଟ୍ଟନାୟକ | ୧୨୮ |
| ହେ ମୋର କଳାଠାକୁର | ଅଜୟ କୁମାର ମହାନ୍ତି | ୧୨୯ |
| ଢେଙ୍କାନାଳ ଆଉ ବରା | ନିବେଦିତା ରଥ | ୧୩୦ |
| ବର୍ଷା ତୁମେ ଯେବେ ଆସ | କଳ୍ପନା ବିନ୍ଧାଣୀ | ୧୩୨ |
| ନୁହଇଁ ସେ ଦାସୀ | ସନ୍ଧ୍ୟାରାଣୀ ବେହେରା | ୧୩୩ |
| ଜାଗରେ ମଣିଷ ଆଜି | ସବିତା ସାବତ | ୧୩୫ |
| ଗୁଣ୍ଡିଚା ପଥେ ଜଗନ୍ନାଥ | ବିକାଶ କୁମାର ମହନ୍ତ | ୧୩୭ |
| ଜୀବନର ଗତିପଥ | ମଧୁସ୍ମିତା ସାହୁ | ୧୩୯ |
| କଥା ଓ କର୍ମ | ବିଜୟ କୁମାର ପାତ୍ର | ୧୪୧ |
| ଏତିକି ପ୍ରଭୁ ମିନତି | ଶକ୍ତିଦା ବିଷୋୟୀ | ୧୪୨ |
| ଖତ ଖାଇ ଖାଇ ଯାଏ | ଡଃ ଚପଳା ପଣ୍ଡା | ୧୪୪ |
| ସ୍ନାନ ଯାତ୍ରା | ଅମରନାଥ ବାରିକ | ୧୪୬ |
| ମା'ର ମମତା | ସୁନିତା ଦାଶ | ୧୪୭ |
| ସକାଳ | ନୀଳମଣି ଚାନ୍ଦ | ୧୪୮ |
| ବହିପାଠ ଯେବେ ଭୁଲ ହୁଏ | ହେମନ୍ତ କୁମାର ସାହୁ | ୧୪୯ |
| ଚମ୍ପକ ଦ୍ୱାଦଶୀ | ବିନୋଦିନୀ ନାୟକ | ୧୫୦ |
| ସ୍ୱପ୍ନରେ | ଡଃ ସ୍ୱର୍ଣ୍ଣଲତା ଲେଙ୍କା | ୧୫୨ |
| ଜୀବନକୁ କି ଅବା ଭରଷା | ଅଗ୍ନି କୁମାର ସାହୁ | ୧୫୪ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com


| | | |
|---|---|---|
| ଭଙ୍ଗା ଗଢ଼ା | ସୁଷମା ହୋତା | ୧୫୬ |
| ଭାଇ ଡାକ ପରା ପୀୟୁଷ ସମ | ଶ୍ରୀମନ୍ତ ନନ୍ଦ | ୧୫୮ |
| | ସଂଯୁକ୍ତା ସାହୁ | ୧୬୦ |
| | ଡଃ ଧନଞ୍ଜୟ ମିଶ୍ର | ୧୬୧ |
| | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୬୩ |
| | ସଚିକାନ୍ତ ରଥ | ୧୬୪ |
| | ନରେନ୍ଦ୍ର କୁମାର ଦାସ | ୧୬୬ |
| | ଭାସ୍କର ରାଉତ | ୧୬୯ |
| | ନୂତନ କୁମାର ବେହେରା | ୧୭୦ |
| | ବୀଣା ସାହୁ | ୧୭୨ |
| | ଅନିତା ମିଶ୍ର | ୧୭୩ |
| | କ୍ରିଷ୍ଣା ସେନାପତି | ୧୭୫ |
| | ପୁଷ୍ପଲତା ମିଶ୍ର | ୧୭୭ |
| | ରଞ୍ଜିତା ତ୍ରିପାଠୀ | ୧୭୮ |
| | ରାଧାଶ୍ୟାମ ମହାନ୍ତି | ୧୭୯ |
| ସ୍ନାନ ମଣ୍ଡପେ ମୋ କଳାଠାକୁର | ଭରତବନ୍ଧୁ ବିଶ୍ୱାଳ | ୧୮୦ |
| ଇତି ତୁମର ମୁଁ | ଡଃ ମଞ୍ଜୁଳା ପ୍ରଧାନ | ୧୮୧ |
| | ଦିବାକର ସିଂ | ୧୮୨ |
| | ସୀମାଞ୍ଚଳ ରାଉଳ | ୧୮୪ |
| ଯଦି କେବେ ଦେଖାହେବ | ସୁଭାଗିନୀ ସିଂହ | ୧୮୬ |
| ସହରରୁ ଗଲି ଗାଁକୁ ବୁଲି | ହେମନ୍ତ କୁମାର ନାୟକ | ୧୮୭ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ତୁମେ ସାହିତ୍ୟ ବୃତ୍ତର ବ୍ୟାସ | ରୀତାରାଣୀ ଦାଶ | ୧୮୯ |
| ଭୋକ | ଶ୍ୟାମା ପ୍ରସାଦ ବୋଷ | ୧୯୧ |
| ତୁମ ଗାଆଁ ନଈପଠା | ନିରଞ୍ଜନ ସାହୁ | ୧୯୩ |
| ଭାଗ୍ୟ ଆଉ ହୃଦୟରେ ନଥାଏ ଭଲ ସମ୍ପର୍କ | ସୁଶାନ୍ତ ସାହୁ | ୧୯୫ |
| ହସ | ନାଭିଦତ୍ୟ ଦିଗାଲ | ୧୯୭ |
| ସବୁଜିମା ଏକ ଆର୍ତ୍ତନାଦ | ସୁଜିତ କୁମାର ମିଶ୍ର | ୧୯୮ |
| ମୁଁ କୋଣାର୍କ କହୁଛି | କାର୍ତ୍ତିକ ପାଣିଗ୍ରାହୀ | ୨୦୦ |
| ଆମ ପଡ଼ୋଶୀ | ଡଃ ସସ୍ମିତା ନାୟକ | ୨୦୧ |
| ପଞ୍ଚପିତା | ଡଃ ନାରାୟଣ ଚନ୍ଦ୍ର ସେନାପତି | ୨୦୨ |
| ହୀନ କି ଜାଣିବ ମାନର ମାନ | ନଳିନୀ ପ୍ରଭା ମିଶ୍ର | ୨୦୪ |
| | ମଲ୍ଲିକା ସିଂହ | ୨୦୫ |
| | ନିବେଦିତା ପଣ୍ଡା | ୨୦୭ |
| | ଲତା ବେହେରା | ୨୦୯ |
| ସଳିତା | ଡଃ ମନ୍ଦାକିନୀ ପାଢ଼ୀ | ୨୧୧ |
| ଘୁଙ୍ଗୁର ମୋ | ସୀତାଂଶୁ ଜେନା | ୨୧୨ |
| କଥା | ଆକୁଳାନନ୍ଦ ପୃଷ୍ଟି | ୨୧୩ |
| ସ୍ୱାର୍ଥର ସହର | ଅନଙ୍ଗ ପଟେଲ | ୨୧୫ |
| ବିଚ୍ଛେଦର ଜ୍ୱାଳା | ଆଶିଷ କୁମାର ସାହୁ | ୨୧୬ |
| ତୁମେ ଅନାଥର ନାଥ | ସୌଦାମିନୀ ତ୍ରିପାଠୀ | ୨୧୮ |
| | ଚନ୍ଦନ କୁମାର ପାତ୍ର | ୨୨୦ |
| ସ୍ୱପ୍ନ ପାଇଁ ସାହସ | ସୁନୀନା ମିଶ୍ର | ୨୨୧ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ପ୍ରାଣ ପଣେ ମୋର ଡର | ତାରା ପ୍ରସାଦ ଜେନା | ୨୨୫ |
| ମଧ୍ୟ ପ୍ରାଚ୍ୟର ଦୁଃଖ | ଡଃ ବି ପ୍ରକାଶ ଚନ୍ଦ୍ର ପାତ୍ର | ୨୨୭ |
| ତୁମ ପାଇଁ ପଦେ | ଡଃ ଅଲେଖ ପ୍ରସାଦ ମହାରଣା | ୨୨୯ |
| ଯାହା ହାତ ଧରି | ଅମୃତନାରାୟଣ ଶତପଥୀ | ୨୩୦ |
| ଦେଖି ଚାହିଁ ଚାଲ ତ ! | ଶଶଧର କୁମାର ସେଠୀ | ୨୩୨ |
| କୀର୍ତ୍ତିମୟୀ ଉତ୍କଳ | ରତି ରଞ୍ଜନ ମହାପାତ୍ର | ୨୩୪ |
| ନାରୀ : ଏକ ଅନିର୍ବାଣ ଶିଖା | କୃଷ୍ଣା କାବେରୀ ଖଣ୍ଡାଇ | ୨୪୦ |
| ଗଛକୁ ପଚାରେ | ଜସ୍ମିନ ସାହୁ | ୨୪୩ |
| ଏମିତି ହୋଇଥିବ | ଟିକେଶ୍ୱର ସାହୁ | ୨୪୪ |
| ସବୁଜ ଯୌବନା ସ୍ମୃତି | ସ୍ୱର୍ଣ୍ଣ ରଥ ମହାପାତ୍ର | ୨୪୬ |
| **ପ୍ରବନ୍ଧ ବିଭାଗ** | | **୨୪୮** |
| ମା ରମ୍ଭାଦେବୀଙ୍କ ଐତିହ୍ୟ | ଡଃ ସମୀର କୁମାର ନନ୍ଦ | ୨୪୯ |
| ନୀଳାଦ୍ରିସୁନ୍ଦର କାବ୍ୟରେ ଜଗନ୍ନାଥ ଚେତନା | ଡଃ ନିରୁପମା ନାୟକ | ୨୫୪ |
| ସତ୍ୟଧୃତି ଚରିତ | ବାବାଜୀ ଚରଣ ଦାସ | ୨୬୦ |
| ଚକ୍ରରାଜ ସୁଦର୍ଶନ | ହେମାମାଳିନୀ ବିଶ୍ୱାଳ | ୨୬୨ |
| ବସନ୍ତ : ପ୍ରକୃତି, ସଂସ୍କୃତି ଓ ସାହିତ୍ୟର ସମନ୍ୱୟ | ଅଙ୍କିତ ସାହୁ | ୨୬୪ |
| ଲେଖକଙ୍କ ଦିନଚର୍ଯ୍ୟା | ମଧୁସ୍ମିତା ସାହୁ | ୨୬୯ |
| **ବିଶେଷ ସୂଚନା** | | **୨୭୨** |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ଜୁଲାଇ ୨୦୨୬ ରଥଯାତ୍ରା ସଂସ୍କରଣ ସହ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାର୍ଷିକ ଘୋଷଯାତ୍ରା ପାଇଁ ସମଗ୍ର ରାଜ୍ୟରେ ଆନନ୍ଦ ଉଲ୍ଲାସ ଦେଖା ଦେଇଛି । ବିଗତ କିଛି ଦିନ ହେବ ପାଣିପାଗ ଚାଷୀକୂଳକୁ ସୁହାଇବା ଭଳି ହୋଇଥିବା ବେଳେ ରାଜ୍ୟବାସୀ ଅତ୍ୟନ୍ତ ଉତ୍ତାପରୁ ନିସ୍ତାର ପାଇଛନ୍ତି । ସ୍ନାନଯାତ୍ରା ପରେ ମହାପ୍ରଭୁ ଅଣସର ଘରେ ରହି ଦେବସୁଲଭ ଚିକିତ୍ସା ପାଇବା ପରେ ନବଯୌବନ ବେଶରେ ଦେଖାଦେବା ପାଇଁ ତତ୍ପର ହେଲେଣି । ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ କରିବା ଆଶାର୍ଥୀମାନେ ବ୍ରହ୍ମଗିରି ସ୍ଥିତ ଅଲାରନାଥଙ୍କ ନିକଟରେ ପହଞ୍ଚିବା ଏବଂ ଦର୍ଶନ କରିବା ସୌଭାଗ୍ୟ ପାଇଛନ୍ତି । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମଗ୍ର ବ୍ରହ୍ମାଣ୍ଡର କର୍ତ୍ତା, ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତଙ୍କୁ ବଡ଼ଦାଣ୍ଡରେ ବଡ଼ ରଥରେ ବସି ଦେଖାଦେବେ । ଏହି ମହାର୍ଘ ଉତ୍ସବକୁ ଦେଖିବା ପାଇଁ ଦେବ, ଦାନବ ଓ ମାନବ ସମସ୍ତେ ଉଲ୍ଲସିତ ହୋଇ ଅପେକ୍ଷା କରିଛନ୍ତି । କୁହାଯାଏ, "ରଥେ ତୁ ବାମନଂ ଦୃଷ୍ଟ୍ୱା, ପୁନର୍ଜନ୍ମଂ ନ ବିଦ୍ୟତେ" ଅର୍ଥାତ, ରଥ ଉପରେ ମହାପ୍ରଭୁଙ୍କ ବାମନ ଅବତାରର ଦର୍ଶନ କରିଲେ, ମନୁଷ୍ୟ ଜନ୍ମମୃତ୍ୟୁ ଚକ୍ରରୁ ନିସ୍ତାର ପାଇ ବୈକୁଣ୍ଠରେ ସ୍ଥାନ ପାଇଥାଏ । ଆମେ ଅତ୍ୟନ୍ତ ଗର୍ବିତ ଯେ ମହାପ୍ରଭୁଙ୍କ କୃପାରୁ ଆମେ ଉତ୍କଳ ଭୂମିରେ ଜନ୍ମ ନେଇଛି । ଏହାର ଶାସକ ସ୍ୱୟଂ ନାରାୟଣ । ଆମେ ଆହୁରି ଅଧିକ ମାତ୍ରାରେ ଗର୍ବିତ ଯେ ଆମେ ମହାପ୍ରଭୁଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିବା ସୌଭାଗ୍ୟ ପାଉଛେ । ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ସ୍ଥାନରେ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଥାଏ । ଶୁଣାଯାଉଛି ବହୁରାଷ୍ଟ୍ରୀୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଂସ୍ଥା ଇସ୍କନ୍ ଦ୍ୱାରା ମଧ୍ୟ କାଳେ ରଥଯାତ୍ରାର ଆୟୋଜନ ହେଉଛି କିନ୍ତୁ ସେ ସବୁ ବର୍ଷର ଭିନ୍ନ ଭିନ୍ନ ସମୟରେ ହୋଇଥିବା ବେଳେ ଏହାକୁ ନେଇ ପୁରୀର ଗଜପତି ମହାରାଜା ଅସନ୍ତୋଷ ପ୍ରକଟ କରିଛନ୍ତି । ଗଜପତି ମହାରାଜା ହେଉଛନ୍ତି ସମଗ୍ର ଓଡ଼ିଆ ଜାତିର ମଉଡ଼ମଣି । ତାଙ୍କର ନିଷ୍ପତି ଆମ ସମସ୍ତଙ୍କ ପାଇଁ ଆଦେଶ ତୁଲ୍ୟ । ସେହିଭଳି ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ବିଶ୍ୱକର୍ତ୍ତା । ତେଣୁ ତାଙ୍କର ରୀତିନୀତିରେ ଅବହେଳା ହେଉ ବା ଅନ୍ୟାୟପୂର୍ଣ୍ଣ ନୀତିକାନ୍ତି ହେଉ ଏହାକୁ ବରଦାସ୍ତ କରାଯିବା ଉଚିତ ନୁହେଁ । ଆହ୍ୱାନ ଇ-ପତ୍ରିକାର ସମସ୍ତ ପାଠକମାନଙ୍କୁ ପବିତ୍ର ରଥଯାତ୍ରା ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଆସନ୍ତୁ ଜାଣିବା ବିଗତ ଦିନରେ ଦେଶ ଦୁନିଆରେ ଘଟିଯାଇଥିବା କିଛି ଉଲ୍ଲେଖନୀୟ ଘଟଣାର ବିବରଣୀ ।

ନୂତନ ପାଠ୍ୟପୁସ୍ତକରେ ଅସଂଖ୍ୟ ତ୍ରୁଟି ଘଟଣାରେ ମୁଖ୍ୟମନ୍ତ୍ରୀ ନିଲମ୍ବନ କରିଥିବା ୪ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ରାଜ୍ୟ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଟିଇ ଆଣ୍ଡ ଏସ୍‌ସିଇଆର୍‌ଟି)ର ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ କଳାକାରନାମା ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି । ସେ ପାଠ୍ୟପୁସ୍ତକ ଛପାର ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ତାଙ୍କ ଅବହେଳା ପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରସ୍ତୁତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଳ ମାଳ ତ୍ରୁଟି ଆଜି ରାଜ୍ୟ ସରକାର ଏବଂ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଜାତୀୟସ୍ତରରେ ନିନ୍ଦିତ କରିଛି । ତେବେ ଏଭଳି ଜଣେ ଅଫିସରଙ୍କ ଉପରେ କାହିଁକି ସରକାର ବିଳମ୍ବରେ କାର୍ଯ୍ୟାନୁଷ୍ଠାନ ନେଲେ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି । କାରଣ ଦୁଇବର୍ଷ ତଳୁ ମନୋଜଙ୍କ ବିରୋଧରେ ମାଳ ମାଳ ଅଭିଯୋଗ ରହିଛି । ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ପାଖରେ ୧୫ ବିଧାୟକ ଓ ଜଣେ ଏମ୍‌ପି ତାଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏହାର ଫଳ ଏବେ ଭୋଗିବାକୁ ପଡୁଛି ବୋଲି ଆଲୋଚନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉଛି ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଥିବାବେଳେ ତାଙ୍କୁ ଟିଇ ଆଣ୍ଡ ଏସ୍‌ସିଇଆର୍‌ଟିର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା । ଦୁଇବର୍ଷ ଧରି ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ଥିବାବେଳେ ତାଙ୍କ ବିରୋଧରେ ବହୁ ଅଭିଯୋଗ ଆସିଥିଲା । ମନୋଜ ପୁରୁଷ ଓ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଥିଲେ । ନନ୍‌ସେନ୍‌ସ୍, ଇଡିଅଟ୍ ଏବଂ ଗେଟ୍ ଆଉଟ୍ ଭଳି ଶବ୍ଦ ପ୍ରୟୋଗ କରୁଥିଲେ । ଏହାକୁ ନେଇ କମର୍ର୍‌ଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା । କାର୍ଯ୍ୟାଳୟରେ ଭୟର ବାତାବରଣ ଲାଗିରହୁଥିଲା । ଡିସେମ୍ବର ୨୦୨୪ରେ ଭାଜପାର ୧୫ ବିଧାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଏଭଳି ଅଭିଯୋଗ ଆଣିବା ସହ ମନୋଜଙ୍କୁ ସେଠାରୁ ବଦଳି କରାଯାଉ ନଚେତ ଟିଇ ଆଣ୍ଡ ଏସସିଇଆରଟିର ଅତିରିକ୍ତ ଦାୟିତ୍ୱ ତାଙ୍କଠାରୁ ପ୍ରତ୍ୟାହାର କରାଯାଉ ବୋଲି ଅନୁରୋଧ କରିଥିଲେ । ପୂର୍ବରୁ ମୟୂରଭଞ୍ଜ ଏମ୍‌ପିଙ୍କ ଚିଠି ଆଧାରରେ ମନୋଜଙ୍କୁ ଟିଇ ଆଣ୍ଡ ଏସ୍‌ସିଇଆରଟିର ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଥିଲା । କିନ୍ତୁ ବିପୁଳ ଟଙ୍କା ଦେଇ ଓ ଜଣେ ଉଚ୍ଚ ତଥା କ୍ଷମତାଶାଳୀ ଅଧିକାରୀଙ୍କ ହସ୍ତକ୍ଷେପ ଯୋଗୁ ସେ ପୁଣି ସେହି ପଦବୀରେ ନିଯୁକ୍ତ ହୋଇଥିବା ନେଇ ବିଧାୟକମାନେ ଚିଠିରେ ଲେଖିଥିଲେ । ତେବେ ମନୋଜଙ୍କ ଏସବୁ କାରନାମା ପଛରେ ଥିବା କ୍ଷମତାଶାଳୀ ଉଚ୍ଚ ଅଧିକାରୀ ଜଣକ କିଏ ? ତାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି । ଏପରିକି ଏବେ ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟି ଘଟଣାରେ ସେ ମଧ୍ୟ ସାମିଲ ଥିବା ଆଲୋଚନା ହେଉଛି । ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଷଡ଼ଯନ୍ତ୍ରକାରୀଙ୍କୁ ଖୋଜି ବାହାର କରିବା ସହ ତାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ସହ ନିଲମ୍ବିତ ମନୋଜଙ୍କ ସହ ଲିଙ୍କ୍‌ରେ ଥିବା ଅନ୍ୟ ଅଧିକାରୀଙ୍କୁ ବହିଷ୍କାର କରିବାକୁ ଦାବି ହେଉଛି ।

ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ (ଓମ୍‌ସା)ର ୮ ଦଫା ଦାବି ପୂରଣ ନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେବା ପ୍ରତିବାଦରେ ଜାତୀୟ ଡାକ୍ତର ଦିବସ ଅବସରରୁ ଡାକ୍ତର ଦିବସ, ଜୁଲାଇ ୧ ତାରିଖ, ବୁଧବାରଠାରୁ ରାଜ୍ୟବ୍ୟାପୀ ଅନିର୍ଦ୍ଦିଷ୍ଟକାଳ ପାଇଁ ରୋଗୀସେବା ବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଥିଲା ।

ଗତ ୬ ମାସ ତଳେ କେବଳ ଦିନକୁ ୧ ଘଣ୍ଟା କାମବନ୍ଦ ଆନ୍ଦୋଳନ କରି ଥିବାରୁ ଡାକ୍ତର ତାଙ୍କର ୧୦ ଦଫା ନ୍ୟାଯ୍ୟ ଦାବି ପୂରଣ ହୋଇ ନ ଥିଲା । ତେଣୁ ବୁଧବାର ପୁଣି ସମ୍ପୂର୍ଣ୍ଣ କଲମ ଛାଡ଼ ଆନ୍ଦୋଳନ ବାଧ୍ୟ ହୋଇ କରିଛନ୍ତି । ଗତ ଥର ଘଣ୍ଟାକ ପାଇଁ ଆନ୍ଦୋଳନ କରିଥିବାରୁ ରାଜ୍ୟ ସରକାର ଡାକ୍ତରମାନଙ୍କୁ ୩ ମାସର ସମୟ ମାଗି ଆନ୍ଦୋଳନକୁ ସେହି ସମୟରେ ଆପୋଷ ବୁଝାମଣାରେ ବନ୍ଦ କରି ଦେଇଥିଲେ । କିନ୍ତୁ ଆଜିକୁ ୩ ମାସ ବଦଳରେ ୬ ମାସ ପରେ ମଧ୍ୟ ତାଙ୍କ ୧୦ ଦଫା ଦାବି ପୂରଣ ନ ହେବାରୁ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

ଡାକ୍ତରମାନେ ଜରୁରୀକାଳିନ ସେବା, ଆପାତକାଳୀନ ଚିକିତ୍ସା ଓ ଗୁରୁତର ରୋଗୀଙ୍କ ଚିକିତ୍ସା ପୂର୍ବଭଳି ଜାରି ରଖିଛନ୍ତି । ତେବେ ଓପିଡି, ନିର୍ଦ୍ଧାରିତ ଅସ୍ତ୍ରୋପଚାର ଓ ଅନ୍ୟାନ୍ୟ ନିୟମିତ ସେବା ବନ୍ଦ ରହିଥିବାରୁ ସାଧାରଣ ରୋଗୀମାନେ ଅଧିକ ହଇରାଣର ସମ୍ମୁଖୀନ ହୋଇଛନ୍ତି । ରାଜ୍ୟବ୍ୟାପୀ OMSAର ଆହ୍ୱାନରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ, ସରକାର ଶୀଘ୍ର ସମସ୍ୟାର ସମାଧାନ କରି ସ୍ୱାସ୍ଥ୍ୟସେବାକୁ ସ୍ୱାଭାବିକ କରିବାକୁ ସାଧାରଣରେ ପକ୍ଷରୁ ଦାବି ହୋଇଛି ।

ସୂଚନାଯୋଗ୍ୟ, ରାଜ୍ୟରେ ୫୦ ପ୍ରତିଶତରୁ କମ୍ ଡାକ୍ତର ଅଛନ୍ତି । ତେଣୁ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ସମୟରେ ଡାକ୍ତରମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ କେତେକ ସ୍ଥାନରେ ରୋଗୀଙ୍କ ସମ୍ପର୍କୀୟମାନେ ମଧ୍ୟ ଡାକ୍ତରଙ୍କ ଉପରେ ମରଣାନ୍ତକ ଆକ୍ରମଣ କରୁଛନ୍ତି । ଯାହାକୁ ନେଇ ଡାକ୍ତରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ସୁରକ୍ଷା ସମେତ ଅନ୍ୟାନ୍ୟ ଦାବି ନେଇ ଡାକ୍ତରମାନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

ବଦଳି ନୀତିରେ ସ୍ୱଚ୍ଛତା ଏବଂ କ୍ୟାଡର ପୁନର୍ଗଠନ ସମେତ ୧୩ ଦଫା ଦାବି ନେଇ ଓଡ଼ିଶାର ବିଭିନ୍ନ ସରକାରୀ ହସ୍ପିଟାଲରେ ଡାକ୍ତରମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟ ଜାରି ରଖିଛନ୍ତି । ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏଶନ(ଓମ୍ସା) ବ୍ୟାନରରେ ପ୍ରାୟ ୮ହଜାର ଡାକ୍ତର ବୁଧବାର ଜାତୀୟ ଡାକ୍ତର ଦିବସରୁ ଜିଲା ମୁଖ୍ୟ ଚିକିତ୍ସାଳୟ, ସବ୍ -ଡିଭିଜନ ଏବଂ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି ।

ଡାକ୍ତରମାନଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଆନ୍ଦୋଳନରତ ଡାକ୍ତରମାନଙ୍କର ଦରମା ବନ୍ଦ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ ଓ କଡ଼ା ନିର୍ଦ୍ଦେଶନାମା ଜାରି କରାଯାଇଛି ।

ସ୍ୱାସ୍ଥ୍ୟ ବିଭାଗର ଚିଠି ଅନୁଯାୟୀ, ଓଡ଼ିଶା ମେଡିକାଲ ଆଣ୍ଡ ହେଲ୍‌ଥ ସର୍ଭିସେସ୍ (OMHS) କ୍ୟାଡର ଅଧୀନରେ ଆସୁଥିବା ଯେଉଁ ମେଡିକାଲ ଅଫିସରମାନେ କାର୍ଯ୍ୟରେ ଯୋଗ ନଦେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି, ସେମାନଙ୍କର ଦରମା ତୁରନ୍ତ ବନ୍ଦ କରିବାକୁ କୁହାଯାଇଛି । କେବଳ ସେତିକି ନୁହେଁ, ଆନ୍ଦୋଳନରେ ସାମିଲ ଥିବା ଚୁକ୍ତିଭିତ୍ତିକ ଡାକ୍ତରମାନଙ୍କ ଉପରେ ମଧ୍ୟ ଖଣ୍ଡା ଝୁଲିଛି । ସେମାନଙ୍କୁ ପ୍ରଥମେ ନୋଟିସ୍ ଦିଆଯିବା ସହ ପରବର୍ତ୍ତୀ ସମୟରେ କାର୍ଯ୍ୟରୁ ନିବୃତ୍ତ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି ।

ଆଦାନୀ ଏଣ୍ଟରପ୍ରାଇଜେସ ଲିମିଟେଡ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ବଡ଼ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଲୋକସେବା ଭବନରେ ଶିଳ୍ପ ବିଭାଗ ଏବଂ ଆଦାନୀ ଏଣ୍ଟରପ୍ରାଇଜେସ ଲିମିଟେଡ ଅନ୍ତରାଷ୍ଟ୍ରୀୟ ହୋଲଡିଂ କମ୍ପାନୀ ମଧ୍ୟରେ ୧ ଲକ୍ଷ ୧ ହଜାର କୋଟିର ଏମଓୟୁ ସ୍ୱାକ୍ଷର ହୋଇଛି । ଏହି ଏମଓୟୁ ଦ୍ୱାରା ୫୩,୫୦୦ ନୂତନ ନିଯୁକ୍ତି ସୃଷ୍ଟି ହେବ ବୋଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଣାପଡ଼ିଛି ।

୧ କୋଟି ସଂଶୋଧିତ ଲକ୍ଷ୍ମୀପୁରାଣ ବାଣ୍ଟିବେ ରାଜ୍ୟ ସରକାର । ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସୂଚନା ଦେଇଛନ୍ତି । ନୂଆ ସଂଶୋଧିତ ଲକ୍ଷ୍ମୀପୁରାଣକୁ ନମିତା ଅଗ୍ରୱାଲ ଏବଂ ଗୀତା ଦାସ ଗାଇବେ ।

ଲକ୍ଷ୍ମୀପୁରାଣକୁ ନେଇ ସରକାର ଅନନ୍ୟ ପଦକ୍ଷେପ ନେଇଛନ୍ତି । ବଳରାମ ଦାସଙ୍କ ଜନ୍ମପୀଠରେ ତିଆରି ହେବ ମହାଲକ୍ଷ୍ମୀ କରିଡର । ଏହି କରିଡର ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେଇପାରିବ । ୫୦୦ ମହିଳା ଏକାଠି ଲକ୍ଷ୍ମୀପୁରାଣ ଗାଇପାରିବେ । କରିଡରରେ ବଳରାମ ଦାସଙ୍କ ଗ୍ୟାଲେରୀ, ଲକ୍ଷ୍ମୀଙ୍କ ରିସର୍ଚ୍ଚ ଗ୍ୟାଲେରୀ ରହିବ ।

ଗଞ୍ଜାମ ବ୍ଲକର ପୋଡମପେଟାରେ ସମୁଦ୍ର କୂଳ କ୍ଷୟ ଦିନକୁ ଦିନ ଉଦ୍‌ବେଗଜନକ ରୂପ ନେବାରେ ଲାଗିଛି । ସମୁଦ୍ର ଦ୍ରୁତ ଗତିରେ ସ୍ଥଳଭାଗ ଆଡ଼କୁ ମାଡ଼ି ଆସୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ଶୁକ୍ରବାର ଅପରାହ୍ନରେ ପୁଣି କିଛି ବଡ଼ ବଡ଼ ଘର ସମୁଦ୍ରରେ ଭାଙ୍ଗି ଲୀନ ହୋଇଯାଇଥିବା ବେଳେ ଏହି ଭୟାବହ ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପୋଡ଼ମପେଟା ଗାଁର ପ୍ରାୟ ୭୫ ପ୍ରତିଶତ ଅଂଶ ଇତିମଧ୍ୟରେ ସମୁଦ୍ର ଗର୍ଭରେ ବିଲୀନ ହୋଇସାରିଛି । ଗତ କିଛି ଦିନ ମଧ୍ୟରେ ୧୦ରୁ ଅଧିକ ଘର ସମୁଦ୍ରରେ ମିଶିଯାଇଥିବା ବେଳେ ଏହାକୁ ଲାଗି ରହିଥିବା ଆଉ ୧୨ ଖଣ୍ଡ ଗାଁ ମଧ୍ୟ ଏବେ ତୀବ୍ର ସମୁଦ୍ର କୂଳ କ୍ଷୟ ଯୋଗୁ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଏହି ସଂଗୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତୀ ଭାସନ ଆଖପାଖ ଅଞ୍ଚଳର ୬ଖଣ୍ଡ ଗ୍ରାମର ପ୍ରତିନିଧିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି । ବୈଠକରେ ଗ୍ରାମବାସୀମାନେ ତୁରନ୍ତ ସମୁଦ୍ର କୂଳରେ ପଥର ବନ୍ଧ ଓ ସିମେଣ୍ଟ କଂକ୍ରିଟ ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ଦାବି କରିଛନ୍ତି । ଏଥିରେ ବିଳମ୍ବ ହେଲେ କେବଳ ପୋଡମପେଟା ନୁହେଁ ବରଂ ଆଖପାଖର ଅନେକ ଗ୍ରାମ ସମୁଦ୍ର ଗର୍ଭରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଜିଯିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଅନ୍ୟପଟେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏହି ପ୍ରସଙ୍ଗରେ ଗଭୀର ଚିନ୍ତା ପ୍ରକଟ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖିଛନ୍ତି । ସ୍ଥାୟୀ ସମୁଦ୍ର କୂଳ ସୁରକ୍ଷା ପ୍ରକଳ୍ପକୁ ତୁରନ୍ତ ଅନୁମୋଦନ କରିବାକୁ ସେ ଦାବି କରିଛନ୍ତି । ପାଲିବନ୍ଧ ପଞ୍ଚାୟତର ୯ଟି ଓ ରାମଗଡ଼ ପଞ୍ଚାୟତର ୭ରୁ ଅଧିକ ଗ୍ରାମ ସହ ପ୍ରସିଦ୍ଧ ବଟେଶ୍ୱର ପୀଠ ମଧ୍ୟ ସମୁଦ୍ର କୂଳ କ୍ଷୟ ଯୋଗୁ ବିପଦରେ ଥିବା ସେ ଉଲ୍ଲେଖ କରିଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଜିଲାପାଳ ଭି. କୀର୍ତ୍ତୀ ଭାସନ କହିଛନ୍ତି, ଏକ ବୈଷୟିକ ଟିମ ଓ ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀମାନେ ଖୁବଶୀଘ୍ର ଘଟଣାସ୍ଥଳ ପରିଦର୍ଶନ କରିବେ । ସେମାନଙ୍କ ରିପୋର୍ଟ ଆଧାରରେ ଡିପିଆର ପ୍ରସ୍ତୁତ କରାଯିବ ଏବଂ ଆବଶ୍ୟକତା ଅନୁଯାୟୀ ସେଠାରେ ସ୍ଥାୟୀ ସମୁଦ୍ର କୂଳ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି । ଅନ୍ୟପକ୍ଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପ୍ରଶାସନ ବିପଦପୂର୍ଣ୍ଣ ସ୍ଥାନକୁ ସିଲ କରିଛି । ସମୁଦ୍ରର ଅସ୍ୱାଭାବିକ ଅଗ୍ରଗତି ଯୋଗୁଁ ଉକ୍ତ ସ୍ଥାନ ଅତ୍ୟନ୍ତ ବିପଦଜନକ ପାଲଟିଥିବାରୁ ଜନସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଶାସନ ପକ୍ଷରୁ ଜେସିବି ସହାୟତାରେ ଦିନତମାମ କାର୍ଯ୍ୟ କରି ବିପଦପୂର୍ଣ୍ଣ ସ୍ଥାନରେ ମାଟି ପକାଇ ପ୍ରବେଶପଥକୁ ସିଲ କରାଯାଇଛି । ଫଳରେ ସେହି ଅଞ୍ଚଳକୁ ସାଧାରଣ ଲୋକଙ୍କ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି ।

ଚାଉଳିଆଗଞ୍ଜ ଥାନା ଅଧିକାରୀ ବିଯୁଟି ମହାନ୍ତି ଆତ୍ମହତ୍ୟା କରିଛନ୍ତି । ମହିଳା ଆଇଆଇସି ଜଣଙ୍କ ନିଜ କ୍ୱାର୍ଟର୍ସରେ ଝୁଲିପଡ଼ିଛନ୍ତି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିଲାବେଳେ, ମୃତଦେହକୁ ଏସସିବି ମେଡିକାଲକୁ ପଠାଯାଇଛି । ଘଟଣା ସ୍ଥଳରେ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ ଉପସ୍ଥିତ ରହିଛନ୍ତି । ପୂର୍ବରୁ କଟକର ବିଭିନ୍ନ ଥାନା ଯେପରି ମର୍କତ ନଗର ମହିଳା ଥାନାରେ ଥାନା ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଯୁଟି ।

ରାଜଧାନୀରେ ବର୍ଷା ଆରମ୍ଭ ହେଉ ହେଉ ଏକ ଅଘଟଣ ଘଟିଛି । ଭୁବନେଶ୍ୱରର ବାଣୀବିହାର ଅଞ୍ଚଳରେ ଥିବା ପ୍ରମୁଖ ଡ୍ରେନ୍‌ରେ ପ୍ରବଳ ସ୍ରୋତରେ ଭାସି ଜଣେ ସ୍ଥାନୀୟ ଯୁବକ ନିଖୋଜ ହୋଇଯାଇଛନ୍ତି । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି ।

ସୂଚନା ଅନୁଯାୟୀ, ଲଗାଣ ବର୍ଷା ଯୋଗୁ ବାଣୀବିହାର ଡ୍ରେନ୍‌ରେ ପ୍ରବଳ ବେଗରେ ପାଣି ପ୍ରବାହିତ ହେଉଥିଲା । ଏହି ସମୟରେ କୌଣସି କାରଣବଶତଃ ଯୁବକଜଣକ ଡ୍ରେନ୍‌ରେ ପଡ଼ିଯାଇଥିବା ବେଳେ ପ୍ରବଳ ସ୍ରୋତରେ ଭାସି ଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ ।

ଘଟଣାର ଖବର ପାଇ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମିଳିତ ଭାବେ ଖୋଜାଖୋଜି ଅଭିଯାନ ଆରମ୍ଭ କରିଛନ୍ତି । ଡ୍ରେନ୍‌ର ବିଭିନ୍ନ ସ୍ଥାନରେ ଯୁବକଙ୍କ ସନ୍ଧାନ ଚାଲିଥିବାବେଳେ ଏପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିନାହିଁ ।

ନିଖୋଜ ଯୁବକଙ୍କ ସମ୍ପର୍କରେ ପୋଲିସ ତଥ୍ୟ ସଂଗ୍ରହ କରୁଥିବାବେଳେ ଘଟଣାର ପ୍ରକୃତ କାରଣ ନେଇ ମଧ୍ୟ ତଦନ୍ତ ଜାରି ରହିଛି । ବର୍ଷା ଦିନରେ ଜଳମଗ୍ନ ରାସ୍ତା ଓ ଖୋଲା ଡ୍ରେନ୍ ନିକଟକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

ଭୁବନେଶ୍ୱର ଡେପୁଟି କମିଶନର ଅଫ୍ ପୋଲିସ(ଡିସିପି) ଜଗମୋହନ ମୀନା ଚାକିରିରୁ ରିଜାଇନ ଦେଇଛନ୍ତି । ଯାହାକି ରାଜଧାନୀ ପୋଲିସକୁ ଆଶ୍ଚର୍ଯ୍ୟ କରିଦେଇଛି । ବ୍ୟକ୍ତିଗତ କାରଣରୁ ସେ ଚାକିରି ଛାଡ଼ିଦେଇଥିବା କହିଛନ୍ତି । ଡିସିପି ଜଗମୋହନ ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅଟନ୍ତି । ପୂର୍ବରୁ ସେ କଟକ ଡିସିପି ଭାବେ କାର୍ଯ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଥିବାବେଳେ ଅନୁଗୋଳ ଏବଂ ଗଞ୍ଜାମ ଏସ୍‌ପି ଭାବେ କାମ କରିଥିଲେ । ୨୦୨୫ ଫେବୃଆରୀ ୨୮ରେ ଭୁବନେଶ୍ୱର ଡିସିପି ଭାବେ ସେ ଯୋଗ ଦେଇଥିଲେ ।

ତାଙ୍କର ରିଜାଇନ ଏଭଳି ସମୟରେ ଆସିଛି, ଯେତେବେଳେ କମିଶନରେଟ୍ ପୋଲିସ ସମ୍ପ୍ରତି ବାଲିଅନ୍ତାରେ ରେଳବାଇ କନଷ୍ଟେବଳ ସୌମ୍ୟ ରଞ୍ଜନ ସ୍ୱାଇଁ ଭିଡ଼ ହିଂସାର ଶିକାର ହୋଇ ମୃତ୍ୟୁବରଣ କରିବା ଘଟଣାକୁ ନେଇ ସମାଲୋଚନାର ସମ୍ମୁଖୀନ ହୋଇଛି । ଉକ୍ତ ଘଟଣାରେ ପୋଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ । ଏଭଳି ସମୟରେ ଡିସିପିଙ୍କ ଚାକିରି ଛାଡ଼ିବା ନେଇ ବିଭିନ୍ନ ମହଲରେ ନାନା ଆଲୋଚନା ହେଉଛି ।

ପାଖେଇ ଆସୁଛି ରଥଯାତ୍ରା । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରଥଯାତ୍ରା ସମୀକ୍ଷା ବୈଠକ କରିଛନ୍ତି । କର୍ଡନ ପାସ୍ ଉପରେ ଜିଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ନିୟମ ଅନୁସାରେ ଗୋଟିଏ ବି ଅଧିକ କର୍ଡନ ପାସ୍ ଇସ୍ୟୁ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ନୀତିକାନ୍ତି ସହ ଜଡ଼ିତ ସେବକ ଓ କର୍ମଚାରୀଙ୍କ ବ୍ୟତୀତ ଆଉ କାହାକୁ ପାସ୍ ଦିଆଯିବନି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ପ୍ରକାଶଥାଉକି, ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା ବୈଠକରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ର ଦେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।  ସେବାୟତ ଓ କର୍ମଚାରୀଙ୍କୁ ସମନ୍ୱୟ ରକ୍ଷା କରି ଦାୟିତ୍ୱ ନିର୍ବାହ କରିବାକୁ ଅପିଲ୍ କରିଛନ୍ତି ।  ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁରୀ ରଥଯାତ୍ରା ଉପରେ ସାରା ବିଶ୍ୱର ନଜର ରହିଛି ।  ସମନ୍ୱୟ ରକ୍ଷା କରି ଦାୟିତ୍ୱ ନିର୍ବାହ କଲେ ରଥଯାତ୍ରା ତ୍ରୁଟିଶୂନ୍ୟ ହୋଇପାରିବ ।  ରଥଯାତ୍ରା ସୁରୁଖୁରୁରେ ସାରିବା ଓ ଭକ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଆମର ଦାୟିତ୍ୱ  ବୋଲି କହିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସେବାୟତଙ୍କ ନିଷ୍ଠା ଯୋଗୁଁ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ଅସୁବିଧା କେବେ ହୋଇନାହିଁ । ଚଳିତ ବର୍ଷ ମଧ୍ୟ କୌଣସି ଅସୁବିଧା ହେବନି ବୋଲି ମୁଁ ଆଶା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ନୂତନ ପୁରୀ-କୋରାପୁଟ ଏକ୍ସପ୍ରେସ ଏବଂ ବ୍ରହ୍ମପୁର-ଉଧନା(ସୁରଟ) ଅମୃତ ଭାରତ ଏକ୍ସପ୍ରେସର ନିୟମିତ ସେବାର ସୋମବାର ଶୁଭାରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୀ ରେଳଷ୍ଟେଶନରୁ ଏହାର ଶୁଭାରମ୍ଭ କରିଛନ୍ତି । ଫଳରେ ଜନସାଧାରଣଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି ।

ସପ୍ତାହକୁ ୩ଦିନ ଚାଲୁଥିବା ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ ଏଣିକି ପ୍ରତିଦିନ ଚାଲିବ । ନୂତନ ରେଳସେବା ଦ୍ୱାରା ଯୋଗାଯୋଗ, ଯାତ୍ରୀଙ୍କୁ ସୁବିଧା, ପର୍ଯ୍ୟଟନ, ବାଣିଜ୍ୟ ଏବଂ ଆଞ୍ଚଳିକ ଅର୍ଥନୈତିକ ବିକାଶରେ ଉନ୍ନତି ହେବ । ଏଣିକି ଟ୍ରେନ ପୁରୀରୁ ସୋମବାର, ଗୁରୁବାର ଓ ଶନିବାର ଏବଂ କୋରାପୁଟରୁ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଦିନ ଚାଲିବ ।

ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସୁପରିଚାଳନା ପାଇଁ ରେଳବାଇର ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଛି । ଆଗାମୀ ଘୋଷଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଓ ଆରାମଦାୟକ ଯାତ୍ରା ପାଇଁ ଭାରତୀୟ ରେଳବାଇ ପକ୍ଷରୁ ଶତାଧିକ ସ୍ପେଶାଲ ଟ୍ରେନ ଚଳାଚଳ, ବୃହତ ହୋଲଡିଂ ଏରିଆ, ଖାଦ୍ୟପେୟ ଓ ଅତିରିକ୍ତ ଟିକେଟ କାଉଣ୍ଟର ଭଳି ବ୍ୟାପକ ସେବା ସୁଦୃଢ଼ କରାଯାଇଛି ।

ଗଞ୍ଜାମ କବିସୂର୍ଯ୍ୟନଗର ଜରଡ଼ ପାହଡ ନିକଟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । କଲରାପତରିଆ ବାଘକୁ ହତ୍ୟା ପରେ କେହି ନିମ୍ବ ଗଛରେ ଝୁଲାଇ ଦେଇଥିବା ଜଣାପଡିଛି । ଘଟଣାସ୍ଥଳରେ ବନ ବିଭାଗ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେବେ କେଉଁ ପରିସ୍ଥିତିରେ ବାଘର ମୃତ୍ୟୁ ହେଲା ସେନେଇ କୌଣସି ସଠିକ୍ ପ୍ରମାଣ ମିଳାପାରି ନାହିଁ । ସ୍ଥାନୀୟ ଲୋକେ ପ୍ରଥମେ କବିସୂର୍ଯ୍ୟନଗର ଜରଡ଼ ପାହାଡ ନିକଟ ଏକ ଗଛରେ କଲରାପତରିଆ ବାଘ ଝୁଲୁଥିବା ନେଇ ଦେଖିଥିଲେ । ଏହାପରେ ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବାଘର ମୃତଦେହ ଉଦ୍ଧାର କରିଛନ୍ତି ।

ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ (STA) କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ଏଣିକି ଫିଟନେସ୍ ସାର୍ଟିଫିକେଟ୍, ବୈଧ ବୀମା କିମ୍ବା ପରମିଟ୍ ନ ଥାଇ ଗାଡ଼ି ଚଳାଚଳ କଲେ କେବଳ ଜରିମାନା ନୁହେଁ, ଗାଡ଼ିକୁ ମଧ୍ୟ ଜବତ କରାଯିବ । ଏ ନେଇ STA ପକ୍ଷରୁ ସମସ୍ତ ପରିବହନ ଅଧିକାରୀଙ୍କୁ ସର୍କୁଲାର ଜାରି କରାଯାଇଛି ।

ସର୍କୁଲାରରେ କୁହାଯାଇଛି ଯେ, ଯେଉଁ ଯାନବାହନଗୁଡ଼ିକ ବାରମ୍ବାର ମୋଟର ଯାନ ଆଇନ ଉଲ୍ଲଙ୍ଘନ କରୁଛନ୍ତି କିମ୍ବା ଫିଟନେସ୍, ବୀମା ଓ ପରମିଟ୍ ଭଳି ଆବଶ୍ୟକ କାଗଜପତ୍ର ବିନା ଚଳାଚଳ କରୁଛନ୍ତି, ସେଗୁଡ଼ିକ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ନିଆଯିବ । ଏପରି ଗାଡ଼ିଗୁଡ଼ିକୁ ଜବତ କରିବା ସହ ପ୍ରଚଳିତ ଆଇନ ଅନୁଯାୟୀ ମାମଲା ରୁଜୁ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

STA ପକ୍ଷରୁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (RTO), ସହକାରୀ RTO ଏବଂ ମୋଟର ଯାନ ନିରୀକ୍ଷକମାନଙ୍କୁ ଯାଞ୍ଚ ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି କରିବାକୁ କୁହାଯାଇଛି । ଯେଉଁ ଅଧିକାରୀମାନେ ସର୍କୁଲାରରେ ଉଲ୍ଲେଖିତ ନିର୍ଦ୍ଦେଶ ପାଳନରେ ଅବହେଳା କରିବେ, ସେମାନଙ୍କ ବିରୋଧରେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱଷ୍ଟ ଚେତାବନୀ ଦିଆଯାଇଛି ।

ରାଜ୍ୟ ସରକାରଙ୍କ ମତରେ, ଅଯୋଗ୍ୟ ଓ ନିୟମବହିର୍ଭୂତ ଯାନବାହନ ସଡ଼କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁର୍ଘଟଣାର ଏକ ପ୍ରମୁଖ କାରଣ । ସେଥିପାଇଁ ଏଭଳି ଗାଡ଼ି ଉପରେ କଡ଼ା ନଜର ରଖି ସଡ଼କରେ ସେମାନଙ୍କ ଚଳାଚଳକୁ ରୋକିବାକୁ STA ଗୁରୁତ୍ୱ ଦେଇଛି । ଯାନମାଲିକମାନଙ୍କୁ ସମସ୍ତ ଆବଶ୍ୟକ କାଗଜପତ୍ର ସମୟମଧ୍ୟରେ ନବୀକରଣ କରି ନିୟମ ଅନୁଯାୟୀ ଗାଡ଼ି ଚଳାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି ।

ରାଜଧାନୀ ଭୁବନେଶ୍ୱର କୋର୍ଟକୁ ବୋମା ଧମକ ମିଳିବା ପରେ ସମଗ୍ର କୋର୍ଟ ପରିସରରେ ହାଇ ଆଲର୍ଟ ଜାରି କରାଯାଇଛି । ଧମକ ଖବର ପାଇବା ମାତ୍ରେ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ଅତିରିକ୍ତ ପୋଲିସ ଟିମ୍ ମୁତୟନ କରାଯାଇଛି ।

ସୂଚନା ଅନୁଯାୟୀ, ବୋମା ଥିବା ନେଇ ଧମକ ମିଳିବା ପରେ ପୋଲିସ ତୁରନ୍ତ କୋର୍ଟ ପରିସରକୁ ସୁରକ୍ଷା ବଳୟ ମଧ୍ୟକୁ ନେଇଥିଲା । ପରେ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି କୋର୍ଟ ପରିସରରେ ଖୋଜାଖୋଜି ଅଭିଯାନ ଆରମ୍ଭ କରିଥିଲେ । ସନ୍ଧାନୀ କୁକୁର ଓ ଅନ୍ୟାନ୍ୟ ଉପକରଣ ସହାୟତାରେ ପରିସରର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି ।

ସୁରକ୍ଷା ଦୃଷ୍ଟିରୁ କୋର୍ଟ ପରିସରରେ ପ୍ରବେଶ ଓ ଯାତାୟାତ ଉପରେ କଡ଼ା ନଜର ରଖାଯାଇଛି । ବରିଷ୍ଠ ଅଧିକାରୀମାନେ ସ୍ଥିତିର ସମୀକ୍ଷା କରୁଥିବା ବେଳେ କିଏ ଏହି ଧମକ ଦେଇଛନ୍ତି ଜାଣିବା ପାଇଁ ତଦନ୍ତ ଆରମ୍ଭ କରାଯାଇଛି ।

ଶେଷ ଖବର ସୁଦ୍ଧା କୋର୍ଟ ପରିସରରୁ କୌଣସି ସନ୍ଦେହଜନକ ବସ୍ତୁ କିମ୍ବା ବିସ୍ଫୋରକ ସାମଗ୍ରୀ ଠାବ ହୋଇନଥିବା ବେଳେ ପୋଲିସ ପକ୍ଷରୁ ସଘନ ଯାଞ୍ଚ ଜାରି ରହିଛି । ତଦନ୍ତ ସରିବା ପରେ ଘଟଣା ସମ୍ପର୍କରେ ଅଧିକ ସୂଚନା ଦିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଠିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ଦାବିହୋଇ ଆସୁଥିବାବେଳେ ଏହାକୁ ସରକାର ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଏହାକୁ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜୁଲାଇ ୬ରେ ଏକ ଉଚ୍ଚସ୍ତରୀୟ ଯାଞ୍ଚ କମିଟି ଗଠନ କରାଯାଇଛି । ଏନେଇ ବିଭାଗୀୟ ଅତିରିକ୍ତ ସଚିବ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିର୍ଦ୍ଦେଶନାମାରେ  ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଯାଞ୍ଚ କମିଟି ଗଠନ ହେବାକୁ ରହିଥିବାବେଳେ ସାଧାରଣ ପ୍ରଶାସନ, ଜଳସମ୍ପଦ, ଆଇନ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଚିବ ସଦସ୍ୟ ରହିବେ । ଉକ୍ତ କମିଟି ବିଭିନ୍ନ ବିଭାଗରେ ଆଡହକ୍ କିମ୍ବା ଚୁକ୍ତିଭିତ୍ତିକ ଭାବେ କାର୍ଯ୍ୟରତ କର୍ମଚାରୀଙ୍କ ନିୟମିତକରଣ ଲାଗି ସରକାରଙ୍କ ନୀତିଗତ ଢାଞ୍ଚା ଏବଂ ଆଇନଗତ ସ୍ଥିତିକୁ ପରୀକ୍ଷା କରିବ । ଏହାସହିତ ଉକ୍ତ କମିଟି ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଏବଂ ହୋଇ ନ ଥିବା କେଉଁ ପଦବୀରେ, କେଉଁ ବିଭାଗରେ କେତେସଂଖ୍ୟକ ନିଯୁକ୍ତି ହୋଇଛି ଏବଂ ସେଥିମଧ୍ୟରେ କେତେସଂଖ୍ୟକ କେଉଁବର୍ଗର କର୍ମଚାରୀ ରହିଛନ୍ତି ତାହା ମଧ୍ୟ ଯାଞ୍ଚ କରିବ । ସେହିପରି ଠିକା ନିଯୁକ୍ତି ବେଳେ ସରକାରଙ୍କ ନିଯୁକ୍ତି ନିୟମ ଠିକ୍ ଭାବେ ବିଭାଗଗୁଡ଼ିକ କାର୍ଯ୍ୟକାରୀ କରିଛନ୍ତି କି ନାହିଁ ତାହା ମଧ୍ୟ ପରଖିବ । ଏଥିସହିତ ଗ୍ରୁପ୍ ବି’, ସି’ ଓ ଡି’ ପଦବୀ(ଚୁକ୍ତିଭିତ୍ତିକ ନିଯୁକ୍ତି) ନିୟମ-୨୦୧୩ ପ୍ରଣୟନ ପୂର୍ବରୁ କରାଯାଇଥିବା ନିଯୁକ୍ତି ମାମଲାଗୁଡ଼ିକର ଯାଞ୍ଚ କରିବ । ସମସ୍ତ ବିଭାଗର ଠିକା କର୍ମଚାରୀଙ୍କ ନିଯୁକ୍ତି ପ୍ରକ୍ରିୟା ଯାଞ୍ଚ ପରେ କେତେସଂଖ୍ୟକ କର୍ମଚାରୀ ସରକାରଙ୍କ ନିୟମରେ ନିୟମିତ ହେବା ପାଇଁ ଆସୁଛନ୍ତି ତାହା ନିର୍ଦ୍ଧାରଣ ହେବ ବୋଲି ଜଣାପଡ଼ିଛି ।

ସୂଚନାଯୋଗ୍ୟ, ୨୦୨୨ ଅକ୍ଟୋବରରେ ପୂର୍ବ ସରକାରଙ୍କ ସମୟରେ ଠିକାପ୍ରଥା ସମ୍ପୂର୍ଣ୍ଣ ଉଚ୍ଛେଦ ହେଲା ବୋଲି କୁହାଗଲା । ଏହାକୁ ନେଇ ସେତେବେଳେ ୫୭ ହଜାର କର୍ମଚାରୀଙ୍କୁ ନିୟମିତ କରାଯାଇଥିଲା । ମାତ୍ର ବିଭିନ୍ନ ବିଭାଗର ପ୍ରାୟ ୬୦ ହଜାରରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉର୍ଦ୍ଧ୍ୱ କର୍ମଚାରୀ ଏହି ନିୟମିତ ପ୍ରକ୍ରିୟାରୁ ବଞ୍ଚିତ ହୋଇଥିଲେ । ଏହାକୁ ନେଇ ବିଭିନ୍ନ ସମୟରେ ଦାବି ଆନ୍ଦୋଳନ ହୋଇଆସୁଥିଲା । ପରେ ସରକାରଙ୍କ ଦ୍ୱାରା ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଭିନ୍ନ ସଂଘ ପକ୍ଷରୁ କୁହାଯାଇଛି ।

ବାରମ୍ବାର ଅନୁରୋଧ ଓ ତାଗିଦ୍ ସତ୍ତ୍ୱେ ନିଜ ଜିଦ୍‌ରେ ଅଟଳ ରହିଛି ଇସ୍କନ । ଏପରିକି ଗଜପତି ମହାରାଜ ଦିବ୍ୟସିଂହଦେବଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଆଉ ଏକ ବଡ଼ ଭୁଲ୍ କରିଛି । ଗୋଟେପଟେ ଇସ୍କନ ଜଗନ୍ନାଥଙ୍କୁ ପ୍ରଭୁ ବୋଲି ମାନୁଥିଲେ ମଧ୍ୟ ତାଙ୍କ ରୀତିନୀତି ଓ ପରମ୍ପରାକୁ ବେଖାତିର କରୁଛି । ଦେଶ ଓ ବିଦେଶରେ ଅଦିନରେ ସ୍ନାନଯାତ୍ରା ଏବଂ ରଥଯାତ୍ରା ଆୟୋଜନ କରି କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ କୁଠାରଘାତ କରିବା ସହିତ ଜଗନ୍ନାଥ ସଂସ୍କୃତିର ଘୋର ଅପମାନ କରୁଛି । ଅଦିନରେ ରଥଯାତ୍ରା, ସ୍ନାନଯାତ୍ରା ନ କରିବାକୁ ଗଜପତି ଦିବ୍ୟସିଂହଦେବ ଜୁଲାଇ ୪ରେ ଇସ୍କନର ଗଭର୍ନିଂ ବଡି (ଜିବିସି) ଅଧ୍ୟକ୍ଷ ମଧୁସେବିତ ଦାସ ପ୍ରଭୁଙ୍କୁ ଚିଠି ଲେଖିଥିଲେ । ତେବେ ଇସ୍କନ ପକ୍ଷରୁ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଛି, ଯାହାକି ଗଜପତିଙ୍କ ସମେତ ସମସ୍ତ ଜଗନ୍ନାଥପ୍ରେମୀଙ୍କ ପ୍ରତି ଅପମାନ । ଏଭଳି ଆଚରଣ ନେଇ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଇସ୍କନ ପ୍ରତ୍ୟାଖ୍ୟାନର ଦୃଢ଼ ଜବାବ ଦେଉ ବୋଲି ଦାବି ହୋଇଛି ।

କେଜିରୁ ପିଜି ମାଗଣା ଶିକ୍ଷା ନେଇ ଦ୍ୱନ୍ଦ୍ୱ ଦୂର କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ସେ କହିଛନ୍ତି, ପ୍ରଫେଶନାଲ ଓ ସେଲ୍ଫ ଫାଇନାନ୍‌ସିଂ କୋର୍ସକୁ ଛାଡ଼ିଦେଲେ ବାକି ସବୁ ମାଗଣା । ଯୋଜନା ଆରମ୍ଭ ପୂର୍ବରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା ତେଣୁ ଯେଉଁ ପିଲାମାନେ ନାମଲେଖା ପାଇଁ ଟଙ୍କା ଦେଇଛନ୍ତି ସେମାନେ ଫେରସ୍ତ ପାଇବେ । ବ୍ଲକଗ୍ରାଣ୍ଟ କଲେଜକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ପ୍ରତିକ୍ରିୟା ରଖି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିଛନ୍ତି, ବ୍ଲକ ଗ୍ରାଣ୍ଟ କଲେଜକୁ ସରକାର ଟଙ୍କା ଦେବେ । ପିଲା ଦିଅନ୍ତୁ କି ସରକାର । କଲେଜ ଟଙ୍କା ପାଇଲେ ଗଲା ବୋଲି ମନ୍ତ୍ରୀ କହିଛନ୍ତି ।

କୌଣସି ଉପାନ୍ତ ଅଞ୍ଚଳରେ ନୁହେଁ । ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ନକଲି ଆଡିଶନାଲ ଏସ୍‌ପି ବା ନକଲି ଅତିରିକ୍ତ ଏସ୍‌ପିଙ୍କୁ ଗିରଫ କରିଛି ପୋଲିସ । ରଜନୀକାନ୍ତ ମହାନ୍ତି ନାମକ ବ୍ୟକ୍ତିଙ୍କୁ ଖାରବେଳ ନଗର ପୋଲିସ ଗିରଫ କରିଛି । ନିଜକୁ ଆଡିଶନାଲ ଏସ୍‌ପି ପରିଚୟ ଦେଇ ଧମକ ଦେଉଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତ ରଜନୀକାନ୍ତ ୟୁନିଟ୍-୩ ଅଞ୍ଚଳରେ ଭଡ଼ାଘରେ ରହୁଥିବା ସୂଚନା ମିଳିଛି ।

ନବରଙ୍ଗପୁର ଜିଲାର ଉମରକୋଟ ଅଞ୍ଚଳରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ପ୍ରାୟ ୧୦ କିଲୋମିଟର ଦୂର ବାଇକରେ ଜଣେ ନାବାଳିକାଙ୍କ ମୃତଦେହ ବୋହି ନେବାକୁ ପରିବାର ଲୋକେ ବାଧ୍ୟ ହୋଇଥିଲେ । ଏହି ଘଟଣା ପୁଣିଥରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଜରୁରୀକାଳୀନ ସେବାର ବାସ୍ତବ ଚିତ୍ରକୁ ପଦାରେ ପକାଇଛି ।

ସୂଚନା ଅନୁଯାୟୀ, ଉମରକୋଟ ବ୍ଲକ ଅନ୍ତର୍ଗତ ସାନଭରଣ୍ଡୀ ଗ୍ରାମରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ନାବାଳିକା ଅନିତା ଲହରାଙ୍କର ଶୁକ୍ରବାର ସକାଳେ ମୃତ୍ୟୁ ଘଟିଥିଲା । ପରିବାର ଲୋକଙ୍କ କହିବା ଅନୁସାରେ, ସେ ଦୀର୍ଘଦିନ ଧରି ଏକ ରୋଗରେ ପୀଡ଼ିତ ଥିଲେ ।

ମୃତ୍ୟୁ ପରେ ତାଙ୍କ ମୃତଦେହକୁ ଉମରକୋଟ ବ୍ଲକର ମୁର୍ତ୍ତୁମା ପଞ୍ଚାୟତ ଅନ୍ତର୍ଗତ ଅମ୍ବାଗୁଡ଼ା ଗ୍ରାମରେ ଥିବା ତାଙ୍କ ମାମୁଁ ଘରକୁ ନିଆଯାଇଥିଲା । ସମ୍ପର୍କୀୟମାନଙ୍କ କହିବା ଅନୁସାରେ, ସାନଭରଣ୍ଡୀ ଗ୍ରାମରେ ମୃତ୍ୟୁ ଘଟିଥିବାରୁ ସେଠାରେ ଶବ ସତ୍କାର ନ କରି ନାବାଳିକାଙ୍କ ପୂର୍ବ ବାସସ୍ଥାନ ଥିବା ମାମୁଁ ଘରକୁ ଶବ ସତ୍କାର ପାଇଁ ମୃତଦେହ ଅଣାଯାଇଥିଲା ।

ତେବେ ମୃତଦେହ ପରିବହନ ପାଇଁ କୌଣସି ସରକାରୀ ଶବବାହୀ ଗାଡ଼ିର ସୁବିଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନ ମିଳିବାରୁ ପରିବାର ଲୋକେ ଏକ ବାଇକରେ ପ୍ରାୟ ୧୦ କିଲୋମିଟର ଦୂର ମୃତଦେହକୁ ବୋହି ଅମ୍ବାଗୁଡ଼ା ଗ୍ରାମକୁ ନେଇଥିଲେ । ଏହି ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି ।

ଅନ୍ୟପକ୍ଷରେ, ନାବାଳିକାଙ୍କ ମୃତ୍ୟୁ ସମ୍ପର୍କୀୟଙ୍କ ଘରେ ଘଟିଥିବାରୁ ସରକାରୀ ଶବ ପରିବହନ ସୁବିଧା ମିଳିବ କି ନାହିଁ ସେନେଇ ଅନିଶ୍ଚିତତା ଥିଲା । ଫଳରେ ସମ୍ପର୍କୀୟମାନେ ବାଧ୍ୟ ହୋଇ ବାଇକରେ ମୃତଦେହକୁ ପ୍ରାୟ ୧୦ କିଲୋମିଟର ଦୂର ବୋହି ନେଇଥିବା କହିଛନ୍ତି । ଏହି ଘଟଣା ପୁଣିଥରେ ଗ୍ରାମାଞ୍ଚଳରେ ଜରୁରୀକାଳୀନ ସ୍ୱାସ୍ଥ୍ୟ ଓ ଶବ ପରିବହନ ସେବାର ଉପଲବ୍ଧତାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି ।

ଗାଙ୍ଗେଟିକ ୱେଷ୍ଟବେଙ୍ଗଲ ଓ ତା' ପାଖାପାଖି ବାଂଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ସମୁଦ୍ରପତନଠାରୁ ୪.୫ ରୁ ୫.୮ କିମି ଉଚ୍ଚତାରେ ଏହା ସକ୍ରିୟ ରହିଛି । ତେବେ ପାଗ ଅନୁକୂଳ ଥିବାରୁ ଲଘୁଚାପ ସୃଷ୍ଟି ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଫଳରେ ଆସନ୍ତା ୭ଦିନ ଯାଏ ରାଜ୍ୟରେ ଘଡ଼ଘଡ଼ି ସହ ବର୍ଷା ଲାଗି ରହିବ । ଏଥିସହ ୧୩ ତାରିଖରୁ ବର୍ଷା ପରିମାଣ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି ।

ଶୁକ୍ରବାର ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ହୋଇଥିବାବେଳେ ଶନିବାର ମଧ୍ୟ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । ଏଥିସହ ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର କିଛି ସ୍ଥାନରେ ବର୍ଷା ସହିତ ଘଡ଼ଘଡ଼ି, ବିଜୁଳି ଓ ଝଟ୍‌କା ପବନ ବହିବାର ସମ୍ଭାବନା ରହିଥିବାରୁ ୟେଲୋ ଓ୍ୱାର୍ନିଂ ଜାରି କରାଯାଇଛି ।

ପାଠ୍ୟପୁସ୍ତକରେ ହୋଇଥିବା ଗୁରୁତର ତ୍ରୁଟିକୁ ନେଇ ବରଗଡ଼ରେ ବିଜୁ ଜନତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦଳ (ବିଜେଡି) ପକ୍ଷରୁ ଏକ ଅଭିନବ ପ୍ରତିବାଦ ଦେଖିବାକୁ ମିଳିଛି । ଶୁକ୍ରବାର ଛାତ୍ର ଓ ଯୁବ ବିଜେଡି ପକ୍ଷରୁ 'ଶିକ୍ଷା ବଞ୍ଚାଅ' ଆନ୍ଦୋଳନ କରାଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ଏହି ପ୍ରତିବାଦ ସମୟରେ ବିଜେଡି କର୍ମୀମାନେ ହାତରେ ଶୁଖୁଆ, ଝାଲମୁଢି ଓ ଲେମ୍ବୁ ମାଳ ପିନ୍ଧିବା ସହ 'ନିମ୍ବୁଡା ନିମ୍ବୁଡା' ଗୀତର ତାଳେ ତାଳେ ଏବଂ କୀର୍ତ୍ତନ କରି ଗାନ୍ଧିଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ବାହାର କରିଥିଲେ । ଆନ୍ଦୋଳନକାରୀମାନେ ବାଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ ।

ଶେଷରେ ବିଜେଡି ପକ୍ଷରୁ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କ ଜରିଆରେ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ତ୍ରୁଟି ପାଇଁ ନୈତିକତା ଆଧାରରେ ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ଏବଂ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ବିଜେଡି ଦାବି କରିଛି ।

କେନ୍ଦ୍ର ସରକାର ଦେଶରେ ପାସ୍‌ପୋର୍ଟ ପ୍ରସ୍ତୁତି ଏବଂ ଏହାର ନବୀକରଣ (ରି-ଇସ୍ୟୁ) ଫି'ରେ ବଡ଼ଧରଣର ବୃଦ୍ଧି କରିଛନ୍ତି । ୧୯୮୦ ମସିହାର 'ପାସ୍‌ପୋର୍ଟ ନିୟମାବଳୀ'ରେ ସଂଶୋଧନ କରାଯାଇ ଏହି ନୂତନ ଶୁଳ୍କ ବ୍ୟବସ୍ଥା ଲାଗୁ କରାଯାଇଛି । କେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ପ୍ରକାଶିତ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ଜୁଲାଇ ୧ରୁ ଏହି ନୂଆ ନିୟମ ଦେଶରେ କାର୍ଯ୍ୟକାରୀ ହେବ । ଏଣିକି ସାଧାରଣ ୩୬ ପୃଷ୍ଠା ବିଶିଷ୍ଟ ନୂତନ ପାସ୍‌ପୋର୍ଟ ପାଇଁ ଆବେଦନକାରୀଙ୍କୁ ପୂର୍ବର ୧୫୦୦ ଟଙ୍କା ବଦଳରେ ୨୫୦୦ ଟଙ୍କା ଦେବାକୁ ପଡ଼ିବ ।

ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ୧୯୬୭ ମସିହାର 'ପାସ୍‌ପୋର୍ଟ ଆକ୍ଟ'ର ଧାରା ୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନୁସାରେ କରାଯାଇଥିବା ଏହି ସଂଶୋଧନରେ ପାସ୍‌ପୋର୍ଟର ପୃଷ୍ଠା ସଂଖ୍ୟା ଏବଂ ଆବେଦନର ଜରୁରିକାଳୀନ ଆବଶ୍ୟକତା (ତତ୍କାଳ) ଭିତ୍ତିରେ ସ୍ୱତନ୍ତ୍ର ଶୁଳ୍କ ଧାର୍ଯ୍ୟ ହୋଇଛି । ୩୬ ପୃଷ୍ଠା ବିଶିଷ୍ଟ ପାସ୍‌ପୋର୍ଟ (ନୂତନ ଏବଂ ନବୀକରଣ)ର ତତ୍କାଳ ଆବେଦନ ପାଇଁ ପୂର୍ବ ଶୁଳ୍କ ୩,୫୦୦ ଟଙ୍କା ବଦଳରେ ଏବେ ୫,୦୦୦ ଟଙ୍କା ଦେବାକୁ ହେବ । ସେହିପରି ୬୦ ପୃଷ୍ଠା ବିଶିଷ୍ଟ ପାସ୍‌ପୋର୍ଟ (ଜମ୍ବୋ ପାସ୍‌ପୋର୍ଟ)ର ସାଧାରଣ ଆବେଦନ ପାଇଁ ପୂର୍ବରୁ ୨,୦୦୦ ଟଙ୍କା ଥିବା ବେଳେ ବର୍ତ୍ତମାନ ଏହା ୩,୫୦୦ ଟଙ୍କା ହୋଇଛି । ଏହାର ତତ୍କାଳ ଆବେଦନ ପାଇଁ ପୂର୍ବ ଶୁଳ୍କ ୪,୦୦୦ ଟଙ୍କା ଥିବା ବେଳେ ଏହାକୁ ବୃଦ୍ଧି କରାଯାଇ ୬,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ସରକାର ନିଜର ବିଜ୍ଞପ୍ତିରେ ପୁରୁଣା 'ଚତୁର୍ଥ ସୂଚୀ' ବଦଳରେ ଏକ ନୂତନ ବ୍ୟବସ୍ଥା ସାମିଲ କରିଛନ୍ତି । ଏହି ନୂତନ ସୂଚୀରେ ଆବେଦନକାରୀଙ୍କୁ ଦୁଇଟି ମୁଖ୍ୟ ଉପ-ବର୍ଗରେ ବିଭକ୍ତ କରାଯାଇଛି । ପ୍ରଥମ ବର୍ଗରେ ୧୮ ବର୍ଷ ବା ତା'ଠାରୁ ଅଧିକ ବୟସ୍କ ନାଗରିକ ଏବଂ ୧୫ରୁ ୧୮ ବର୍ଷ ବୟସ ମଧ୍ୟରେ ଥିବା ସେହି ନାବାଳକମାନଙ୍କୁ ରଖାଯାଇଛି ଯେଉଁମାନେ ବୟସ୍କ ସମାନ ଅବଧି ପାଇଁ ଆବେଦନ କରୁଛନ୍ତି । ଦ୍ୱିତୀୟ ବର୍ଗରେ କେବଳ ୧୮ ବର୍ଷରୁ କମ୍ ବୟସର ନାବାଳକ ଆବେଦନକାରୀମାନଙ୍କୁ ସାମିଲ କରାଯାଇଛି । ଜୁନ ୨୦ ତାରିଖରେ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ନିୟମ ଜୁଲାଇ ୧ରୁ ଦେଶର ସମସ୍ତ ପାସ୍‌ପୋର୍ଟ ସେବା କେନ୍ଦ୍ରରେ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହେବ ।

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଥାଲାପତି ବିଜୟ ନିଜର ଏକ ପ୍ରମୁଖ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାକୁ ଯାଉଛନ୍ତି । ଏଣିକି ରାଜ୍ୟର ସମସ୍ତ ସରକାରୀ ମାତୃତ୍ୱ କେନ୍ଦ୍ର ଓ ମଙ୍ଗଳ ହସ୍ପିଟାଲରେ ଜନ୍ମଗ୍ରହଣ କରୁଥିବା ପ୍ରତ୍ୟେକ ଶିଶୁଙ୍କୁ ସରକାରଙ୍କ ପକ୍ଷରୁ ୧ ଗ୍ରାମର ସୁନା ମୁଦି ଉପହାର ସ୍ୱରୂପ ଦିଆଯିବ । ଯଦିଓ ଏହି ଯୋଜନା ଆନୁଷ୍ଠାନିକ ଭାବେ ସେପ୍ଟେମ୍ବର ୧୫ ରୁ ଆରମ୍ଭ ହେବ, କିନ୍ତୁ ଏହା ଜୁନ୍ ୨୨ (ମୁଖ୍ୟମନ୍ତ୍ରୀ ବିଜୟଙ୍କ ଜନ୍ମଦିନ) ଠାରୁ ଲାଗୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେବ ବୋଲି ଧରାଯିବ । ବର୍ତ୍ତମାନର ସୁନା ମୂଲ୍ୟ ଅନୁଯାୟୀ, ପ୍ରତ୍ୟେକ ମୁଦିର ମୂଲ୍ୟ ପ୍ରାୟ ୧୩,୭୦୦ ଟଙ୍କା ହେବ ।

ଏହି ଯୋଜନାର ସଫଳ ରୂପାୟନ, ତଦାରଖ ଏବଂ ପରିଚାଳନା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର 'ଷ୍ଟେଟ୍ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍' ଗଠନ କରିବେ । ଏହି ଯୋଜନାର ନାମ 'ଥାଇମାମନ୍ ଥାଙ୍ଗା ମୋଥିରମ୍ ଥିଟ୍ଟମ୍' (Thaimaman Thanga Mothiram Thittam) ରଖାଯାଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ସି. ଏନ୍. ଆନ୍ନାଦୁରାଇଙ୍କ ଜୟନ୍ତୀ ଅବସରରେ ଆସନ୍ତା ସେପ୍ଟେମ୍ବର ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ।

ଏହି ଅଭିନବ ଯୋଜନାଟି ତାମିଲ ସଂସ୍କୃତିର ପାରମ୍ପରିକ ପ୍ରଥା 'ଥାଇମାମନ୍ ସୀର' (Thaimaman Seer) ଉପରେ ଆଧାରିତ । ଏହି ପ୍ରଥା ଅନୁଯାୟୀ, ପରିବାରକୁ ଆସିଥିବା ନବଜାତ ଶିଶୁକୁ ସ୍ୱାଗତ କରିବା ପାଇଁ ମାମୁଁ (ମାଆଙ୍କ ଭାଇ) ଉପହାର ଦେଇଥାନ୍ତି ।

ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଏହି ଯୋଜନା ମାଧ୍ୟମରେ ସରକାର ରାଜ୍ୟର ସରକାରୀ ଚିକିତ୍ସାଳୟରେ ଜନ୍ମ ନେଉଥିବା ପ୍ରତ୍ୟେକ ଶିଶୁ ପାଇଁ 'ମାମୁଁ'ର ଦାୟିତ୍ୱ ଗ୍ରହଣ କରୁଛନ୍ତି ଏବଂ ଶିଶୁକୁ ସ୍ୱାଗତ କରିବାର ପ୍ରତୀକ ସ୍ୱରୂପ ଏକ ସୁନା ମୁଦି ପ୍ରଦାନ କରୁଛନ୍ତି ।

ଜୁନ୍ ୨୩ ରେ ଜାରି କରାଯାଇଥିବା ସରକାରୀ ନିର୍ଦ୍ଦେଶନାମାରେ କୁହାଯାଇଛି, "ସରକାରୀ ଅନୁଷ୍ଠାନରେ ପ୍ରତ୍ୟେକ ନବଜାତ ଶିଶୁକୁ ଦିଆଯାଉଥିବା ୧ ଗ୍ରାମର ସୁନା ମୁଦି ହେଉଛି ଆଦର ଏବଂ ସ୍ମୃତିର ଏକ ପ୍ରତୀକ । 'ଥାଇମାମନ୍ ଥାଙ୍ଗା ମୋଥିରମ୍ ଥିଟ୍ଟମ୍' ଜରିଆରେ ଏହା ମାତୃତ୍ୱର ଆନନ୍ଦ ଏବଂ ଗୁରୁତ୍ୱକୁ ଉତ୍ସବ ଭାବେ ପାଳନ କରେ ।" ଏହି ଯୋଜନାକୁ ଚଳାଇବା ପାଇଁ ସରକାର ବାର୍ଷିକ ପ୍ରାୟ ୭୫୫.୮୩ କୋଟି ଟଙ୍କା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ୟୟବରାଦ କରିଛନ୍ତି ।

ସେଚେଲ୍ସ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଗାର୍ଡିଆନ୍ ଅଫ୍ ଦି ବ୍ଲୁ ହରାଇଜନ୍' ସମ୍ମାନରେ ସମ୍ମାନିତ କରାଯାଇଛି । ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀ ବିକାଶରେ ତାଙ୍କ ନେତୃତ୍ୱକୁ ସ୍ୱୀକୃତି ଦେବା ପାଇଁ ସେ ଏହି ପ୍ରତିଷ୍ଠିତ ପୁରସ୍କାର – ସେଚେଲ୍ସର ସର୍ବୋଚ୍ଚ ସମ୍ମାନ – ପାଇଛନ୍ତି । ଏହି ପୁରସ୍କାର ସ୍ଥାୟୀ ଅଭିବୃଦ୍ଧି ପ୍ରତି ତାଙ୍କର ଦୀର୍ଘକାଳୀନ ପ୍ରୟାସକୁ ସ୍ୱୀକୃତି ଦିଏ । ଦୁଇ ରାଷ୍ଟ୍ର ମଧ୍ୟରେ ଅନେକ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଗଣମାଧ୍ୟମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ସେଚେଲ୍ସକୁ ମୋର ଗସ୍ତର ବାର୍ତ୍ତା ସ୍ପଷ୍ଟ । ଭାରତ ଏପରି ମହାସାଗର କଳ୍ପନା କରେ ଯେଉଁଠାରେ ସାମୁଦ୍ରିକ ସୁରକ୍ଷା ସହିତ ଆର୍ଥିକ ସମୃଦ୍ଧି ବୃଦ୍ଧି ପାଏ । ଯେଉଁଠାରେ ଆମର ସହଭାଗୀତା ଆକାର ଉପରେ ନୁହେଁ, ବରଂ ପାରସ୍ପରିକ ସମ୍ମାନ ଏବଂ ବିଶ୍ୱାସ ଉପରେ ପ୍ରତିଷ୍ଠିତ ।

ଜଳବାୟୁ କାର୍ଯ୍ୟ, ସ୍ଥାୟୀ ବିକାଶ ଏବଂ ସବୁଜ ଅଭିବୃଦ୍ଧିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରୟାସକୁ ସ୍ୱୀକୃତି ପ୍ରଦାନ କରୁଥିବା ବିଶ୍ୱସ୍ତରୀୟ ସମ୍ମାନର ଏହା ଆଉ ଏକ କ୍ରମ । ଗତ ମାସରେ, ମଇ ୨୦୨୬ରେ, ଖାଦ୍ୟ ଏବଂ କୃଷି ସଂଗଠନ (FAO) ତାଙ୍କୁ ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା, କୃଷିକୁ ପରିବର୍ତ୍ତନ କରିବା ଏବଂ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ 'ଆଗ୍ରିକୋଲା ମଡେଲ୍' ପ୍ରଦାନ କରିଥିଲା ।

ପୂର୍ବରୁ, ୨୦୧୮ ମସିହାରେ, ସେ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି, ବିଶ୍ୱ ସହଯୋଗ ଏବଂ ଅନ୍ତର୍ଭୁକ୍ତ ବିକାଶକୁ ଆଗକୁ ବଢାଇବା ପାଇଁ 'ସିଓଲ ଶାନ୍ତି ପୁରସ୍କାର' ପାଇଥିଲେ । ୨୦୧୮ ମସିହାରେ, ଜାତିସଂଘ ତାଙ୍କୁ ମର୍ଯ୍ୟାଦାଜନକ 'ଚାମ୍ପିଅନ୍ସ ଅଫ୍ ଦି ଆର୍ଥ' ପୁରସ୍କାରରେ ସମ୍ମାନିତ କରିଥିଲା ।

ଉଲ୍ଲେଖନୀୟ ଯେ ପ୍ରଧାନମନ୍ତ୍ରୀ ମୋଦି ବର୍ତ୍ତମାନ ତିନି ଦିନିଆ ସେଚେଲ୍ସ ଗସ୍ତରେ ଅଛନ୍ତି । ସେଠାରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଷ୍ଟେଟ୍ ହାଉସରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

'ଗାର୍ଡ ଅଫ୍ ଅନର' ପ୍ରଦାନ କରାଯାଇଥିଲା । ସେଚେଲ୍ସର ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନି ତାଙ୍କୁ ସ୍ୱାଗତ କରିଥିଲେ । ଜୁନ୍ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଗସ୍ତ ୨୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ଗସ୍ତର ଉଦ୍ଦେଶ୍ୟ ହେଉଛି ଭାରତ ଏବଂ ସେଚେଲ୍ସ ମଧ୍ୟରେ ଦୀର୍ଘକାଳୀନ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବା ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସକାଳ ୬ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଏହା ଶୁଣି ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର୍ ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲେ । ଗୋରଙ୍କ ଆଶ୍ଚର୍ଯ୍ୟକୁ ଦେଖି ରାଷ୍ଟ୍ରପତି ଟ୍ରମ୍ପ ହସି କହିଲେ, "ଓଃ, ସେ ଉଠିସାରିଥିବେ । ସେ ଠିକ୍ ମୋ ପରି – ସବୁବେଳେ କାମରେ ବୁଡ଼ି ରହନ୍ତି... ସେ ଶୁଅନ୍ତି ନାହିଁ । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ୍ କରିବା । ଭାରତରେ ଏବେ ସକାଳ ୬ଟା ହେବ, କିନ୍ତୁ ସେ ଉଠିଥିବେ ।" ସର୍ଜିଓ ଗୋର୍ ମନ୍ତବ୍ୟ ଦେଇଥିଲେ ଯେ ଏହା ରାଷ୍ଟ୍ରପତି ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ଥିବା ସମ୍ପର୍କକୁ ପ୍ରତିଫଳିତ କରେ । ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜଣେ ପ୍ରକୃତ ବନ୍ଧୁ ବୋଲି ମାନିଛନ୍ତି ।

ଭାରତରେ ଆମେରିକାର ରାଷ୍ଟ୍ରଦୂତ ସର୍ଜିଓ ଗୋର କହିଛନ୍ତି ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣେ ବନ୍ଧୁ ବୋଲି ବିବେଚନା କରୁଛନ୍ତି ଏବଂ ନୂଆଦିଲ୍ଲୀ ସହ ସହଯୋଗ ବୃଦ୍ଧି କରିବାକୁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ଦ୍ୱିପାକ୍ଷିକ ସମ୍ପର୍କକୁ ଆଗକୁ ନେବାରେ ସେ ଦୁଇ ନେତାଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ସମ୍ପର୍କକୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବୋଲି ବର୍ଣ୍ଣନା କରିଥିଲେ । ଆମେରିକା-ଭାରତ ଷ୍ଟ୍ରାଟେଜିକ୍ ପାର୍ଟନରସିପ୍ ଫୋରମ୍ (USISPF) ନେତୃତ୍ୱ ସମ୍ମିଳନୀରେ ଯୋଗ ଦେଇ ଆମେରିକାର ଭାରତରେ ଥିବା ରାଷ୍ଟ୍ରଦୂତ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ ଭାରତକୁ ବହୁତ ସମ୍ମାନ କରନ୍ତି ଏବଂ ଅନେକ ସମୟରେ ଦେଶରେ ତାଙ୍କ ଅନୁଭୂତି ବିଷୟରେ ଉଲ୍ଲେଖ କରନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋର୍ କହିଛନ୍ତି, 'ଆମେରିକା ଭାରତ ସହ ମିଶି କାମ କରିବାକୁ ଚାହୁଁଛି । ଆମେ ଏହି ସମ୍ପର୍କକୁ ଗୁରୁତ୍ୱ ଦେଉ । ଏହି ସମ୍ପର୍କକୁ ନେଇ ଆମର ରାଷ୍ଟ୍ରପତି ମଧ୍ୟ ବହୁତ ଗମ୍ଭୀର ଅଟନ୍ତି । ସପ୍ତାହ ଶେଷ ହେବା ପୂର୍ବରୁ ମୁଁ ତାଙ୍କ ସହିତ ୱାଶିଂଟନରେ ଥିଲି ଏବଂ ରାଷ୍ଟ୍ରପତିଙ୍କ ସହିତ ପ୍ରାୟ ଦୁଇ ଘଣ୍ଟା ବିତାଇବାର ସୁଯୋଗ ପାଇଲି । ମୁଁ ଭାରତରେ ଯାହା ଦେଖିଲି ସେ ବହୁତ ପ୍ରଭାବିତ ହୋଇଥିଲେ । ଭାରତ ସହ ଜଡିତ ତାଙ୍କର ସ୍ମୃତି ଅତ୍ୟନ୍ତ ଆନନ୍ଦଦାୟକ ଅଟେ । ତାଙ୍କର ଶେଷ ଭାରତ ଗସ୍ତ ଏକ ସ୍ମରଣୀୟ ଯାତ୍ରା ଥିଲା, ଯାହା ବିଷୟରେ ସେ ଏପର୍ଯ୍ୟନ୍ତ କଥାବାର୍ତ୍ତା କରନ୍ତି । ସେ ଭାରତକୁ ବହୁତ ପସନ୍ଦ କରନ୍ତି ବୋଲି କହିଛନ୍ତି ।

ତୃଣମୂଳ କଂଗ୍ରେସ (ଟିଏମସି) ଏମପି ମହୁଆ ମୋଇତ୍ରାଙ୍କ ଉପରକୁ ଅଣ୍ଡା ମାଡ଼ ହୋଇଛି । ବୁଧବାର ଅଭିଯୋଗ କରିଛନ୍ତି ଯେ ପଶ୍ଚିମବଙ୍ଗର ଏକ ରେଷ୍ଟୁରାଣ୍ଟ ବାହାରେ ଏକତ୍ରିତ ହୋଇଥିବା ଲୋକମାନେ ତାଙ୍କ ଉପରକୁ ଅଣ୍ଡା ଫିଙ୍ଗିଛନ୍ତି । ମୋଇତ୍ରା ତାଙ୍କ ଏକ୍ସ ଆକାଉଣ୍ଟରେ ଏକ ଭିଡିଓ ସେୟାର କରିଛନ୍ତି ଯେଉଁଥିରେ ରାସ୍ତାରେ ଭିଡ଼ ଭିତରେ ଥିବା ବ୍ୟକ୍ତିମାନେ ଏମପିଙ୍କ ଉପରେ ଅଣ୍ଡା ଫିଙ୍ଗୁଥିବାର ଦେଖାଯାଉଛି । ଭିଡିଓରେ ଅଣ୍ଡା ଫିଙ୍ଗାଯାଉଥିବା ସମୟରେ ଭିଡ଼ ନିକଟରେ ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ମଧ୍ୟ ଦେଖାଯାଉଛି । କୃଷ୍ଣନଗର ଏମପି ଅଭିଯୋଗ କରିଛନ୍ତି ଯେ ଆକ୍ରମଣ ଭାଜପା କର୍ମୀମାନେ କରିଥିଲେ ଏବଂ ରାଜ୍ୟ ପୋଲିସ କେବଳ ଦର୍ଶକ ହୋଇ ରହିଥିଲା ।

ଏହି ଘଟଣାର ଦୁଇଟି ଭିଡିଓ ସାମ୍ନାକୁ ଆସିଛି, ଯାହା ବିଭିନ୍ନ ଦୃଷ୍ଟିକୋଣରୁ ରେକର୍ଡ କରାଯାଇଛି । ଗୋଟିଏ ଭିଡିଓରେ ପୁରୁଷ ଏବଂ ମହିଳାମାନେ ନିକଟସ୍ଥ ରାସ୍ତାରେ ଯାନବାହାନ ଚଳାଚଳ କରିବା ସମୟରେ ଅଣ୍ଡା ଫିଙ୍ଗି ସ୍ଲୋଗାନ ଦେଉଥିବାର ଦେଖାଯାଇଛି । ଦ୍ୱିତୀୟ ଭିଡିଓଟି ମୋଇତ୍ରା ନିଜେ ରେକର୍ଡ କରିଛନ୍ତି । ଫୁଟେଜରେ ଦେଖାଯାଇଛି ଯେ ଅଣ୍ଡା ଝରକାରେ ବାଡେଇ ହେଉଛି ଏବଂ କୃଷ୍ଣନଗର ଏମପି ସ୍ଥାନୀୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟିଏମସି ନେତା ଏବଂ ଦଳୀୟ କର୍ମୀଙ୍କ ସହ ବସି ତାଙ୍କ ମୋବାଇଲ୍ ଫୋନ୍‌ରେ ଘଟଣାକୁ ରେକର୍ଡ କରୁଛନ୍ତି ।

ମହୁଆ ମୋଇତ୍ରା ଭାରତୀୟ ଜନତା ପାର୍ଟି (ଭାଜପା) କର୍ମୀମାନଙ୍କୁ ଆକ୍ରମଣ ପାଇଁ ଦାୟୀ କରିଛନ୍ତି । ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଏବଂ ଟିଏମସି ଅଭିଯୋଗ କରିଛି ଯେ ଏହା ପଛରେ ଭାଜପା କର୍ମୀମାନେ ଅଛନ୍ତି । ଏହି ଅଭିଯୋଗ ସମ୍ପର୍କରେ ଭାଜପା ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ ।

ପ୍ରତିରକ୍ଷା, ଶକ୍ତି ଏବଂ କୃତ୍ରିମ ବୁଦ୍ଧିମତ୍ତା (AI) ସମେତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ଭାରତ ଏବଂ ଜାପାନ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (MoC) ସ୍ୱାକ୍ଷର କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚିଙ୍କ ଉପସ୍ଥିତିରେ ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସରେ ସ୍ୱାକ୍ଷରିତ ଏହି ଚୁକ୍ତିନାମାଗୁଡ଼ିକୁ ଦୁଇ ରାଷ୍ଟ୍ର ମଧ୍ୟରେ ରଣନୈତିକ ସହଭାଗୀତା ପାଇଁ ଏକ ପ୍ରମୁଖ ପଦକ୍ଷେପ ଭାବରେ ଦେଖାଯାଉଛି । ଏହି କାର୍ଯ୍ୟକ୍ରମ ସମୟରେ, ପ୍ରଧାନମନ୍ତ୍ରୀ ମୋଦି ତାକାଇଚିଙ୍କୁ ତାଙ୍କର "ସାନ ଭଉଣୀ" ବୋଲି ଉଲ୍ଲେଖ କରିଥିଲେ ଏବଂ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ବିଶ୍ୱାସ ଏବଂ ବନ୍ଧୁତାର ଏକ ଅନୁକରଣୀୟ ମଡେଲ ଭାବରେ ବର୍ଣ୍ଣନା କରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚିଙ୍କ ଉପସ୍ଥିତିରେ ଦିଲ୍ଲୀର ହାଇଦ୍ରାବାଦ ହାଉସରେ ଉଭୟ ଦେଶର ପ୍ରତିନିଧିମାନେ ଅନେକ ସହଯୋଗ ସ୍ମାରକପତ୍ର (MoC) ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତିନାମାଗୁଡ଼ିକ ପ୍ରତିରକ୍ଷା, ଶକ୍ତି, କୃତ୍ରିମ ବୁଦ୍ଧିମତ୍ତା, ପ୍ରଯୁକ୍ତିବିଦ୍ୟା ଏବଂ ଅନ୍ୟାନ୍ୟ ରଣନୈତିକ କ୍ଷେତ୍ରରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ରହିଛି ।

ଉଭୟ ଦେଶ ପ୍ରତିରକ୍ଷା ସହଯୋଗକୁ ଆହୁରି ଗଭୀର କରିବା ଏବଂ ସ୍ୱଚ୍ଛ ଶକ୍ତି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମିକଣ୍ଡକ୍ଟର, ଡିଜିଟାଲ ପ୍ରଯୁକ୍ତିବିଦ୍ୟା, ଏଆଇ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଭାଗୀତା ବୃଦ୍ଧି କରିବାକୁ ସହମତ ହୋଇଛନ୍ତି । ଏହି ଚୁକ୍ତିନାମାଗୁଡ଼ିକ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଭାରତ-ଜାପାନ ରଣନୈତିକ ସହଭାଗୀତାକୁ ଏକ ନୂତନ ଦିଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ସେ କିଛି ଦିନ ପୂର୍ବେ G7 ଶିଖର ସମ୍ମିଳନୀରେ ମତ ଦେଇଥିଲେ ଯେ ବର୍ତ୍ତମାନର ବିଶ୍ୱ ଅସ୍ଥିରତା ଯୁଗରେ ପାରସ୍ପରିକ ବିଶ୍ୱାସ ହେଉଛି ସର୍ବୋତ୍ତମ ରଣନୈତିକ ସମ୍ପତ୍ତି । ସେ କହିଛନ୍ତି, "ମୁଁ ଗର୍ବିତ ଯେ ଭାରତ-ଜାପାନ ସହଭାଗୀତା ଏହି ମାନଦଣ୍ଡକୁ ସମ୍ପୂର୍ଣ୍ଣ ଭାବରେ ପୂରଣ କରୁଛି ।"

ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଜାପାନ ଗତ କିଛି ଦଶନ୍ଧି ଧରି ଅଟୋମୋବାଇଲ୍, ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଭାରତର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି । ଏହି ସହଯୋଗ ଦୁଇ ରାଷ୍ଟ୍ର ମଧ୍ୟରେ ବିଶ୍ୱାସ ଏବଂ ବନ୍ଧୁତାର ଏକ ଦୃଢ଼ ସମ୍ପର୍କକୁ ବୃଦ୍ଧି କରିଛି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚିଙ୍କ ଏହି ଗସ୍ତ ଭାରତ-ଜାପାନ ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱ ସହଭାଗୀତାର ଏକ ନୂତନ ଅଧ୍ୟାୟର ଆରମ୍ଭ ।

ଆତଙ୍କବାଦ ବିରୋଧରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, କେନ୍ଦ୍ର ସରକାର ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ (UAPA) ଅଧୀନରେ ୨୩ ଜଣଙ୍କୁ ଆନୁଷ୍ଠାନିକ ଭାବରେ ଆତଙ୍କବାଦୀ ଭାବରେ ନାମିତ କରିଛନ୍ତି । ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ଗେଜେଟ ବିଜ୍ଞପ୍ତିରେ ସେମାନଙ୍କ ନାମ UAPAର ଚତୁର୍ଥ ସୂଚୀରେ ଅନ୍ତର୍ଭୁକ୍ତ କରାଯାଇଛି । ସରକାର କହିଛନ୍ତି ଯେ ଏହି ବ୍ୟକ୍ତିମାନେ ଭାରତ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପରେ ସକ୍ରିୟ ଅଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ପାକିସ୍ତାନ କିମ୍ବା ପାକ-ଅଧିକୃତ କଶ୍ମୀରରେ ଲୁଚି ରହିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୃହ ମନ୍ତ୍ରଣାଳୟର ତାଲିକାରେ ମାସୁଦ ଇଲିଆସ କଶ୍ମୀରୀ, ମହମ୍ମଦ ମୁସାଦିକ, ମୁଫ୍ତି ମହମ୍ମଦ ଅସଗର ଖାନ ଏବଂ ହାଫିଜ ଅବଦୁଲ ଶକୁରଙ୍କ ଭଳି ନାମ ଅନ୍ତର୍ଭୁକ୍ତ । ସେମାନଙ୍କ ଉପରେ ୨୦୧୬ରେ ନାଗ୍ରୋଟାରେ ଭାରତୀୟ ସେନା ଶିବିର ଉପରେ ଆତଙ୍କବାଦୀ ଆକ୍ରମଣ ଏବଂ ୨୦୨୨ରେ ଜମ୍ମୁର ସୁଞ୍ଜୱାନରେ ସୁରକ୍ଷା ବାହିନୀ ଉପରେ ଆକ୍ରମଣରେ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି । ଏହା ସହିତ, ଲସ୍କର-ଏ-ତୈବା ସହିତ ଜଡିତ ଅବଦୁଲ ରଉଫ ଏବଂ ହାଫିଜ ଖାଲିଦ ୱାଲିଦଙ୍କୁ ଆତଙ୍କବାଦୀ ମାଷ୍ଟରମାଇଣ୍ଡ ହାଫିଜ ମହମ୍ମଦ ସଇଦର ନିକଟତର ସହଯୋଗୀ ଭାବରେ ଚିହ୍ନଟ କରାଯାଇଛି ।

ତାଲିକାରେ ଥିବା ନାମ ମଧ୍ୟରେ, ମହମ୍ମଦ ଶାହିଦ ଫୈସଲ – ଯାହାକୁ 'ଉସ୍ତାଦ' କିମ୍ବା 'ଜାକିର' ମଧ୍ୟ କୁହାଯାଏ – ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟି ଆକର୍ଷଣ କରିଛି । ବିଜ୍ଞପ୍ତି ଅନୁଯାୟୀ, ତାଙ୍କର ସ୍ଥାୟୀ ଠିକଣା ବେଙ୍ଗାଲୁରୁ (କର୍ନାଟକ)ରେ, ଯଦିଓ ସେ ବର୍ତ୍ତମାନ ପାକିସ୍ତାନର ରାୱଲପିଣ୍ଡିରେ ରୁହନ୍ତି । ସରକାରଙ୍କ ଅଭିଯୋଗ ଅନୁଯାୟୀ ସେ ଲସ୍କର-ଏ-ତୈବା, ଅଲ-କାଏଦା ଏବଂ ISIS ସହିତ ଜଡିତ ମଡ୍ୟୁଲ ସହିତ ଯୋଗାଯୋଗରେ ଅଛନ୍ତି । ତାଙ୍କ ଉପରେ ସୋସିଆଲ ମିଡିଆ ମାଧ୍ୟମରେ ଯୁବକମାନଙ୍କୁ ନିଯୁକ୍ତି ଦେବା, ଅସ୍ତ୍ରଶସ୍ତ୍ର ତାଲିମ ପ୍ରଦାନ କରିବା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାଣ୍ଠି ସଂଗ୍ରହ କରିବାର ଅଭିଯୋଗ ମଧ୍ୟ ରହିଛି ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଜ୍ଞପ୍ତିରେ କହିଛି ଯେ ଏହି ବ୍ୟକ୍ତିମାନଙ୍କ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ସମ୍ପର୍କରେ ପର୍ଯ୍ୟାପ୍ତ କାରଣ ମିଳିଛି । ଏହା ଆଧାରରେ, UAPA ର ଧାରା ୩୫ ଅନୁଯାୟୀ ସେମାନଙ୍କ ନାମ ଚତୁର୍ଥ ଅନୁସୂଚୀରେ ଅନ୍ତର୍ଭୁକ୍ତ କରାଯାଇଛି । ସେମାନଙ୍କୁ ଏହି ଭାବରେ ତାଲିକାଭୁକ୍ତ କରିବା ଦ୍ୱାରା ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ତଦନ୍ତ ଏବଂ ସମ୍ପତ୍ତି ସମ୍ପର୍କିତ ପଦକ୍ଷେପ ପାଇଁ ପ୍ରକ୍ରିୟା ଅଧିକ ପ୍ରଭାବଶାଳୀ ହେବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ରାକେଶ ରାଠି ଏହି ବିଜ୍ଞପ୍ତି ଜାରି କରିଛନ୍ତି । ସରକାର ପୁନର୍ବାର କହିଛନ୍ତି ଯେ ଆତଙ୍କବାଦ ପ୍ରତି ଏହାର ଶୂନ୍ୟ-ସହିଷ୍ଣୁତା ନୀତି ଜାରି ରହିବ ଏବଂ ଜାତୀୟ ସୁରକ୍ଷା ସ୍ୱାର୍ଥରେ ଏପରି ଉପାଦାନମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ ।

ଗୁଜୁରାଟର ପାଲିଟାନାରୁ ଏକ ଆଶ୍ଚର୍ଯ୍ୟଜନକ ଭିଡିଓ ସାମ୍ନାକୁ ଆସିଛି । ଭିଡିଓରେ, ଏକ ସିଂହ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ପରେ ତାଙ୍କ ଗୋଡକୁ ଧରି ବସିଯାଇଥିଲା । ସିଂହଙ୍କ କବଳରେ ଫସି ରହିଥିବା ବ୍ୟକ୍ତିଟି ଭୟଭୀତ ଦେଖା ଯାଉଥିଲେ । ଏହାକୁ ଦେଖି ପାଖରେ ଥିବା ଲୋକମାନେ ଚିତ୍କାର କରୁଥିଲେ ।

ପାଲିଟାନାରେ ପୁଣି ଥରେ ଏକ ବନ୍ୟ ପଶୁ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଛି । ଗର୍ଜିଆ ଗାଁରେ ଏକ ସିଂହ ଜଣେ ଗୋପାଳକଙ୍କୁ ଆକ୍ରମଣ କରି ଗୁରୁତର ଆହତ କରିଛି । ପ୍ରାଥମିକ ରିପୋର୍ଟରୁ ଜଣାପଡିଛି ଯେ ବ୍ୟକ୍ତି ଜଣକ ତାଙ୍କ ଗାଈ ଚରାଉଥିବା ସମୟରେ ଏହି ଆକ୍ରମଣ ହୋଇଥିଲା । ପୀଡିତ ବ୍ୟକ୍ତିଙ୍କୁ ଜରୁରୀ ଚିକିତ୍ସା ପାଇଁ ପାଲିଟାନାର ମାନସିଂହଜୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ କ୍ରୋଧ ପ୍ରକାଶ ପାଇଛି । ସିଂହ ଦ୍ୱାରା ଆକ୍ରମଣ ହୋଇଥିବା ବ୍ୟକ୍ତିଙ୍କୁ କାଲୁଭାଇ ବୋଘାଭାଇ ପରମାର ବୋଲି ଚିହ୍ନଟ କରାଯାଇଛି । ବନ ବିଭାଗ ନିକଟରେ ଜଙ୍ଗଲୀ ପ୍ରାଣୀଙ୍କୁ ଯଥାଶୀଘ୍ର ଗାଁରୁ ଘଉଡ଼ାଇ ଦେବା ପାଇଁ ଦାବି କରାଯାଇଛି ।

ସିଂହକୁ "ଜଙ୍ଗଲର ରାଜା" ଭାବରେ ଜଣାଯାଏ କାରଣ ସେ କାହାକୁ ଭୟ କରେ ନାହିଁ, ଏବଂ ସମଗ୍ର ଜଙ୍ଗଲ ତା'ର ଉପସ୍ଥିତିରେ ଥରି ଉଠେ । ସିଂହ ମଣିଷ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ପ୍ରମାଣିତ ହୋଇପାରେ । ଭୋକ ଯୋଗୁଁ ସେମାନେ ସହଜରେ ଲୋକଙ୍କୁ ଶିକାର କରିପାରନ୍ତି, ଏବଂ ମଣିଷ ଶକ୍ତି ସିଂହର ଶକ୍ତି ସହିତ କୌଣସି ତୁଳନା କରିପାରୁନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକ ପୁରୁଷ ସିଂହ ୧୫୦ ରୁ ୨୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ହୋଇପାରେ, ଏବଂ ଏହାର ପାଟି ଶକ୍ତି ପ୍ରଚଣ୍ଡ – ମଣିଷ ହାଡ଼କୁ ସହଜରେ ଚୂର୍ଣ୍ଣ କରିବାରେ ସକ୍ଷମ । ସେମାନେ ଗୋଟିଏ ଆଘାତରେ ୪୦୦ ରୁ ୫୦୦ କିଲୋଗ୍ରାମର ପ୍ରହାର ଶକ୍ତି ପ୍ରଦାନ କରିପାରିବେ ଏବଂ ପ୍ରଭାବଶାଳୀ ଦୌଡ଼ିବା କ୍ଷମତା ରଖନ୍ତି ।

ସିଂହମାନେ ନିଜଠାରୁ ବହୁତ ବଡ଼ ପ୍ରାଣୀ, ଯେପରିକି ବଳଦ, ଜିରାଫ ଏବଂ ଜଳହସ୍ତୀ ବାଛୁରୀକୁ ମଧ୍ୟ ହତ୍ୟା କରିବାରେ ସକ୍ଷମ; ସେମାନଙ୍କ ତୁଳନାରେ, ମଣିଷ ବହୁତ ଛୋଟ ଏବଂ ଦୁର୍ବଳ । ସିଂହମାନେ ସାଧାରଣତଃ ମଣିଷ ବସତିକୁ ଏଡ଼ାଇ ପାରନ୍ତି, କିନ୍ତୁ ଭୋକ ଲାଗିଲେ କିମ୍ବା ନିଜ ଅଞ୍ଚଳକୁ ରକ୍ଷା କରିବା ସମୟରେ ସେମାନେ ଆକ୍ରମଣ କରିପାରନ୍ତି । ଆଫ୍ରିକାରେ, ଲୋକମାନେ ସିଂହ ଆକ୍ରମଣରେ ପ୍ରାୟତଃ ନିଜର ଜୀବନ ହରାଇଛନ୍ତି । ବନ୍ଦୀ ଅବସ୍ଥାରେ ପାଳିତ ସିଂହମାନେ ମଧ୍ୟ ଅନିଶ୍ଚିତ ଏବଂ ବିପଦପୂର୍ଣ୍ଣ ରହିପାରନ୍ତି; ତେଣୁ, ସେମାନଙ୍କଠାରୁ ନିରାପଦ ଦୂରତା ରଖିବା ସର୍ବୋତ୍ତମ ।

୨୦୦୮ ଅହମଦାବାଦ ସିରିଏଲ ବିସ୍ଫୋରଣ ମାମଲା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ, ଗୁଜରାଟ ହାଇକୋର୍ଟ ନିମ୍ନ ଅଦାଲତର ନିଷ୍ପତ୍ତିକୁ ବଜାୟ ରଖିଛନ୍ତି । ହାଇକୋର୍ଟ ୩୮ ଜଣ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଏବଂ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡ ଦଣ୍ଡାଦେଶକୁ ନିଶ୍ଚିତ କରିଛନ୍ତି । ଏହା ସହିତ, ଦୋଷୀଙ୍କ ଦ୍ୱାରା ଦାୟର ସମସ୍ତ ଆବେଦନ ଖାରଜ କରାଯାଇଛି । କୋର୍ଟ ବିସ୍ଫୋରଣରେ ପ୍ରାଣ ହରାଇଥିବା ପରିବାରକୁ ପ୍ରତ୍ୟେକଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

ଗୁଜୁରାଟ ହାଇକୋର୍ଟର ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ହାଇକୋର୍ଟ ମାମଲାର ଶୁଣାଣି ପାଇଁ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିଥିଲେ । ମାର୍ଚ୍ଚ ୨୦୨୫ ଠାରୁ ନିୟମିତ ଶୁଣାଣି ଚାଲିଥିଲା । ମୃତ୍ୟୁଦଣ୍ଡକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଆବେଦନ ଏବଂ ଦୋଷୀଙ୍କ ଦ୍ୱାରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନଙ୍କ ଦଣ୍ଡାଦେଶ ବିରୁଦ୍ଧରେ ଦାୟର କରାଯାଇଥିବା ଆବେଦନ ଉପରେ ମିଳିତ ଶୁଣାଣି ଶେଷ କରିବା ପରେ କୋର୍ଟ ନିଜର ରାୟ ସଂରକ୍ଷିତ ରଖିଥିଲେ; ବର୍ତ୍ତମାନ ରାୟ ପ୍ରକାଶ ପାଇଛି ।

ଉଲ୍ଲେଖଯୋଗ୍ୟ, ଫେବୃଆରୀ ୧୮, ୨୦୨୨ ରେ, ଅହମଦାବାଦର ଏକ ସ୍ୱତନ୍ତ୍ର ଅଦାଲତ ଏହି ମାମଲାରେ ଏକ ଐତିହାସିକ ରାୟ ପ୍ରଦାନ କରିଥିଲେ, ଯେଉଁଥିରେ ୩୮ ଜଣଙ୍କୁ ମୃତ୍ୟୁଦଣ୍ଡ ଏବଂ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଥିଲା । ଭାରତୀୟ ଆଇନ ଅନୁଯାୟୀ, ନିମ୍ନ ଅଦାଲତ ଦ୍ୱାରା ଦିଆଯାଇଥିବା ମୃତ୍ୟୁଦଣ୍ଡକୁ ସମ୍ପୃକ୍ତ ହାଇକୋର୍ଟ ଦ୍ୱାରା ନିଶ୍ଚିତ ନହେବା ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇପାରିବ ନାହିଁ । ଏହି ଆଇନଗତ ପ୍ରକ୍ରିୟା ଅନୁଯାୟୀ ଏହି ମାମଲା ଗୁଜୁରାଟ ହାଇକୋର୍ଟରେ ବିଚାରାଧୀନ ଥିଲା ।

୨୬ ଜୁଲାଇ, ୨୦୦୮ରେ, ଗୁଜୁରାଟର ରାଜଧାନୀ ଅହମଦାବାଦରେ ହୋଇଥିବା ସିରିଜ ବୋମା ବିସ୍ଫୋରଣ ସମଗ୍ର ଦେଶକୁ ଥରାଇ ଦେଇଥିଲା । ମାତ୍ର କିଛି ମିନିଟ ମଧ୍ୟରେ ସହରର ବିଭିନ୍ନ ସ୍ଥାନରେ ବହୁ ବୋମା ବିସ୍ଫୋରଣ ଘଟିଥିଲା । ୫୦ ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଏବଂ ୨୦୦ ରୁ ଅଧିକ ଆହତ ହୋଇଥିଲେ । ବିସ୍ଫୋରଣରେ ବଜାର, ବସ ଏବଂ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବିସ୍ଫୋରଣ ଘଟିଥିଲା । ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏହାକୁ ଦେଶର ପ୍ରମୁଖ ଆତଙ୍କବାଦୀ ଆକ୍ରମଣ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରିଥିଲେ । ଦୀର୍ଘ ତଦନ୍ତ ଏବଂ ବିଚାର ପରେ, ସ୍ୱତନ୍ତ୍ର କୋର୍ଟ ୪୯ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ।

ସ୍ୱତନ୍ତ୍ର କୋର୍ଟର ରାୟ ପରେ, ଦୋଷୀମାନେ ଗୁଜୁରାଟ ହାଇକୋର୍ଟରେ ଆବେଦନ କରିଥିଲେ । ଏହି ସମୟରେ, ରାଜ୍ୟ ସରକାର ମୃତ୍ୟୁଦଣ୍ଡକୁ ନିଶ୍ଚିତ କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ । ଉଭୟ ପକ୍ଷର ଯୁକ୍ତି ଶୁଣିବା ଏବଂ ବିସ୍ତୃତ ଶୁଣାଣି କରିବା ପରେ, ହାଇକୋର୍ଟ ନିମ୍ନ ଅଦାଲତର ରାୟକୁ ସମର୍ଥନ କରିଥିଲେ ଏବଂ ସମସ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆବେଦନକୁ ଖାରଜ କରିଥିଲେ । ହାଇକୋର୍ଟର ଏହି ରାୟ ସହିତ, ୩୮ ଜଣ ଦୋଷୀଙ୍କ ମୃତ୍ୟୁଦଣ୍ଡକୁ ନ୍ୟାୟିକ ଅନୁମୋଦନ ମିଳିଛି, ଯେତେବେଳେ ଅନ୍ୟ ୧୧ ଜଣଙ୍କ ଆଜୀବନ କାରାଦଣ୍ଡାଦେଶକୁ ବଜାୟ ରଖାଯାଇଛି । ତଥାପି, ଦୋଷୀଙ୍କ ପାଖରେ ସୁପ୍ରିମକୋର୍ଟରେ ଆବେଦନ କରିବାର ଆଇନଗତ ବିକଳ୍ପ ରହିଛି ।

ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପାଇଁ ଆନ୍ଦୋଳନ କରୁଥିବା 'କକ୍ରୋଚ ଜନତା ପାର୍ଟି' (CJP)ର ପ୍ରତିଷ୍ଠାତା ଅଭିଜିତ ଦୀପକେ ଆନ୍ନା ହଜାରେଙ୍କ ବିଷୟରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏକ ପ୍ରଶ୍ନର ଉତ୍ତରରେ, ଦୀପକେ ହଜାରେଙ୍କୁ 'ବୁଢ଼ା ବ୍ୟକ୍ତି' ବୋଲି କହି ତାଙ୍କୁ ସକ୍ରିୟ ହେବା ପରିବର୍ତ୍ତେ 'ଆଶ୍ରମରେ ବସିବାକୁ' ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ ୬୦ କିମ୍ବା ୭୦ ବର୍ଷରୁ ଅଧିକ ବୟସର ଯେକୌଣସି ବ୍ୟକ୍ତି ଅବସର ନେବା ଉଚିତ, ସେମାନେ ରାଜନେତା ହୁଅନ୍ତୁ କିମ୍ବା ସାମାଜିକ କର୍ମୀ ।

ଗତ ୧୮ ଦିନ ଧରି ଦିଲ୍ଲୀର ଜନ୍ତର ମନ୍ତରରେ ପ୍ରତିବାଦ କରୁଥିବା ଦୀପକେ ତାଙ୍କ ଗୃହ ଜିଲା ଛତ୍ରପତି ସମ୍ଭାଜୀନଗରରେ ପେପର୍ ଲିକ ବିରୋଧରେ ଛାତ୍ର ପ୍ରତିବାଦରେ ଯୋଗ ଦେଇଥିଲେ । ସାମ୍ବାଦିକମାନେ ଯେତେବେଳେ ଆନ୍ନା ହଜାରେଙ୍କୁ ଭେଟିବାକୁ ଚାହୁଁଥିଲେ କି ବୋଲି ପଚରିଥିଲେ, ଦୀପକେ ଦୃଢ଼ ଭାବରେ ଉତ୍ତର ଦେଇଥିଲେ 'ଏକଦମ ନୁହେଁ ।' ସେ ଆହୁରି ମଧ୍ୟ କହିଥିଲେ, 'ମୁଁ ଅନୁଭବ କରୁଛି ଯେ ଯୁବପିଢ଼ି ଏବେ ମାମଲାକୁ ନିଜ ହାତରେ ନେବା ଉଚିତ ।' ସେ ଆହୁରି କହିଲେ, 'ଯେଉଁମାନେ ୬୦ କିମ୍ବା ୭୦ ବର୍ଷ ବୟସରେ ପହଞ୍ଚିଛନ୍ତି ସେମାନେ ରାଜନୀତି କିମ୍ବା କାର୍ଯ୍ୟକଳାପରୁ ଅବସର ନେବା ଉଚିତ । ସେମାନେ ଅବସର ନେଇ ଆଶ୍ରମରେ ବସିବା ଉଚିତ । ଏହା ଆମର ଭବିଷ୍ୟତ, ଛାତ୍ରମାନଙ୍କ ଭବିଷ୍ୟତ ସହିତ ଜଡିତ ବିଷୟ । ଆସନ୍ତୁ ଆମେ ନିଷ୍ପତ୍ତି ନେବା ।' ସେ ଆହୁରି ପ୍ରଶ୍ନ କରିଛନ୍ତି ଯେ ବୃଦ୍ଧମାନେ କେତେ ଦିନ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇପାରିବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୀପକେଙ୍କ ବକ୍ତବ୍ୟକୁ କଡ଼ା ସମାଲୋଚନା କରାଯାଇଛି । ଅନେକ ଲୋକ ପ୍ରଶ୍ନ କରିଛନ୍ତି ଯେ ଯଦି ସେ ବୟସ୍କ ଲୋକଙ୍କଠାରୁ ସାହାଯ୍ୟ ଚାହାଁନ୍ତି ନାହିଁ, ତେବେ ସେ ସୋନମ ୱାଙ୍ଗଚୁକଙ୍କୁ, ଯିଏ ପ୍ରାୟ ୫୯ କିମ୍ବା ୬୦ ବର୍ଷ ବୟସ୍କ, ଅନଶନ କରିବାକୁ କାହିଁକି ବାଧ୍ୟ କରୁଛନ୍ତି । ସୋସିଆଲ ମିଡିଆ ୟୁଜରମାନେ ପଚାରିଛନ୍ତି ଯେ ଯଦି ଦୀପକେ ବିଶ୍ୱାସ କରନ୍ତି ଯେ ଆନ୍ନା ହଜାରେଙ୍କ ଭଳି ବୟସ୍କଙ୍କଠାରୁ କୌଣସି ପ୍ରେରଣା ନେବା ଉଚିତ ନୁହେଁ, ତେବେ ସେ ନିଜେ କାହିଁକି ଅନଶନ କରୁନାହାଁନ୍ତି ଏବଂ ଏହା ବଦଳରେ ସେ ୫୯-୬୦ ବର୍ଷ ବୟସ୍କ ସୋନମ ୱାଙ୍ଗଚୁକଙ୍କୁ କାହିଁକି ଆଗୁଆ କରୁଛନ୍ତି ।

ଜନ୍ତର ମନ୍ତରରେ କୋକ୍ରୋଚ ଜନତା ଦଳର ପ୍ରତିବାଦ ମଙ୍ଗଳବାର (୭ ଜୁଲାଇ) ୧୮ ତମ ଦିନରେ ପହଞ୍ଚିଛି । ଆଜି ସୋନମ ୱାଙ୍ଗଚୁକଙ୍କ ଅନିର୍ଦ୍ଦିଷ୍ଟ ଅନଶନର ୧୦ ତମ ଦିନ; ଉପବାସ ଆରମ୍ଭ କରିବା ପରଠାରୁ ସେ ମୋଟ ୬.୯ କିଲୋଗ୍ରାମ ଓଜନ ହ୍ରାସ କରିଛନ୍ତି ।

ପଶ୍ଚିମବଙ୍ଗ ବାରୁଇପୁର ବଳାତ୍କାର ଏବଂ ହତ୍ୟା ମାମଲାର ଅଭିଯୁକ୍ତ ପ୍ରଭାସ ମଣ୍ଡଳ ପୋଲିସ ଏନକାଉଣ୍ଟରରେ ନିହତ ହୋଇଛନ୍ତି । ସୋମବାର ବେଙ୍ଗଲ ପୋଲିସ ତାଙ୍କୁ ଗିରଫ କରିଥିଲା ।

ବଙ୍ଗଳାରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଏହା ପ୍ରଥମ ଘଟଣା ଯେ କୌଣସି ବଳାତ୍କାର ମାମଲାର ଅଭିଯୁକ୍ତ ପୋଲିସ ଏନକାଉଣ୍ଟରରେ ମୃତ୍ୟୁବରଣ କରିଛନ୍ତି । ବାରୁଇପୁରରେ ଜଣେ ନାବାଳିକାଙ୍କ ବଳାତ୍କାର ଏବଂ ହତ୍ୟା ପାଇଁ ଗିରଫ ହୋଇଥିବା ପ୍ରଭାସ ମଣ୍ଡଳ ବୁଧବାର ବିଳମ୍ବିତ ରାତିରେ କ୍ରାଇମ ସିନ୍ ରିକ୍ରିଏଟ ଚାଲିଥିବା ସମୟରେ ପୋଲିସ ଗୁଳିରେ ପ୍ରାଣ ହରାଇଥିଲେ ।

ପୋଲିସର ସୂଚନା ଅନୁଯାୟୀ, ତଦନ୍ତକାରୀ ଅଧିକାରୀ ଏବଂ ତାଙ୍କ ଟିମ୍ ବୁଧବାର ଦିନ ପ୍ରାୟ ୧୨ଟା୪୫ ସମୟରେ ପ୍ରଭାସ ମଣ୍ଡଳଙ୍କୁ ସୂର୍ଯ୍ୟପୁରର କ୍ରାଇମ ସିନ୍ ରିକ୍ରିଏଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବାକୁ ନେଇଯାଇଥିଲେ, ବାରୁଇପୁର ପୋଲିସ ଷ୍ଟେଶନ କେସ ନମ୍ବର ୧୩୫୦/୨୬ର ତଦନ୍ତ ପାଇଁ ସେଠାରେ ଅପରାଧର ରିକ୍ରିଏଶନ କରାଯାଉଥିଲା ।

ପୋଲିସ ଦାବି କରୁଛି ଯେ ଏହି ପ୍ରକ୍ରିୟା ସମୟରେ ପ୍ରଭାସ ମଣ୍ଡଳ ଜଣେ ପୋଲିସ ଅଧିକାରୀଙ୍କଠାରୁ ଏକ ରାଇଫଲ ଛଡ଼ାଇ ନେଇ ଖସି ପଳାଇବାକୁ ଚେଷ୍ଟା କରିଥିଲେ । ପୋଲିସର ସୂଚନା ଅନୁଯାୟୀ, ସେ ଟିମ୍ ଉପରକୁ ଏକ ରାଉଣ୍ଡ ଗୁଳି ମଧ୍ୟ ଚଳାଇଥିଲେ । ପରେ ପୋଲିସ ଆତ୍ମରକ୍ଷା ପାଇଁ ଗୁଳି ଚଳାଇବାରୁ ପ୍ରଭାସ ମଣ୍ଡଳ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ତୁରନ୍ତ ବାରୁଇପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ପୋଲିସ କହିଛି ଯେ ଘଟଣା ସମ୍ପର୍କରେ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଘଟଣାର ସମ୍ପୂର୍ଣ୍ଣ କ୍ରମ ତଦନ୍ତ କରାଯାଉଛି, ଏବଂ ମାମଲା ସହିତ ଜଡିତ ସମସ୍ତ ତଥ୍ୟ ଯାଞ୍ଚ କରାଯିବ ।

୧୧ ବର୍ଷୀୟ ନାବାଳିକାଙ୍କ ହତ୍ୟା ମାମଲାରେ ପ୍ରାଥମିକ ପୋଷ୍ଟମର୍ଟମ ରିପୋର୍ଟ ଘଟଣାର ନିର୍ମମତାକୁ ନିଶ୍ଚିତ କରିଛି । ରିପୋର୍ଟ ଅନୁଯାୟୀ, ପୀଡିତାଙ୍କ ଶରୀରରେ ଗୁରୁତର ଆଘାତ, ଯୌନ ନିର୍ଯାତନା ଏବଂ ଶାରୀରିକ ନିର୍ଯାତନାର ସ୍ପଷ୍ଟ ଚିହ୍ନ ଥିଲା ।

ପ୍ରାଥମିକ ପୋଷ୍ଟମର୍ଟମ ରିପୋର୍ଟ ସୂଚିତ କରୁଛି ଯେ ପୀଡିତାଙ୍କ ମୁଣ୍ଡରେ ଏକ ଭାରୀ ଜିନିଷ ଦ୍ୱାରା ଆଘାତ କରାଯାଇଥିଲା । ପରେ ତାଙ୍କୁ ଏକ ବସ୍ତାରେ ଭର୍ତ୍ତି କରି ପୋଖରୀରେ ଫିଙ୍ଗି ଦିଆଯାଇଥିଲା । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ପୋଖରୀରେ ଫିଙ୍ଗି ଦେବା ସମୟରେ ସେ ଜୀବିତ ଥିଲେ । ମୁଣ୍ଡରେ ଗଭୀର କ୍ଷତ, ଶରୀରରେ କଣ୍ଟା ଏବଂ କାମୁଡ଼ା ଚିହ୍ନ ମିଳିଥିଲା । ତାଙ୍କ ଗୁପ୍ତାଙ୍ଗରେ ମଧ୍ୟ ଗୁରୁତର ଆଘାତର ଚିହ୍ନ ପରିଲକ୍ଷିତ ହୋଇଥିଲା । ରିପୋର୍ଟ ଅନୁଯାୟୀ, ପାଣି ପିଇବା ଦ୍ୱାରା ଫୁସଫୁସ ଏବଂ ପେଟ ଫୁଲି ଯାଇଥିଲା ଏବଂ ବୁଡ଼ି ଯିବା ଯୋଗୁ ମୃତ୍ୟୁ ଘଟିଥିଲା । ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘଟଣାଟି ବାରୁଇପୁର ପୋଲିସ ଷ୍ଟେଶନ ଅଧୀନସ୍ଥ ଧାପଧାପି-୨ ପଞ୍ଚାୟତ ଅଞ୍ଚଳର ସୂର୍ଯ୍ୟପୁର ହାଟରେ ଘଟିଛି । ପୀଡିତା ଶନିବାର ସାରେ ଖାଦ୍ୟ ସାମଗ୍ରୀ କିଣିବା ପାଇଁ ଘରୁ ବାହାରିଥିଲେ କିନ୍ତୁ ଫେରି ନଥିଲେ । ରବିବାର ସକାଳେ ତାଙ୍କ ଘର ନିକଟସ୍ଥ ଏକ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ସେହି ରାତିର ସିସିଟିଭି ଫୁଟେଜରେ ଚାରି ଜଣ ବ୍ୟକ୍ତି ନାବାଳିକାଙ୍କୁ ସାଙ୍ଗରେ ନେଇ ଯାଉଥିବାର ଦେଖାଯାଇଥିଲା । ଏହି ଘଟଣା ଅଞ୍ଚଳରେ ପ୍ରବଳ ଉତ୍ତେଜନା ସୃଷ୍ଟି କରିଥିଲା ।

ପବିତ୍ର ଅମରନାଥ ଗୁମ୍ଫାରେ ପ୍ରାକୃତିକ ଭାବରେ ଗଠିତ ବରଫ ଶିବଲିଙ୍ଗ ତୀର୍ଥଯାତ୍ରାର ପ୍ରଥମ ସପ୍ତାହ ମଧ୍ୟରେ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଉଭାନ ହୋଇଗଲା । ଜୁଲାଇ ୩ ରେ ୫୭ ଦିନ ଧରି ଚାଲିଥିବା ଏହି ତୀର୍ଥଯାତ୍ରା ଆରମ୍ଭ ହେବାର ମାତ୍ର ପାଞ୍ଚ ଦିନ ବିତିଛି ।

ମେ ୨୩ରେ, BSF ଫଟୋଗ୍ରାଫରେ ଦେଖାଯାଇଥିଲା ଯେ ଶିବଲିଙ୍ଗ ପ୍ରାୟ ୭ ଫୁଟ ଉଚ୍ଚ ଥିଲା । ଜୁନ ୨୯ ରେ ପ୍ରଥମ ପୂଜା ଦିନ ମଧ୍ୟ ଏହା ୫ ଫୁଟରୁ ଅଧିକ ଉଚ୍ଚ ଥିଲା । ତଥାପି, ଜୁଲାଇ ୬ ସୁଦ୍ଧା ଫଟୋଗ୍ରାଫରୁ ଜଣାପ ଯେ 'ବାବା ବର୍ଫାନି' ୯୦ ପ୍ରତିଶତରୁ ଅଧିକ ଉଭାନ ହୋଇଯାଇଥିଲା । ତଥାପି, ତୀର୍ଥଯାତ୍ରା ଅବିରତ ଜାରି ରହିଛି ।

କେବଳ ପ୍ରଥମ ଛଅ ଦିନରେ ଏକ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀ ସେମାନଙ୍କର ଦର୍ଶନ କରିସାରିଛନ୍ତି । ଅଧିକାରୀମାନେ ଆଶା କରୁଛନ୍ତି ଯେ ଆଜି, ବୁଧବାର ଏହି ସଂଖ୍ୟା ୧୩୦,୦୦୦ ଅତିକ୍ରମ କରିବ । ଏହି ବର୍ଷ ୪୦୦,୦୦୦ ତୀର୍ଥଯାତ୍ରୀ ପଞ୍ଜିକୃତ ହୋଇଥିବା ବେଳେ, ୩୦୦,୦୦୦ରୁ ଅଧିକ ଭକ୍ତ ଏପର୍ଯ୍ୟନ୍ତ ଦର୍ଶନ କରିନାହାଁନ୍ତି ।

ବିଶେଷଜ୍ଞମାନେ ଶିବଲିଙ୍ଗ ଦ୍ରୁତ ତରଳିବାର କାରଣ ବ୍ୟାଖ୍ୟା କରନ୍ତି: ତାପମାତ୍ରା ବୃଦ୍ଧି ଏବଂ ହିଟେୱେଭ: ସ୍ୱଳ୍ପ ତୁଷାରପାତ ଏବଂ ଗ୍ରୀଷ୍ମ ତାପମାତ୍ରା ବୃଦ୍ଧି । ଭକ୍ତଙ୍କ ପ୍ରବଳ ଭିଡ଼: ସର୍ବାଧିକ ସମୟରେ ପ୍ରତିଦିନ ୧୩,୦୦୦ ରୁ ୨୦,୦୦୦ ତୀର୍ଥଯାତ୍ରୀ ପହଞ୍ଚନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶରୀରର ଉତ୍ତାପ: ଆବଦ୍ଧ ଗୁମ୍ଫା ଭିତରେ ହଜାର ହଜାର ଲୋକଙ୍କ ଉପସ୍ଥିତି ଯୋଗୁ ତାପମାତ୍ରା ବୃଦ୍ଧି ପାଏ । ପ୍ରଦୂଷଣ: ହିମବାହ ଉପରେ ଧୂଳି ଏବଂ ମାଟି ଜମିବା ଯୋଗୁ ବରଫ ତରଳିବା ଦ୍ରୁତ ଗତିରେ ବୃଦ୍ଧି ପାଏ । ଏହା ଲଗାତାର ତୃତୀୟ ବର୍ଷ ଯେ ତୀର୍ଥଯାତ୍ରାର ପ୍ରଥମ ସପ୍ତାହ ମଧ୍ୟରେ ଶିବଲିଙ୍ଗ ତରଳି ଯାଇଛି ।

ତୀର୍ଥଯାତ୍ରୀଙ୍କ ବିଶ୍ୱାସ ଅତୁଟ ରହିଛି : ଶିବଲିଙ୍ଗ ତରଳିବା ଭକ୍ତଙ୍କ ବିଶ୍ୱାସକୁ ହ୍ରାସ କରିନାହିଁ । ତୀର୍ଥଯାତ୍ରା ପରେ ଫେରିଥିବା ଅଜୟ ଗଣ୍ଡୋତ୍ରା କହିଛନ୍ତି, 'ବ୍ୟବସ୍ଥା ଉତ୍କୃଷ୍ଟ ଥିଲା । 'ବାବା' ପ୍ରାୟ ଉଭେଇ ଯାଇଛନ୍ତି; କେବଳ ଶିବଲିଙ୍ଗର ଏକ ଅସ୍ପଷ୍ଟ ଚିହ୍ନ ଦୃଶ୍ୟମାନ ହେଉଥିଲା । ତଥାପି, ଆମର ବିଶ୍ୱାସ ଦୃଢ଼ ରହିଛି । ଆମର ଲକ୍ଷ୍ୟ ଥିଲା ବାବାଙ୍କ ଆବାସରେ ପହଞ୍ଚିବା ଏବଂ ତାଙ୍କ ଆଶୀର୍ବାଦ ପାଇବା ।'

ଏହି ସମୟରେ, ବିଶାଲ କୁମାର ବିଶ୍ୱାସ କରନ୍ତି, 'ବହୁତ ଭିଡ଼ ଭକ୍ତି ପ୍ରଦର୍ଶନ କରେ । ବାବା ଅଦୃଶ୍ୟ ହୋଇନାହାଁନ୍ତି; ସେ ସମସ୍ତଙ୍କ ହୃଦୟରେ ବାସ କରନ୍ତି । ତୀର୍ଥଯାତ୍ରା ୧୦-୧୫ ଦିନ ପୂର୍ବରୁ ଆରମ୍ଭ ହେବା ଉଚିତ ଯାହା ଦ୍ୱାରା ଅଧିକ ଲୋକ ଦର୍ଶନ କରିପାରିବେ ।'

ରାଜେଶ କୁମାର ଆହୁରି ମଧ୍ୟ କହିଥିଲେ, 'ଯଦିଓ ବାବା ଅଦୃଶ୍ୟ ହୋଇଯାଇଥିବେ, ବିଶ୍ୱାସ ସ୍ଥାୟୀ । ଲୋକମାନେ ଏବେ ବି ଆସନ୍ତି କାରଣ ତାଙ୍କର ଉପସ୍ଥିତି ଗୁମ୍ଫାରେ ଅନୁଭୂତ ହୁଏ ।' ପ୍ରଦୂଷଣ ଏବଂ ପ୍ରବଳ ଭିଡ଼ ଏହାର କାରଣ ହୋଇପାରେ ।

ବୈଜ୍ଞାନିକଙ୍କ ଅନୁସାରେ, ଅମରନାଥ ଶିବଲିଙ୍ଗ ଏକ ମୂର୍ତ୍ତି ନୁହେଁ; ଏହା ଗୁମ୍ଫା ଛାତରୁ ଟପୁଥିବା ଜଳ ଟୋପା ଧୀରେ ଧୀରେ ଜମାଟ ବାନ୍ଧିବା ମାଧ୍ୟମରେ ଗଠିତ ହୁଏ । ଏହି ପ୍ରକ୍ରିୟା ପାଇଁ ଗୁମ୍ଫା ଭିତରେ ନିରନ୍ତର ଭାବରେ ଶୂନ୍ୟ ତଳ ତାପମାତ୍ରା ଆବଶ୍ୟକ । ତଥାପି, ହ୍ରାସ ହୋଇଥିବା ତୁଷାରପାତ, ବୃଦ୍ଧି ପାଉଥିବା ତାପମାତ୍ରା ଏବଂ ଜଳ ଅଭାବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରି କାରଣ ଯୋଗୁ ଏହାର ଗଠନ କଷ୍ଟକର ହେଉଛି । ବିଜ୍ଞାନ ଏହା ପଛରେ ଥିବା ପ୍ରାକୃତିକ ପ୍ରକ୍ରିୟାକୁ ବ୍ୟାଖ୍ୟା କରୁଥିବା ବେଳେ, ଭକ୍ତମାନେ ଏହାକୁ ଭଗବାନ ଶିବଙ୍କ ଏକ ସ୍ୱଷ୍ଟ ପ୍ରକାଶନ ଭାବରେ ମାନନ୍ତି ।

ତୀର୍ଥଯାତ୍ରୀମାନେ ୪୮ କିଲୋମିଟର ଲମ୍ବା ନନଜ୍ୱାନ-ପହଲଗାମ ମାର୍ଗ ଏବଂ ୧୪ କିଲୋମିଟର କଷ୍ଟକର ବାଲତାଲ ମାର୍ଗ ଦେଇ ନିରନ୍ତର ପହଞ୍ଚୁଛନ୍ତି । ଏହି ତୀର୍ଥଯାତ୍ରା ଅଗଷ୍ଟ ୨୮ରେ ରକ୍ଷା ବନ୍ଧନ ଦିନ ଶେଷ ହେବ । ପ୍ରଶାସନ ପଞ୍ଜିକରଣ ବିନା ଯାତ୍ରା ନକରିବାକୁ ପରାମର୍ଶ ଦେଇଛି; ପ୍ରବଳ ଭିଡ଼ ଏବଂ ସୁରକ୍ଷା ଚିନ୍ତା ଯୋଗୁ, କେବଳ ପଞ୍ଜିକୃତ ତୀର୍ଥଯାତ୍ରୀମାନଙ୍କୁ ଆଗକୁ ଯିବାକୁ ଅନୁମତି ଦିଆଯାଉଛି ।

କୋଲକାତାରେ ଏକ ଦଳୀୟ ପ୍ରତିବାଦ ସମୟରେ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ଜଣେ ତୃଣମୂଳ କଂଗ୍ରେସ (ଟିଏମସି) କର୍ମୀଙ୍କୁ ଚାପୁଡ଼ା ମାରିଛନ୍ତି । ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ।

ଭିଡିଓରେ ଦେଖାଯାଉଛି ଯେ ଜଣେ ବ୍ୟକ୍ତି ଭିଡ଼କୁ ନିୟନ୍ତ୍ରଣ କରିବାକୁ ଏବଂ ମମତା ବାନାର୍ଜୀଙ୍କ ପାଇଁ ରାସ୍ତା ସଫା କରିବାକୁ ଚେଷ୍ଟା କରୁଛନ୍ତି । କିଛି ମୁହୂର୍ତ୍ତ ପରେ, ସେ ତାଙ୍କର ରାଗ ନିୟନ୍ତ୍ରଣ କରିନପାରି ଦଳୀୟ କର୍ମୀଙ୍କୁ ଚାପୁଡ଼ା ମାରିଛନ୍ତି ।

ଭାଜପା ଏମପି ରାଜୁ ବିଷ୍ଟ ଜଣେ ଟିଏମସି କର୍ମୀଙ୍କୁ ଚାପୁଡ଼ା ମାରିବାର ଏକ ଭିଡିଓ ସେୟାର କରି ଏହି ଘଟଣା ପାଇଁ ବାନାର୍ଜୀଙ୍କୁ ସମାଲୋଚନା କରିଛନ୍ତି । X ରେ ଏକ ପୋଷ୍ଟରେ ବିଷ୍ଟ ଲେଖିଛନ୍ତି, “ଟିଏମସି ପ୍ରତିବାଦ ସମୟରେ ମମତା ବାନାର୍ଜୀ ଜଣେ ବ୍ୟକ୍ତିଙ୍କୁ ଚାପୁଡ଼ା ମାରିଥିଲେ । ସେହି ବ୍ୟକ୍ତି ଭିଡ଼କୁ ନିୟନ୍ତ୍ରଣ କରିବାକୁ ଏବଂ ମମତାଙ୍କ ପାଇଁ ରାସ୍ତା ସଫା କରିବାକୁ ଚେଷ୍ଟା କରୁଥିଲେ, କିନ୍ତୁ ସେ ନିଜର ରାଗ ରାଗ ନିୟନ୍ତ୍ରଣ କରିନପାରି ଦଳୀୟ କର୍ମୀଙ୍କୁ ଚାପୁଡ଼ା ମାରିଥିଲେ ।”

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମମତା ବାନାର୍ଜୀ ୧୧ ବର୍ଷୀୟା ନାବାଳିକା ବଳାତ୍କାର ଏବଂ ହତ୍ୟା ବିରୋଧରେ ବାରୁଇପୁରରେ ଏକ ପ୍ରତିବାଦ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ । ବାନାର୍ଜୀ ଅଭିଯୋଗ କରିଥିଲେ ଯେ କୋଲକାତା ହାଇକୋର୍ଟଙ୍କ ରାଲି ପାଇଁ ଅନୁମତି ପ୍ରଦାନ କରିଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ପୋଲିସ ଭାଜପାର ଏକ ଶାଖା ପରି କାର୍ଯ୍ୟ କରିଥିଲା । ଦକ୍ଷିଣ କୋଲକାତାର ହାଜରା କ୍ରସିଂରେ ଶୋଭାଯାତ୍ରା ଶେଷ ହେବା ପରେ ଏକ ସମାବେଶକୁ ସମ୍ବୋଧିତ କରି ବାନାର୍ଜୀ ଅଭିଯୋଗ କରିଥିଲେ ଯେ ବିଭାଜପା ସମର୍ଥକମାନେ ରାଲିରେ ବାଧା ସୃଷ୍ଟି କରିଥିଲେ ଏବଂ ରାସ୍ତାରେ ଅନେକ ସ୍ଥାନରେ ତୃଣମୂଳ କଂଗ୍ରେସ କର୍ମୀଙ୍କୁ ଆକ୍ରମଣ କରିଥିଲେ ।

ସେ କହିଥିଲେ, "ହାଇକୋର୍ଟ ଆମ ରାଲି ପାଇଁ ଅନୁମତି ଦେଇଥିଲେ, ତଥାପି ଭାଜପାକର୍ମୀମାନେ ଏଥିରେ ବାଧା ସୃଷ୍ଟି କରିଥିଲେ । ରାଲିକୁ ଅନୁମତି ଦେବା ପାଇଁ କୋର୍ଟଙ୍କ ନିର୍ଦ୍ଦେଶକୁ ପୋଲିସ କିପରି ଅଣଦେଖା କରିପାରିବ ?" ସେ ଦାବି କରିଥିଲେ, "ପୋଲିସ ସାଧାରଣ ଲୋକଙ୍କୁ ସୁରକ୍ଷା ଯୋଗାଇ ପାରୁନାହିଁ, ତଥାପି ସେମାନଙ୍କୁ ଆମର କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ପାଇଁ ବ୍ୟବହାର କରାଯାଉଛି ।" ରାଲି ସମୟରେ ଭାଜପା ଏବଂ ଟିଏମସି ଯୁବ ଶାଖା କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା, ଯାହା ଫଳରେ ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡିଥିଲା ।

ମଧ୍ୟପ୍ରଦେଶର ଇନ୍ଦୋରରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଜଣେ ଲୋକୋ ପାଇଲଟ୍ ଟ୍ରେନ୍ ଅଟକାଇ ରାସ୍ତାପାର୍ଶ୍ୱ ଦୋକାନରୁ ସିଙ୍ଗଡ଼ା କିଣୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଇନ୍ଦୋର-ମାଓ ଡେମୁ ପ୍ୟାସେଞ୍ଜର ଟ୍ରେନକୁ ଇନ୍ଦୋର ନିକଟ ରାଉସ୍ଥିତ ରାଙ୍ଗଓ୍ୱାସା ରୋଡ ନିକଟରେ ଦଶ ମିନିଟ କଟକାଇଥିଲେ । ସେହି ସମୟରେ ରେଳବାଇର ଜଣେ କର୍ମଚାରୀ ରେଳଲାଇନ୍ ପାଖରେ ଥିବା ଛୋଟ ଜଳଖିଆ ଦୋକାନକୁ ଯାଇ ସିଙ୍ଗଡ଼ା କିଣି ଫେରୁଥିବା ଦେଖାଯାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋକୋ ପାଇଲଟ୍‌ଙ୍କୁ ଟ୍ରେନ୍ ଅଟକାଇବା, ସମୋସା କିଣିବା ଏବଂ ତାଙ୍କ ସିଟ୍‌କୁ ଫେରିବା ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା । ଏହା ପରେ ଟ୍ରେନ୍‌ଟି ଚାଲିଥିଲା । ସ୍ଥାନୀୟ ଲୋକମାନେ ଏକ ଭିଡିଓ ରେକର୍ଡ କରି ଏହାକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ । ଏହାକୁ ସାଧାରଣରେ ସମାଲୋଚନା କରାଯିବା ସହ ବ୍ୟକ୍ତିଗତ କାମରେ ଟ୍ରେନ୍ ଅଟକାଇବାକୁ ନେଇ ପ୍ରଶ୍ନ ଉଠିଛି । ସତ୍ୟାସତ୍ୟ ଜାଣିବା ପାଇଁ ରେଳ କର୍ତ୍ତୃପକ୍ଷ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଏହା ଉପରେ ବର୍ତ୍ତମାନ ରେଳବାଇ ସ୍ପଷ୍ଟୀକରଣ ଦେଇଛି । ଦାବି ସଂପୂର୍ଣ୍ଣ ଭୁଲ ଓ ଭ୍ରମାତ୍ମକ । ହୋମ୍ ସିଗନାଲରେ ପୂର୍ବରୁ ଅଟକି ରହିଥିଲା ଟ୍ରେନ । ଯାତ୍ରୀବାହୀ ନୁହେଁ ମାଲବାହୀ ଟ୍ରେନ୍ ଥିଲା ।

କେନ୍ଦ୍ର ସରକାର ସ୍ମାର୍ଟଫୋନ୍, ୱାୟାରଲେସ୍ ଚାର୍ଜର୍, କମ୍ପ୍ୟୁଟର, ଲାପଟପ୍, ସ୍ମାର୍ଟ ଟିଭି, ସ୍ମାର୍ଟୱାଚ୍ ଏବଂ ଫିଟନେସ୍ ବ୍ୟାଣ୍ଡ ଭଳି ଇଲେକ୍ଟ୍ରୋନିକ୍ ଜିନିଷରେ ବ୍ୟବହୃତ ଉପାଦାନଗୁଡ଼ିକ ଉପରେ ମୌଳିକ କଷ୍ଟମ୍‌ସ୍ ଡ୍ୟୁଟି (BCD) ଛାଡ଼ କରିଛନ୍ତି । ସରକାର ଇଲେକ୍ଟ୍ରୋନିକ୍ ଉତ୍ପାଦ ନିର୍ମାଣରେ ବ୍ୟବହୃତ ବିଭିନ୍ନ ଅଂଶ ଉପରେ ଆମଦାନୀ ଶୁଳ୍କ ଛାଡ଼କୁ ମାର୍ଚ୍ଚ ୩୧ ମାର୍ଚ୍ଚ ୨୦୨୯ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏହି ନିଷ୍ପତ୍ତି ଘରୋଇ ଉତ୍ପାଦନ ଏବଂ ନିବେଶକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି । ଉଲ୍ଲେଖନୀୟ ଯେ, ଏହି ଛାଡ଼ ତୁରନ୍ତ କାର୍ଯ୍ୟକାରୀ ହୋଇଛି ।

ଏହି ପଦକ୍ଷେପ ଅନୁଯାୟୀ, କେନ୍ଦ୍ର ସରକାର ଡିସପ୍ଲେ ମଡ୍ୟୁଲ୍, ସ୍ମାର୍ଟଫୋନ୍ ୱାୟାରଲେସ୍ ଚାର୍ଜିଂ ସିଷ୍ଟମ୍ ଏବଂ ଲିଥିୟମ୍-ଆୟନ୍ ବ୍ୟାଟେରୀ ନିର୍ମାଣ ପାଇଁ ବ୍ୟବହୃତ ଅନେକ ପ୍ରମୁଖ ଉପାଦାନ ଉପରେ କଷ୍ଟମ୍ ଡ୍ୟୁଟି ଛାଡ଼ ପ୍ରଦାନ କରିଛନ୍ତି । ଏହା ଦେଶର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଲକ୍ଷ୍ୟକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରିବ ଏବଂ ଭବିଷ୍ୟତରେ ମୂଲ୍ୟ ହ୍ରାସ କରିପାରିବ ବୋଲି ଆଶା କରାଯାଉଛି ।

କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପରୁ ଅଟୋମୋଟିଭ୍, ମେଡିକାଲ୍ ଏବଂ ଶିଳ୍ପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପକରଣ ପାଇଁ ଡିସପ୍ଲେ ଆସେମ୍ବଲି ତିଆରି କରୁଥିବା କମ୍ପାନୀଗୁଡ଼ିକ ସର୍ବାଧିକ ଲାଭ ପାଇବେ । ସରକାର ଏହି ଉତ୍ପାଦଗୁଡ଼ିକରେ ବ୍ୟବହୃତ ଜରୁରୀ ଆମଦାନୀ ହୋଇଥିବା ଅଂଶଗୁଡ଼ିକୁ – ଯେପରିକି ଡିସପ୍ଲେ ସେଲ୍, ବ୍ୟାକଲାଇଟ୍ ୟୁନିଟ୍, ଫ୍ଲେକ୍ସିବଲ୍ ପ୍ରିଣ୍ଟେଡ୍ ସର୍କିଟ୍ ଆସେମ୍ବଲି (FPCA), ଫ୍ରେମ୍ ଏବଂ ଆନିସୋଟ୍ରୋପିକ୍ କଣ୍ଡକ୍ଟିଭ୍ ଫିଲ୍ମ (ACF) – କଷ୍ଟମ୍ସ ଡ୍ୟୁଟିରୁ ମୁକ୍ତ କରିଛନ୍ତି । ଏହା ସହିତ, ସ୍ମାର୍ଟଫୋନ୍ ୱାୟାରଲେସ୍ ଚାର୍ଜିଂ ମଡ୍ୟୁଲ୍ସରେ ବ୍ୟବହୃତ ଉପାଦାନଗୁଡ଼ିକୁ କଷ୍ଟମ୍ସ ଡ୍ୟୁଟି ଛାଡ଼ କରାଯାଇଛି । ଏଥିରେ NFC ଏବଂ କଣ୍ଡକ୍ଟର କଏଲ ସହିତ ଜଡିତ ଅଂଶ, ଯେପରିକି ନାନୋ-କ୍ରିଷ୍ଟାଲାଇନ୍ ଆସେମ୍ବଲି, ଇ-ସିଲ୍ଡ, PET ଲାଇନର୍, PC ସିମ୍ସ, କଏଲ ଏବଂ ନିଓଡିମିୟମ୍-ଆଇରନ୍-ବୋରନ୍ (NdFeB) ଚୁମ୍ବକ ଅନ୍ତର୍ଭୁକ୍ତ ।

ସରକାରଙ୍କ ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଭାରତରେ ଉନ୍ନତ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା, ଯାହା ଦ୍ୱାରା ଆମଦାନୀ ହୋଇଥିବା ପ୍ରସ୍ତୁତ ଉତ୍ପାଦ ଉପରେ ନିର୍ଭରଶୀଳତା ହ୍ରାସ କରିବା । ଶିଳ୍ପ ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ସ୍ୱତନ୍ତ୍ର ଯନ୍ତ୍ରପାତି ଏବଂ ଉପାଦାନ ପାଇଁ ଆମଦାନୀ ଖର୍ଚ୍ଚ ହ୍ରାସ ଘରୋଇ ଯୋଗାଣ ଶୃଙ୍ଖଳକୁ ମଜବୁତ କରିପାରିବ, ଯାହା ବୈଦ୍ୟୁତିକ ଗତିଶୀଳତା, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଏବଂ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରିବ । ବିଶ୍ଲେଷକମାନେ ଉଲ୍ଲେଖ କରିଛନ୍ତି ଯେ ଏହି ପଦକ୍ଷେପ ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ବ୍ୟାପକ ଉତ୍ପାଦନ ରଣନୀତି ସହିତ ସମନ୍ୱିତ, ଯାହା ମାଧ୍ୟମରେ ନୀତି ନିର୍ଦ୍ଧାରକମାନେ ଉଚ୍ଚ-ପ୍ରଯୁକ୍ତି ଉତ୍ପାଦନରେ ନୂତନ ନିବେଶ ଆକର୍ଷିତ କରିବାକୁ ଚେଷ୍ଟା କରୁଛନ୍ତି ଏବଂ ଏକକାଳୀନ ସ୍ଥାନୀୟ ମୂଲ୍ୟ ବୃଦ୍ଧି କରୁଛନ୍ତି ।

E୨୦ ପେଟ୍ରୋଲ (୨୦% ଏଥାନଲ ଏବଂ ୮୦% ପେଟ୍ରୋଲ) ବ୍ୟବହାର ଦ୍ୱାରା ଗାଡ଼ିର ଇଞ୍ଜିନ ଖରାପ ହେଉଥିବା ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି କେନ୍ଦ୍ର ସଡ଼କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ । ତେବେ ଏହା ଦ୍ୱାରା ଗାଡ଼ିର ମାଇଲେଜ୍‌ରେ ସାମାନ୍ୟ ହ୍ରାସ ଘଟିବା କଥାକୁ ସେ ସ୍ୱୀକାର କରିଛନ୍ତି । ଏକ ଜାତୀୟ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ ଗଡ଼କରୀ କହିଛନ୍ତି ଯେ, ସୋସିଆଲ ମିଡିଆରେ ଇଞ୍ଜିନ ଖରାପ ହେବା ନେଇ ଯେଉଁ ସବୁ ଖବର ସାମ୍ନାକୁ ଆସୁଛି, ତାହା ସମ୍ପୂର୍ଣ୍ଣ ଗୁଜବ ଏବଂ ଏକ ମନଗଢ଼ା କାହାଣୀର ଅଂଶବିଶେଷ ।

କେନ୍ଦ୍ରମନ୍ତ୍ରୀଙ୍କ କହିବା ଅନୁଯାୟୀ, ପେଟ୍ରୋଲ ତୁଳନାରେ ଏଥାନଲ୍‌ର କ୍ୟାଲୋରିଫିକ ଭାଲ୍ୟୁ (ଉଷ୍ଣୀୟ କ୍ଷମତା) କମ୍ । ତେଣୁ ଇନ୍ଧନରେ ଏଥାନଲ୍‌ର ମାତ୍ରା ବଢ଼ିଲେ ଗାଡ଼ିର ହାରାହାରି ମାଇଲେଜ ସାମାନ୍ୟ କମିଯାଇପାରେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ମାଇଲେଜ କେବଳ ଇନ୍ଧନ ଉପରେ ନୁହେଁ, ବରଂ ଟ୍ରାଫିକ ଏବଂ ଗାଡ଼ି ଚାଲୁଥିବା ପରିସ୍ଥିତି ଉପରେ ନିର୍ଭର କରେ । ଉଦାହରଣ ସ୍ୱରୂପ, ଦିଲ୍ଲୀ-ମୁମ୍ବାଇ ଭଳି ବ୍ୟସ୍ତବହୁଳ ସହରରେ ଗାଡ଼ିଗୁଡ଼ିକ ଅଧିକ ସମୟ କମ ଗିୟରରେ ଚାଲିଥାଏ, ଯାହା ମାଇଲେଜ୍‌କୁ ପ୍ରଭାବିତ କରେ ।

ଗଡ଼କରୀ ଚ୍ୟାଲେଞ୍ଜ କରି କହିଛନ୍ତି, "ମୋତେ ଏମିତି ଗୋଟିଏ ବି କାର୍ ଦେଖାନ୍ତୁ, ଯାହା E୨୦ ଇନ୍ଧନ ଯୋଗୁ ନଷ୍ଟ ହୋଇଛି ।" ସେ ସ୍ପଷ୍ଟ କରିଛନ୍ତି ଯେ ପୁଣେସ୍ଥିତ 'ଅଟୋମୋଟିଭ ରିସର୍ଚ୍ଚ ଆସୋସିଏଶନ ଅଫ୍ ଇଣ୍ଡିଆ' (ARAI) ପକ୍ଷରୁ ଅନେକ ପରୀକ୍ଷଣ ଓ ସବୁଜ ସଙ୍କେତ ମିଳିବା ପରେ ହିଁ ଗତବର୍ଷ ଏହି ଇନ୍ଧନ ଲାଗୁ କରାଯାଇଛି । ବାହନ ନିର୍ମାତା କମ୍ପାନୀଗୁଡ଼ିକ ଦ୍ୱାରା କରାଯାଇଥିବା ଯାଞ୍ଚରୁ ଜଣାପଡ଼ିଛି ଯେ, ଇଞ୍ଜିନ ସମସ୍ୟା ପାଇଁ E୨୦ ନୁହେଁ, ବରଂ ପେଟ୍ରୋଲ ପମ୍ପରେ ମିଳୁଥିବା ମିଶ୍ରିତ ବା ଭେଜାଲ ଇନ୍ଧନ ହିଁ ଦାୟୀ ।

ପୁରୁଣା ଗାଡ଼ିଗୁଡ଼ିକର ସୁରକ୍ଷା ପାଇଁ ଗାଡ଼ି ନିର୍ମାତା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସର୍ଭିସିଂ ସମୟରେ ଯଦି କୌଣସି ପାର୍ଟସ ଉପରେ ସାମାନ୍ୟ ପ୍ରଭାବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଡ଼ିବାର ଆଶଙ୍କା ଥାଏ, ତେବେ ତାହାକୁ ବଦଳାଇ ଦିଆଯାଉ । ବର୍ତ୍ତମାନ ସରକାର ଦେଶରେ 'ଫ୍ଲେକ୍ସ-ଫ୍ୟୁଏଲ' ଇଞ୍ଜିନ ଟେକ୍ନୋଲୋଜିକୁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି, ଯେଉଁଥିରେ ମାଇଲେଜ୍‌ର କୌଣସି ସମସ୍ୟା ରହିବ ନାହିଁ ।

ମହାରାଷ୍ଟ୍ରରେ ନିରନ୍ତର ମୁଷଳଧାରାରେ ବର୍ଷା ଏବେ ଦୈନନ୍ଦିନ ଜୀବନ ଏବଂ ଶିଳ୍ପ ପ୍ରତିଷ୍ଠାନ ଉଭୟ ଉପରେ ଖୁବ୍ ପ୍ରଭାବ ପକାଇଛି । ଚାଭନେ (ପାନଭେଲ ତାଲୁକା, ରାୟଗଡ ଜିଲା) ରେ HPCL ର ପାତାଳଗଙ୍ଗା LPG ବଟଲିଂ ପ୍ଲାଣ୍ଟରେ ପ୍ରବଳ ପାଣି ଜମିବା ପରେ, ପ୍ରାୟ ୩୦୦୦ LPG ସିଲିଣ୍ଡର ପାତାଳଗଙ୍ଗା ନଦୀରେ ଭାସି ଯାଇଛି । ପ୍ରାଥମିକ ରିପୋର୍ଟ ଅନୁଯାୟୀ ଏହି ସିଲିଣ୍ଡରଗୁଡ଼ିକ ମଧ୍ୟରୁ କିଛି ପୂର୍ଣ୍ଣ ଥିବା ବେଳେ ଅନ୍ୟଗୁଡ଼ିକ ଖାଲି ଅଛି । ନଦୀରେ ବହୁ ସଂଖ୍ୟକ ସିଲିଣ୍ଡର ଭାସୁଥିବା ଦେଖି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଖେଳିଗଲା । ସୂଚନା ପାଇବା ପରେ, ପ୍ରଶାସନ ପଦକ୍ଷେପ ନେଇ ତୁରନ୍ତ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦେଇଛି ।

ଏହି ଘଟଣା ପରେ, ରାୟଗଡ ଜିଲା ପ୍ରଶାସନ ହାଇ ଆଲର୍ଟ ସ୍ଥିତିକୁ ଚାଲିଯାଇଛି । ଅଧିକାରୀମାନେ ଜନସାଧାରଣଙ୍କୁ ସତର୍କ ରହିବାକୁ ଅନୁରୋଧ କରିଛନ୍ତି । ଜିଲା ମାଜିଷ୍ଟ୍ରେଟ କିଶନ ଜାୱଲେ ଲୋକମାନଙ୍କୁ ନଦୀରେ କିମ୍ବା ଏହାର କୂଳରେ ଦେଖାଯାଇଥିବା କୌଣସି ଗ୍ୟାସ ସିଲିଣ୍ଡର ନିକଟକୁ ନଯିବା ଏବଂ ସୁରକ୍ଷିତ ଦୂରତା ବଜାୟ ରଖିବାକୁ ପରାମର୍ଶ ଦେଇଛନ୍ତି । ସେ କୌଣସି ସିଲିଣ୍ଡର ଉଠାଇବା, ଖୋଲିବା କିମ୍ବା ଘରକୁ ନେବାକୁ ଚେଷ୍ଟା କରିବା ବିରୁଦ୍ଧରେ ଚେତାବନୀ ଦେଇଛନ୍ତି, କାରଣ କେଉଁଗୁଡ଼ିକ ଗ୍ୟାସରେ ଭର୍ତ୍ତି ହୋଇଛି କିମ୍ବା ସେମାନଙ୍କର ସୁରକ୍ଷା ସ୍ଥିତି କ'ଣ ତାହା ବର୍ତ୍ତମାନ ସ୍ପଷ୍ଟ ନୁହେଁ । ପ୍ରଶାସନ ଜନସାଧାରଣଙ୍କୁ ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା ପୋଲିସକୁ ତୁରନ୍ତ ଏହିପରି ସିଲିଣ୍ଡର ବିଷୟରେ ରିପୋର୍ଟ କରିବାକୁ ନିବେଦନ କରିଛି ।

ଏହି ଘଟଣା ପରେ, HPCL ଏକ ବଡ଼ ଧରଣର ପୁନରୁଦ୍ଧାର ଅଭିଯାନ ଆରମ୍ଭ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଛି । କମ୍ପାନୀର ସୁରକ୍ଷା ଅଧିକାରୀଙ୍କ ଅନୁଯାୟୀ, ଏପର୍ଯ୍ୟନ୍ତ ପ୍ରାୟ ୧୦୦୦ ସିଲିଣ୍ଡର ଉଦ୍ଧାର କରାଯାଇଛି । ତଦନ୍ତରୁ ଜଣାପଡିଛି ଯେ କିଛି ଗାଁର ବାସିନ୍ଦାମାନେ ସେମାନଙ୍କ ଅଞ୍ଚଳରେ ଧୋଇ ହୋଇଥିବା ସିଲିଣ୍ଡରଗୁଡ଼ିକୁ ରଖିଛନ୍ତି; ସ୍ଥାନୀୟ ପୋଲିସ ସହାୟତାରେ ଏଗୁଡ଼ିକୁ ଉଦ୍ଧାର କରାଯାଉଛି । କମ୍ପାନୀ ପରିସରରେ କିଛି ସିଲିଣ୍ଡର ମଧ୍ୟ ମିଳିଛି । HPCL ସିଲିଣ୍ଡର ଖୋଜିବା ପାଇଁ ୨୦ ଜଣ ଠିକା କର୍ମଚାରୀଙ୍କୁ ନିୟୋଜିତ କରିଛି ଏବଂ ସମସ୍ତ ସ୍ଥାନୀୟ ଡିଲରଙ୍କୁ ସତର୍କ କରିଛି । ଏହା ବ୍ୟତୀତ, ପୋଲିସ, ଅଗ୍ନିଶମ ବାହିନୀ, ଶିଳ୍ପ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ବିଭାଗ, PESO ଏବଂ ରାଜସ୍ୱ ବିଭାଗର ସମନ୍ୱୟରେ ସମ୍ପୂର୍ଣ୍ଣ କାର୍ଯ୍ୟ ତଦାରଖ କରାଯାଉଛି । ସମସ୍ତ ସିଲିଣ୍ଡର ଯାଞ୍ଚ ହେବା ପରେ ଚୂଡ଼ାନ୍ତ ସଂଖ୍ୟା ପ୍ରକାଶ କରାଯିବ ।

ରାଜସ୍ଥାନରୁ ଏକ ଏଭଳି ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି, ଯାହା ମାଆ-ଝିଅର ପବିତ୍ର ସମ୍ପର୍କକୁ କଳଙ୍କିତ କରିଦେଇଛି । ଜୟପୁରର ପ୍ରତାପ ନଗର ଅଞ୍ଚଳରେ ଜଣେ ୨୩ ବର୍ଷର ଝିଅ ଅନୁକମ୍ପାମୂଳକ ସରକାରୀ ଚାକିରି ଏବଂ କୋଟି କୋଟି ଟଙ୍କାର ସମ୍ପତ୍ତି ହଡ଼ପ କରିବା ପାଇଁ ନିଜ ବିଧବା ମାଆକୁ ୭ ଲକ୍ଷ ଟଙ୍କାର ସୁପାରି ଦେଇ ନିର୍ମମ ଭାବେ ହତ୍ୟା କରିଛନ୍ତି ।

ଓକିଲାତି ପାଇଁ ପ୍ରସ୍ତୁତ ହେଉଥିବା ଝିଅ ଆୟୁଷୀ ଶର୍ମା ଏହି ସାରା ଘଟଣାକୁ ଏକ ସାଧାରଣ 'ହିଟ-ଆଣ୍ଡ-ରନ' ସଡ଼କ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲେ । ହେଲେ ପୋଲିସର ତୀକ୍ଷ୍ଣ ନଜର ଏବଂ ସିସିଟିଭି ଫୁଟେଜ ଏହି ଭୟଙ୍କର ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିଛି ।

ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ମୁଖ୍ୟ ଅଭିଯୁକ୍ତ ଆୟୁଷୀ ଶର୍ମା ନିଜ ମାଆ ନୀରଜ ଶର୍ମାଙ୍କ ମୃତ୍ୟୁ ପରେ ଅନୁକମ୍ପାମୂଳକ ଭାବେ ସରକାରୀ ଚାକିରି ପାଇବାକୁ ଚାହୁଁଥିଲେ । ଆୟୁଷୀଙ୍କ ପିତା ବିଜୟ କୁମାର ଶର୍ମା କୋର୍ଟରେ ଜଣେ ଲୋୟର ଡିଭିଜନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କ୍ଲର୍କ (LDC) ଥିଲେ, ଯାହାଙ୍କର ଗୋଟିଏ ବର୍ଷ ପୂର୍ବେ ମୃତ୍ୟୁ ହୋଇଯାଇଥିଲା । ତାଙ୍କ ସ୍ଥାନରେ ମାଆ ନୀରଜ ଶର୍ମାଙ୍କୁ ଅନୁକମ୍ପାମୂଳକ ଚାକିରି ମିଳିଥିଲା । ଆୟୁଷୀ ନିଜେ ଏହି ଚାକିରି କରିବାକୁ ଚାହୁଁଥିଲେ ଏବଂ ନିଜ ଭବିଷ୍ୟତ ନଷ୍ଟ ହେବା ପାଇଁ ମାଆକୁ ଦାୟୀ ଭାବୁଥିଲେ ।

ଏହା ବ୍ୟତୀତ, ନୀରଜ ଶର୍ମାଙ୍କ ନାମରେ ଜୟପୁରରେ ପ୍ରାୟ ୪ କୋଟି ଟଙ୍କାର ଦୁଇଟି ମାଲିକାନା ଘର ଏବଂ ଭରତପୁର ହାଇୱେରେ ପ୍ରାୟ ୧୦ କୋଟି ଟଙ୍କାର ମୂଲ୍ୟବାନ ଜମି ଥିଲା । ଏହି ସବୁ ସମ୍ପତ୍ତିକୁ ଆୟୁଷୀ ଏବଂ ତାଙ୍କର ସମ୍ପର୍କୀୟମାନେ ହଡ଼ପ କରିବାକୁ ଯୋଜନା କରିଥିଲେ ।

ଡିସିପି ରଞ୍ଜିତା ଶର୍ମାଙ୍କ ସୂଚନା ଅନୁଯାୟୀ, ଏହି ଭୟଙ୍କର ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ପ୍ରାୟ ତିନି ମାସ ପୂର୍ବରୁ ରଚାଯାଇଥିଲା । ଆୟୁଷୀ ଏହି ଷଡ଼ଯନ୍ତ୍ରରେ ନିଜ ବଡ଼ବାପା ମୋହନ ଏବଂ ଦାଦାପୁଅ ଭାଇ ବଳରାମ ଓରଫ ରବିଙ୍କୁ ସାମିଲ କରିଥିଲେ । ସେମାନେ ବୟାନାର ବାସିନ୍ଦା ହେମନ୍ତ ଶର୍ମାଙ୍କୁ ୭ ଲକ୍ଷ ଟଙ୍କାର ସୁପାରି ଦେଇ ହତ୍ୟାର ଚୁକ୍ତି କରିଥିଲେ । ହେମନ୍ତ ଏହି କାମ ପାଇଁ ନିଜର ଅନ୍ୟ ଚାରିଜଣ ସହଯୋଗୀ ଆକାଶ ଶର୍ମା, ଅରବିନ୍ଦ ଶର୍ମା, ମୋହିତ ଶର୍ମା ଏବଂ ରୋହିତ ଜାଟବଙ୍କୁ ନିଜ ସହ ମିଶାଇଥିଲା ।

୩ ଜୁଲାଇ ୨୦୨୬ ସଞ୍ଜ ପ୍ରାୟ ୪ଟା ୪୫ ମିନିଟ ସମୟରେ, ଯେତେବେଳେ ନୀରଜ ଶର୍ମା ନିଜର ଦିବ୍ୟାଙ୍ଗ ପୁଅକୁ କୋଚିଂ କ୍ଲାସରେ ଛାଡ଼ି ପାଦରେ ଚାଲି ଚାଲି ଘରକୁ ଫେରୁଥିଲେ, ସେତିକିବେଳେ ପୂର୍ବ ଯୋଜନା ମୁତାବକ ଅଭିଯୁକ୍ତମାନେ ଏକ ହରିୟାଣା ନମ୍ବର ବିଶିଷ୍ଟ ଧଳା ରଙ୍ଗର ସ୍କର୍ପିଓ ଗାଡ଼ିରେ ତାଙ୍କୁ ଧକ୍କା ଦେଇଥିଲେ । ଗାଡ଼ିର ଗତି ପ୍ରାୟ ୧୨୦ ରୁ ୧୩୦ କିଲୋମିଟର ପ୍ରତି ଘଣ୍ଟା ଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ନୀରଜ ଶର୍ମା ଶୂନ୍ୟରେ ଉଡ଼ିଯାଇ ପ୍ରାୟ ୧୦୦ ଫୁଟ ଦୂରରେ ପଡ଼ିଥିଲେ ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶ୍ୱ ଜନସଂଖ୍ୟାର ପ୍ରାୟ ୯୨% ଲୋକ ନିଜ ଜୀବନକାଳ ମଧ୍ୟରେ ଅନ୍ତତଃ ପକ୍ଷେ ଥରେ କର୍କଟ ରୋଗ ବା କ୍ୟାନ୍ସରର ସିଧାସଳଖ କିମ୍ବା ପରୋକ୍ଷ ପ୍ରଭାବର ସାମ୍ନା କରିବେ । ସେହିପରି ବିଶ୍ୱରେ ପ୍ରତି ୫ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ନିଜେ ଏହି ମାରାତ୍ମକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ପ୍ରକାଶିତ ନୂତନ ବିଶ୍ଳେଷଣାତ୍ମକ ରିପୋର୍ଟରୁ ଏହି ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି । ସଂଗଠନର କ୍ୟାନ୍ସର ଗବେଷଣା ସଂସ୍ଥା 'ଇଣ୍ଟରନ୍ୟାଶନାଲ ଏଜେନ୍ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନ୍ସର୍' ସହ ମିଳିତ ଭାବେ ପ୍ରସ୍ତୁତ ଏହି ରିପୋର୍ଟରେ ଦର୍ଶାଯାଇଛି ଯେ, ଜଣେ ରୋଗୀ ନିଜେ ଆକ୍ରାନ୍ତ ହେବା ସହ ପରିବାରର କୌଣସି ସଦସ୍ୟ ଏହି ରୋଗରେ ପୀଡ଼ିତ ହେବା କାରଣରୁ ମୋଟ ୯୨% ଜନସଂଖ୍ୟା ମାନସିକ ଓ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି ।

ଅଧ୍ୟୟନରୁ ଜଣାପଡ଼ିଛି ଯେ, ବିଶ୍ୱରେ କ୍ୟାନ୍ସରର ପ୍ରତିରୋଧ, ରୋଗ ଚିହ୍ନଟ ଏବଂ ଚିକିତ୍ସା ସେବା ପାଇବା କ୍ଷେତ୍ରରେ ବ୍ୟାପକ ଅସମାନତା ଦେଖାଦେଇଛି, ଯାହା ବହୁ ଲକ୍ଷ ଲୋକଙ୍କୁ ଜୀବନ ରକ୍ଷାକାରୀ ସେବାରୁ ବଞ୍ଚିତ କରୁଛି । ଉଦାହରଣ ସ୍ୱରୂପ ଉଚ୍ଚ ଆୟକାରୀ ବା ଧନୀ ଦେଶଗୁଡ଼ିକରେ ସ୍ତନ କର୍କଟ ରୋଗରେ ପୀଡ଼ିତ ପ୍ରାୟ ୮୭% ମହିଳା ରୋଗ ଚିହ୍ନଟ ହେବାର ୫ ବର୍ଷ ପରେ ମଧ୍ୟ ସୁରକ୍ଷିତ ଭାବେ ବଞ୍ଚି ରହୁଥିବା ବେଳେ ଗରିବ କିମ୍ବା ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକରେ ଏହି ସଂଖ୍ୟା ମାତ୍ର ୪୨% ରହିଛି । ବିଶ୍ୱର ୩ ଭାଗରୁ ଏକ ଭାଗ ଦେଶ ମଧ୍ୟ ନିଜ ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ କ୍ୟାନ୍ସର ଚିକିତ୍ସାକୁ ସାମିଲ କରିନାହାନ୍ତି ।

ବର୍ତ୍ତମାନ ବିଶ୍ୱବ୍ୟାପୀ କର୍କଟ ରୋଗ ଯୋଗୁ ଲୋକମାନେ ପ୍ରବଳ ଶାରୀରିକ, ମାନସିକ ଏବଂ ଆର୍ଥିକ ବୋଝ ସହୁଛନ୍ତି । ଏହି ରୋଗ ଯୋଗୁ ବିଶ୍ୱରେ ପ୍ରତିଦିନ ୨୬,୦୦୦ରୁ ଅଧିକ ଲୋକ ପ୍ରାଣ ହରାଉଛନ୍ତି । ସେହିପରି ପ୍ରତିବର୍ଷ ପ୍ରାୟ ୨ କୋଟି ୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲକ୍ଷ ନୂଆ କ୍ୟାନ୍ସର ମାମଲା ସାମ୍ନାକୁ ଆସୁଥିବାବେଳେ ପ୍ରାୟ ୧ କୋଟି ଲୋକଙ୍କର ମୃତ୍ୟୁ ଘଟୁଛି । ହୃଦ୍‌ରୋଗ (କାର୍ଡିଓଭାସ୍କୁଲାର୍ ଡିଜିଜ) ପରେ କ୍ୟାନ୍ସର ବିଶ୍ୱର ଦ୍ୱିତୀୟ ସବୁଠାରୁ ବଡ଼ ମୃତ୍ୟୁର କାରଣ ସାଜିଛି । ରିପୋର୍ଟ ଅନୁସାରେ, ଗରିବ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ କ୍ୟାନ୍ସର ପାଇଁ ଆବଶ୍ୟକ ପ୍ରାଥମିକ ଜୀବନ ରକ୍ଷାକାରୀ ଔଷଧର ଉପଲବ୍ଧତା ମାତ୍ର ୯ରୁ ୫୪% ମଧ୍ୟରେ ସୀମିତ ରହିଛି, ଯାହା ଧନୀ ଦେଶରେ ୯୪% ପର୍ଯ୍ୟନ୍ତ ରହିଛି ।

ଏହି ବଦଳୁଥିବା ସ୍ଥିତି ଏବଂ ମାନବ ସମାଜ ପ୍ରତି ଥିବା ବିପଦକୁ ଦୃଷ୍ଟିରେ ରଖି ଗବେଷକମାନେ ବିଶ୍ୱର ସମସ୍ତ ସରକାର, ଅନ୍ତର୍ଜାତୀୟ ସଂଗଠନ ଏବଂ ବେସରକାରୀ ସଂସ୍ଥାଗୁଡ଼ିକୁ ଏକାଠି କାମ କରିବାକୁ ଆହ୍ୱାନ ଦେଇଛନ୍ତି । ଏହି ସଂକଟର ମୁକାବିଲା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ସୁପାରିସ କରାଯାଇଛି । ତାହା ହେଲା, କ୍ୟାନସର ଚିକିତ୍ସା ଓ ନିରାକରଣ ସେବାକୁ ଦେଶର ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ବା ସ୍ୱାସ୍ଥ୍ୟ ପ୍ରତିଶ୍ରୁତି ଯୋଜନାଗୁଡ଼ିକରେ ସମ୍ପୂର୍ଣ୍ଣ ରୂପେ ସାମିଲ କରିବା, ଆକ୍ରାନ୍ତ ରୋଗୀ ଓ ସେମାନଙ୍କ ପରିବାର ପାଇଁ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଦୃଢ଼ କରିବା ଏବଂ ସେମାନଙ୍କୁ ସମସ୍ତ ସୁବିଧାର କେନ୍ଦ୍ରବିନ୍ଦୁରେ ରଖିବା । ଏହାସହ ଚିକିତ୍ସା ବିଜ୍ଞାନର ଗବେଷଣା ଓ ନୂତନ ଆବିଷ୍କାରଗୁଡ଼ିକୁ ସାଧାରଣ ଜନସ୍ୱାସ୍ଥ୍ୟର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରିବା, ଯେପରି ଗରିବ ଶ୍ରେଣୀର ଲୋକ ମଧ୍ୟ ମୂଲ୍ୟଭିତ୍ତିକ ଆଧୁନିକ ଚିକିତ୍ସା ସହଜରେ ପାଇପାରିବେ ।

ଆନ୍ଧ୍ରପ୍ରଦେଶରୁ ଆସିଛି ଚିନ୍ତାଜନକ ଖବର । ଦେଶରେ ପୁଣିଥରେ ମାରାତ୍ମକ କରୋନା ଭାଇରସ ଫେରିବାର ସଙ୍କେତ ମିଳିଛି । ରାଜ୍ୟର କଡ଼ପ୍ପା ଜିଲାରେ କୋଭିଡ-୧୯ର କିଛି ନୂଆ ମାମଲା ସାମ୍ନାକୁ ଆସିବା ସହ କରୋନା ସଂକ୍ରମଣ ଯୋଗୁ ୨ ଜଣଙ୍କର ମୃତ୍ୟୁ ଘଟିଛି । ଏହା ବ୍ୟତୀତ ଆଉ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରିପୋର୍ଟ ଅନୁଯାୟୀ, ଆନ୍ଧ୍ରପ୍ରଦେଶରେ ଦୀର୍ଘ ୪ ବର୍ଷ ପରେ କରୋନା ଜନିତ ମୃତ୍ୟୁର ପ୍ରଥମ ମାମଲା ସାମ୍ନାକୁ ଆସିଛି । କଡ଼ପ୍ପା ଜିଲାରେ ଗତ ୯ ଜୁଲାଇରେ ଏହି ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଚିହ୍ନଟ ହୋଇଥିବା ୪ ଜଣ ନୂଆ ସଂକ୍ରମିତଙ୍କ ମଧ୍ୟରୁ ୩ ଜଣଙ୍କୁ ସେମାନଙ୍କ ଘରେ ଆଇସୋଲେଟ (Home Isolation) କରାଯାଇଥିବା ବେଳେ ଜଣେ ରୋଗୀଙ୍କୁ ହସ୍ପିଟାଲର ସ୍ପେଶାଲ କୋଭିଡ ୱାର୍ଡରେ ଭର୍ତ୍ତି କରାଯାଇଛି ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଚାରିଜଣ ଯାକ ସଂକ୍ରମିତ କରୋନା ଭ୍ୟାକ୍ସିନର ଡବଲ ଡୋଜ ନେଇସାରିଥିଲେ । ଏପରିକି ସେମାନଙ୍କ ମଧ୍ୟରୁ ଜଣେ ବୁଷ୍ଟର ଡୋଜ ମଧ୍ୟ ନେଇଥିଲେ, ତଥାପି ସେମାନେ କରୋନା କବଳରୁ ରକ୍ଷା ପାଇପାରି ନାହାନ୍ତି । କଡ଼ପ୍ପା ଭାଇରୋଲୋଜି ଲାବୋରେଟୋରୀରେ ହୋଇଥିବା RT-PCR ଟେଷ୍ଟରୁ ସେମାନେ ପଜିଟିଭ ଥିବା ଜଣାପଡ଼ିଛି ।

ଗତ ଜୁନ ୨୮ ତାରିଖରେ ସିଏମସି (CMC) ଭେଲୋରରେ ଜଣେ ୬୦ ବର୍ଷ ବୟସ୍କ ବୃଦ୍ଧଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ତାଙ୍କୁ ପ୍ରଥମେ ତିରୁପତିର SVIMS ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, କିନ୍ତୁ ଅବସ୍ଥା ଗୁରୁତର ହେବାରୁ ଭେଲୋର ସ୍ଥାନାନ୍ତର କରାଯାଇଥିଲା, ଯେଉଁଠି RT-PCR ଟେଷ୍ଟରୁ ସେ କରୋନା ପଜିଟିଭ ଥିବା ସ୍ପଷ୍ଟ ହୋଇଥିଲା । ଅନ୍ୟ ଜଣେ ୪୩ ବର୍ଷୀୟ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ତାଙ୍କ ଛାତିର ସିଟି ସ୍କାନ (CT Scan) ରିପୋର୍ଟରୁ କରୋନା ସଂକ୍ରମଣ ବିଷୟରେ ଜଣାପଡ଼ିଥିଲା ।

ଏହି ଦୁଇ ମୃତକଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ ଚିହ୍ନଟ (Contact Tracing) କରାଯିବା ପରେ ଅନ୍ୟ ୪ ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି । କରୋନା ମାମଲା ସାମ୍ନାକୁ ଆସିବା ପରେ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ସମ୍ପୃକ୍ତ ଅଞ୍ଚଳରେ ନଜର ରଖିବା ସହ ସତର୍କତା ବଢ଼ାଇ ଦେଇଛି ।

ବଲିଉଡ୍ ଅଭିନେତା ରାଜପାଲ ଯାଦବ ତାଙ୍କ ଚେକ୍ ବାଉନ୍ସ ମାମଲା ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚର୍ଚ୍ଚାରେ ରହିଛନ୍ତି । ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ୭ଟି ମାମଲାରେ ତାଙ୍କ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡକୁ ବଜାୟ ରଖିଛନ୍ତି । ତାଙ୍କୁ ଏବେ ପୁଣି ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ । ହାଇକୋର୍ଟ କହିଛନ୍ତି, ତାଙ୍କୁ ଅନେକ ସୁଯୋଗ ଦିଆଯାଇଛି, କିନ୍ତୁ ସେ ତାହା ପାଳନ କରିନାହାନ୍ତି ।

ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ ଖଣ୍ଡପୀଠ ତଳ କୋର୍ଟର ରାୟକୁ ଚ୍ୟାଲେଞ୍ଜ କରି ଅଭିନେତା ରାଜପାଲ ଯାଦବଙ୍କ ଆବେଦନକୁ ଖାରଜ କରି ତାଙ୍କ ଦୋଷୀ ସାବ୍ୟସ୍ତ କରିଛନ୍ତି ।

ଦିଲ୍ଲୀ ହାଇକୋର୍ଟ ସମସ୍ତ ସାତଟି ଚେକ ବାଉନ୍ସିଂ ମାମଲାରେ ଅଭିନେତା ରାଜପାଲ ଯାଦବଙ୍କୁ ତିନି ମାସର ସରଳ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ସମସ୍ତ ଦଣ୍ଡ ଏକକାଳୀନ ଚାଲିବ, ତେଣୁ ତାଙ୍କୁ ମୋଟ ତିନି ମାସ କାଟିବାକୁ ପଡ଼ିବ । କୋର୍ଟ ପ୍ରତ୍ୟେକ ମାମଲାରେ ୧.୫ କୋଟି ଜରିମାନା ମଧ୍ୟ ଲଗାଇଛନ୍ତି ।

କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରତ୍ୟେକ ମାମଲାରେ ଅଭିଯୋଗକାରୀଙ୍କୁ ୧ କୋଟି ୪ ଲକ୍ଷ ୭୫ ହଜାର ଟଙ୍କା ଏବଂ ରାଜ୍ୟକୁ ୨୫ ହଜାର ଟଙ୍କା ପ୍ରଦାନ କରାଯିବ ।

ବିଚାରପତି ସ୍ୱର୍ଣ୍ଣକାନ୍ତ ଶର୍ମା କହିଛନ୍ତ, ରାଜପାଲ ଯାଦବଙ୍କୁ କୋର୍ଟରେ ଦିଆଯାଇଥିବା ତାଙ୍କ ପ୍ରତିଶ୍ରୁତି ପାଳନ କରିବା ପାଇଁ ଅନେକ ସୁଯୋଗ ଦିଆଯାଇଥିଲା, କିନ୍ତୁ ବାରମ୍ବାର ସୁଯୋଗ ସତ୍ତ୍ୱେ ସେ ପାଳନ କରିବାରେ ବିଫଳ ହୋଇଥିଲେ ।

ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣାରେ, ପୂର୍ବତନ ବାଂଲାଦେଶୀ ପ୍ରଧାନମନ୍ତ୍ରୀ ଶେଖ ହାସିନା କହିଛନ୍ତି ଯେ ସେ ଏବଂ ଆୱାମୀ ଲିଗର ଅନ୍ୟ ନିର୍ବାସିତ ନେତାମାନେ ଚଳିତ ବର୍ଷ ଡିସେମ୍ବରରେ ପ୍ରାୟ ସ୍ୱେଚ୍ଛାକୃତ ଭାବରେ ବାଂଲାଦେଶ ଫେରିବାକୁ ଯୋଜନା କରୁଛନ୍ତି । ସେ ସ୍ୱୀକାର କରିଛନ୍ତି ଯେ ତାଙ୍କ ଫେରିବା ପରେ ତାଙ୍କୁ ଗିରଫ କରାଯାଇପାରେ କିମ୍ବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହତ୍ୟା ମଧ୍ୟ କରାଯାଇପାରେ, ତଥାପି ସେ ତାଙ୍କ ଦେଶକୁ ଫେରି ଯାଇ କୋର୍ଟ ସମ୍ମୁଖରେ ଆତ୍ମସମର୍ପଣ କରିବାକୁ ଦୃଢ଼ ସଂକଳ୍ପବଦ୍ଧ ।

ସମ୍ବାଦ ସରବରାହ ସଂସ୍ଥା ରଏଟର୍ସ ସହିତ କଥାବାର୍ତ୍ତା କରି, ୭୮ ବର୍ଷୀୟା ଶେଖ ହାସିନା କହିଛନ୍ତି ଯେ ତାଙ୍କ ଫେରିବା ସହିତ ଜଡିତ ବିପଦ ବିଷୟରେ ସେ ସମ୍ପୂର୍ଣ୍ଣ ସଚେତନ । 'ମୁଁ ଫେରିବା ମାତ୍ରେ ସେମାନେ ମୋତେ ଗିରଫ କରିପାରି ପାରନ୍ତି, କିମ୍ବା ମୋତେ ହତ୍ୟା ମଧ୍ୟ କରିପାରିବେ । ତଥାପି, ମୋତେ ଫେରିବାକୁ ପଡିବ ।' ହସିନା ଉଲ୍ଲେଖ କରିଛନ୍ତି ଯେ ତାଙ୍କ ଦଳ, ଆୱାମୀ ଲିଗର ନେତା ଏବଂ କର୍ମୀମାନେ ନିରନ୍ତର ଦମନର ସମ୍ମୁଖୀନ ହେଉଛନ୍ତି । ଭାବପ୍ରବଣ ଭାବରେ କଥା ହୋଇ ସେ କହିଛନ୍ତି ଯେ ଯଦି ତାଙ୍କୁ ମୃତ୍ୟୁ ହୁଏ, ତେବେ ସେ ଚାହିଁବେ ଯେ ଏହା ତାଙ୍କ ନିଜ ଦେଶର ମାଟିରେ ହେଉ, ଯେଉଁଠାରେ ତାଙ୍କ ମାତାପିତାଙ୍କୁ କବର ଦିଆଯାଇଛି ଏବଂ ଯେଉଁଠାରେ ତାଙ୍କ ରକ୍ତ ବୁହାଯାଇଛି ।

ଅଗଷ୍ଟ ୨୦୨୪ରେ ଛାତ୍ର ଆନ୍ଦୋଳନ ପରେ କ୍ଷମତାରୁ ବହିଷ୍କୃତ ହେବା ପରେ ଶେଖ ହାସିନା ବାଂଲାଦେଶ ଛାଡ଼ି ଭାରତ ଚାଲିଯାଇଥିଲେ । ଛାତ୍ର-ନେତୃତ୍ୱାଧୀନ ବ୍ୟାପକ ପ୍ରତିବାଦ ମଧ୍ୟରେ ତାଙ୍କ ସରକାର ଭାଙ୍ଗି ପଡ଼ିଥିଲା, ଏବଂ ସେବେଠାରୁ ସେ ନିର୍ବାସନରେ ରହୁଛନ୍ତି । ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ତାଙ୍କ ବାଂଲାଦେଶ ଫେରିବା ସମ୍ପର୍କରେ ଢାକାର ବର୍ତ୍ତମାନର ସରକାର କିମ୍ବା ଅଧିକାରୀଙ୍କ ସହିତ କୌଣସି ଆଲୋଚନା ହୋଇନାହିଁ ।

ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ତାଙ୍କୁ ମାନବତା ବିରୋଧୀ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡ ଦେବାର କିଛି ମାସ ପରେ ଶେଖ ହାସିନାଙ୍କ ଏହି ବିବୃତ୍ତି ଆସିଛି । କୋର୍ଟ ନିର୍ଣ୍ଣୟ କରିଛନ୍ତି ଯେ ୨୦୨୪ ଛାତ୍ର ଆନ୍ଦୋଳନ ସମୟରେ ପ୍ରଦର୍ଶନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନରେ ଶେଖ ହାସିନାଙ୍କ ଭୂମିକା ଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାୟରେ କୁହାଯାଇଛି ଯେ ସେ ପ୍ରଦର୍ଶନକାରୀଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ କିମ୍ବା ସେମାନଙ୍କୁ ରୋକିବାରେ ବିଫଳ ହୋଇଥିଲେ ।

ସେହି ମାମଲାରେ, କୋର୍ଟ ପୂର୍ବତନ ବାଂଲାଦେଶୀ ଗୃହମନ୍ତ୍ରୀ ଅସଦୁଜ୍ଜାମାନ ଖାନ କମଲଙ୍କୁ ମଧ୍ୟ ମୃତ୍ୟୁଦଣ୍ଡ ଦେଇଛନ୍ତି । ଏହି ସମୟରେ, ପୂର୍ବତନ ପୋଲିସ ମହାନିରୀକ୍ଷକ ଚୌଧୁରୀ ଅବଦୁଲ୍ଲା ଅଲ-ମାମୁନଙ୍କୁ ପାଞ୍ଚ ବର୍ଷ ଜେଲଦଣ୍ଡ ଦିଆଯାଇଥିଲା । କୋର୍ଟ ଶେଖ ହସିନା ଏବଂ ଅସଦୁଜ୍ଜମାନ ଖାନ କମଲଙ୍କ ସମ୍ପତ୍ତି ଜବତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ, ଡିସେମ୍ବରରେ ତାଙ୍କର ସମ୍ଭାବ୍ୟ ବାଂଲାଦେଶ ଫେରିବା ସମ୍ପର୍କରେ ଶେଖ ହାସିନାଙ୍କ ଘୋଷଣା ପୁଣି ଥରେ ଦେଶର ରାଜନୀତିକୁ ଆଲୋଡ଼ିତ କରିଛି ।

ଆଶା କରୁଛି ଚଳିତ ମାସର ଆହ୍ୱାନ ଇ-ପତ୍ରିକା ଆପଣଙ୍କୁ ପୂର୍ବ ସମସ୍ତ ସଂସ୍କରଣ ଭଳି ଭଲ ଲାଗିବ । ପୁଣିଥରେ ଆହ୍ୱାନର ସମସ୍ତ ଶୁଭେଚ୍ଛୁଙ୍କୁ ପବିତ୍ର ରଥଯାତ୍ରାର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

# ଗଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୪୧

ଅଶୋକ ବିଶ୍ୱାଳ



ଜଣେ ସେଟଲର-୧

ଅବିନାଶର ଏକ ସେଟଲରଙ୍କୁ ଦେଖା କରିବାକୁ ବହୁତ ଇଚ୍ଛା ଥିଲା । ସେଟଲର ହିସାବରେ ଜାରୱା ଆକ୍ରମଣରେ ପ୍ରଥମ ମୃତ୍ୟୁ ବୋଧହୁଏ ଏକ ବଙ୍ଗାଳୀ ସେଟଲରର ହୋଇଥିଲା । ଜାରୱା ଅଞ୍ଚଳ ବାହାରେ ସେଟଲରମାନଙ୍କ ଜୀବନ ଜାଣିବାକୁ ଅବିନାଶର ବହୁତ ମନ ଥିଲା । ଆଣ୍ଡାମାନକୁ ସେଟଲରମାନେ ଆସିବା ଅନେକ ଅନେକ ବର୍ଷ ହୋଇଗଲାଣି । ବଙ୍ଗାଳୀ, ତାମିଲ, ମାଲାୟଲମ, ହିନ୍ଦୀଭାଷୀ, ରାଞ୍ଚି ବା ଆଦିବାସୀ ଏମିତି ଅନେକ ଲୋକ ଭାରତର ମୂଳ ଭୂଖଣ୍ଡରୁ ଆଣ୍ଡାମାନ ଭିନ୍ନ ଭିନ୍ନ ସମୟରେ ଆସିଛନ୍ତି । କାଳକ୍ରମେ ନିଜର ବଂଶାବଳୀ ହଜିଯାଇଛି, ନିଜର ମାତୃଭାଷାକୁ କିଛି ପରିମାଣରେ ଭୁଲି ଯାଇଛନ୍ତି ଆଉ କିଛି ମିଶ୍ରିତ ଶବ୍ଦ ଉତ୍ପତ୍ତି ହୋଇଛି ଯେମିତିକି ଗାଧୋଇବାକୁ ଗୁସଲପାନି କୁହାଯାଏ । ହଠାତ୍ ଜଣେ ବୁଝିପାରିବନି ଏମିତି ଶବ୍ଦ ସବୁ କୁଆଡୁ ଆସିଲା ।

ଏପଟେ ଅନେକ ବଙ୍ଗାଳୀ ସେଟଲର ଅଛନ୍ତି । ମୁଖ୍ୟତଃ ଭାରତ ବିଭାଜନ ଆଉ ପରବର୍ତ୍ତୀ ସମୟରେ ସେମାନେ ବାଙ୍ଗଲାଦେଶରୁ ଆସିଯାଇଛନ୍ତି ଏକ ନିରାପଦ ସ୍ଥାନ ସନ୍ଧାନରେ । ତାଛଡା ବର୍ମାରୁ ଆସିଛନ୍ତି କାରେନମାନେ । ସେମାନେ ଅନ୍ୟ ଜାଗାରେ ରହୁଛନ୍ତି । ବଙ୍ଗାଳୀମାନେ ନିଜର ମାତୃଭାଷା ଆଉ ସଂସ୍କୃତିକୁ କିଛି ଅଂଶରେ ବଜାୟ ରଖିଛନ୍ତି । ଏ ଅଞ୍ଚଳକୁ ଦେଖି ଉତ୍ତମ ଖୁସି ହୋଇଯାଇଥିଲା । ବଙ୍ଗାଳୀମାନଙ୍କ ବେଶଭୂଷା ଆଉ ଘରର ଗଠଣ ଭିନ୍ନ । ସେ ପ୍ରଥମରୁ ଚିହ୍ନି ନେଇଥିଲା । ଲମ୍ବା ନଡିଆ ଗଛମାନଙ୍କ ଭିତରେ ଟିଣଛପର ଘରମାନ, ସ୍ତ୍ରୀମାନେ କିଛି ମାକ୍ସି ପିନ୍ଧିଛନ୍ତି, ପତଳା ଶରୀର ଆଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନେ ଏତେ କଳା ନୁହଁନ୍ତି । ଅଣ୍ଡାମାନରେ ତୋଫା ଗୋରା ରଙ୍ଗ ମଧ୍ୟ କାଳିଚିଆ ପଡିଯାଏ । ବିଷୁବରେଖାର ପାଖ ତ, ତାଛଡା ସମୁଦ୍ରର ଲୁଣାପାଣି ଶରୀରର ରଙ୍ଗକୁ କଳା ପକାଇ ଦିଏ । ବାଙ୍ଗଲାଦେଶର ନାରୀମାନଙ୍କ ତୋଫା ଗୋରା ରଙ୍ଗର, ବଳିଲା ବଳିଲା ଶରୀର, ସେ ରୂପ ଏଠି ମିଳିବନି ।

ମୋ ବାପା ବଞ୍ଚିଛନ୍ତି ।- ଶ୍ୟାମାପଦ କହିଲା । ଶ୍ୟାମାପଦ ରୋଷେଇଆ କାମ କରୁଥିଲା । ବୟସ ଏଇ ଚାଳିଶି ହୋଇଥିବ । ଶ୍ୟାମଳ ରଙ୍ଗ, ପତଳା ଶରୀର, ଟିକିଏ ଛୋଟ ଆକାର ଲୋକ ଶ୍ୟାମାପଦ । ତା' ଦେହରେ ହାଫ ସାର୍ଟ ଆଉ ପ୍ୟାଣ୍ଟ ଥିଲା ।

ଅବିନାଶ ବଡ଼ ଉତ୍ସାହିତ ହୋଇଉଠିଲା । ଏଇଆ ତ ସେ ଖୋଜୁଥିଲେ । ଖୋଜିବାଟା ଏତେ ଶୀଘ୍ର ହୋଇଯିବ ବୋଲି ସେ ଆଶା କରୁ ନଥିଲା । ନୂଆ ଜାଗାରେ ଏକ ସୂତ୍ର ଖୋଜିବାକୁ ସମୟ ଲାଗେ । ପ୍ରଥମେ ମଣିଷର ବିଶ୍ୱାସ ଜନ୍ମାଅ, ତା'ପରେ ତା' ସହ କିଛି ଅନ୍ତରଙ୍ଗ କଥା ହୋଇପାରିବ । ଅବିନାଶ ଚଉକିରୁ ପ୍ରାୟ ଉଛୁଳି ପଡିଲା ।

ବାପା ବହୁତ ବୁଢା ହୋଇଯିବେଣି ବୋଧହୁଏ ।- ଅବିନାଶ କହିଲା ।

ବାପା ଚଲାବୁଲା ମଧ୍ୟ କରିପାରୁଛନ୍ତି ।- ଶ୍ୟାମାପଦ କହିଲା ।

ଦେଖା ହୋଇପାରିବ ?

କାଲି ଆସନ୍ତୁ ।-

ଦିନ ଆଉ ସମୟ ସ୍ଥିର ହୋଇଗଲା । ଆଗାମୀ କାଲି ସଂନ୍ଧ୍ୟାବେଳେର ଶ୍ୟାମାପଦ ଘରକୁ ଅବିନାଶ ଯିବ । ଘର ପାଖକୁ ଗାଡି ଯାଇ ପାରିବ ନାହିଁ । ପ୍ରାୟ ଏକ କିଲୋମିଟର ରାସ୍ତା ପାଣି କାଦୁଆରେ ଯିବାକୁ ପଡ଼ିବ । ବର୍ଷା ଦିନ । ଯିବାକୁ ଅସୁବିଧା ହେବ । ଆଲୁଅ ସବୁ ଜାଗାରେ ନଥିବ । କିନ୍ତୁ ସମୟଟା ସବୁଠାରୁ ଭଲ । ଏ ସମୟରେ ବୁଢା ଆଉ କିଛି କରୁ ନଥିବେ । ଘରେ ବସିଥିବେ ଆଉ ଘରର ସାଧାରଣ କାମ ଦେଖୁଥିବେ । ଘରେ ଅନ୍ୟମାନେ ମଧ୍ୟ ଆଉ ବେଶି କିଛି ଘରକରଣା କାମ କରୁ ନଥିବେ । ଦେଖା କରିବାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହଜ ହେବ ।

ପରଦିନ ବହୁତ ଜଲଦି ଅବିନାଶ ନିଜର କାମ ପୁରା କରିନେଲା । ତୁହାକୁ ତୁହା ବର୍ଷା ଆସି ପୁଣି ଛାଡି ଯାଉଥିଲା । ଉଚା ନୀଚା ଅଞ୍ଚଳ । ପାଣି ରାସ୍ତାରେ ଜମା ହୁଏନା । ତେଣୁ ବର୍ଷାପରେ ଚାଲିବା ବୁଲିବାରେ କିଛି ଅସୁବିଧା ନାହିଁ । ଅପରାହ୍ନରେ ସେ ଅନେକ ବହି ଘାଣ୍ଟିଲା । ସେମିତି ବେଶି କିଛି ତଥ୍ୟ କାହିଁ ନଥିଲା । କେଉଁ ସେଟଲରେ କେମିତି ଆସି ଏଠି ଜୀବନ ଆରମ୍ଭ କରିଛି, ସେମିତି ବେଶି କାହିଁ କାହାଣୀ ନଥିଲା । ସବୁ କଥାରେ ସେଲୁଲାର ଜେଲ, ସେଠି ରହୁଥିବା ରାଜନୈତିକ କଇଦୀ ଆଉ ଜାପାନୀ ଆକ୍ରମଣ ବା ପୁରୁଣା ବ୍ରିଟିଶମାନଙ୍କ ଉପନିବେଶବାଦ ଉପରେ ଥିଲା । କିନ୍ତୁ ଏକ ସେଟଲର ଉପରେ ସେମିତି ବେଶି କିଛି ନଥିଲା । କାହାକୁ ଦେଖାକରିବା ପୂର୍ବରୁ କିଛି ଜାଣିନେଲେ କଥାଟା ଭଲ ହେବ ।

ସଂନ୍ଧ୍ୟା ବେଳକୁ ଭାଗ୍ୟକୁ ବର୍ଷା ନଥିଲା । ଶ୍ୟାମାପଦ ଆଗେ ଆଗେ ଏକ ମୋଟର ସାଇକେଲରେ ଚାଲିଲା ଆଉ ପଛେ ପଛେ ଅବିନାଶ ଆଉ ଉତ୍ତମ ଏକ ଗାଡିରେ ଗଲେ । ବାଟରେ ଶ୍ୟାମପଦ ନିଜ ଝିଅକୁ ବାଇକ ପଛରେ ବସାଇ ନେଲା । ଝିଅ ନବମ ଶ୍ରେଣୀରେ ପଢେ । ସଂନ୍ଧ୍ୟାବେଳେ ଟ୍ୟୁସନରୁ ଫେରେ । ସ୍କୁଲ ପରେ ପରେ ଟ୍ୟୁସନ, ଝିଅଟି ନିଜ ଡ୍ରେସ ମଧ୍ୟ ବଦଳାଇନି । ଶ୍ୟାମାପଦ ଭଳି ଶ୍ୟାମଳବର୍ଣ୍ଣା । ପତଳା । ଅନେକ ସମୟ ପରେ ମଟର ସାଇକେଲ ରାସ୍ତାର ଧାରରେ ଏକ ଘରେ ଅଟକିଗଲା ।

ଏଇଟା ତ ଘର । କ'ଣପାଇଁ ଏତେ ଚଲାବୁଲା କଥା କହୁଥିଲା ?– ଉତ୍ତମ ମନକୁ ମନ କହିଲା ।

ଅବିନାଶ ମଧ୍ୟ ତା' ଭାବୁଥିଲା । ଲୋକଟା ଅଯଥାରେ ଭୂଆଁ ବୁଲାଉଛି । ସାମାନ୍ୟ ଏତେ ଟିକେ ରାସ୍ତାକୁ ବିରାଟ ବଡ଼ କହୁଛି ।

ଆଜ୍ଞା ଏଇଟା ମୋ ସାଙ୍ଗର ଘର । ଆଗକୁ ଚାଲି ଯିବାର ଅଛି । ମଟର ସାଇକେଲ


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧ୍ୟ ଆଗକୁ ଯାଇପାରିବନି ।- ଶ୍ୟାମାପଦ ନେହୁରା ହେଲାଭଳି କହୁଥିଲା । ଏ ଅପନ୍ତରା ଜାଗାକୁ ଅବିନାଶକୁ ଆଣିଥିବାରୁ ତା'କୁ କେମିତି ମାଡି ପଡିଥିଲା । ଝିଅ ବାପ ପାଖରେ ଜାକି ହୋଇ ଠିଆ ହୋଇଥିଲା । ଅବିନାଶ ଆରାମରେ ଓହ୍ଲାଇ ପଡି ପ୍ୟାଣ୍ଟକୁ ଉପରକୁ ମୋଡିଦେଇ ଚାଲିବାକୁ ଲାଗିଲା । ପଛେପଛେ ଉତ୍ତମ ଆସୁଥିଲା । ରାସ୍ତା ପ୍ରଥମେ ଚଉଡା ଥିଲା, ପଞ୍ଚାୟତ ରାସ୍ତା । କାମ ସରିନି । ମାଟି ପଡିଛି କିନ୍ତୁ ବର୍ଷା ଯୋଗୁ ପୁରା କାଦୁଆ ହୋଇଯାଇଛି । ସେଥିରେ ଚାଲିବା ସହଜ ନୁହେଁ । ବେଶ ଖସଡା ହୋଇଛି । ମଝିରେ ମଝିରେ ମନ୍ଦାଏ ମନ୍ଦାଏ ପାଣି ଜମିଛି । କେଉଁଠି ବାଉଁଶ ପଡିଛି । ସେସବୁ ଉପରେ ସାବଧାନରେ ଯିବାକୁ ପଡେ । ଅବିନାଶର ଏମିତି ରାସ୍ତାରେ ଚାଲିବା ଅଭ୍ୟାସ ମୋଟେ ନଥିଲା ।

ଜୋକ ନାହାନ୍ତି ତ ? – ଉତ୍ତମ ପ୍ରଥମେ ପଚାରିଲା । ଶରୀରରେ ଜୋକ ଚଢ଼ିଯିବା କେମିତି ସାଲୁସାଲୁ ଲାଗେ । ଏ ପୋକଗୁଡା ଭିଡି ମୋଡି ଖୋଜ ପକାଇ ଯେମିତି ଚାଲନ୍ତି ଆଉ ସୁବିଧା ଜାଗା ଦେଖି ମଣିଷ ଦେହରୁ ରକ୍ତ ଶୋଷନ୍ତି । ବଡ଼ କଦର୍ଯ୍ୟ ଲାଗେ । ଗାଇ ବାଛୁରୀଙ୍କ କାନରେ ନାକରେ ପଶି ରକ୍ତ ପିଇ ପିଇ ଗୋଲ ହୋଇଯାଅନ୍ତି ।

ଦେଖି କରି ଯିବେ ।- ଶ୍ୟମାପଦ ଆଉ କିଛି ବେଶି କହିଲା ନାହିଁ ।

ଗେଣ୍ଡା, ସାପ, ଜୋକ ଜଙ୍ଗଲିଆ ଗାଁ ମାନଙ୍କରେ ବର୍ଷା ଦିନରେ ରହିବେନି ତ କେଉଁଠି ରହିବେ । ଗାଁ ଗୁଡା ତ ପ୍ରାୟ ଜଙ୍ଗଲ ଧାରରେ । ଅଧଘଣ୍ଟା ଚାଲିବାକୁ ଲାଗିଲା । ମଝିରେ ଏକ ଦୋକାନ ଥିଲା । ସେଇଠି କେତେଜଣ ଲୋକ ବସିଥିଲେ । ଶ୍ୟାମାପଦକୁ ଦେଖି ସେମାନେ କିଛି ପଚାରିଲେ ଆଉ ଅବିନାଶ ତଥା ଉତ୍ତମକୁ ଅନାଇ ରହିଲେ । ଶ୍ୟାମାପଦର ଝିଅ ଯଦି କେଉଁଠି ବେଶି କାଦୁଅ ଥିଲା ଅଟକିଯାଇ ନିଜ ପାଖରେ ଥିବା ଟର୍ଚ୍ଚ ମାଟିକୁ ପକାଉଥିଲା । ଅଜଣା ଲୋକମାନେ ଅଯଥାରେ ହଇରାଣ ନ ହୁଅନ୍ତୁ । ରାସ୍ତାର ଦୁଇଧାରରେ ଧାନ ବିଲ ଆଉ ସେଥିରେ ପାଣି ବୋଝେଇ ହୋଇଥିଲା । ମଝିରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଝିରେ ପାଣି ରାସ୍ତା ଉପରେ ବୋହୁଥିଲା । ଏମିତି କିଛି ବାଟ ଚାଲି ଶ୍ୟମାପାଦ ଶେଷର ମୁଖ୍ୟବାଟରୁ ଟିକିଏ ବୁଲିପଡିଲା । ଏକ ଛୋଟ ପୋଖରୀ, ଘାସ ମାଡିଯାଇଥିବା ରାସ୍ତା ଆଉ ଶେଷରେ ତା'ର ଘର ଥିଲା । ଏକ ଟିଣ ଛପର ଘର । ଘରର କାନ୍ଥ ସିମେଣ୍ଟର । ସେଇଠି ବୁଢା ଦ୍ୱାର ମୁହଁରେ ସମସ୍ତଙ୍କୁ ସ୍ୱାଗତ କଲେ । ଅବିନାଶ, ଉତ୍ତମ ଆଉ ଶ୍ୟମାପଦଙ୍କୁ ଗୋଡ ଧୋଇବା ପାଇଁ ପାଣି ଦିଆଗଲା । ଗୋଡସାରା ତ କାଦୁଅ ଜୁଡୁବୁଡୁ ଥିଲା । ଗୋଡହାତ ଧୋଇବାପରେ ଅବିନାଶକୁ ପରିଷ୍କାର ଲାଗିଲା । ତା'କୁ ବସିବା ପାଇଁ ଏକ ଚେୟାର ଦିଆଗଲା । ସେଇଠି ବସି ସେ ସେହି ବୁଢାଙ୍କ ଆଡକୁ ଅନାଇଲା । ତା' ମନରେ ଅନେକ ପ୍ରଶ୍ନ ଥିଲା ।

ମୋ ନାଁ ଗୁରୁପଦ ମାଝୀ ।– କଥା ବୁଢାଙ୍କର ସ୍ୱଷ୍ଟ ଥିଲା । ଅବିନାଶର ଭାବିବା ଅନୁସାରେ ଜିଭ ତ କାହିଁ ଥରୁନଥିଲା । ଶ୍ୟାମାପଦର କହିବା ହିସାବରେ ତା'ର ବାପା କେଉଁ କାଳତଳେ ଖୁଲଣା ସହର ପାଖ ବାଗିରହାଟୀ ଥାନା, ବାଙ୍ଗଲାଦେଶରୁ ଆସିଥିଲେ । କ'ଣପାଇଁ ସେ ଏତେ ଦୂର ନିଜ ଭିଟାମାଟି ଛାଡି ଆସିଗଲେ ? ସେ ଦିନର ହଣାକଟା କଥା କିଛି ଅବିନାଶ ଶୁଣିଥିଲା । ତାଙ୍କ ପଛପଟେ କବାଟ ଖୋଲାଥିଲା । ସେପଟେ ଥିଲା ଲମ୍ବା ଅନ୍ଧାର । କେଉଁଠୁ ରାତି ଆରମ୍ଭ ହୋଇଛି ଜଣା ପଡୁନଥିଲା ।

ସେତେବେଳକୁ ମୋତେ ଏଇ ଷୋହଳ, ସତର କି ଏଇ ଅଠର ହୋଇଥିବ । ହିନ୍ଦୁସ୍ତାନ, ପାକିସ୍ତାନ ଘୋଷଣା ହୋଇଗଲା । ବାଙ୍ଗଲାଦେଶରେ କେବଳ ମୁସଲମାନ ରୁହ ଆଉ ହିନ୍ଦୁସ୍ତାନରେ ହିନ୍ଦୁ ରୁହ । ସବୁ ହିନ୍ଦୁ ବାଙ୍ଗଲାଦେଶ, ସେତେବେଳର ପାକିସ୍ତନ ଛାଡି ହିନ୍ଦୁସ୍ତାନ ପଳାୟନ କର । ବହୁତ ହଇରାଣ, ହରକତ ଆରମ୍ଭ ହୋଇଗଲା । ଆମେ ଆଉ କ'ଣ କରନ୍ତୁ ? ଅତି ଅତ୍ୟାଚାର, ହଣାକଟା । ମୁଁ ଆମ ଗାଁ ଖାରସୀମଲ୍ ଛାଡି ପଳାଇ ଆସିଲି ।- ଏତିକି କହି ବୁଢା ଟିକେ ରହିଗଲେ । ତାଙ୍କର ଆଖି ନିଜ ପରିବାର ଉପରେ ଘୁରିବୁଲୁଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କ କଥାଟା ନାତି ନାତୁଣୀମାନେ ଆଉ ଜାଣି ନଥିବେ । କେଉଁ କାଳରୁ ବୂଢା ଆସିଲେଣି । ଅନ୍ୟମାନେ, ପୁଅ ଏଇଠି ଜନ୍ମ ନେଇଛନ୍ତି । ସେମାନଙ୍କ ପାଇଁ ଏଇଟା ନୂଆ କଥା । ଘରର ଅନ୍ୟମାନେ ମଧ୍ୟ ଏକାଠି ହୋଇ ଯାଇଥିଲେ । ସମସ୍ତଙ୍କୁ ପୁରୁଣା କଥା ଆଉ ଥରେ ନୂଆ ଲାଗିବ । କ'ଣ ଅବିନାଶ ପଚାରିବ, ଆଉ ବୁଢା କ'ଣ ଉତ୍ତର ଦେବେ, ଏଇ ବିଷୟନେଇ ସେମାନଙ୍କ ମନରେ କିଛି ଜୁଆର ଭଟ୍ଟା ଉଠୁଥିବ । ଏକ ଶାନ୍ତ ସରଳ ଦିଶୁଥିବା ବୋହୂଟିଏ ଚାହା ପରଶି ଦେଲା । ତା'ର ଏକ ଛୋଟ ପୁଅ । ସେ ମା ଆଡକୁ ଚାହା ପରଶା ପରେ ଗୁରୁଣ୍ଡି ଆସିଲା । ତା'ପରେ ଚେୟାର ଗୋଡ ଧରି ଠିଆ ହୋଇଗଲା । ମା କ'ଣ ପରଶି ଦେଇଛି ତାହା ଦେଖିବାକୁ ମନ କରୁଥିଲା । ମା ସବୁବେଳେ କିଛି ନା କିଛି ଭଲ ଜିନିଷ ଦିଏ । ପ୍ଲେଟରେ ଦୁଇ ତିନିଟା ବିସ୍କୁଟ ଥିଲା । ପିଲାଟି ବିସ୍କୁଟ ଉଠାଇ ନେଲା । ଅବିନାଶ ଏକ ନିରୀହ ଛୁଆଟିର ଅନୁସନ୍ଧିତ୍ସା ଦେଖୁଥିଲା ।

ଆପଣଙ୍କ ଗାଁରେ କ'ଣ ହିନ୍ଦୁ କମ ଥିଲେ ?- ଅବିନାଶ ପଚାରିଲା । ସଂଖ୍ୟା ଅଧିକ ଥିଲେ ଏତେ ଡର ଲାଗେନି । ସଂଖ୍ୟାର ଏକ ମହତ୍ତ୍ୱ ଅଛି ନିଶ୍ଚିତ । ନିଜ ଲୋକ ପାଖରେ ଥିଲେ କେତେ ନିଶ୍ଚିନ୍ତ ଲାଗେ । ପର ଦୁନିଆ ତ ଘର ଲାଗେ । ଆଉ ସେଇଟା ଥିଲା ତାଙ୍କର ନିଜ ଦୁନିଆ । ତଥାପି ଅନିଶ୍ଚିତତା ମାଡି ଆସିଥିଲା ।

ନାଁ ହିନ୍ଦୁ ଅଧିକ ଥିଲୁ । ମୁସଲମାନ କମ । କିନ୍ତୁ ଆଖପାଖ ଗାଁ ମୁସଲମାନ ଗାଁ । ସେଠୁ ମୁସଲମାନମାନେ ଛୁଟି ଆସିଲେ ଆଉ ହଣାକଟା ଆରମ୍ଭ ହୋଇଗଲା ।– ସେ ଏକ ଲମ୍ବା ଶ୍ୱାସ ନେଲେ । ସେ ଦିନର କଥା ତାଙ୍କ ମନରେ ଏକ ବନ୍ୟା ଆଣୁଥିବ । ନଦୀମାତୃକା ଦେଶର ଉଚ୍ଛୁଳା ବନ୍ୟା ପାଣି ଲାଲ ହୋଇଯାଇଥିବ ସେଇ ଦିନମାନଙ୍କର ସନ୍ଧ୍ୟାର ଶେଷ କିରଣରେ ।

ଆମେ ଚାଷୀ ଲୋକ । ବିଲରେ କାମ କରି ପେଟ ପୋଷୁ । ସକାଳୁ ସଞ୍ଜଯାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଲରେ ପଡିଥାଉ । ଏ ହାଣକାଟକୁ ଆମର ବଳ କାହିଁ ? ଗାଁଟା ଆମର ଅବଶ୍ୟ ବଡ଼ । ଦୁଇରୁ ଅଢେଇ ହଜାର ଘର ହେବ । ଛୁଆ, ସ୍ତ୍ରୀ ଲୋକ ମିଶାଇଲେ ୪-୫ ହଜାର ହେବ । କ'ଣ ପାରି ହୋଇଥାନ୍ତା ? ସୁନ୍ଦରପୁର, ବେତକଟା, ସୋନିତଜୋର, ବାରଘାଟୀ, ମଲତରଣୀ, ସୋଲୁଆ ଗାଁ ଆଦି ଆମ ଗାଁକୁ ଘେରି ରହିଥିଲା । ସେ ମୁସଲମାନ ଗାଁ ମାନଙ୍କରେ ବହୁତ ଲୋକଥିଲେ ।- ବୁଢା ମନେପକାଇ କହୁଥିଲେ ।

ଗାଁ କଥା ଭଲଭାବେ ମନେ ରଖିଛନ୍ତି ।- ଅବିନାଶ କହିଲା । ବୁଢାଙ୍କୁ ଅବିନାଶର କଥା ନିଜ ତରୁଣ ଜୀବନ ଆଡକୁ ଟାଣି ନେଉଥିଲା । କିଏ ଯେତେବେଳେ ବହୁତ ପୁରୁଣା କଥା କହିଦିଏ, ମନ ସେଇଦିନମାନଙ୍କ ଭିତରୁ କେତେ ମଧୁର କଥା ଖୋଜିନିଏ ।

ଗାଁ କଥା ବହୁତ ମନେ ପଡେ । ନଦୀ ପାଣିରେ ମୁଁ କେତେ ପହଁରିଛି, କେତେ ମାଛ ଧରିଛି । ତରଟଙ୍ଗା ନଦୀଟା ଆମ ଗାଁ କତି ଦେଇ ବୋହି ଯାଉଥିଲା । ସେହି ନଦୀ ବରିସାଲ ସହରପାଖ ଇଷ୍ଟମତୀ ନଦୀରୁ ବାହାରିଥିଲା । ନଦୀରେ ଡଙ୍ଗା ତ ଚାଲୁଥିଲା ତଥାପି ବି ସେ ବେଳେ ଷ୍ଟିମର ଚାଲୁଥିଲା ।- ବୁଢାଙ୍କ ଆଖି ଉଜ୍ଜ୍ୱଳ ହୋଇଉଠିଲା ।

ସେ ଅନ୍ଧାର ଭିତରୁ କିଛି ଠଉରାଇବାକୁ ଚେଷ୍ଟା କରୁଥିଲେ । ତାଙ୍କର ଦୃଷ୍ଟି କବାଟଦେଇ ବାହାରର ଅନ୍ଧାର ଆଡକୁ ଲମ୍ବି ଯାଇଥିଲା । ସେ ନିଶ୍ଚିତ ଭାବେ ନିଜ ପୁରୁଣା ଦୃଷ୍ଟିରେ ଷ୍ଟିମରମାନଙ୍କୁ ଦେଖିପାରୁଥିବେ । ଚମତ୍କାର ରଙ୍ଗ ଦିଆଯାଇଥିବ ଷ୍ଟିମରରେ । କେତେ କେତେ ଲୋକ ଚଢୁଥିବେ, ଓହ୍ଲାଉଥିବେ । ପଣ୍ୟଦ୍ରବ୍ୟ ସବୁ ବୋଝେଇ ହୋଇଥିବ । ବାଙ୍ଗଲାଦେଶରେ ଚାରିଆଡେ ପାଣି । ଲୋକଙ୍କର ମୁଖ୍ୟ ଯାତାୟତର ମାଧ୍ୟମ ହେଉଛି ଡଙ୍ଗା ବା ଷ୍ଟିମର । ବୁଢାଙ୍କର ସେସବୁ ମନେ ପଡି ଯାଉଥିବ ନିଶ୍ଚିତ ।

ଆପଣ ଏତେ ପାଣି ପବନ କଥା କହୁଥିବାରୁ ମୁଁ ତ ଆପଣଙ୍କୁ ମାଛ ଧରୁଥିବା କେଉଟ ବା ମାଝୀ ବୋଲି ଭାବିଥିଲି । ସାଙ୍କା ମଧ୍ୟ ମାଝୀ ।- ଉତ୍ତମ କହିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଢା ଟିକେ ହସିଲେ ।- ଆମେ ଚାଷୀ ଲୋକ । ବେଳେବେଳେ ସିନା ମାଛ ଧରୁ । କିନ୍ତୁ ଆମର ମୁଖ୍ୟ ଜୀବିକା ହେଲା ଚାଷ ।

ଆପଣଙ୍କର ଆସିବା ଦିନମାନ ଯାହାହେଉ କିଛି ମନେ ଅଛି ।- ଅବିନାଶ କହିଲା ।

ବୁଢା ଟିକେ ଭାବିଲେ । ତାଙ୍କର ବର୍ଣ୍ଣ କଳା, ଆକାର ଛୋଟ । ବାଳ ପାଚି ଗଲାଣି, କିନ୍ତୁ ମୁଣ୍ଡରେ ବାଳ କମିନି । ସେ ବୁଢୀଙ୍କ ଆଡକୁ ଅନାଇଲେ । ବୁଢୀ ତଳେ ବସି ଗୋଡ ଲମ୍ବାଇ ଦେଇଥିଲେ । ତାଙ୍କ ହାତରେ ଏକ ଗୁଆକାତି ଥିଲା । ଏଠି ଲୋକମାନେ ପାନ ଗୁଆ ଖାଇବାକୁ ବେଶ ପସନ୍ଦ କରନ୍ତି । ପାନଟିଏ କଳରେ ଥିଲେ ମନ ଶାନ୍ତି ଲାଗେ ।

ଚାରିଆଡେ ଘୋଷଣା ହୋଇଗଲା, ହିନ୍ଦୁସ୍ତାନ କହିଲେ ହିନ୍ଦୁଙ୍କ ବସବାସ, ପାକିସ୍ତାନ କହିଲେ ମୁସଲମାନଙ୍କ ବସବାସ । ହାଲ୍ଲା ହୋଇଗଲା ଯେତେ ହିନ୍ଦୁ ଅଛ ଏଠୁ ବାହାରି ଯାଅ । ଆଉ ଆମେ ସବୁ ଡରି ପଳାଇ ଆସିଲୁ ।

ଏତେ ସୁନ୍ଦର ଗାଁ ଛାଡି ପଳାଇ ଆସିଲେ । କ'ଣ ମୋଟେ ରହି ପାରିଲେନି ?- ଅବିନାଶ ପଚାରିଲା ।

ବୁଢା ଟିକେ ସିଧା ଅନାଇଲେ । ତାଙ୍କ ସ୍ୱର ଏକଦମ ସ୍ଥିର ହୋଇଗଲା । ସେ ପଛ ଆଡକୁ ବୁଲିପଡିଲେ । ସେପଟୁ ଧୂଆଁଭରା ଜଳୀୟବାଷ୍ପ ଘର ଭିତରକୁ ପଶି ଆସୁଥିଲା । ତା'ପରେ ଥିଲା ଅନ୍ଧାରର ରାଜୁତି । ତାଙ୍କ ଆଖି ପଥର ହୋଇଗଲା ଭଳି ଲାଗୁଥିଲା । ଆଉ ସ୍ୱର ଏକ ମେସିନର ସ୍ୱର ଭଳି ଲାଗୁଥିଲା ।

ନୋଆଖାଲିର ହଣାକଟା କଥା ଜାଣିଛନ୍ତି ତ ? କି ଅତ୍ୟାଚାର ହେଲା । ଜମିଦାରଙ୍କୁ ପ୍ରଥମେ ହାଣିଲେ । ସେମାନେ ପ୍ରଥମେ ଏ ମୁସଲମାନ ଲୁଣ୍ଠନକାରୀମାନଙ୍କୁ ଟିକେ ଅଟକାଇ ପାରିଲେ । କିନ୍ତୁ ବେଶି ପାରିଲେନି । ସେମାନଙ୍କ ନିଜ ଲୋକଙ୍କ ଆଗରେ ହାଣି ଦିଆଗଲା । ତା'ପରେ ତାଙ୍କର ଝିଅ ବୋହୂଙ୍କ ଉପରେ ଅକଥନୀୟ, ଅମାନବୀୟ ଅତ୍ୟାଚାର ହେଲା । ସବୁ ଜଣାଶୁଣା ପ୍ରସିଦ୍ଧ ଲୋକେ ହଣା ଖାଇଲେ । ଆମେ ଅତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାଧାରଣ ଲୋକ, ପାରିଲୁନି । ଧର୍ମ ବଦଳାଅ । ଚୂଡି, ଶଙ୍ଖା ଭାଙ୍ଗିଦିଅ, କଲମା ପଢ । ଅତି ଅତ୍ୟାଚାର ।- ବୁଢା ଏକା ରାହାରେ କହୁଥିଲେ । ତା'ପରେ ଲମ୍ବା ନିଃଶ୍ୱାସ ନେଇ ବାକି କହିବାକୁ ପବନରେ ଛାତି ଭରିଦେଲେ ।

କେମିତି ରହିଥାନ୍ତୁ? ସବୁବେଳେ ମାଡଗୋଳ, ହଲ୍ଲାପଟା । ଜବରଦସ୍ତି ଏଇଟା ଖାଅ, ସେଇଟା ଖାଅ । ବହୁ ଅତ୍ୟାଚାର କଲେ । ମନା କଲେ ବଡ଼ ବଡ ଦାଓରେ ହାତ ପାଦ କାଟିଦେଉଥିଲେ । ଆଉ ସହି ହେଲାନି । ନିଜ ସବୁ ଘରଦ୍ୱାର ଛାଡି କ୍ୟାମ୍ପକୁ ପଳାଇ ଆସିଲୁ । ସେଇଠୁ ଢାକା ଯାଇ ମାଇଗ୍ରେସନ ପାଇଁ ଦରଖାସ୍ତ କରିଲୁ । ତା'ପରେ ଆମେ ହିନ୍ଦୁସ୍ତାନ ଆସିଲୁ ।- ବୁଢାଙ୍କ ସ୍ୱରରେ ଏକ ଅନୁଚ୍ଚ କୋହ ଥିଲା । ଆଉ ସ୍ୱରରେ ଥରୁଥିବା କାନ୍ଦ ନାହିଁ । ସବୁ ପଥର ପାଲଟି ଯାଇଛି ।

ଗୋଟାଏ ପିଲା ଘରେ କାନ୍ଦୁଥିଲା । ତାଙ୍କର ଅଣନାତି ହେବ । ବୁଢା ତା'କୁ ଅନାଇଲେ । ସେ ସମୟରେ ତା' ଭଳି କେତେ ନିଷ୍ପାପ ଶିଶୁ ଖଣ୍ଡାଧାରରେ ଯାଇଥିବେ? କେତେ ଅତ୍ୟାଚାର ହୋଇଥିବ? କେତେ ମା ଆଗରେ ପୁଅ ସବୁ ହଣା ଖାଇଥିବେ? ଅବିନାଶର ଛାତି ଭିତରଟା ଥରିଗଲା । ଦୂରରୁ ଖବର ପଢିବାଟା ସହଜ । କିନ୍ତୁ ସତରେ ସେଇ ଦୁନିଆରେ ଯିଏ ଜୀବନ ବିତାଇଥିବ ତା' ଉପରେ କେତେ ବାତ୍ୟା ବୋହିଯାଇଥିବ, ସେହି କେବଳ ଜାଣିଥିବ । ମରୁଭୂମି ପରି ରୁକ୍ଷ ହୋଇଯାଇଥିବ ମନ, ପଥରରେ ଭରି ଯାଇଥିବ ଜୀବନ । ସବୁ ଯେମିତି ଜଳିଯାଇଥିବ । ଦୁବ ହୁଏତ କଅଁଳିବନି ।

ଏ କ୍ୟାମ୍ପଟା କ'ଣ?- ଅବିନାଶ ଟିକେ ରହି ପଚାରିଲା । ବୁଢା ମଧ୍ୟ ଟିକେ ଅଟକି ଯାଇଥିଲେ ।

ସରକାର ଶରଣାର୍ଥୀଙ୍କ ପାଇଁ କେଉଁଠି କେଉଁଠି ରହିବାର ବନ୍ଦୋବସ୍ତ କରିଥିଲେ । ସେ ସବୁ ଜାଗାକୁ କ୍ୟାମ୍ପ କୁହାଯାଉଥିଲା । ପ୍ରକୃତରେ ତାହା ହେଉଛି ଏକ ଏକ ଶରଣାର୍ଥୀ ଶିବିର ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଆଉ ଢାକା କଥାଟା ?

ସେଇଟା ବାଙ୍ଗଲାଦେଶ ବା ସେତେବେଳର ପୂର୍ବ ପାକିସ୍ତାନର ସବୁଠାରୁ ବଡ଼ ସହର । ସେଠି ଅତ୍ୟାଚାର କମ ହେବ ବୋଲି ଭାବି ପଳାଇ ଆସିଥିଲୁ । ସେଇଠୁ ମାଇଗ୍ରେସନ କରି ହିନ୍ଦୁସ୍ଥାନ ଆସିଲୁ ।

ଏଇ ମାଇଗ୍ରେସନଟା କ'ଣ ?– ବୁଢା ଅନେକ ସମୟରେ ଏ ଶବ୍ଦକୁ ଉଚ୍ଚାରଣ କରୁଥିବାରୁ ତା'ର କିଛି ବିଶେଷ ମହତ୍ତ୍ୱ ଅଛି ବୋଲି ଅବିନାଶ ଭାବୁଥିଲା । ମାଇଗ୍ରେସନର ସାଧାରଣ ମାନେ ହେଉଛି ସ୍ଥାନାନ୍ତରଣ ।

ଏଇଟା ଏକ କାଗଜପତ୍ର । କହିପାର ସେତେବେଳର ଏକ ପାସପୋର୍ଟ । ଏଇଟା ଦେଖାଇଲେ ରାସ୍ତାରେ କେହି ଅଟକାଇବେ ନାହିଁ । ହିନ୍ଦୁସ୍ତାନ ଯାଇହେବ ।

କେମିତି ପଳାଇ ଆସିଲେ ?

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

This page has been left blank intentionally.
Aahwaan e-Patrika

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଡ଼ ବାବୁ

## ଧାରାବାହିକ କାହାଣୀ - ଭାଗ ୭

ରାଜ୍ୟରେ ଶାସକ ଦଳ ପରିବର୍ତ୍ତନ ହୋଇ ସାରିଥିଲା । ଅଫିସରେ ମଧ୍ୟ ଅନେକ କିଛି ବଦଳିଥିଲା । ବଡ଼ବାବୁ ମିଟିଂ ଡକାଇ ନିର୍ଦ୍ଦେଶ ଦେଇଥିଲେ ଯେ ନୂଆ ସରକାର କାର୍ଯ୍ୟାଳୟ ମାନଙ୍କରେ ସଠିକ ସମୟାନୁବର୍ତ୍ତିତା ବିଷୟରେ ଭାରି କଠୋର । ତେଣୁ ସମସ୍ତେ ସଠିକ୍ ସମୟରେ ଅଫିସ ଆସିବେ । ଆଗରୁ ଅବଶ୍ୟ ଆମ ଅଫିସ ଉପରେ ରାଜନୈତିକ ଚାପ କିଛି ବି ନଥିଲା, ଆଶା କରିବା ଆଗକୁ ମଧ୍ୟ ରହିବ ନାହିଁ । ବିଗତ ନିର୍ବାଚନ ସମୟରେ ଆପଣମାନେ ସମସ୍ତେ ଭଲ କାମ କରିଛନ୍ତି । ରମେଶ ବାବୁ ଅଫିସକୁ ଭଲରେ ଚଳାଇବା ସହିତ ନିର୍ବାଚନ ପାଇଁ ଆବଶ୍ୟକ ସମସ୍ତ କାର୍ଯ୍ୟ କରିଛନ୍ତି । ହେଲେ ମନେ ରଖିଥାନ୍ତୁ, ପ୍ରତ୍ୟେକ ନିର୍ବାଚନ ପରେ ଅନେକ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କୁ ବଦଳି କରାଯାଏ । ଯେହେତୁ ଅନେକ ବର୍ଷ ହେଲା ଆମ ରାଜ୍ୟରେ ଶାସକ ଦଳ ବଦଳିନଥିଲେ ତେଣୁ ଆପଣମାନଙ୍କ ବଦଳି ହୋଇନଥିଲା, କିନ୍ତୁ ଏବେ ନୂଆ ଦଳ ଆସିଛନ୍ତି, ସମ୍ଭବତଃ ସେମାନେ ବଦଳି ନିର୍ଦ୍ଦେଶ ଦେଇ ପାରନ୍ତି । ମିଟିଂ ସରିବା ପରେ ଦୁଇଦିନ ପାଇଁ ଅଫିସ ବନ୍ଦ ରହିବ ବୋଲି ଘୋଷଣା କରାଗଲା । ଅଫିସରେ କିଛି ପରିବର୍ତ୍ତନ ହେବ ବୋଲି ଜଣାଇ ଦେଇ ବଡ଼ବାବୁ ଛୁଟି ଘୋଷଣା କରିଦେଲେ ।

ଦୁଇଦିନ ପରେ ସମସ୍ତେ ଅଫିସକୁ ଫେରିବା ବେଳକୁ ବହୁତ କିଛି ବଦଳି ଯାଇଥିଲା । ପ୍ରଥମତଃ ଅଫିସ ବାହାରର ରଙ୍ଗ ବଦଳି ଯାଇଥିଲା । ଅଫିସ ଭିତରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଗିଥିବା ମହାପୁରୁଷମାନଙ୍କ ଛବି ମଧ୍ୟ ବଦଳି ଯାଇଥିଲା । ଅନେକ ସ୍ଥାନରେ ନୁଆ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଛବି ଲାଗିଥିଲା । କାନ୍ଥରେ ଅନେକ ନୁଆ ନୁଆ ପୋଷ୍ଟର ଲାଗିଥିଲା । ସର୍ବୋପରି ଅଫିସ ନୁଆ ନୁଆ ମନେ ହେଉଥିଲା ।

ସେଦିନ ଅପରାହ୍ନରେ ଗୋଟିଏ ଚକମକ୍ କରୁଥିବା ଗାଡ଼ି ଅଫିସ ବାହାରେ ଆସି ଲାଗିଥିଲା । ନୁଆ ନୁଆ ବିଧାୟକ ହୋଇଥିବା ନେତାଙ୍କ ସେକ୍ରେଟାରୀ ବାବୁ ବୋଲି ପରିଚୟ ଦେଇ ଜଣେ ବାବୁ ଗାଡ଼ିରୁ ଓହ୍ଲେଇ ଅଫିସ ଭିତରକୁ ପଶି ଆସୁ ଆସୁ ବଡ଼ବାବୁଙ୍କୁ ଦେଖି ଅଣ୍ଟା ପାଖରୁ ନଇଁପଡ଼ି ଜୁହାର୍ କରିଥିଲେ । ବଡ଼ବାବୁଙ୍କ ପ୍ରକୋଷ୍ଠରେ ବସି କଥାବାର୍ତ୍ତା ହୋଇ ଚାଲି ଯାଇଥିଲେ । ବଡ଼ବାବୁ ଭାରି ଚିନ୍ତିତ ମନେ ହେଉଥିଲେ । ଅପରାହ୍ନରେ ଅଫିସ ସରିବାପରେ ସମସ୍ତେ ଯିବାକୁ ବାହାରୁଥିଲେ । ସାଧାରଣତଃ ବଡ଼ବାବୁ ମଧ୍ୟ ସେ ସମୟରେ ବାହାରି ଯାଆନ୍ତି । କିନ୍ତୁ ଆଜି ନିଜ ପ୍ରକୋଷ୍ଠରେ ନିରବରେ ବସିଥିଲେ । ଜଣେ ଜଣେ କରି ସମସ୍ତ କର୍ମଚାରୀ ଚାଲିଯାଇଥିଲେ । ଅଫିସ ବାହାରେ ଘନ ଅପେକ୍ଷା କରିଥିଲା, ବଡ଼ବାବୁ ବାହାରିଲେ ସେ ଚାବି ପକେଇ ଘରକୁ ଯିବ । ରମେଶ ନିଜ ଚେୟାରରୁ ଉଠି ବଡ଼ବାବୁଙ୍କ କୋଠରୀକୁ ଗଲା ।

ବଡ଼ବାବୁ ଭାରି ଗମ୍ଭୀର ଦେଖାଯାଉଥିଲେ । ରମେଶ ଆସ୍ତେ କିନା କହିଲା, ସାର୍ ଘରକୁ ଯିବେ ନି ? ବଡ଼ବାବୁ ମୁଣ୍ଡ ଉଠେଇ ରମେଶକୁ ଚାହିଁଲେ ଆଉ କହିଲେ, ହୁଁ । ହେଲେ ସେ ସବୁଦିନ ଯେମିତି ନିଜ ସ୍ଥାନରୁ ଉଠନ୍ତି ଆଜି ସେମିତି କିଛି ହେଉନଥିଲା । ରମେଶ ପୁଣି ପ୍ରଶ୍ନକଲା, ସାର୍, କିଛି ଚିନ୍ତାରେ ଅଛନ୍ତି କି ? ବଡ଼ବାବୁ ରମେଶକୁ ଚାହିଁଲେ । ତାଙ୍କ ମୁହଁରେ କୌଣସି ପ୍ରକାରର ଭାବନା ନଥିଲା । ଚିନ୍ତାର ବାଦଲ ତାଙ୍କ ମୁହଁରେ ଦେଖାଯାଉଥିଲା । ସେ କିଛି କହିବେ ବୋଲି ଚାହୁଁଥିଲେ କିନ୍ତୁ ନିରବ ରହିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ବ୍ୟାଗ ଧରି ସେ ନିଜ ଚେୟାରରୁ ଉଠି ଆସୁଥିଲେ । ଡ୍ରାଇଭର୍ ସୁବାସ ଆସି ବ୍ୟାଗ ଧରି ଚାଲିଯାଇଥିଲା । ବଡ଼ବାବୁ ଆସ୍ତେ ଆସ୍ତେ ଆଗକୁ ଯାଉଥିବା ବେଳେ ପକେଟରେ ହାତ ପୁରେଇ ଅଫିସ ଚାବି ପେନ୍ଥାଟା ବାହାର କରି ରମେଶ ଆଡ଼କୁ ବଢ଼େଇ ଦେଲେ । ରମେଶ ମଧ୍ୟ ଚାବି ଧରିଦେଇ ଅଫିସର ସବୁ ଲାଇଟ୍ ଫେନ୍ ସ୍ୱିଚ୍ ଅଫ୍ କରି କବାଟ ଦେଇ ମୁଖ୍ୟ କବାଟ ବନ୍ଦ କରି ଚାବି ପକାଇବା ବେଳକୁ ବଡ଼ବାବୁ ଚାଲି ଯାଇଥିଲେ । ଆଶ୍ଚର୍ଯ୍ୟ ଅଫିସ ଚାବି ନ ନେଇ ବଡ଼ବାବୁ କେମିତି ଚାଲିଗଲେ ?

ରମେଶ ଅଫିସ ଚାବି ନିଜ ବ୍ୟାଗରେ ଧରି ଘରକୁ ବାହାରିଲା । ବଡ଼ବାବୁଙ୍କ ଚେହେରା ତାକୁ ଦିଶୁଥିଲା । ଅନେକ ବର୍ଷ ଭିତରେ ସେ ବଡ଼ବାବୁଙ୍କୁ ଏତେ ଚିନ୍ତିତ କେବେ ଦେଖିନଥିଲା । ଘରକୁ ଯାଇ ସେ ଫ୍ରେସ୍ ହୋଇ ଚା ପିଉଥିବା ବେଳେ ଚିନ୍ତାରେ ଥିବା ଦେଖି ସ୍ତ୍ରୀ ପ୍ରଶ୍ନ କରିଥିଲା । ଆଉ ରମେଶ ବଡ଼ବାବୁଙ୍କ କଥା କହିବା ପରେ ସେ କହିଲା, ତମେ ଗୋଟିଏ କାମ କର । ମୁଁ ଟିକେ ଖାଇବା ଜିନିଷ ଦେଉଛି, ଧରିକି ଯାଅ । ବଡ଼ବାବୁଙ୍କ ସହ ଭଲରେ କଥା ହୋଇଆସ ।

ସନ୍ଧ୍ୟା ପ୍ରାୟ ସାଢ଼େ ଛଅଟା ବେଳକୁ ରମେଶ ବଡ଼ବାବୁଙ୍କ ଘରେ ପହଞ୍ଚିଲା । ବେଲ୍ ମାରିବା ପରେ ବଡ଼ବାବୁଙ୍କ ପତ୍ନୀ କବାଟ ଖୋଲିଲେ । ରମେଶକୁ ଦେଖି ସେ ନିରବରେ କିଛି ସମୟ ଚାହିଁଲେ ଆଉ ତାପରେ ପଚାରିଲେ, ଆଜି ଅଫିସରେ କିଛି ଅସୁବିଧା ହୋଇଛି କି ? ରମେଶ କିଛି କହି ପାରିଲାନି । କେବଳ କହିଲା, ସେଇ ଜିନିଷ ଜାଣିବା ପାଇଁ ଆସିଛି ।

ବଡ଼ବାବୁ ବୈଠକରେ ଚେୟାର୍ ଉପରେ ବସିଥିଲେ । ମୁଣ୍ଡ ତଳକୁ ନଇଁଥିଲା । ରମେଶ ତାଙ୍କ ପାଖରେ ଯାଇ ବସି ପଡ଼ିଲା । ରମେଶକୁ ଟିକେ ଚାହିଁବା ପରେ ବଡ଼ବାବୁ

Listen to Odia Podcast Original at https://youtube.com/@drjyotiprasad

କହିଲେ, କୋଡ଼ିଏ ବର୍ଷ ହେଇଗଲା । ଏଇ ଅଫିସରେ ମୁଁ ଚାକିରୀ କରିବାର । କେବେ ଏତେ ଅପଦସ୍ତ ମନେ ହୋଇନଥିଲା । ରମେଶ କେବଳ ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲା । ସେ ବୁଝି ପାରୁଥିଲା ଯେ ନୁଆ ବିଧାୟକଙ୍କ ସେକ୍ରେଟାରୀ ବୋଧହୁଏ କିଛି କହିଦେଇଛନ୍ତି । ବଡ଼ବାବୁ ରମେଶକୁ ଚାହିଁ କହିଲେ, ଦେଶ ରସାତଳକୁ ଯାଉଛି ରମେଶ । ଯାହାକୁ ଆମେ ଭରସା କରିବା ଭୋଟ୍ ଦେବା ସେମାନେ ଯଦି ଭ୍ରଷ୍ଟାଚାରରେ ଲିପ୍ତ ହେବେ ତା ହେଲେ ଆମ କଥା ବୁଝିବ କିଏ ? ନୁଆ ବିଧାୟକଙ୍କ ସେକ୍ରେଟାରୀ ଆସିଥିଲେ, ଅଫିସରେ ପଶିବା ବେଳେ ଭାରି ଭଦ୍ର ଓ ଶିଷ୍ଟ ବ୍ୟବହାର କରୁଥିବା ଲୋକଟା ମୋ ଅଫିସରେ ବସିବା ପରେ କଣ କହିଲା ଜାଣିଛ ? ବଡ଼ବାବୁ ଦୀର୍ଘଶ୍ୱାସ ଟିଏ ନେଇ କହିଲେ, ସେ କହୁଛି ଯଦି ଏଇଠି ରହିବାର ଅଛି ଆଉ କାମ କରିବାର ଅଛି ତ ଦୁଇ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ।

"ଦୁଇ ଲକ୍ଷ ?" ରମେଶ ଚମକି ପଡ଼ିଲା । କାହିଁକି ? ବୋଲି ତା ମନରେ ପ୍ରଶ୍ନ ଉଙ୍କି ଉଠୁଥିଲା । ବଡ଼ବାବୁ ତାକୁ ଠଉରେଇ ନେଇଥିଲେ । କହିଲେ, ସେ କହୁଛି ନିର୍ବାଚନ ଲଢ଼ିବା ପାଇଁ କେତେ କୋଟି ଟଙ୍କା ଖର୍ଚ୍ଚ ହୋଇଛି, ସେ ସବୁ ସେ ଅସୁଲ କରିବାକୁ ଚାହୁଁଛନ୍ତି ।

ହେଲେ ସାର୍ ? ଦୁଇ ଲକ୍ଷ ଟଙ୍କା ? ରମେଶ ପ୍ରଶ୍ନ କରିଥିଲା ।

ବଡ଼ବାବୁ କହିଲେ ମୁଁ ମଧ୍ୟ ସେଇ କଥା ପଚାରିଥିଲି । ସେ କହିଲା, ଆପଣ ଟ୍ରେଜେରି ଚଳାଉଛନ୍ତି, ସମସ୍ତଙ୍କଠୁ କିଛି କିଛି ପାଉଣା ତ ନିଶ୍ଚୟ ରଖୁଥିବେ । ସେଇଥିରୁ କିଛି ଦିଅନ୍ତୁ ।

ଲାଞ୍ଚ ? ରମେଶ ଚମକି ପଡ଼ି କହିଲା ।

ବଡ଼ବାବୁ ମୁଣ୍ଡ ହଲେଇ ହଁ ବୋଲି ଜଣାଇଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିନ୍ତୁ ଆମ ଅଫିସରେ ତ ଲାଞ୍ଚ କାରବାର ହୁଏନାହିଁ । ରମେଶ କହିଲା ।

ବଡ଼ବାବୁ ସାମାନ୍ୟ ତାଚ୍ଛଲ୍ୟଭରା ହସଟିଏ ହସି କହିଲେ, ସେ ମୁର୍ଖ କଣ ବୁଝିବ ନୈତିକତାର କଥା । ଯିଏ ନିର୍ବାଚନ ନ ସରୁଣୁ ନିଜ ଟଙ୍କା ଅସୁଲ କରିବା ପାଇଁ ଲୋକଙ୍କୁ ଧମକାଇବା ଆରମ୍ଭ କରିଦେଲାଣି, ତାକୁ କହିଲେ କଣ ସେ ବୁଝିଥାନ୍ତା । ହେଲେ ମୁଁ ଏଇ କଥା ବି କହିଥିଲି, ଯେ ଆମ ଅଫିସରେ ଆଦୌ ଲାଞ୍ଚ ଦିଆନିଆ ହୁଏନାହିଁ, ସେ ଅଭଦ୍ର ଲୋକଟା କହିଲା, "ଏତେ ଭଦ୍ରଲୋକି ଦେଖେଇ ହୁଅନ୍ତୁ ନାହିଁ । ଟ୍ରେଜେରୀରେ ଲାଞ୍ଚ ନିଆଯାଉନାହିଁ ? କିଏ ବିଶ୍ୱାସ କରିବ ?"

ହେଲେ ଏବେ କଣ କରିବା ? ରମେଶ ପ୍ରଶ୍ନ କରିଲା ।

ବଡ଼ବାବୁ ଦୀର୍ଘଶ୍ୱାସ ଟିଏ ନେଇ କହିଲେ, ପିଲାମାନେ ଅନେକ ଦିନରୁ ଜିଦ୍ କରୁଥିଲେ ଯେ ରାଜଧାନୀରେ ଘର କରି ଆସିଯାଅ । ସେମାନେ ବି ଫ୍ଲାଇଟରେ ଯିବା ଆସିବା କରନ୍ତି, ସୁବିଧା ହେବ । ତେଣୁ ଭାବୁଛି ମୁଁ ବଦଳି ହୋଇ ଚାଲିଯିବି ।

ରମେଶର ମୁହଁ ଶେତା ପଡ଼ିଗଲା । ଏ କଣ କହୁଛନ୍ତି ସାର୍ ? ଆପଣ ଚାଲିଯିବେ ?

ଆଜି ନହେଲେ କାଲି ତ ଯିବାର ଥିଲା, ତେଣୁ ଭାବୁଛି ଯେଉଁ ନୀତି ଓ ଆଦର୍ଶକୁ ମାନି ଏତେ ବର୍ଷ ଚାକିରୀ କଲି ତାହାକୁ ଜଳାଞ୍ଜଳି ଦେବା ଉଚିତ ହେବ ନାହିଁ । ନିଜ ଦୃଷ୍ଟିରେ ନିଜକୁ କ୍ଷମା କରି ପାରିବି ନାହିଁ । ତେଣୁ ସେ ଆଉଥରେ ଆସିଲେ କହିବି ମୋତେ ଏଠୁ ବଦଳି କରିଦିଅନ୍ତୁ ।

ରମେଶ ଆଉ କଣ କହିବ କିଛି ବୁଝି ପାରୁନଥିଲା । ପଚାରିଲା, ସାର୍ ଆଉ କିଛି ଉପାୟ ନାହିଁ ? ଆମେ ଯଦି ଅଭିଯୋଗ କରିବା ?

ବଡ଼ବାବୁ କହିଲେ, ଏବେ ସେମାନଙ୍କ ରାଜୁତି ଚାଲିଛି ଆମ କଥା କିଏ ଶୁଣିବ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜଧାନୀରେ ଆପଣଙ୍କ ଏତେ ଚିହ୍ନା ପରିଚୟ ଅଛନ୍ତି ? ଚେଷ୍ଟା କରିଲେ ହେବନି ?

ହୁଁ, ହୋଇପାରେ । କିନ୍ତୁ ଏଠି ରହିଲେ ସେ ଲୋକ ସହ ବାରମ୍ବାର ମୁହାଁମୁହିଁ ହେବାକୁ ପଡ଼ିବ । ତାହା ଆଦୌ ଭଲ ଲାଗିବ ନାହିଁ ।

ବଡ଼ବାବୁ ଚାଲିଯିବେ ବୋଲି ଶୁଣିବା ପରେ ରମେଶ ଆଦୌ ଭଲ ମନେ କରୁନଥିଲା । ତାକୁ ବି ଭାରି ଦୁର୍ବଳ ମନେ ହେଉଥିଲା । ଅଗତ୍ୟା ସେ ବଡ଼ବାବୁଙ୍କୁ ଅଫିସ ଚାବି ଧରେଇ ଦେଇ ନିଜ ଘରକୁ ଫେରି ଆସିଲା ।

ଘରେ ଚିନ୍ତିତ ଦେଖି ପତ୍ନୀ ସବୁ କଥା ବୁଝିବା ପରେ କହିଲେ, ବଡ଼ବାବୁ ଠିକ୍ କହୁଛନ୍ତି । ପାଣିରେ ରହି କୁମ୍ଭୀର ସହିତ କାହିଁକି କଳି କରିବା ? ବରଂ ସେ ବଦଳି ହୋଇ ଯାଆନ୍ତୁ । ରମେଶ କହିଲା, ତୁମେ ବୁଝୁନ, ବଡ଼ବାବୁ ଚାଲିଗଲେ ତାଙ୍କର ସବୁ ଦାୟିତ୍ୱ ମୋ ଉପରେ ଆସିବ । ସେତେବେଳେ ଦୁଇଲକ୍ଷ ଟଙ୍କା ମୋତେ ଦେବାକୁ ପଡ଼ିବ ! କୋଉଠୁ ଦେବି । ବଡ଼ବାବୁଙ୍କ ଭଳି ବ୍ୟକ୍ତିଟିଏକୁ ହରେଇବା ପାଇଁ ଅନ୍ତତଃ ମୁଁ ଚାହେଁନି । ବରଂ ମୁଁ ସବୁବେଳେ ଏମିତି ଜୁନିଅର୍ ହେଇ ରହିଥିବି କିନ୍ତୁ ବଡ଼ବାବୁଙ୍କ ରହିବା ଜରୁରୀ ।

କିଛି ସମୟ ନିରବତା ଖେଳି ଯାଇଥିବା ବେଳେ ହଠାତ୍ ପତ୍ନୀ କହିଲେ, ତୁମେ ତ ଏସପି ସାହେବଙ୍କୁ ଜାଣିଛ । ତାଙ୍କ ମତାମତ ଲୋଡୁନ କିଆଁ ?

ଏସପିଙ୍କ କଥା ଶୁଣି ରମେଶ ମନରେ ଆଶା ଦେଖାଦେଲା । ସେ ଏସପି ସାହେବଙ୍କୁ ଫୋନ କରିଲା । କିଛି ସମୟପରେ ଗାଡ଼ି ବାହାର କରି ଏସପିଙ୍କ ଅଫିସରେ ପହଞ୍ଚି ଯାଇଥିଲା । ନିର୍ବାଚନ ସମୟରେ ସେମାନେ ମିଶି ନିର୍ବାଚନ ପରିଚାଳନା କରିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏସପିଙ୍କୁ ସବୁ କଥା ଜଣାଇବା ପରେ ଏସପି ଆଶ୍ୱାସନା ଦେଲେ, ଆପଣ ଯାଆନ୍ତୁ ମୁଁ କିଛି କରୁଛି ।

ପରଦିନ ସକାଳୁ ବଡ଼ବାବୁ ରମେଶଙ୍କୁ ଫୋନ୍ କରି ଡକାଇଲେ ଓ ଅଫିସ ଚାବି ଦେଇ କହିଲେ ତୁମେ ଅଫିସ ଖୋଲ । ମୁଁ ଟିକେ ବିଳମ୍ବରେ ପହଞ୍ଚିବି । ବଡ଼ବାବୁ ଲଞ୍ଚ୍ ବ୍ରେକ୍ ପରେ ଅଫିସରେ ପହଞ୍ଚିଥିଲେ । ତାଙ୍କ ମୁହଁରେ ଅଶାନ୍ତିର ଛାପ ସ୍ପଷ୍ଟ ବାରି ହେଉଥିଲା । ଅଫିସରେ ସମସ୍ତ କର୍ମଚାରୀ ଚିନ୍ତିତ ଥିଲେ । ରମେଶ ବାବୁଙ୍କୁ ଏହି ବାବଦରେ ପ୍ରଶ୍ନ କରିବା ପରେ ସେ ବି କିଛି ଜାଣନ୍ତି ନାହିଁ ବୋଲି ଜଣାଇଲେ ।

ସାଢ଼େ ତିନିଟା ବେଳକୁ ଏସପି ସାହେବଙ୍କ ଗାଡ଼ି ଅଫିସ ବାହାରେ ଆସି ଲାଗିଲା । ପଛେ ପଛେ ସ୍ଥାନୀୟ ବିଧାୟକ ସାହେବ ନିଜେ ଆସିଥିଲେ । ବିଧାୟକ ସିଧା ବଡ଼ବାବୁଙ୍କ କୋଠରୀରେ ପ୍ରବେଶ କରିଲେ । ଏସପିଙ୍କ ସହ ରମେଶ ମଧ୍ୟ ସେହି କୋଠରୀରେ ଉପସ୍ଥିତ ହେଲେ ।

ବିଧାୟକଙ୍କୁ ଦେଖି ବଡ଼ବାବୁଙ୍କ ମୁହଁ କଳା ପଡ଼ି ଯାଇଥିଲା । ସେ ନିଜ ଚେୟାରରୁ ଉଠି ଠିଆ ହୋଇ ଯାଇଥିଲେ । କିନ୍ତୁ ବିଧାୟକ ତାଙ୍କ ହାତଧରି ପୁଣି ଚେୟାରରେ ବସେଇଦେଲେ । ଆଉ ପାଖରେ ମୁଣ୍ଡ ନୋଇଁ ବସି କହିଲେ, ଆଜ୍ଞା ଆପଣଙ୍କ ସହ ଗତକାଲି ଯାହା ସବୁ ଘଟିଗଲା ସେଇଥିପାଇଁ ମୁଁ ବ୍ୟକ୍ତିଗତ ଭାବରେ ଅତ୍ୟନ୍ତ ଦୁଃଖିତ । ମୋତେ ଗତ ସନ୍ଧ୍ୟାରେ ଏସପି ସାହେବ ଆପଣଙ୍କ ସହ ଘଟିଥିବା ଘଟଣା ବିଷୟରେ ଜଣାଇବା ପରେ ମୁଁ ବିଶ୍ୱାସ କରି ପାରିଲି ନାହିଁ । ତେଣୁ ଆଜି ମୁଁ ନିଜେ ଆପଣଙ୍କୁ ଦେଖା କରିବାକୁ ଆସିଲି । ଆପଣଙ୍କ ଭଳି ନିଷ୍ଠାବାନ ବ୍ୟକ୍ତି ଆମ ସହର ଓ ରାଜ୍ୟପାଇଁ ଅତି ଆବଶ୍ୟକ । ଆପଣଙ୍କ ଠାରୁ ଉତ୍କୋଚ ମାଗିବା ଭଳି ଧୃଷ୍ଟତା ଯିଏ ବି କରିଥାଉ ତାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧରିବା ଆଉ ଦଣ୍ଡିତ କରିବା ଦାୟିତ୍ୱ ଆମର । ଆମେ ସେ ଲୋକକୁ ଖୋଜି ବାହାର କରିବୁ । ସେ ଯେ କେହି ବି ହେଇଥାଉ, ଦଣ୍ଡିତ ନିଶ୍ଚୟ ହେବ । ମୋ ପରିଚୟ ଦେଇ ସେ କେବଳ ଆପଣଙ୍କୁ ନୁହେଁ ବରଂ ଆମ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଅର୍ଥ ଦାବୀ କରୁଥିବା ମୁଁ ଶୁଣିବାକୁ ପାଇଛି । ଏହାର ତଦନ୍ତ ଦାୟିତ୍ୱ ଏସପି ସାହେବ ନିଜେ ନେଇଛନ୍ତି । ଆପଣ ନିଶ୍ଚିନ୍ତ ରୁହନ୍ତୁ ।

ରମେଶ ବଡ଼ବାବୁଙ୍କୁ ଚାହିଁଥିଲା । ସେ ଦେଖୁଥିଲା ବଡ଼ବାବୁଙ୍କ ଦୁଇ ଆଖି ଓଦା ହୋଇ ଆସୁଥିଲା । ବିଧାୟକ ଓ ଏସପି ସାହେବ ତୁରନ୍ତ ଅଫିସରୁ ବାହାରି ଚାଲିଯାଇଥିଲେ । ବଡ଼ବାବୁ ନିଜ ଟେବୁଲ୍ ଉପରେ ମୁଣ୍ଡ ଥୋଇ ଦୀର୍ଘଶ୍ୱାସ ନେଉଥିଲେ । ମୁଣ୍ଡ ଉଠେଇ ରମେଶକୁ ଚାହିଁଲେ ଆଉ ପଚାରିଲେ, ତୁମେ ?

ରମେଶ କହିଲା, ହଁ ସାର । କାଲି ଆପଣଙ୍କ ଘରୁ ବାହାରି ଯିବାପରେ ଚିନ୍ତାରେ ଥିବା ଦେଖି ମୋ ସ୍ତ୍ରୀ କହିଲା ଏସପି ସାହେବଙ୍କୁ ଜଣାଇବା ପାଇଁ । ମୁଁ ଏସପି ସାହେବଙ୍କ ସହ କଥା ହେବା ବେଳେ ସେ ଜଣେଇଲେ ଯେ କେହିଜଣେ ବ୍ୟକ୍ତି ନିଜକୁ ବିଧାୟକଙ୍କ ପାଖ ଲୋକବୋଲି ପରିଚୟ ଦେଇ ଅନେକ ଲୋକଙ୍କ ଠାରୁ ଅର୍ଥ ଦାବୀ କରୁଛି । ଆପଣ ଅତ୍ୟଧିକ ଚିନ୍ତିତ ଅଛନ୍ତି ବୋଲି ଜଣାଇବା ପରେ ଏସପି ସାହେବ ନିଜେ ବିଧାୟକଙ୍କୁ ନେଇ ଆସିଥିଲେ ।

ବଡ଼ବାବୁଙ୍କ ମୁହଁ ଉଜ୍ଜ୍ୱଳ ଦିଶିଲା । ରମେଶ ବହୁତ ଖୁସି ହେଉଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନନାଙ୍କ ହୋଟେଲ୍

ଅଭୟ କୁଣ୍ଡ



ଗାଁ ମୁଣ୍ଡ ଛକ ଉପରେ ହୋଟେଲ । ବଡ଼ ନ ହେଲେ ମଧ୍ୟ ବେଶ୍ ପରିଚିତ । ବ୍ୟବହାର, ସ୍ୱାଦିଷ୍ଟ ଖାଦ୍ୟ, ମୂଲ୍ୟ ତଥା ପରିଷ୍କାର ପରିଚ୍ଛନ୍ନତା ପାଇଁ ଲୋକଙ୍କର ପ୍ରଥମ ପସନ୍ଦ ଥିଲା ଏହି ହୋଟେଲ । ହୋଟେଲର ମାଲିକ ଜଣେ ସରଳ, ପରିଶ୍ରମୀ ଓ ସଚ୍ଚୋଟ ମଣିଷ ଥିଲେ । ତାଙ୍କ କର୍ମଚାରୀଙ୍କୁ ସବୁବେଳେ ଖୁସିରେ ରଖିବା ପାଇଁ ଚେଷ୍ଟା କରୁଥିଲେ କାରଣ ସେ ଜାଣିଥିଲେ କର୍ମଚାରୀମାନଙ୍କ ସହାୟତାରେ ହୋଟେଲର ଉନ୍ନତି ସମ୍ଭବ । ସେଥିପାଇଁ ସବୁବେଳେ କର୍ମଚାରୀମାନଙ୍କ ମନ କଥା ବୁଝି ତା'ର ସୁବ୍ୟବସ୍ଥା କରୁଥିଲେ ।

ଚରଣ ବାବୁ ହୋଟେଲ ମାଲିକ । ଅନେକ ସୁଗୁଣର ଅଧିକାରୀ ଥିଲେ । ଅନ୍ୟର ଅଭାବ ଅସୁବିଧା ଜାଣି ସେ ଲୋକଙ୍କ ପେଟ ଚିହ୍ନିଥିଲେ । ଯିଏ ଯାହା ପଇସା ଦେଲେ ତାହା ରଖୁଥିଲେ । ବିରକ୍ତି ଭାବ କେବେ ବି ପ୍ରକାଶ କରୁନଥିଲେ । ଭୋକିଲାକୁ ଆହାର ଦେବା ଏକ ମହତ ଓ ପୁଣ୍ୟ କାର୍ଯ୍ୟ ଏ ଧାରଣା ତାଙ୍କ କର୍ମରେ ପ୍ରତିଫଳିତ ହେଉଥିଲା ।

ଦିନେ ଜଣେ ବୃଦ୍ଧ ବାଟୋଇ ତାଙ୍କ ହୋଟେଲରେ ପହଞ୍ଚିଲେ । ତାଙ୍କ ପାଖରେ କିଛି ବି ଟଙ୍କା ନଥିଲା । ତଥାପି ମାଲିକ ତାଙ୍କୁ ଖାଇବାକୁ ଦେଇ ତାଙ୍କ ପେଟ କଥା ବୁଝି ପାରିଥିଲେ । ଏହିପରି ସୁଖେ ଦୁଃଖେ ତାଙ୍କ ହୋଟେଲଟି ଚାଲିଥାଏ । ଭଲ ରୋଜଗାର ବି ହେଉଥାଏ ହୋଟେଲରୁ । ପାଖାପାଖି ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ମାନେ ଚରଣ ବାବୁଙ୍କର ଖୁବ୍ ଚିହ୍ନା ପରିଚୟ ହୋଇଯାଇ ଥା'ନ୍ତି । ବେଳେବେଳେ ଚରଣ ବାବୁ ଗରିବ ଲୋକ ମାନଙ୍କ ପାଇଁ ବାବୁମାନଙ୍କୁ ଅନୁରୋଧ କରି ତାଙ୍କର ସମସ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସରକାରୀ କାର୍ଯ୍ୟ କରେଇଦିଅନ୍ତି । ସେଥିପାଇଁ ଚରଣ ବାବୁ ଖୁବ୍ ପରିଚିତ ।

ଦିନକର କଥା ହୋଟେଲର ଜଣେ କର୍ମଚାରୀଙ୍କ ବାପାଙ୍କ ଦେହ ଭୀଷଣ ଖରାପ ହେଲା । ଏହି କଥା ଶୁଣି ମାଲିକ ଚରଣ ବାବୁ ସେହି କର୍ମଚାରୀଙ୍କୁ ଘରକୁ ଯିବାପାଇଁ କିଛି ଅର୍ଥ ପ୍ରଦାନ କଲେ ଓ ଯିବାପାଇଁ ଅନୁମତି ଦେଲେ । ଏମିତି ଅନେକ ଘଟଣାକୁ ଦେଖି କର୍ମଚାରୀମାନେ ମାଲିକକୁ ବହୁତ ପ୍ରଶଂସା କରୁଥିଲେ ଓ ପ୍ରତ୍ୟେକ କର୍ମଚାରୀମାନଙ୍କ ମଧ୍ୟରେ ଠିକ୍ ବୁଝାମଣା ରହିଥିଲା । ସମସ୍ତେ ସମସ୍ତଙ୍କୁ ସୁଖ ଦୁଃଖରେ ସାହାଯ୍ୟ ସହଯୋଗ କରୁଥିଲେ ଓ ପରସ୍ପରର ସୁବିଧା ଅସୁବିଧାରେ ଠିଆ ହେଉଥିଲେ । ଦିନକୁ ଦିନ ହୋଟେଲକୁ ଆସୁଥିବା ଗ୍ରାହକଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ଚରଣ ବାବୁ ତାଙ୍କ ହୋଟେଲରେ ଅନ୍ୟ ଏକ ରୋଷେୟା ରଖିବା ପାଇଁ ଚିନ୍ତା କଲେ । ସେଥିପାଇଁ ସେ ସେହି ପାଖାପାଖି ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ନିଜ ହୋଟେଲରେ କାର୍ଯ୍ୟ ଦେଲେ ଓ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ବୁଝାଇଲେ । କିଛି ଦିନ ସେହି ନୂଆ ରୋଷେୟା ବିଦ୍ୟାଧର ଭଲ ରୋଷେଇ କଲା । ସମସ୍ତ କର୍ମଚାରୀମାନଙ୍କ ସହ ଉତ୍ତମ ସମ୍ପର୍କ ରଖିଲା ।

ଦିନେ ବିଦ୍ୟାଧର ଲକ୍ଷ୍ୟ କଲା ହୋଟେଲରେ ବ୍ୟବସାୟ ଭଲ ଚାଲିଛି । ବହୁତ୍ ଲୋକ ହୋଟେଲକୁ ଆସୁଛନ୍ତି । ତେଣୁ ପ୍ରଚୁର ଲାଭ ହେଉଥିବ ବୋଲି ଭାବିଲା । ଆଉ ମାଲିକ ଆମକୁ ମାତ୍ର କିଛି ଅର୍ଥ ଦେଇ ଆଉ ସମସ୍ତ ଅର୍ଥ ନିଜେ ଚଳୁ କରୁଥିବ ବୋଲି ଚିନ୍ତା କଲା । ସେହିଦିନ ଠାରୁ ବିଦ୍ୟାଧର ହୋଟେଲର ଉନ୍ନତି ଆଉ ସହି ପାରିଲା ନାହିଁ । ମନେ ମନେ କିଛି ଉପାୟ ପାଞ୍ଚୁଥାଏ । ଏମିତି କି ମାଲିକ ନ ଥିବା ସମୟରେ ସେ କିଛି କିଛି ଅର୍ଥରାଶି ମଧ୍ୟ ଆତ୍ମସାତ୍ କରୁଥାଏ । ହୋଟେଲର ଅନ୍ୟ କର୍ମଚାରୀମାନଙ୍କୁ ମାଲିକ ବିରୁଦ୍ଧରେ କହୁଥାଏ ଓ ସମସ୍ତେ ମିଶି ଅନ୍ୟ ଏକ ନୂଆ ହୋଟେଲ ଖୋଲିବା ବୋଲି ଉପାୟ ମଧ୍ୟ ଦେଉଥାଏ । କିନ୍ତୁ କର୍ମଚାରୀମାନେ ମାଲିକ ଉପରେ ଖୁସିଥା'ନ୍ତି । ସେଥିପାଇଁ ସେମାନେ ବିଦ୍ୟାଧର କଥାକୁ ଗୁରୁତ୍ୱ ଦେଉନଥାନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିନେ ହୋଟେଲର ମାଲିକ ଚରଣ ବାବୁ ଓ କିଛି କର୍ମଚାରୀମାନଙ୍କ ମଧ୍ୟରେ ଭୁଲ୍ ବୁଝାମଣାକୁ ନେଇ କିଛି ଯୁକ୍ତିତର୍କ ହେଲା । ଚରଣ ବାବୁଙ୍କର କିଛି ବି ଭୁଲ୍ ନଥାଏ । କେବଳ ନିଜ କର୍ମଚାରୀମାନଙ୍କୁ ଏକାଠି କରିବା ପାଇଁ ସେ ସମସ୍ତ ସମସ୍ୟାକୁ ସମାଧାନ କରୁଥା'ନ୍ତି । କିନ୍ତୁ କିଛି କର୍ମଚାରୀ ଚରଣ ବାବୁଙ୍କ ଉପରେ ବିରକ୍ତ ହେଲେ ଓ କହିଲେ ଯେ ମାଲିକ କିଛି କର୍ମଚାରୀଙ୍କୁ ଭଲ ପାଉଛନ୍ତି ଓ ସହାୟତା କରୁଛନ୍ତି । କିନ୍ତୁ ପ୍ରକୃତରେ ଏମିତି କିଛି ବି ନଥାଏ । ଏହି କଳିର ସୁଯୋଗ ନେଇ ବିଦ୍ୟାଧର କିଛିଜଣଙ୍କୁ ମତେଇ ଏକ ନୂତନ ହୋଟେଲ ଖୋଲିବା ପାଇଁ ପ୍ରସ୍ତାବ ଦେଲେ । ସମସ୍ତେ ରାଜି ହେଲେ । ନୂଆ ହୋଟେଲ ଖୋଲାଗଲା ଓ ତା'ର ନାମ ଦିଆଗଲା "ନନାଙ୍କ ହୋଟେଲ" ।

ପ୍ରତାରଣା ଓ ଶଠତା ଦ୍ୱାରା ଗଢ଼ା ଯାଇଥିବା ଯେ କୌଣସି ଅନୁଷ୍ଠାନ ବା ସଂସ୍ଥାର ଅବସ୍ଥା କ'ଣ ହୁଏ ସମସ୍ତେ ଜାଣନ୍ତି । ଆରମ୍ଭରୁ ନନାଙ୍କ ହୋଟେଲ ବହୁତ୍ ଭଲ ଚାଲିଲା । ଚରଣ ବାବୁଙ୍କ ହୋଟେଲରେ ଖାଦ୍ୟର ଅପମିଶ୍ରଣ ହେଉଛି ବୋଲି ବଜାର ସାରା ଅପପ୍ରଚାର କରିଦିଆଗଲା । ଚରଣ ବାବୁଙ୍କ ହୋଟେଲ ଖାଦ୍ୟ ଅପମିଶ୍ରଣ ପ୍ରଚାର ହେବା ଫଳରେ ଲୋକେ ତାଙ୍କ ହୋଟେଲ ଆଡୁ ମୁହଁ ଫେରାଇଲେ ଓ ନନାଙ୍କ ହୋଟେଲରେ ଭିଡ଼ ପ୍ରବଳ ହେଲା । ଭଲ ରୋଜଗାର ବି ହେଲା କିନ୍ତୁ ମାଲିକାନାକୁ ନେଇ ନିଜ ନିଜ ଭିତରେ ପାଟିତୁଣ୍ଡ ଆରମ୍ଭ ହୋଇଯାଇଥାଏ । ବହୁ ଲୋକରେ ତ ମୂଷା ମରେ ନାହିଁ ସେହିପରି ନନାଙ୍କ ହୋଟେଲ ବହୁ ମାଲିକ ଦ୍ୱାରା କେମିତି ବା ପରିଚାଳିତ ହେବ ସେଥିପାଇଁ ତାର ସ୍ଥାୟିତ୍ୱକୁ ନେଇ ସମସ୍ତଙ୍କ ମନରେ ସନ୍ଦେହ । କର୍ମଚାରୀ ମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ବେପାରରେ ଅହେତୁକ ବୃଦ୍ଧି ଦେଖି ସମସ୍ତେ ଧୀରେ ଧୀରେ ଲୋକଙ୍କୁ ଠକିବାକୁ ଲାଗିଲେ ଓ ଖାଦ୍ୟରେ ଅପମିଶ୍ରଣ, ବାସି ଖାଦ୍ୟ ବିକ୍ରି ଇତ୍ୟାଦି କଲେ ।

ଚରଣ ବାବୁ ତାଙ୍କର ବେପାରରେ ମାନ୍ଦା ପାଇଁ ଜମାରୁ ବି ବ୍ୟସ୍ତ ହେଉ ନଥା'ନ୍ତି । ଭଗବାନଙ୍କ ଉପରେ ତାଙ୍କର ଭରସା ଥାଏ । କେବେ ବି ନିରାଶ ନଥା'ନ୍ତି ଚରଣ ବାବୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିନେ ଖାଦ୍ୟ ନିରାପତ୍ତା ବିଭାଗର ଅଫିସର୍ ଉଭୟ ହୋଟେଲରେ ଚଢ଼ାଉ କଲେ । ଚରଣ ବାବୁଙ୍କ ହୋଟେଲରେ ଖାଦ୍ୟର ମାନ ଯାଞ୍ଚ କରାଗଲା । ସବୁ କିଛି ଠିକ୍ ଅଛି ବୋଲି ପ୍ରମାଣ ପତ୍ର ଦିଆଗଲା । ପରେ ନନାଙ୍କ ହୋଟେଲର ଖାଦ୍ୟରେ ଅପମିଶ୍ରଣ ଥିବା ଦର୍ଶାଇ ହୋଟେଲକୁ ବନ୍ଦ କରିଦେଲେ । କିଛି ଦିନ ନନାଙ୍କ ହୋଟେଲର କର୍ମଚାରୀମାନେ ଏଣେ ତେଣେ ବୁଲିଲେ ଓ ପରେ ଚରଣ ବାବୁଙ୍କ ପାଖକୁ ଯାଇ କ୍ଷମା ମାଗିଲେ । ଚରଣ ବାବୁ ବିଦ୍ୟାଧରଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ତାଙ୍କ ହୋଟେଲରେ କାର୍ଯ୍ୟ କରିବା ପାଇଁ ଅନୁମତି ଦେଲେ ଓ ଜୀବନରେ ଏମିତି ଭୁଲ୍ ନିଷ୍ପତ୍ତି ନ ନେବା ପାଇଁ ପରାମର୍ଶ ଦେଲେ ।

କିଛି ଦିନ ପରେ ନନାଙ୍କ ହୋଟେଲ ଉପରେ ବିଜୁଳି ପଡ଼ି ହୋଟେଲଟି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଗଲା । ଆଉ ସେହିଦିନ ଠାରୁ ବିଦ୍ୟାଧରର ଦେଖା ଦର୍ଶନ ନାହିଁ କି ଲୋକମାନେ ମଧ୍ୟ ତାକୁ ଆଉ କେବେ ବି ଦେଖିନାହାନ୍ତି ।

କଥାରେ ଅଛି "ଯେ ପାଞ୍ଚେ ପର ପାଇଁ ମନ୍ଦ, ତା ପାଇଁ ପାଞ୍ଚନ୍ତି ଗୋବିନ୍ଦ" । ବିଦ୍ୟାଧର, ଚରଣ ବାବୁଙ୍କ ପାଇଁ ଖୋଳିଥିବା ଖାଲରେ ପଡ଼ି ସବୁଦିନ ପାଇଁ ସମାଧି ନେଇନି ତ ?

ବଳଭଦ୍ରପୁର, ନିମାପଡ଼ା ପୁରୀ

ମୋ ୯୫୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହାତୀ ମଣିଷ ଲଢ଼େଇ

ନିବେଦିତା ରଥ



ହାତୀ ଆସିଲା ହାତୀ...... ଦୂରରୁ ଲୋକମାନଙ୍କର ଡାକ ଶୁଣି ତାଟିକବାଟ ସବୁ ପଡି ଯାଉଥିଲା । ଯିଏ ଯେଉଁ ଠାରେ ପାଇଲା ନିରାପଦ ଜାଗା ଦେଖି ଲୁଚି ଯାଉଥିଲେ । ରାତ୍ରିର ଘନ ଅନ୍ଧକାର ଭିତରେ ବୀର ଦର୍ପରେ ହାତୀ ଚାଲୁଥିଲା ତା ଅଧିକାରକୁ ସାବ୍ୟସ୍ତ କରି, ତା ଆଗରେ ଯିଏ ପଡିଲା ତା ଶୁଣ୍ଢରେ ସିଏ ତାକୁ ଟେକି କଚାଡି ମାରି ଦେଉଥିଲା । ଘର ଦ୍ୱାର ଭାଙ୍ଗି ଧାନ, ଚାଉଳ ସବୁ ଖାଇ ଦେଉଥିଲା । ଜମିରେ ଚାଷ ହେଉଥିବା ଫସଲକୁ ଦଳିମକଚି ନଷ୍ଟ କରି ଦେଉଥିଲା । ଆଖୁ କିଆରୀ ଠାରୁ ଆରମ୍ଭ କରି ବିରି, ମୁଗ, ଆମ୍ବ, ପଣସ ସବୁ ଜାଗା ରେ ତାର ଉତ୍ପାତ । ସନ୍ଧ୍ୟା ନ ହେଉଣୁ ଦୋକାନ ବଜାର ସବୁ ବନ୍ଦ । ଲୋକମାନଙ୍କର ଚଳପ୍ରଚଳ ପ୍ରାୟତ୍ର ନାହିଁ କହିଲେ ଚଳେ । ଏକ ପ୍ରକାର ଭୟତ୍ର ବାତାବରଣ । ବନ ବିଭାଗ ତରଫରୁ ଡାକବାଜି ଯନ୍ତ୍ରରେ ସଚେତନତା ବାର୍ତ୍ତାର ବାରମ୍ବାର ଉଦଘୋଷଣା । ଏତେ କାର୍ଯ୍ୟ ପନ୍ଥା ଭିତରେ ବି ହାତୀ ମୃତ୍ୟୁ ଜନିତ ଖବର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିଲା ।

ସେଦିନ ଦୂରଦର୍ଶନରେ ଖବର ପ୍ରସାରିତ ହେଲା ସରକାର ଏବେ ହାତୀ ମୃତ୍ୟୁ ଜନିତ କ୍ଷତି ପୂରଣ ରାଶିକୁ ଛ' ଲକ୍ଷ ଟଙ୍କାରୁ ଦଶ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏ ଖବର ତ୍ୱରିତ ବେଗରେ ଗାଁ ସାରା ବ୍ୟାପିଗଲା । ଲୋକମାନେ ନାନା କଥା କହିଲେ, ଜୀବନର ମୂଲ୍ୟ ଆଗରେ ଟଙ୍କା ପଇସା କଣ, ଟଙ୍କା କଣ କାହାକୁ ଜୀବନ ଦାନ ଦେଇପାରିବ । ଏମିତି ଗାଁ ସାରା ବହୁ ଆଲୋଚନା, ପର୍ଯ୍ୟାଲୋଚନା ଚାଲିଥାଏ । ଏ କଥା ଯାଇ ଦାନ ମାଉସୀର କାନରେ ପଡିଲା । ଦାନ ମାଉସୀ ସମସ୍ତଙ୍କ ଠାରୁ ସବୁ କଥା ମନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇ ଶୁଣୁ ଥାଏ । କଣ ସବୁ ଚିନ୍ତା କରି ଘର ଆଗ ମାଟି ପିଣ୍ଡାରେ ଲଥ କରି ବସି ପଡିଲା । ନାତିନାତୁଣୀ ଚାରି ଜଣଙ୍କର ଉପାସିଆ ମୁହଁକୁ ଥରେ ଚାହିଁ ଦେଇ ତାଙ୍କର ନୁଖୁରା କେଶକୁ ଆଉଁସି ପକାଇଲା । ସତରେ କେତେ ନିରିହ ପିଲାଗୁଡିକ । ଭାଗ୍ୟ ଦୋଷରୁ ସିନା ଏମିତି ଗରିବ ଘରେ ଜନ୍ମ ନେଇଛନ୍ତି ଆଉ କାହା ଘରେ ଜନ୍ମ ହୋଇଥିଲେ କେତେ ଭଲ ଜିନିଷ ପାଟିରେ ବାଜୁଥାନ୍ତା, ଭଲ ଘରେ ରହିଥାନ୍ତେ, ଭଲ ଜାମା ପ୍ୟାଣ୍ଟ ପିନ୍ଧୁଥାନ୍ତେ କିନ୍ତୁ ତା ପରି ଗରିବ ଲୋକର ଏତେ ସମ୍ବଳ କାହିଁ ଏ ସବୁ ଦେବାକୁ । ଦାନାମାଉସୀର ମୁହଁ ଶୁଖିଯାଏ ଏମିତି କଥା ଚିନ୍ତା କରି । ତାକୁ ଏବେ ସତୁରି ଛୁଇଁଲାଣି, ଦେହ ଅବଶ ହେଲଣି, ଚମ ଲୋଚାକୋଚା ହୋଇଗଲାଣି, ଏ ବୟସରେ ଶାନ୍ତିରେ ରହିବ କଣ ତାର ପରିବାର ଚିନ୍ତା ପଶୁଛି କେମିତି ଦୁଇ ଓଳି ଦୁଇ ମୁଠା ଦାନା ପରିବାର ପେଟକୁ ଯିବ ଫି ଦିନ ସେଇ ଗୋଟିଏ ଚିନ୍ତା । ପୁଅ ଦାଦନ ଖଟିବାକୁ ପର ରାଇଜକୁ ଯାଇଛି, ବୋହୂ ପିଲାଟି ଜଙ୍ଗଲରୁ ଯାହା ଶୁଖିଲା ଜାଳେଣୀ ଗୋଟେଇ ଆଣି ବିକ୍ରୀ ବଟା କଲେ ସଂସାର ଦୁଖେ କଷ୍ଟେ ଚଳିଯାଏ । ଏମିତି ପରିସ୍ଥିତିରେ ଦାନ ମାଉସୀର ବଞ୍ଚିବାର ମୋହ କମି କମି ଆସୁଥିଲା ।

ରାତ୍ରୀର ଘନ ଅନ୍ଧକାରକୁ ଚିରି ଦାନ ମାଉସୀ ଚାଲିଥିଲା ଏକମୁହାଁ ହୋଇ ଯେଉଁଠାରେ ସଂଜ ନଇଁ ଗଲେ କୋକୁଆ ଭୟ, ତାଟି, କବାଟ ପଡିଯାଉଥିଲା, ଜୀବନ ବିକଳରେ ଯେତେବେଳେ ସମସ୍ତେ ନିରାପଦ ଜାଗାରେ ଆଶ୍ରୟ ନେଉଛନ୍ତି, ସେ ସମୟରେ ଅର୍ଦ୍ଧ ରାତ୍ରିରେ ଏ ମାଉସୀ ଏ ମାଉସୀ କଣ ଏମିତି ଏକା ଏକା ଚାଲିଛି, ଆଜିକୁ ପନ୍ଦରଦିନ ହେବ ତାର ଏ ଅଭିଯାନ । ଗାଁ ସାରା ଟୁପୁରୁ ଟାପୁରୁ ହେଲେ ବୁଢ଼ୀଟା ପାଗଳ ହୋଇ ଗଲାଣି, କିଏ କହୁଛି ତା ଦିନ ପାଖେଇ ଆସିଲାଣି ସେଥିପାଇଁ ଆଉ ଜାଣିପାରୁନି, ଏମିତି କେତେ କଥା । ଦାନ ମାଉସୀର କାନରେ ସବୁ କଥା ପଡେ ସିଏ କିନ୍ତୁ କିଛି ନ ବୁଝିଲା ପରି ଉତ୍ତର ନ ଦେଇ ଚାଲିଯାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଦିନ ବନ ବିଭାଗ ରାତ୍ରୀ ପେଟ୍ରୋଲିଂ କରିବା ସମୟରେ ଜଙ୍ଗଲ ଭିତରୁ ଜଣେ ନାରୀର ଛାୟାମୂର୍ତ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଗଲେ, ଏତେ ରାତିରେ କିଏସେ ଏଠି କଣ କରୁଛି ନା ଆଉ କିଛି ଦେଖାଯାଉଛି, ଗାଡି ହେଡଲାଇଟର ଆଲୁଅରେ ଯାହା ଦେଖିଲେ ଆଖିକୁ ମଧ୍ୟ ବିଶ୍ୱାସ କରିପାରିଲେନି । ପାଖ ଗାଁର ଦାନ ମାଉସୀ ଏ ବୟସରେ ରାତ୍ରୀର ଅନ୍ଧକାର ଭିତରେ କରୁଛି କଣ, ତା ପାଖକୁ ଦୌଡ଼ିଗଲେ ବନ କର୍ମଚାରୀମାନେ କହିଲେ ମାଉସୀ ତୁ ଏଇଠି କଣ କରୁଛୁ, ତୁ କଣ ଜାଣିନୁ ରାତ୍ରୀ ହେଲେ ହାତୀମାନଙ୍କର ପ୍ରାଦୁର୍ଭାବ କେତେ ବଢିଚାଲିଛି । ରାତ୍ରିରେ ଘରୁ ବାହାରିବାମାନେ ଜୀବନକୁ ପାଣି ଛଡ଼େଇବା କଥା, ତୋର କଣ ତୋ ଜୀବନକୁ ଲୋଭ ନାହିଁ । ମାଉସୀ ଡବଡବ କରି ବନ କର୍ମଚାରୀମାନଙ୍କୁ ଚାହିଁ ମନକୁ ମନ କହୁଥିଲା ଲୋଭ ? ଲୋଭ ପୁଣି କଣ, ଦୁଇ ଓଳି ଦୁଇ ମୁଠା ଖାଇବାକୁ ମିଳିଗଲେ ରାଇଜେ ମିଳିଗଲା ପରି ଲାଗେ ଆଉ କେଉଁ ସୁନା, ରୁପା କଥା ହୋଇଛି ଯେ, ଲୋଭ କରିବ । ଏମିତି ଭାବୁ ଭାବୁ ବନ କର୍ମଚାରୀମାନେ ତାକୁ ଗାଡ଼ିରେ ବସାଇ ତା ଘରେ ଛାଡ଼ିଦେଇ ଆସିଲେ ।

ତା'ପରଦିନ ସକାଳେ ଦାନ ମାଉସୀର ଘର ଆଗ ଲୋକାରଣ୍ୟ ସାମ୍ବାଦିକ, ନେତା, ସମାଜସେବୀ ସମସ୍ତେ ହାଜର, ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ, ଦାନ ମାଉସୀ କାହିଁକି ରାତ୍ରୀର ଏ ନିର୍ଜନ ପ୍ରହର ରେ ଜଙ୍ଗଲ ଭିତରକୁ ଯାଇଥିଲା ? ଦାନ ମାଉସୀ କିନ୍ତୁ ନିରୁତ୍ତର, କଣ ସିଏ ଉତ୍ତର ଦେବ କାହାକୁ କହିବ, ତା ଦୁଃଖ କହି କହି ତ ସବୁଠାରୁ ନିରାଶ ହୋଇ ଫେରିଛି ପୁଣି ସବୁକଥା କହିଲେ ସେମାନେ କଣ ତା ସମସ୍ୟାର ସମାଧାନ କରିଦେବେ ନା କେବଳ ଏ ସବୁ କଥା ଶୁଣି ଦୂରଦର୍ଶନ, ଖବରକାଗଜରେ ଦେଇ ତାଙ୍କ ଦାୟିତ୍ୱ ସାରିଦେବେ । ନା... ସିଏ କିଛି କହିବନି ଯାହା ଚିନ୍ତା କରିଛି ସେୟା କରିବ । ସମସ୍ତଙ୍କର ପ୍ରଶ୍ନ ବାଣରେ ବ୍ୟଥିତ ଦାନ ମାଉସୀ ସେଠାରୁ ଉଠି ଚାଲିଗଲା, ମାଉସୀର ବୋଧେ ମୁଣ୍ଡ ଆଉ କାମ କରୁନି, ଏ କଥା ଭାବି ସମସ୍ତେ ସେ ଜାଗାରୁ ଛତ୍ରଭଙ୍ଗ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଲେ । ତା ପରଦିନ ଦାନ ମାଉସୀଙ୍କୁ ହାତୀ ଦଳି ଦେବାର ଖବର ଗାଁ ସାରା ପ୍ରଚାର ହୋଇଗଲା ଆଉ ସରକାରଙ୍କ ତରଫରୁ ଦଶ ଲକ୍ଷ ଟଙ୍କାର କ୍ଷତି ପୂରଣ ତା ଘର ଲୋକଙ୍କୁ ଦିଆଗଲା ।

ସରକାର ନିଶା ନିବାରଣ ପାଇଁ ଯେତେ ଯେତେ ସଚେତନତା ବାର୍ତ୍ତା ଦେଉଥିଲେ ମଧ୍ୟ ନିଶା କରୁଥିବା ମଣିଷଟିର ସେମିତି କିଛି ଆଖିଦୃଷ୍ଟିଆ ପରିବର୍ତ୍ତନ ହୁଏ ନାହିଁ । ନିଶା ନେବା ସମୟରେ ସିଏ ନିଜ ହିତାହିତ ଭୁଲିଯାଏ, କଣ କୁହେ କେଉଁଆଡେ ଯାଏ ତାକୁ ଜଣାପଡ଼େନି । ସେଦିନ ରାତ୍ରିରେ ନିଶାଶକ୍ତ ହୋଇ ସନିଆ ଫେରୁଥିଲା, ହଠାତ ତାର ହାତୀ ସହ ସାମ୍ନାସାମନି ହୋଇଗଲା, ହାତୀକୁ ଦେଖି ସନିଆ ରାଗରେ ହାତୀ ପାଖକୁ ଦୌଡ଼ି ଯାଇ କହିଲା ତୁ ସେଇ ଜନ୍ତୁ ନା ଯିଏ ଆମ ଗାଁ ଲୋକଙ୍କୁ ମାରି ଦେଉଛି, ଆମ ଧାନ, ବିରି ସବୁ ଖାଇଦେଉଛି, ଘର ଦ୍ୱାର ଭାଙ୍ଗି ଦେଉଛି, ଏମିତି କେତେ କଣ କହି ହାତୀକୁ ଗାଳି କରୁଥାଏ । ହଠାତ ହାତୀଟି ତାର ଶୁଣ୍ଢ ଟେକି ଦୌଡ଼ି ଆସିଲା ସନିଆ ପାଖକୁ ଆଉ ତାକୁ ସେହିଠାରେ କଚାଡି ମାରିଦେଲା । ଗାଁ ସାରା ସନିଆର ଏ ଅବସ୍ଥା ଦେଖି କାନ୍ଦ ବୋବାଳି ପଡିଗଲା । ସନିଆର କଥା କହି ବନ୍ଧୁ କୁଟୁମ୍ବ ବାହୁନି ବାହୁନି କାନ୍ଦୁ ଥିଲେ ।

କାଜୁ ଜଙ୍ଗଲକୁ ସେଦିନ କାଜୁ ଗୋଟେଇବାକୁ ଦୁଇଜଣ ସ୍ତ୍ରୀ ଲୋକ ଯାଇଥିଲେ । ସକାଳ ହେବ ପୂର୍ବରୁ ସେମାନେ ଅନ୍ୟ ଗଛରୁ କାଜୁ ଲୁଚେଇ ଆଣି ବିକ୍ରୀ କରୁଥିଲେ ଆଉ ଭଲ ଦି 'ପଇସା ବି ପାଉଥିଲେ କାରଣ ହାତୀ ଭୟରେ ମାଲିକ ତୋଟା ପାଖକୁ ଯାଇ ପାରେନି ଏହାର ସୁଯୋଗ ନେଇ କୁନି ଆଉ ଅନି ଦୁଇ ଭଉଣୀ ନିତି କାଜୁ ଜଙ୍ଗଲ କୁ ରାତିରୁ ଉଠି ଚାଲି ଯାଆନ୍ତି ଆଉ ତାକୁ ଆଣି ହାଟରେ ବିକ୍ରୀ କରନ୍ତି । ସେଦିନ କାଜୁ ଗୋଟେଇବା ବେଳକୁ କେଉଁଠାରେ ହାତୀ ଲୁଚିଥିଲା କେଜାଣି ଦୌଡ଼ି ଆସି ଦୁହିଁଙ୍କୁ ଦଳିଦେଲା । ଗାଁ ଲୋକ ଦୁଇଜଣଙ୍କ ଶବ ରଖି ସେଦିନ ରାସ୍ତା ଅବରୋଧ କରି ନ୍ୟାୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇବା ପାଇଁ ବସି ରହିଥିଲେ ।

ସେଦିନ ରାତିସାରା ଝଡ ବର୍ଷା ଲାଗି ରହିଥିଲା । ସକାଳ ନ ପାହୁଣୁ ଜଗା ମଉସା ବାହାରି ପଡ଼ିଥିଲେ ଆମ୍ବ ଗୋଟେଇବା ପାଇଁ ଆଉ ସାମ୍ନା ସାମନି ହୋଇଗଲା ହାତୀ ସହ, ହାତୀ ତା ଶୁଣ୍ଢ ରେ ଟେକି ଫିଙ୍ଗିଦେଲା ଦୁରକୁ, ପଥରରେ କଚି ହୋଇ ମୁଣ୍ଡ ଫାଟିଗଲା ଆଉ ସେହିଠାରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା ।

ସେଦିନ ରାଧୁମାଷ୍ଟ୍ରେ କହୁଥିଲେ ସକାଳ ପାହିଲେ ଏମିତି ଅନେକ ଘଟଣା ଘଟୁଛି ହାତୀ ଆଉ ମଣିଷ ଭିତରେ ଲଢେଇ ଯୋଗୁଁ କିଛି ଲୋକଙ୍କର ଆମ୍ବ, ପଣସ ଦିନରେ ମୃତ୍ୟୁ ହେବ, କିଛି ଲୋକଙ୍କର ଧାନ ପାଚିଲା ବେଳକୁ ଆଉ କିଛି ଲୋକଙ୍କର ଗାଁରେ ଜାନି ଯାତେରା ହେବା ବେଳକୁ ହାତୀ ଆଉ ମଣିଷର ସଂଘର୍ଷ ଭିତରେ ଜୀବନ ଆଉ ମୃତ୍ୟୁର ଖେଳ ଚାଲିଛି, ଏମିତି ଅନେକ ଘଟଣା ରାଧୁ ମାଷ୍ଟ୍ରେ କହି ଚାଲିଥିଲେ.....।

ସେଦିନ ରାଧୁମାଷ୍ଟ୍ରେଙ୍କ ସ୍ତ୍ରୀ ସକାଳର ଖବରକାଗଜ ପଢୁ ପଢୁ କହିଲେ ଆଜିର ସମ୍ବାଦ ପଢିଲଣି କି, ମାସକ ଭିତରେ ସାତ ଜଣଙ୍କ ଜୀବନ ଗଲାଣି, ଅସନ୍ତୋଷ ବଢୁଛି ତଥାପି ବନ ବିଭାଗ ବେଫିକର । ବଣୁଆ ହାତୀକୁ ଜଙ୍ଗଲ ମୁହାଁ କରିବାରେ ବିଭାଗ ଫେଲ ମାରିଛି ସେହିପରି ହାତୀ ପଲଙ୍କୁ ଠିକ ଭାବେ ଟ୍ରାକ କରାଯାଇପାରୁନି, ହାତୀ ଅବସ୍ଥିତି ନେଇ ଲୋକଙ୍କୁ ଉପଯୁକ୍ତ ସୂଚନା ଦିଆଯାଉନଥିବାରୁ ମୃତାହତଙ୍କ ସଂଖ୍ୟା ବଢୁଛି । ବନବିଭାଗ ନିଜ ମୁଣ୍ଡକୁ ଦାୟିତ୍ୱ ନନେଇ ସାଧରଣ ଲୋକଙ୍କ ଉପରେ ସବୁ ଦୋଷ ଲଦି ଦେଉଛି, ସେଥିପାଇଁ ଗାଁ ଲୋକମାନେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଲେଣି । ଏ କଥା ଶୁଣି ରାଧୁମାଷ୍ଟ୍ରେ କହିଲେ ଆଜି ପରା ସେଥିପାଇଁ ଉଚ୍ଚ ସ୍ତରୀୟ ବୈଠକ ହେଉଛି, ଦେଖିବା ସରକାର କଣ ସବୁ ପଦକ୍ଷେପ ନେଉଛନ୍ତି, ଏତିକିବେଳେ ବାଡ଼ିପଟ ଆମ୍ବ ଗଛ ପାଖରୁ ମଡମାଡ଼ ଶବ୍ଦ ଶୁଣି ଦୁହେଁ ଦୌଡ଼ି ଗଲେ ଆସନ୍ନ ବିପଦ ଆଶଙ୍କାରେ.....।

"ସୃଜନୀକା", ଷ୍ଟେସନ ରୋଡ, ଢେଙ୍କାନାଳ - ୧୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କାହାଣୀର କାହାଣୀ

ଗଦାଧର ବଳ



ଅନେକ କାହାଣୀର କାହାଣୀ ଆରମ୍ଭ ହୁଏ ସହରୀ ରାତିର ବୟସ ବଢିଲେ, ନିରବି ଯାଉଥିବା ସହରର କୋଳାହଳ କେବେ କେବେ ଶିଥିଳ ପଡିଗଲେ କାହାଣୀର ମୁଖ୍ୟ ଚରିତ୍ର ସବୁ ଉଙ୍କି ମାରି ପଦାକୁ ଆସନ୍ତି । ଆଉ ଲେଖି ଦେଇଯାନ୍ତି ଅନେକ ଅକୁହା କାହାଣୀ, ଯାହାର ନାୟକ ସକାଳର ସହରୀ କୋଳାହଳରେ ଲୁଚି ଯାଇଥାନ୍ତି ।

ଭଦ୍ରକ ସହରର ବ୍ୟସ୍ତ ବହୁଳ ରାଜଘଟ ପୋଲ । ପ୍ରତିଦିନ ସନ୍ଧ୍ୟା ପରେ ପୋଲ ଉପରେ ଥିବା ଫୁଟପାଥ ଉପରେ ନିଜର ବିଛଣା ପାରି ଦେଉଥିବା ଲୋକଟି ପଛରେ ଯେ ଏତେ ଦରଦ, ଏତେ ଦୁଃଖ, ଏତେ ଯନ୍ତ୍ରଣା ଭରି ରହିଛି ଯେ କେହି ନ ଦେଖିଲେ ବିଶ୍ୱାସ କରିବା ମୁସ୍କିଲ । ସନ୍ଧ୍ୟାର ଉଚ୍ଛୁଳା ଯୌବନ କ୍ରମଶଃ ମଉଳି ଯାଏ ରାତିର ଅନ୍ଧାର ମାଡି ଆସିଲେ, ଷ୍ଟ୍ରିଟ ଲାଇଟର ସାମାନ୍ୟ ଆଲୁଆଳରେ ରାତିର ବୟସ ବଢି ଚାଲେ । ଫୁଟପାଥ ତଳକୁ  ବ୍ୟସ୍ତ ବହୁଳ ରାସ୍ତା, ପ୍ରତି ମୁହୂର୍ତ୍ତରେ ପାସ କରେ ହଜାର ହଜାର ଗାଡିମୋଟର । କେହି କେବେ ଆଡ ଆଖିରେ ଚାହିଁ ନାହାନ୍ତି ଏଇ ଫୁଟପାଥ ମଣିଷକୁ । ସେ ଖରା ହେଉ କି ଶୀତ କିବା ମୌସୁମୀର ଆଗମନର ଝିପଝିପ ବର୍ଷାରେ ରିମଝିମର ଶବ୍ଦର ମେଘ ମହ୍ଲାର ତୋଳୁଥିବା ପ୍ରକୃତିର ଉଦଣ୍ଡ ନାଚ । ସବୁ ତା ପାଖରେ ହାର ମାନିଥାଏ କାରଣ କାହାଣୀ ଏଇ ଠୁଁ  ତାର କାହାଣୀ କହିବା ଆରମ୍ଭ କରିଥାଏ ।

ବ୍ୟସ୍ତ ବହୁଳ ସହରକୁ ମଝିରେ ଦୁଇ ଭାଗରେ ବିଭକ୍ତ କରି ଦେଇଥିବା ସାଳନ୍ଦି ନଦୀ ତାର ଛାତି ଉପରେ ଏକ କଂକ୍ରିଟ ପୋଲକୁ ଜାବୁଡି ଧରିଛି,  ଯାହା "ରାଜଘାଟ"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେତୁ ନାମରେ ବେଶ ଜଣାଶୁଣା । ନଦୀର ଉଭୟ ପାର୍ଶ୍ୱରେ ଥିବା ସହରକୁ ଏଇ ପୋଲଟି ସଂଯୋଗ କରୁଥିବାରୁ ଅନେକ ସମୟରେ ପୋଲ ଉପରେ ଗହଳି ଲାଗି ରହିଥାଏ । ଅବଶ୍ୟ ଦିନର ଗହଳିରେ ଉଚ୍ଛୁଳି ପଡୁଥିବା ସେତୁଟି ରାତ୍ରିର ବୟସ ବଢିଲେ କ୍ରମଶଃ ଶିଥିଳ ହୋଇ ପଡେ । ସେତୁର ଛାତିରେ ଯିବା ଆସିବା କରୁଥିବାରୁ ଲୋକମାନେ ବ୍ୟସ୍ତ ବହୁଳ ସହରର ଅଳନ୍ଧୁ ଭିତରେ ଲୁଚିଯାନ୍ତି, ରାତିର ବୟସ ଯେତେ ବଢି ଚାଲେ, ଲୋକଟି କ୍ରମଶଃ ଦୃଷ୍ଟି ଗୋଚରକୁ ଚାଲି ଆସେ । ସବୁ ଋତୁରେ ସବୁ ମାସରେ ଏପରିକି ସବୁ ଦିନିଆ ମୁକ୍ତାକାଶ ଶେଜ ସଜାଡି ଥାଏ ଲୋକଟି, ସନ୍ଧ୍ୟାର ବୟସ ବିଢିବା ପରେ ପରେ ।

ସାମାନ୍ୟ ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ମୋର  ଦୃଷ୍ଟିରେ ସେଦିନ ପଡିଥିଲା ସେହି କାହାଣୀର ମୁଖ୍ୟ ଚରିତ୍ର ଉପରେ, ବୟସ ଆନୁମାନିକ ୫୦ କି ୫୨ । ପ୍ରତିଦିନ ସେ ଚରିତ୍ରକୁ ଦେଖୁଥିଲେ ବି କାହିଁକି କେଜାଣି ସେଦିନ ନିଜର ଆଗ୍ରହ ଆସିଥିଲା, ତାର ଅକୁହା କାହାଣୀ ବିଷୟରେ ଜାଣିବାରେ । ତା ପାଖରେ ସ୍କୁଟି ଅଟକାଇ ପଚାରି ଥିଲି "ମଉସା ଏ ପୋଲର ଫୁଟପାଥ ଉପରେ କଣ ପାଇଁ ଶୋଉଛ ?"

ଭୟ ମିଶା ମୁଦ୍ରାରେ ଲୋକ ଜଣଙ୍କ ନିଜର ଘୋଡେଇ ହୋଇଥିବା କମ୍ବଳକୁ ମୁହଁ ଉପରୁ ସାମାନ୍ୟ ଆଡେଇ ଦେଇ ମୋ ଆଡକୁ ଚାହିଁଥିଲା । କଣ ଭାବିଲା କେଜାଣି ମୋତେ ଦେଖିବା ପରେ ବିଛଣାରୁ ଉଠି ବସି ପଡିଥିଲା ଆଉ ମୋ ପ୍ରଶ୍ନର ଉତ୍ତର ରଖିଥିଲା "ବାବୁ ଦିନ ଯାକ ମାଗିଯାଚି ଚଳେ, ରାତିରେ ଏଇଠି ବିଶ୍ରାମ ନିଏ ?"

"ତମର କଣ ଘରଦ୍ୱାର କିଛି ନାହିଁ ?"

"ଏ ସହରରେ ନାହିଁ କିନ୍ତୁ ମୋ ଗାଁ ଅଣ୍ଡରେଇରେ ଅଛି ।"

ମୋ ଜାଣିବାରେ ଅଣ୍ଡରେଇ ଗାଁ, ସହରର ସାମାନ୍ୟ କେଇ ମାଇଲ  ଦୂରରେ...

ପଚାରିଲି "ଆଚ୍ଛା, ତମ ନାଁ କଣ, ବିବାହ କରିଛ କି ନାହିଁ ? ପରିବାରରେ ଆଉ କିଏ କିଏ ଅଛନ୍ତି ? ତମେ ନିଜ ଗାଁରେ ନ ରହି କାହିଁକି ଏ ଶୀତ କାକରରେ ଏ ପୋଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପରେ ପଡିଛ ? ଘରକୁ ପଳେଇ ଯାଇ ରହୁନ ?” ଏମିତି ଅନେକ କଥା ମୋର ପାଟିରୁ ସ୍ୱତଃପ୍ରବୃତ୍ତ ଭାବରେ ବାହାରି ଆସିଥିଲା ।

ଲୋକଟି ତା ଶେଜରୁ ଉଠି ବସି ପଡିଥିଲା । ଘୋଡେଇ ହୋଇଥିବା କମ୍ବଳକୁ ଦେହରୁ କାଢି ଦେଇ ପାଖରେ ରଖିଦେଇ ଏକ ଦୀର୍ଘ ଶ୍ୱାସ ପକେଇ ମୋ ପ୍ରଶ୍ନର ଉତ୍ତର ଦେବା ଆରମ୍ଭ କରିଥିଲା ।

“ବାବୁ ମୋ ନାଁ ବାବୁ ସେଠି, ଘରେ ମୋର ଅଭିଆଡି ଝିଅଟେ ଅଛି, ଆଉ ଗୋଟିଏ ଝିଅକୁ ତା ମା ଥିଲା ବେଳେ ବାହା କରେଇ ଦେଇଛି, ଗୋଟିଏ ବୋଲି ପୁଅ ଦୁଇ ବର୍ଷ ତଳେ ବାହାଘର କରି ଦେଇଥିଲି, ସେ ତା ସ୍ତ୍ରୀ ପିଲାଙ୍କୁ ଧରି ବାହାରେ ରହୁଛି ।”

“ଆଚ୍ଛା ତମ ସ୍ତ୍ରୀ ?”

“ସ୍ତ୍ରୀ ଥିଲା ବାବୁ, ଗତ ୫/୬ ବର୍ଷ ତଳେ କି ଅଜଣା ରୋଗ ଗୋଟେ ହେଲା ଯେ ଯେତେ ଯାହା ଡାକ୍ତର ଦେଖେଇଲି ସବୁ ବୃଥା ଗଲା । ଜମିବାଡି ଯାହା ଥିଲା ସବୁ ବିକି ଦେଇ ଡାକ୍ତରଙ୍କୁ ସବୁ ଟଙ୍କା ଦେଇଦେଲି, ତଥାପି ସେ ମୋ ହାତ ଛାଡି ଦେଇ ଆରପାରିକୁ ପଳେଇଗଲା । ମୋତେ କଥା ଦେଇଥିଲା ସେ ମୋ ପରେ ଯିବ ବୋଲି, ମୋତେ ଠକି ଦେଇ ଆଗରେ ଚାଲିଗଲା । ଘରେ ରହିଲି, ସବୁ ବେଳେ ତା ମୁହଁ ଦେଖା ଗଲା । ରାତିରେ ଶୋଇଥିଲା ବେଳେ ପାଖରେ ଆସି ରାତି ଯାକ ବସି ରହେ, କାନ୍ଦେ, ପଚାରିଲେ କିଛି କହେନି ... ତାକୁ ଅନେକ ଥର ଅନେକ ପ୍ରକାର ବୁଝେଇଲି, ସାନ ଝିଅଟି ମୋ ପାଖରେ ଶୋଉଥିବାରୁ ମୁଁ ନିଦରେ ବାଉଳା ହେଉଛି କହି କିଛି ଦିନ ପରେ ମୋ ସାନ ଭାଇ ଘରେ ଯାଇ ଶୋଇଲା, ଯେଉଁ ହାତ ସକାଳେ ମୋତେ ଭାତ କଂସାଏ ବଢ଼େଇ ଦେଉଥିଲା, ଆଜି ସେଇ ହାତ ଆଉ ନାହିଁ । ଯେଉଁ ଘର ମୋ ସ୍ତ୍ରୀର ଚୁଡ଼ି ଶବ୍ଦରେ ଗୁଞ୍ଜରିତ ହେଉଥିଲା, ସେଠାରେ ଆଜି କେବଳ ଭୟଙ୍କର ନୀରବତା । ତା କଥା ସବୁ ବେଳେ ମନେ ପଡୁଛି, ତେଣୁ ବାଧ୍ୟ ହୋଇ ଘର ଛାଡି ଏ ସହରକୁ ଚାଲି ଆସିଥିଲି, ପାଖ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ୍ଦିରରେ ଦିନ ବେଳା ଭିକ ମାଗି ପେଟ ପୁରେଇ ଦିଏ, ଆଉ ରାତି ହେଲେ ଏଠାକୁ ଚାଲି ଆସି ଶୋଇପଡେ ।"

"ତମେ ରାତିରେ ସେଇ ମନ୍ଦିରରେ ଶୋଇ ପଡୁନ, କିମ୍ବା ପାଖରେ ଥିବା ରାତ୍ରି ଆଶ୍ରୟ ସ୍ଥଳରେ ଶୋଇ ପଡିବ ଯାଅ ।"

ତାର ଉତ୍ତର ଥିଲା, "ବାବୁ ନିରୋଳାରେ ସ୍ତ୍ରୀ ସହ କଥା ହେବାକୁ ସ୍ତ୍ରୀ ସବୁବେଳେ ଭଲ ପାଏ, ଆଉ ରାତିଯାକ ମୋ ସ୍ତ୍ରୀ ମୋ ପାଖରେ ଏଠି ଆସି ବସି ରହେ । ରାତି ତମାମ ଆମେ ଦୁହେଁ ଗପସପ ଏଇଠି କରୁ, ଆଉ ରାତି ପାହିବା ବେଳକୁ ସେ ମୋତେ ନିଦରୁ ଉଠେଇ ଦେଇ ପୁଣି କେଉଁ ଆଡକୁ ଚାଲିଯାଏ । ସବୁଦିନ ବର୍ଷା ଶୀତ କାକରରେ ସେ ମୋ ପାଖରେ ରାତି ଯାକ ବସି ରହେ । କେବଳ ମୋ ସାଥିରେ ମନ ଖୋଲା କଥା ହେବାକୁ ମୁଁ ଏହି ପୋଲ ଉପରେ ସବୁ ଦିନ ନିରୋଳାରେ ଆଶ୍ରୟ ନେଇଛି ।

ଘରେ ଥିଲା ବେଳେ ମୁଁ ଯେତେବେଳେ ରାତିରେ ନିଜର ଶୂନ୍ୟ କୁଡ଼ିଆକୁ ଫେରେ, ସ୍ତ୍ରୀର ଗୋଟିଏ ପୁରୁଣା ଶାଢ଼ୀକୁ ପାଖରେ ରଖି ଶୋଇପଡୁ ଥିଲି । ଗରିବୀ ମୋର ପକେଟ୍ ଶୂନ୍ୟ କରିଦେଇ ଥିଲା, ଆଉ ଭାଗ୍ୟ ମୋର ହୃଦୟକୁ ଶୂନ୍ୟ କରିଦେଲା । ତଥାପି, ସେହି ଶୂନ୍ୟତା ଭିତରେ ମୁଁ ପ୍ରତିଦିନ ନିଜ ଦୁଃଖ ସହ ଲଢ଼ି ବଞ୍ଚିବାର ପ୍ରୟାସ କରୁଛି ।" ତାର ଜୀବନ କାହାଣୀକୁ ସେ ସେମିତି ବଖାଣି ଚାଲିଥିଲା ।

ଆଉ ମୁଁ ଭାବୁଥିଲି ପ୍ରତ୍ୟକ କାହାଣୀ ପଛରେ ବି ଗୋଟିଏ କାହାଣୀ ରହିଛି, ସେ କାହାଣୀର ନାୟକ ଏଇ ବାବୁ ସେଠିମାନେ ଯେଉଁ ମାନଙ୍କୁ ନିଜର ସ୍ତ୍ରୀମାନେ ଜୀବନ ଯାକ ହାତ ଧରି ଚାଲିବାକୁ କଥା ଦେଇ ଅଧା ବାଟରୁ ଠକି ଦେଇ ପଳେଇ ଥାନ୍ତି......

ପ୍ରଗତି ବିହାର, ଶାଳନ୍ଦି ବାଇପାସ , ଭଦ୍ରକ

ମୋବାଇଲ ୯୪୩୭୨୧୨୮୪୧


ଇମେଲ୍ : gada.advocate@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କିଏ ହେବ ପତି

ସୁଧାଂଶୁ ଶେଖର ଦ୍ୱିବେଦୀ



ତାମାଙ୍ଗ୍ ଅରୁଣାଚଳ ପ୍ରଦେଶର ପ୍ରସିଦ୍ଧ ଜନଜାତି ମୁଖିଆ ଡୋନିଗର୍ଥର ଝିଅ । ଦେଖିବାକୁ ଗୋରୀ, ହସିଲେ ତା' ଆଖି ବି ହସି ଉଠେ । ତା' ମୁଣ୍ଡରେ ସୁନା ରଙ୍ଗର ଚୁଳ ଦେଖି ଜନଜାତିର ଲୋକମାନେ ସୂର୍ଯ୍ୟ ଦେବତାଙ୍କ ଝିଅ ବୋଲି ବିଶ୍ୱାସ କରନ୍ତି । ତମାଙ୍ଗ୍ ଗାୟନ, ନୃତ୍ୟ ବ୍ୟତୀତ ହସ୍ତତନ୍ତରେ ବିଭିନ୍ନ ପ୍ରକାର ବସ୍ତ୍ର ତିଆରି କରିବାରେ ନିପୁଣା । ମୁଖିଆ ଡୋନିଗର୍ଥ ମନେ ମନେ ଭାବିଥାଏ କେହି ଦେବ ପୁରୁଷ ସହିତ ଝିଅକୁ ବିବାହ ଦେଇ ବହୁତ ଧନ ଅର୍ଜନ କରିବ । ସେମାନଙ୍କ ପ୍ରଥା ଅନୁସାରେ ବରପକ୍ଷ ଝିଅପକ୍ଷକୁ ଧନ ଦେଇ ବିବାହ କରିଥାନ୍ତି ।

ପ୍ରତିବର୍ଷ ଭଳି ଜନଜାତିର ମହିଳାମାନଙ୍କ ମଧ୍ୟରେ ହସ୍ତତନ୍ତ ବସ୍ତ୍ର ତିଆରି କରିବା ଏବଂ ପୁରୁଷଙ୍କ ପାଇଁ ତୀର ଚଳେଇବା ପ୍ରତିଯୋଗିତା ହେଲା । ପୂର୍ବ ବର୍ଷ ଭଳି ତାମାଙ୍ଗ୍ର ସୁନ୍ଦର କାରୁକାର୍ଯ୍ୟ ପାଇଁ ପ୍ରଥମ ପୁରସ୍କାର ପ୍ରାପ୍ତ ହେଲା । ସେ ଗୋଟେ ଚାଦର ଉପରେ ସୂର୍ଯ୍ୟ, ଚନ୍ଦ୍ର, ତାରାକୁ ସୁନେଲି, ଲାଲ ଓ ଗୋଲାପୀ ରଙ୍ଗ ଦେଇ ବେଶ୍ ଆକର୍ଷଣ ରୂପେ ତିଆରି କରିଥାଏ ।

ସେପଟେ ଆବୁତାନୀ ନାମକ ଯୁବକ ଉଡୁଥିବା ପକ୍ଷୀ, ପ୍ରଜାପତିର ଡେଣାକୁ ତୀର ଚଳେଇ ଭୂଲୁଣ୍ଠିତ କରିଦେଲା । ଅନ୍ୟ କେହି ତୀର ଚାଳକ ତା' ସମକକ୍ଷ ହୋଇପାରିଲେ ନାହିଁ । ସେ ବିଜୟୀ ଘୋଷିତ ହୋଇ ପୁରସ୍କାର ପାଇଲା । ପ୍ରତିଯୋଗିତା ଶେଷରେ ନୃତ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୀତର ତାଳେ ତାଳେ ଆବୁତାନୀ ଓ ତମାଙ୍ଗ୍ ଆଖିରେ ଆଖି ମିଶିଲା । କିନ୍ତୁ ତାମାଙ୍ଗ୍ ର ପିତା ଆବୁତାନୀ ସହିତ ଝିଅକୁ ବିବାହ ଦେବନାହିଁ ବୋଲି ମନା କରି କହିଲା, "ତୋତେ ବିବାହ କରିବାକୁ ତିନି ତିନି ଜଣ ଦେବପୁରୁଷ ଅପେକ୍ଷା କରିଛନ୍ତି । ଜଣେ ସାମାନ୍ୟ ଯୁବକ ସହିତ ତୋର ବିବାହ ହେଇପାରିବ ନାହିଁ ।"

ତାମାଙ୍ଗ୍ ଆବୁତାନୀକୁ ବିବାହ କରିବାକୁ ଚାହୁଁଥାଏ । ସେ ତା' ବାପାକୁ କହିଲା, "ମୁଁ ବିବାହ କରିବି ତ କେବଳ ଆବୁତାନୀକୁ ନହେଲେ ଅନ୍ୟ କାହାକୁ ବିବାହ କରିବି ନାହିଁ ।" ପିତା କ୍ରୋଧରେ ଗର୍ଜନ କଲା, "ମୁଁ କୌଣସି ମନୁଷ୍ୟ ସହିତ ତୋ ବାହାଘର କରିବାକୁ ଦେବି ନାହିଁ । ତା'ଛଡା ତିନିଜଣ ଦେବପୁରୁଷଙ୍କୁ ମୁଁ କଥା ଦେଇଛି । ତେବେ ଗୋଟେ ଉପାୟ ଅଛି । ସମସ୍ତଙ୍କୁ ଏକାଠି କରି ତିନୋଟି ସର୍ତ୍ତ ରଖାଯିବ । ଯିଏ ତିନୋଟି ସର୍ତ୍ତରେ ଜିତିବ ସେ ହିଁ ତୋର ପତି ହେବ ।"

ତୁରନ୍ତ ତିନିଜଣ ଦେବପୁରୁଷ ତଥା ଆବୁତାନୀକୁ ଆମନ୍ତ୍ରଣ କରା ଗଲା । ପ୍ରଥମ ସର୍ତ୍ତ ରହିଲା ଚାରିଜଣଙ୍କୁ ଏଭଳି ନୃତ୍ୟ କରିବାକୁ ହେବ ଯେମିତି ଭୂମିରୁ ଶବ୍ଦର ଧ୍ୱନି ଝଙ୍କୃତ ହେବ ।

ସର୍ତ୍ତ ଅନୁସାରେ ଆବୁତାନୀ ଆଶ୍ଚର୍ଯ୍ୟ ହେଲା । ପରମୁହୂର୍ତ୍ତରେ ଏକ ଯୋଜନା କରି ସମସ୍ତଙ୍କ ଅଦୃଷ୍ଟରେ ସେ ଯେଉଁଠି ନୃତ୍ୟ କରିବ ସେହି ସ୍ଥାନରେ କିଛି ଘୁଙ୍ଗୁର ପୋତି ଦେଲା । ଚାରିଜଣଙ୍କର ଏକସଙ୍ଗେ ନୃତ୍ୟ ଆରମ୍ଭ ହେଲା । ତିନି ଦେବପୁରୁଷ ଯେତେ ପ୍ରକାର ନୃତ୍ୟ ଭଙ୍ଗିମା କରିବା ସତ୍ତ୍ୱେ ବି ଭୂମି ମଧ୍ୟରୁ କୌଣସି ଧ୍ୱନି ଶୁଭିଲା ନାହିଁ । କିନ୍ତୁ ଆବୁତାନୀ ନୃତ୍ୟରେ ଭୂମି ମଧ୍ୟରୁ ଟନ୍ ଟନ୍ ଶବ୍ଦ ଶୁଭିଲା । ଯାହାଦ୍ୱାରା ସେ ସର୍ତ୍ତ ଜିତିଗଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିନ୍ତୁ ଡୋନିଗର୍ଥ ଓ ତିନି ଦେବପୁରୁଷ ଅସ୍ୱୀକାର କରି ଆଉ ଏକ ସର୍ତ୍ତ ରଖିଲେ । ଦ୍ୱିତୀୟ ସର୍ତ୍ତ ହେଲା ଧାତୁ ପାତ୍ରକୁ ଲକ୍ଷ୍ୟ ସାଧି ଏମିତି ତୀର ମରାଯିବ ଯେମିତି ତାହା ଧାତୁ ପାତ୍ରରେ ଲାଖି ରହିବ । ଆବୁତାନୀ ଦ୍ୱିତୀୟ ସର୍ତ୍ତ ଶୁଣି ଚକିତ ହେଲା ସତ କିନ୍ତୁ ତାମାଙ୍ଗ୍ ର ପରାମର୍ଶରେ ତୀରର ଅଗ୍ରଭାଗରେ ମହୁମାଛି ଛତାରୁ ବାହାରୁଥିବା ମହମକୁ ଲଗେଇଦେଲା । ପ୍ରଥମେ ତିନି ଦେବପୁରୁଷ ଲକ୍ଷ୍ୟ ସାଧିଲେ । ତିନି ଜଣଙ୍କ ତୀର ଧାତୁପାତ୍ରରେ ବାଜି ତଳକୁ ଖସି ପଡୁଥାଏ । ମାତ୍ର ଆବୁତାନୀ ତୀରକୁ ଲକ୍ଷ୍ୟ ସ୍ଥଳରେ ସାଧିବାରୁ ତାହା ଲାଖି ରହିଲା । ଦ୍ୱିତୀୟ ସର୍ତ୍ତ ବି ସେ ଜିତିଗଲା । ଡୋନିଗର୍ଥ କହିଲା, "ଏବେ ଶେଷ ସର୍ତ୍ତ ହେବ । ଗୋଟେ ମାଟି ହାଣ୍ଡିକୁ ଚାରିଜଣ ଏକାସାଙ୍ଗରେ ଦୂରକୁ ଫିଙ୍ଗିବେ । ଯାହାର ହାଣ୍ଡି ଅଧିକ ଦୂରରେ ପଡିବ ସେ ତାମାଙ୍ଗ୍ ର ପତି ହେବ ।"

ସର୍ତ୍ତ ଅନୁସାରେ ଚାରିଜଣ ଏକାସଙ୍ଗେ ମାଟିହାଣ୍ଡିକୁ ଫିଙ୍ଗିଲେ । ତିନି ଦେବପୁରୁଷଙ୍କ ଅପେକ୍ଷା ଆବୁତାନୀର ହାଣ୍ଡି ଅଧିକ ଦୂରତାରେ ପଡିଲା । ତୃତୀୟ ସର୍ତ୍ତରେ ବି ସେ ସଫଳ ହେଲା । ଦର୍ଶକମାନେ ଆବୁତାନୀର ଜୟ ଜୟକାର କଲେ । ଡୋନିଗର୍ଥ ଘୋଷଣା କଲା, "ଆସନ୍ତା କାଲି ସକାଳେ ଏହି ସ୍ଥାନରେ ତାମାଙ୍ଗ୍ ସହିତ ଆବୁତାନୀର ବିବାହ ହେବ । ସମସ୍ତେ ଉପସ୍ଥିତ ରହିବାକୁ ଆମନ୍ତ୍ରଣ କଲି ।"

ତା ପରଦିନ ସକାଳେ ବଧୂ ବେଶରେ ତାମାଙ୍ଗ୍ ଉକ୍ତ ସ୍ଥାନରେ ପହଞ୍ଚି ଆଶ୍ଚର୍ଯ୍ୟଚକିତ ହେଉଥାଏ । ତା' ସମ୍ମୁଖରେ ଚାରି ଚାରିଜଣ ଆବୁତାନୀ ହାତରେ ମାଳ ଧରି ଛିଡା ହୋଇଥାନ୍ତି । ପିତାର ଚାଲିକି ବୁଝି ତାମାଙ୍ଗ୍ ମନେ ମନେ ଦୁଃଖ କରୁଥାଏ । କିଏ ତା' ପତି ହେବ ସେ କିଛି ଭାବିପାରୁ ନଥାଏ । ହଠାତ୍ ଡୋନିଗର୍ଥ ଘୋଷଣା କଲା, "ଏ ଚାରିଜଣଙ୍କ ମଧ୍ୟରୁ କିଏ ତୋର ପତି ଚିହ୍ନି ବରମାଳା ପିନ୍ଧେଇ ଦେ ।" ତାମାଙ୍ଗ୍

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଅନୁନୟ କରି କହିଲା, "ମୁଁ ପ୍ରଥମେ ସମସ୍ତଙ୍କ ସହିତ କରମର୍ଦ୍ଦନ କରିବା ପରେ କିଏ ମୋ ପତି ହେବ ତା' ଗଳାରେ ବରମାଳା ପିନ୍ଧାଇବି ।"

ତାପରେ ତାମାଙ୍ଗ୍ ଜଣ ଜଣ କରି କରମର୍ଦ୍ଦନ କରୁଥାଏ । ତିନି ଦେବ ପୁରୁଷ ତା' ପାପୁଲିକୁ ଚାପି ଧରୁଥାନ୍ତି । କିଏ ବି ଚିମୁଟି ଦେଉଥାଏ । ତିନି ଜଣଙ୍କର ଇଙ୍ଗିତରେ ଅତିଷ୍ଠ ହୋଇ ସେ ବୁଝିପାରିଲା ଏ ତନିଜଣ କେବେ ପ୍ରକୃତ ଆବୁତାନୀ ନୁହନ୍ତି । ଶେଷରେ ଆବୁତାନୀ ସହିତ କରମର୍ଦ୍ଦନ କରିବା ବେଳେ ପରିଚିତ ସ୍ୱର୍ଶ ଆନୁଭବ କରି ପାରିଲା । ଆଉ କାଳବିଳମ୍ବ ନ କରି ତୁରନ୍ତ ତା' ଗଳାରେ ବରମାଳା ପିନ୍ଧାଇଦେଲା । ବିଚରା ତିନି ଦେବପୁରୁଷଙ୍କ ଆଶା ଆଶାରେ ରହିଗଲା ।

(ଅରୁଣାଚଳ ଲୋକକଥା)

ବିସି-୭୪,ସଲ୍ଟ ଲେକ୍,କୋଲକତା-୭୪

ମୋ-୯୭୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆତ୍ମବିଶ୍ୱାସ

ଆଶୁତୋଷ ମେହେର



ଛୋଟ ଦିନରୁ ହିଁ ତା' ମନରେ ଭରି ରସିଥିଲା ନାଟକ ପ୍ରତି ଏକ ଅହେତୁକ ଆଗ୍ରହ । ଛୋଟ ଗାଁରେ ଚାଷୀ ପରିବାରରେ ଜନ୍ମ ହେଲେ ବି, ସୁଯୋଗ ତା ବାଟକୁ ଆସିଥିଲା ଆପେ ଆପେ । ବାପା ଚାଷୀ ଥିଲେ ବି, ଗାଁ ନାଚପାର୍ଟିରେ ବଜାଉଥିଲେ ହାରମୋନିୟମ୍ । ସେଇଥିପାଇଁ ବାପାଙ୍କ ସହ ସେ ଯାଉଥିଲା ଗାଆଁ ନାଚପାର୍ଟି ସଂଧ୍ୟାକାଳୀନ ଆସରକୁ ବରାବର । ସେଇଠୁଁ ତାର ଆଗ୍ରହ ଜନ୍ମିଥିଲା ନାଟକ ଆଉ ମଞ୍ଚ ପ୍ରତି । ବାପା ମଧ୍ୟ ଉତ୍ସାହ ଦେଉଥିଲେ । ତେଣୁ ଗାଁ ହାଇସ୍କୁଲରେ ଏକାଦଶ ଶ୍ରେଣୀ ପାସ୍ କଲା ପରେ ଅନେକ ଗୁଡିଏ ନାଟକରେ ଅଭିନୟ କରି ସାରିଥିଲା । ପେଟ ପାଟଣା ପାଇଁ ଆଉ ବେଶୀ ପାଠପଢି ନ ପାରି ସେ ଯୋଗ ଦେଇଥିଲା ଗାଁ ପାଖ ଅପେରା ପାର୍ଟିରେ ଜଣାଶୁଣା ନାୟିକା ରିୟା ଭାବରେ । ଭଲ ନାଁ କମାଇଥିଲା କମ୍ ସମୟ ଭିତରେ । ତେବେ ମନ ଭିତରେ ଚଳଚ୍ଚିତ୍ର ସିନେମାରେ ଅଭିନୟ କରିବାର ଇଚ୍ଛା ଦବାଇ ନପାରି, ଆବେଦନ କରିଥିଲା ପରୀକ୍ଷା ଦେବାପାଇଁ ।

ଆଜି ଅଛି ତା'ର ସେଇ ପରୀକ୍ଷାର ଦିନ !!!

ଫଟୋ ସେସନ୍ ପାଇଁ ପହଞ୍ଚି ଯାଇଥିଲା ସେ ଷ୍ଟୁଡିଓ ଅପରାଜିତାରେ । ସକାଳୁ ସକାଳୁ ରିୟା ମନରେ ନର୍ଭସ୍ ଭରି ଯାଇଥିଲା । ଷ୍ଟୁଡିଓର ଉଜ୍ଜ୍ୱଳ ଫ୍ଲଡ୍ ଲାଇଟ୍ ର କଥା ମନରେ ଆଶଙ୍କା ଭରୁଥିଲା । ଚିନ୍ତାରେ ମନ ଭିତରେ ଭାବନା ଫ୍ୟାନ୍ ଜୋର୍ ରେ ଘୁରି ଚାଲିଥିଲା ।

ଅଟୋରେ ଷ୍ଟୁଡିଓରେ ପହଞ୍ଚିଲା ପରେ, ଫଟୋଗ୍ରାଫର୍ ଅଜୟ ହସି କହିଲେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ମନରେ ଏତେ ଟେନସନ୍ କଣ ପାଇଁ ? ଧୀର ସ୍ଥିର ହୋଇ ରିଲାକ୍ସ କର । ଏକେ ତ ତୁମେ ମଞ୍ଚନାଟକରେ ପାରଙ୍ଗମ, ଅନୁଭବ ଭରା । ତା ଉପରେ ତୁମେ ସୁନ୍ଦରୀ ନାୟିକା ! ସଫଳତା ନିଶ୍ଚେ ମିଳିବ ତୁମକୁ ।"

କିଛି ସମୟ ପରେ ଡାଇରେକ୍ଟର ନିଶିକାନ୍ତ ଆସି ପହଞ୍ଚିଲେ କ୍ୟାମେରା ପଛରେ ଅଜୟଙ୍କ ପାଖରେ । ପ୍ରଥମେ ପ୍ରଥମେ ରିୟା ଜଡ଼ ହୋଇ ଯାଉଥିଲେ, ତଣ୍ଟି ଶୁଖିଲା ଶୁଖିଲା ହୋଇଯାଉଥିଲା । ତଥାପି ଡାଇରେକ୍ଟର ଦେଇଥିବା ସଂଳାପକୁ କହି ପୋଜ୍ ଦେବାକୁ ଆରମ୍ଭ କରିଦେଲେ । ସଂଳାପ କହୁଁକହୁଁ ପୋଜ୍ ଭୁଲି, ହଠାତ୍ କଣ ହେଲା କେଜାଣେ ନିଜ ହାତ ଦୁଇଟି ଗଳାକଣ୍ଠ ଉପରେ ରଖିଦେଲେ ।

କ୍ୟାମେରା ପଛ ପଟୁ ଅଜୟ ହସି କହିଲା, "ଆରେ, ଆରେ ଏଇଟା ତ ସୁପର ହିରୋଇନ୍ ପୋଜ୍ !" ରିୟା ମନରେ ଉତ୍ସାହ ଭରିଗଲା, ଓଠରେ ଧାରେ ସୁନ୍ଦର ହସ ଖେଳିଗଲା । ଧୀରେ ଧୀରେ ସେ ନାଚି ଉଠିଲେ ଅଭିନୟରେ, ଚମକ୍ ଖୋଲିଗଲା ଷ୍ଟୁଡିଓ ସାରା, ନିଜର ଚୁନ୍ନି ଉଡ଼ାଇ, ଆଖି ମିଚିକାଇ, ମଜାରେ ଡାଇନ୍‌ସ୍ ପୋଜ୍ ଦେଇ ଚାଲିଲେ ଗୋଟାଏ ପରେ ଗୋଟାଏ ।

ଶେଷରେ କ୍ୟାମେରା ପଛପଟୁ ତାଳି ମାରିମାରି ଡାଇରେକ୍ଟର ନିଶିକାନ୍ତ କହିଲେ, "କମାଲ୍ ହୋଇଗଲା ଅଜୟ ବାବୁ । ସତରେ ରିୟା ଆଜି କ୍ୟାମେରାକୁ ଜିତି ଯାଇଛନ୍ତି ! ସେ ହେବେ ଆମ ଆଗାମୀ ଚଳଚ୍ଚିତ୍ରର ଚୁଲବୁଲି ନାୟିକା ।"

ରିୟାଙ୍କ ମୁହଁରେ ଖେଳିଗଲା ଗୋଟାଏ ସୁନ୍ଦିରିଆ ଗହିରିଆ ହସ । ଫଟୋ ସେସନ୍ ଶେଷ ହେଲା ସିନା, ରିୟା ମନରେ ଖେଳୁଥିଲା ଚମକଭରା ଗୋଟାଏ ଗଭୀର ଆତ୍ମବିଶ୍ୱାସ ! !

୫୪ ଆର୍ଯ୍ୟପଲ୍ଲୀ, କିଟଛକ

ପଟିଆ  ଭୁବନେଶ୍ୱର ୭୫୧୦୨୪ ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସିନ୍ଦୁର

ଅଜୟ କୁମାର ମହାନ୍ତି



ନିଜ ବାଡ଼ିରେ ଥିବା ବଉଳ ଗଛ ମୂଳରେ ହୋଇଥିବା ସିମେଣ୍ଟ ଚାନ୍ଦିନି ଉପରେ ବସିଥାନ୍ତି ମାନସୀ ପଟ୍ଟନାୟକ । ଫିକା ଫିକା ଜହ୍ନ ଛାଇରେ ମିଠା ପରିବେଶ ଆଲିଙ୍ଗନ ଭିତରେ ସେ ଭୁଲି ଯିବାକୁ ଚେଷ୍ଟା କରୁଛନ୍ତି ଅତୀତର ସମସ୍ତ ସ୍ମୃତି । ମନ ଭିତରେ ଗୋଟିଏ ପ୍ରଚ୍ଛନ୍ନ ନୀରବତାକୁ ଖୋଜି ଚାଲିଥାନ୍ତି । ଫିଙ୍ଗି ଦେବାକୁ ଚାହାନ୍ତି ସେ ଅତୀତର କଥା ସବୁ ଦୂରକୁ ବହୁ ଦୂରକୁ । କିନ୍ତୁ ନା ମନରେ ରାଗ ଆସୁଥାଏ ଯେତେ ଚେଷ୍ଟା କଲେ ମଧ୍ୟ ସେ ଅତୀତଟାକୁ ଭୁଲି ପାରୁନଥିଲେ । ବାରମ୍ବାର ପିଲା ବେଳରୁ ଏ ପର୍ଯ୍ୟନ୍ତ ସବୁ ଘଟଣା ଗୁଡ଼ିକ ଆଖି ଆଗରେ ନାଚି ଯାଉଥିଲା ।

ତାଙ୍କ ଘରକୁ ପ୍ରାୟ କୋଡ଼ିଏ ହାତ ଦୂର ଅବିନାଶଙ୍କ ଘର ଘରକୁ ଘର ଲାଗିଛି କହିଲେ ଚଳେ । ଅବିନାଶ ଭାଇ ତାଠାରୁ ଦୁଇଟି ଶ୍ରେଣୀ ଅଧିକ ପଢୁଥିଲେ । ତେଣୁ ସେମାନେ ପ୍ରାଥମିକ ବିଦ୍ୟାଳୟ ଠାରୁ ହାଇ ସ୍କୁଲ ପର୍ଯ୍ୟନ୍ତ ସାଙ୍ଗ ହୋଇ ସ୍କୁଲ ଯାଉଥିଲେ । ଉଭୟଙ୍କ ମଧ୍ୟରେ ବହୁତ ବନ୍ଧୁତା ଥିଲା । ଏକ ପ୍ରକାର ଇଣ୍ଟିମେଣ୍ଟ ଫ୍ରେଣ୍ଡ । ସେମାନଙ୍କ ଭିତରେ ପୁଅ ଝିଅ ବାଛ ବିଚାର ମଧ୍ୟ ନଥାଏ ।

ଅବିନାଶର ପୁଅ ପିଲାସାଙ୍ଗ ବେଶି ନଥାନ୍ତି । କେତେ ବେଳେ କେମିତି ସେମାନଙ୍କ ସାଙ୍ଗରେ ସାଙ୍ଗ ହୁଏ । କିନ୍ତୁ ମାନସୀ ସାଙ୍ଗରେ ତା'ର ସବୁବେଳେ ସାଙ୍ଗ । ସାଙ୍ଗ ହୋଇ ସ୍କୁଲକୁ ତ ଯାଆନ୍ତି, ତାଛଡ଼ା ଅନ୍ୟ ବେଳେ ମଧ୍ୟ ସାଙ୍ଗ ହୋଇ ଖେଳନ୍ତି । ଏମିତିକି ମାଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଳ ଲାଗି କୁଣ୍ଢାକୁଣ୍ଢି ହୋଇ ଭୂଇଁରେ ଗଡାପଡା ହୁଅନ୍ତି ।

ସାଙ୍ଗ ହୋଇ ବିଲକୁ ଯାଆନ୍ତି ବିଲରୁ ବିରି ଛୁଇଁ, ମଟର ଛୁଇଁ, ଖେସାରି ଛୁଇଁ ଓ କଣ୍ଟି କୋଳି ତୋଳି ଖାଆନ୍ତି । କିଆ ବୁଦା ଭିତରେ ଥିବା ପିଜୁଳି ଗଛରୁ ପିଜୁଳି ଓ ଜାମୁକୋଳି ଗଛରୁ ଜାମୁକୋଳି ତୋଳନ୍ତି । ଖରାଦିନେ ଲୁଚିଛପି ଯାଇ ଆମ୍ବତୋଟାରୁ ଆମ୍ବ ପାରନ୍ତି । ସବୁ ଗୋଟି ଗୋଟି ମନେ ପଡ଼ି ଯାଉଛି ।

ଅବିନାଶ ମେଟ୍ରିକ୍ ପାସ୍ କଲା ପର୍ଯ୍ୟନ୍ତ ତାଙ୍କ ଭିତରେ ଥିବା ପୁଅ ଝିଅ ସମ୍ପର୍କ ଜାଣି ନଥିଲା । ବେଳେ ବେଳେ ମାନସୀକୁ ଛାତିରେ ଚାପି ଧରି ଗେଲ କରୁଥିଲା ତାର ଗାଲ ଓ ଓଠକୁ କାମୁଡ଼ି ପକାଉଥିଲା । କିନ୍ତୁ ମାନସୀକୁ ସବୁ ଅଡ଼ୁଆ ଲାଗୁଥିଲେ ବି ସେ ପ୍ରତିବାଦ କରୁ ନଥିଲା । କାରଣ ମନେ ମନେ ସେ ଅବିନାଶକୁ ଭଲ ପାଇ ବସିଥିଲା । ହେଲେ ଅବିନାଶର ଭଲ ପାଇବା ବିଷୟରେ ଧାରଣା ନଥିଲା ।

ଅବିନାଶର ବାପା ଥିଲେ ଜଣେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ବାପାଙ୍କ ସଂସ୍କାର ଅନୁସାରେ ଅବିନାଶ ଖୁବ୍ ଭଲ ପଢୁଥିଲା । ମାନସୀର ବାପା ଜଣେ କ୍ଷୁଦ୍ର ବ୍ୟବସାୟୀ । ଉଭୟ ପରିବାର ମଧ୍ୟରେ କ୍ଷୀର ନୀର ସମ୍ପର୍କ ଥିଲା । ମାନସୀ ମଧ୍ୟ ଖୁବ୍ ଭଲ ପଢୁଥିଲା । ଇତି ମଧ୍ୟରେ ଅବିନାଶର ମେଟ୍ରିକ୍ ପରୀକ୍ଷା ଫଳ ବାହାରିଲା । କୃତିତ୍ୱର ସହ ଅବିନାଶ ମେଟ୍ରିକ୍ ପାସ୍ କରିଥିଲା । ବାପାଙ୍କ ଇଚ୍ଛାକୁ ସଫଳ କରିବା ପାଇଁ ସେ ସେ ବିଜ୍ଞାନ ଛାତ୍ର ଭାବରେ ରେଭେନ୍ସା ମହାବିଦ୍ୟାଳୟରେ ଯୋଗ ଦେଲା । ଏଇଠୁ ଆରମ୍ଭ ହେଲା ମାନସୀ ଓ ଅବିନାଶ ମଧ୍ୟରେ ଦୂରତା । ଅବଶ୍ୟ ଅବିନାଶ ମଝିରେ ମଝିରେ ସମସ୍ତଙ୍କ କଥା ବୁଝିବା ପାଇଁ ମାନସୀ ପାଖକୁ ଚିଠି ଦେଉଥିଲା । ଅବିନାଶ ଥିଲା ବାପା ମା ଙ୍କର ଗୋଟିଏ ବୋଲି ପୁଅ । ତାର କୃତିତ୍ୱରେ ତାଙ୍କ ଘରେ ଖୁବ୍ ଖୁସି ଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହାପରେ ମାନସୀ ମଧ୍ୟ କୃତିତ୍ୱ ସହକାରେ ମେଟ୍ରିକ୍ ପାସ୍ କଲା । ମାନସୀ ବାପାଙ୍କର ଦୁଇଟି ଝିଅ । ତେଣୁ ବାପା ମାଆଙ୍କୁ ଛାଡ଼ି ସେ ଦୂର କଲେଜକୁ ପାଠ ପଢ଼ିବାକୁ ଯାଇ ପାରି ନ ଥିଲା । ପାଖ କଲେଜରେ ପଢିଲା ।

ଧିରେ ଧିରେ ପରିସ୍ଥିତି ବଦଳିବାକୁ ଲାଗିଲା । ମାନସୀ ବାପାଙ୍କର ବେପାର କ୍ଷତିରେ ଚାଲିବାକୁ ଲାଗିଲା । ବାଧ୍ୟ ହୋଇ ମାନସୀ ଆଇ ଏସ୍‌ସି ପରେ ସିଟି ଟ୍ରେନିଂ ପଳାଇଲା । ଅବିନାଶ ବାବୁ ମଧ୍ୟ ଚାକିରିରୁ ଅବସର ଗ୍ରହଣ କଲେ । ଅବିନାଶ କଷ୍ଟକରି ବହୁ ପରିଶ୍ରମ କରି ଓଡ଼ିଶାରେ ଆଇ ଏ ଏସ୍ ପରୀକ୍ଷାରେ ପ୍ରଥମ ହେଲା ଏବଂ ସିଧାସଳଖ ଦିଲ୍ଲୀରେ ତାର ପୋଷ୍ଟିଂ ହୋଇଗଲା । ସେହି ଖୁସିରେ ଗାଆଁରେ ଗୋଟାଏ ଉତ୍ସବ ପାଳନ ହେଲା କିନ୍ତୁ ଉତ୍ସବରେ ଯୋଗଦେଇ ପାରିଲାନି ଅବିନାଶ । ମାନସୀ ମଙ୍ଗଳାଙ୍କ ପାଖରେ ଭୋଗ ଲଗାଇ ଗାଆଁ ସାରା ବାଣ୍ଟିଲା । ମାନସୀ ମଧ୍ୟ ସି ଟି ପାସ୍ କରି ଗାଆଁ ସ୍କୁଲରେ ଶିକ୍ଷୟିତ୍ରୀ ଚାକିରୀ ପାଇଗଲା । ଏହାର ଠିକ୍ ଦୁଇ ବର୍ଷ ପରେ ଅବିନାଶର ଚିଠି ଆସିଲା ଲେଖିଥିଲା, ମାନସୀ, ମୁଁ ଏଠାରେ ମୋ ଅଫିସରେ କାମ କରୁଥିବା ଗୋଟିଏ ଝିଅକୁ ଖୁବ୍ ଭଲ ପାଉଛି । ସେ ଭିନ୍ନ ରାଜ୍ୟର ଝିଅ । କିନ୍ତୁ ମୁଁ ତାକୁ ବିବାହ କରିବାକୁ ଚାହେଁ । ହେଲେ ବାପାଙ୍କୁ ଏକଥା କେମିତି କହିବି କିଛି ବୁଝି ପାରୁନି, ତୁ ମୋତେ ସାହାଯ୍ୟ କର ।' ମାନସୀ ମୁଣ୍ଡରେ ବଜ୍ର ପଡ଼ିଲା ପରି ଜଣା ପଡ଼ିଲା । ଯାହାକୁ ସେ ମନ, ପ୍ରାଣ ହୃଦୟ ଦେଇ ଭଲ ପାଉଥିଲା । ସେ ଅନ୍ୟ କାହାର ହୋଇଗଲା ଏକଥା ସେ ଜମା ସହ୍ୟ କରି ପାରିଲାନି ।

ଛାତି ଭିତରୁ କୋହ ଉପରେ କୋହ ଉଠେଇ ଆସିଲା । କିନ୍ତୁ ସେ ଦୋଷ ଦେବ କାହାକୁ ସେ ଅବିନାଶକୁ ଭଲ ପାଏ ବୋଲି ମନ ଖୋଲି ତାକୁ ଖୋଲି କହିପାରିନି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପେକ୍ଷା କରିଥିଲା ହୁଏତ ସେହି କଥା ଦିନେ ଅବିନାଶ ତାକୁ କହିବ । କିନ୍ତୁ ଆଶା ସବୁ ଆଶାରେ ରହିଗଲା । ତା ବିଶ୍ୱାସର ବାଲିବନ୍ଧ ଭାଙ୍ଗି ଗଲା । ଛାତି ଭିତରୁ ଉଠୁଥିବା କୋହକୁ ସେ ଛାତି ଭିତରେ ଚାପି ଧରିଲା । ଅବିନାଶକୁ ଚିଠି ଲେଖିଲା ତୁ ସେ ଝିଅକୁ ଧରି ଆସେ ସବୁ ଠିକ୍ ହୋଇ ଯିବ ।

ପ୍ରାୟ ପନ୍ଦର ଦିନ ପରେ ସୁଲଗ୍ନାକୁ ନେଇ ଅବିନାଶ ସିଧାସଳଖ ମାନସୀ ଘରେ ପହଞ୍ଚିଲା । ହୃଦୟର ସମସ୍ତ ଦୁଃଖକୁ ଚାପି ରଖି ମାନସୀ ସେ ଦୁହିଁଙ୍କୁ ନେଇ ମଙ୍ଗଳା ମନ୍ଦିରକୁ ଗଲା । ସେହି ମଙ୍ଗଳାଙ୍କ ଫୁଲ ହାର ଦୁହେଁ ଦୁହିଁଙ୍କ ବେକରେ ଗଳାଇ ଦେଲେ । ମଙ୍ଗଳାଙ୍କ ସିନ୍ଦୁର ଟିକିଏ ଆଙ୍ଗୁଠିରେ ଆଣି ଅବିନାଶ ଆଙ୍ଗୁଠିରେ ଦେଲା । ଏତିକି ବେଳେ ମାନସୀ ଆଙ୍ଗୁଳି ଅବିନାଶ ଆଙ୍ଗୁଳିକୁ ଛୁଇଁ ଗଲା । ମାନସୀ ଦେହରେ ହଠାତ୍ ଏକ ଅଦ୍ଭୁତ ଶୀହରଣ ଖେଳିଗଲା ।

ଅବିନାଶ ସୁଲଗ୍ନା ମଥାରେ ସିନ୍ଦୂର ଲଗେଇ ଦେଲା । ମାନସୀ ସେ ଦୁହିଁଙ୍କୁ କହିଲା, ଚାଲ । ମୁଁ ଟିକେ ମଙ୍ଗଳାଙ୍କୁ ଜୁହାର ହୋଇ ଯାଉଛି । ସେମାନେ ମଙ୍ଗଳାଙ୍କ ମଣ୍ଡପରୁ ତଳକୁ ଓହ୍ଲେଇ ଯିବାରୁ ଲୁହ ଛଳଛଳ ଆଖିରେ ମଙ୍ଗଳାଙ୍କୁ ସାକ୍ଷୀ ରଖି ସେହି ସିନ୍ଦୁର ବୋଳା ହାତକୁ ନିଜ ମୁଣ୍ଡରେ ବୋଳିଦେଲା । ସାଙ୍ଗ ହୋଇ ଅବିନାଶ ଘରେ ସମସ୍ତେ ପହଞ୍ଚିଲେ । ସବୁ କଥା ମାନସୀ ତା ବାପା ମାଆଙ୍କୁ ସବୁ ବୁଝାଇଲା । ଅବିନାଶର ବାପା ଗମ୍ଭୀର ହୋଇଗଲେ । ହେଲେ ଦ୍ୱିଧାରେ ପଡ଼ି ସ୍ୱୀକାର କରିବାକୁ ବାଧ୍ୟ ହେଲେ । ଯେତେ ହେଲେ ଗୋଟିଏ ବୋଲି ପୁଅ । ବୈଦିକ ରୀତିରେ ପୁନଶ୍ଚ ବାହାଘର ହେଲା । ଅଷ୍ଟ ମଙ୍ଗୁଳା ପରେ ପରେ ସେମାନେ ସେମାନଙ୍କ କର୍ମକ୍ଷେତ୍ରକୁ ଫେରିଗଲେ । ସେମାନେ ଗଲେ ଯେ ସେହି ଦିନଠାରୁ ଆଉ ଫେରି ନାହାନ୍ତି । ଅବିନାଶ ବର୍ତ୍ତମାନ କେନ୍ଦ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସରକାରଙ୍କ ଜଣେ ସୁଦକ୍ଷ ସଚିବ । ଏପଟେ ମାନସୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ । ଅବିନାଶଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ । ଅବିନାଶଙ୍କ ବାପା ମା ଖୁବ୍ ବୁଢ଼ାବୁଢ଼ୀ ହୋଇ ଗଲେଣି । ଦେଖା ଶୁଣା କରିବାକୁ କେହି ନାହାନ୍ତି । ସ୍ୱେଚ୍ଛାକୃତ ଭାବେ ମାନସୀ ସେସବୁ ଦାୟିତ୍ୱ ନିଜ ଉପରକୁ ନେଇ ଯାଇଛନ୍ତି । ଅବିନାଶ ଫୋନ କରି କୁହନ୍ତି, ଦେଖଛୁ ମାନସୀ, କେମିତି ମୁଁ ଦାୟିତ୍ୱ ବୋଝରେ ବୁଡି ରହିଛି । ବାପାମାଆଙ୍କ କଥା ମୁଁ ବୁଝି ପାରୁନାହିଁ । ତୁ ଟିକିଏ ତାଙ୍କ ଉପରେ ନଜର ରଖିଥିବୁ । ମୋର ଆଉ କିଏ ଅଛି କହିଲୁ ।' କିନ୍ତୁ ପଦିଏ ବି ପଚାରନ୍ତି ନାହିଁ । ମାନସୀ ତୁ କେମିତି ଅଛୁ । ସେହି ମିଛି ମିଛିକା ଟୋପାଏ ସିନ୍ଦୁରର ବୋଝ ବୋହି ଚାଲିଛନ୍ତି ମାନସୀ । ଗତକାଲି ଫୋନ୍ କରିଥିଲେ ଅବିନାଶ । ସେ ପକ୍ଷାଘାତରେ ଆକ୍ରାନ୍ତ । ବାମ ହାତ ଓ ପାଦ ଅଚଳ ହୋଇ ଯାଇଛି । ପାଖରେ କେହି ନାହାନ୍ତି ସେ ତ ଦୁଇ ବର୍ଷ ହେଲା ଗଲେଣି । ଗୋଟାଏ ନର୍ସ ଆସି ଦେଖାଶୁଣା କରୁଛି । ବହୁତ ଟଙ୍କା ବି ନେଉଛି । ଏ ଅବସର ସମୟରେ କଣ କରିବି । ସେହି ଚିନ୍ତାରେ ଅବସନ୍ନ ମାନସୀ । ନା କାହାକୁ କହି ପାରୁଛନ୍ତି ନା ସହି ପାରୁଛନ୍ତି । ମନକୁ ଦୃଢ଼ କରି ଅବିନାଶଙ୍କୁ ପାଖକୁ ଆଣିବାକୁ ସିଦ୍ଧାନ୍ତ ନେଲା ତୁରନ୍ତ ଫ୍ଲାଇଟ ଟିକେଟ ବୁକ୍ କଲା ।

ହରିପୁର,କବୀର ପୁର,ଯାଜପୁର।
ମୋ ୯୪୩୭୫୬୪୧୬୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାଲିଘର

ସୀମା କାନୁନଗୋ



ବାଲ୍ୟକାଳରେ ସମୁଦ୍ର କୂଳରେ ବାଲିଘର ତୋଳି ଖେଳିବାକୁ ବେଶ୍ ଖୁସି ଲାଗୁଥିଲା । କିନ୍ତୁ ଯେତେବେଳେ ଢେଉ ମାଡିଆସି ବାଲିଘରକୁ ଭାଙ୍ଗି ଦେଉଥିଲା, ସେତେବେଳେ ପ୍ରବଳ କାନ୍ଦୁଥିଲି ମୁଁ । ମୋ ମା' ମୋତେ ବୁଝେଇ କହୁଥିଲା, "ଏ ବାଲିଘର ଭାଙ୍ଗିଗଲା ବୋଲି ଏତେ ଦୁଃଖ କରୁଛୁ, ବାଲିଘର ସବୁବେଳେ ଭାଙ୍ଗେ, ସେ କ୍ଷଣସ୍ଥାୟୀ । ତୁ ବଡ ହେଇ ଇଟା, ସିମେଣ୍ଟରେ ଘର କରିବୁ, ଆଉ ସ୍ନେହ, ମମତାର ପରଶ ଦେଇ ସେ ଘରକୁ ସଜାଡିବୁ, ସେବେ ସେ ଘରକୁ କେହି ଭାଙ୍ଗି ପାରିବେନି ।" ମା'ର ଏହି ପଦେ କଥାରେ ମୁଁ ସେଦିନ ବୁଝି ଯାଇଥିଲି ।

ବଡ ହେଲି, ବିବାହ ବି କଲି । ଇଟା ସିମେଣ୍ଟର ଘର କରି ହୃଦୟରୁ ସ୍ନେହ, ମମତା, ଭଲ ପାଇବାର ପରଶ ଦେଇ ସଂପର୍କ ସବୁକୁ ସଜେଇଥିଲି । କିନ୍ତୁ ସମୟର ଢେଉରେ ସେ ସଂପର୍କ ସବୁ ବାଲିଘର ପରି ଭୁଷୁଡି ଗଲା । ମୋ ମା' କଥାକୁ ମୁଁ ମୋ ପାରୁ ପର୍ଯ୍ୟନ୍ତ ପାଳନ କରିଥିଲି, କିନ୍ତୁ ମୋ ଘର ଏମିତି ବାଲିଘର ପରି ଭାଙ୍ଗିଗଲା କାହିଁକି... ଭାବୁଥିଲି ମୁଁ, କାନ୍ଦୁଥିଲି ମୁଁ, କିନ୍ତୁ ମୋତେ ବୁଝେଇବାକୁ ମୋ ମା' କି ଆଉ କେହି ବି ପାଖରେ ନଥିଲେ... ।

ଆଇନଜୀବୀ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଖରାପ ପିଲାର ଗପ

ଦେବାଶିଷ ମାଇତି




ରାମ୍ ଦୁଲାଲ ରହିମ୍ ର ପୁଅ.., ପରିଶ୍ରମୀ ଆତ୍ମ ବିଶ୍ୱାସୀ..। ଗୋଟେ ଭଉଣୀ କରିସ୍ମା । ଦୁଇଜଣ ସମାନ ପାଠ ପଢ଼ନ୍ତି, କରିସ୍ମା ଝିଅ ବୋଲି ଘର କାମ ଟିକେ କମ୍ କରେ, ଅଧିକା ସମୟ ପାଠ ପଢ଼େ, ପରୀକ୍ଷାରେ ସଫଳ ହୋଇ ଆଗକୁ ବଢ଼େ । ରହିମ୍ ର ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବାରୁ ରାମଦୁଲାଲ୍ ପାଠପଢ଼ା ଛାଡ଼ି ଦିଏ ଆଉ ୪ ପେଟକୁ ଦାନା ଏବଂ ଭଉଣୀକୁ ଆଗକୁ ପଢେଇବା ପାଇଁ ଲାଗି ପଡ଼େ । ଯାହା ରୋଜଗାର କରେ ଘର ଚାଲେ, ଭଉଣୀ କୃତକାର୍ଯ୍ୟ ହୋଇ ଛୋଟ ଚାକିରି ଖଣ୍ଡେ କରିଥାଏ । ଦରମା ପଇସା ସିଧା ବାପାଙ୍କ ହାତକୁ ଦିଏ । ରହିମ୍ ବହୁତ୍ ଖୁସି ଝିଅ ରୋଜଗାର କରି ହାତରେ ଦେଲାଣି । ରାମ ଦୁଲାଲର ସବୁ ରୋଜଗାର ଟଙ୍କା ଘର କାମରେ ଲଗାଯାଏ, ଆଉ ବଳକା ନ ଥାଏ । ସେଥିଲାଗି ସେ ବାପାଙ୍କୁ ଟଙ୍କା ଦେଇ ପାରେନି । ସବୁ କାମ କରି ମଧ୍ୟ ଘର କାହାକୁ ଶାନ୍ତିରେ ରଖି ପାରେନି । ସବୁବେଳେ ବାପା ମା, କଣ ରୋଜଗାର କରୁଛୁ ଭଲ ମନ୍ଦ କିଛି ନାହିଁ, ତୋ ପାଇଁ ଆମେ ଅଶାନ୍ତି, ସେ ଚାକିରି କଲାଣି । ଏମିତି ଚାଲେ । ଦିନେ ଘରେ ବଡ଼ ପୂଜା ଥାଏ, ଲୋକେ ଖାଇବେ କେତେ ଟଙ୍କା ଖର୍ଚ୍ଚ ହେବ । ରମଦୁଲାଲ ବାପା ବସି ହିସାବ କଲେ ୨ ଲକ୍ଷ ଟଙ୍କା । ବାପା କହିଲେ ମୋ ପାଖେ କରିସ୍ମାର ନଗଦ ୧ ଲକ୍ଷ ଅଛି ଆଉ ଦେଖିବା କଉଠୁ ହେଇ ପାରିବ । ଚାଲ୍ ଆଗ ୧ ଲକ୍ଷରେ ମାର୍କେଟିଙ୍ଗ ସାରିଦେବା । ରାମ ଦୁଲାଲ୍ ବାପାଙ୍କ ପାଖରୁ ମାତ୍ର ୪୦ ହଜାର ଟଙ୍କା ନେଇଗଲା ମାର୍କେଟିଙ୍ଗ କରିବାକୁ । ରାସ୍ତାରେ ଫୋନ୍ ଆସିଲା ବାପାଙ୍କର ସେ ଟେଣ୍ଟ ବାଲାଙ୍କୁ ଟଙ୍କା କିଛି ଦେଇ ଆସିବୁ ଆଉ ବଣିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୋକାନରେ ଦେଇ ଆସିବୁ । ରାମଦୁଲାଲ ଦେଖେ ମାତ୍ର ୩୦୦୦ ଅଛି । ଶେଷରେ ସାଙ୍ଗ ପାଖରୁ ୧ ଲକ୍ଷ ଧାର ଆଣିଲା ଆଉ ସମସ୍ତଙ୍କୁ ପଇସା ଦେଇ ପୂଜା ଆୟୋଜନରେ ଲାଗିଗଲା । ବାପା କହିଲେ ସବୁ ହେଇଗଲା ତ । ରାମ ଦୁଲାଲ ହଁ ବାପା ସବୁ ସରିଛି ପୂଜା ହେବ ପରା । ଦିନ ଦୁଇଟା ହେଲାଣି କରିସ୍ମାର ଚାକିରିଆ ସାଙ୍ଗମାନେ କିଛି ଆସିଛନ୍ତି, ସେ ପଚାରିଲେ ତୋ ଭାଇ କାହାନ୍ତି କି ? ରାମ ଦୁଲାଲ ପାଣି ଡ୍ରମ୍ ରେ ପାଣି ପୁରାଉ ଥାଏ ଏବଂ ବେକରେ ଗୋଟେ ଚିରା ଗାମୁଛା ଆଉ ମୁଣ୍ଡରେ ପଗୁଡ଼ି ।  କାହିଁକି ନା ବାପା ଅସୁସ୍ଥ, ଲୋକେ ଖାଇବେ ରୋଷେୟା ବ୍ୟସ୍ତ କଲାଣି ତାକୁ ଭାବିବାକୁ ସମୟ ନାହିଁ । ଗୋଟେ ପରେ ଗୋଟେ କରି ଚାଲିଛି । ବାପା ଯେମିତି ଅସୁବିଧା ନ ପଡ଼ନ୍ତି, ଘର ଲୋକଙ୍କୁ କେହି ଯେମିତି ଖରାପ୍ ନ କୁହନ୍ତି ।  କରିସ୍ମା ଉତ୍ତର ଦେଲା ହେଇପା ପାଣି ପୁରାଉଛି । ହେଲେ ତୋ ଭାଇ କଣ ପାଇଁ ଏଇ କାମ କରୁଛନ୍ତି ? କରିସ୍ମା.., ସେ କରେ.. ପାଠ ପଢିଲା ନାହିଁ ସେବେଠୁ ବିଲ ବାଡ଼ି ସବୁ କାମ କରେ ।  ଚେଷ୍ଟା କରିଥିଲେ ହେଇଥାନ୍ତା, ପଢ଼ିଲାନି ଆଉ କଣ କରିବ । ରାମ ଦୁଲାଲ ହାଲକା ଶୁଣି ଆଖି ଛଳ ଛଳ ହୋଇ ସେଠୁ ଚାଲିଗଲା । ସେଠୁ ସେ କାମରେ ବାହାରି ଗଲା, ପୂଜା ହେଲା ସବୁ ଲୋକ ଖାଇଲେ । ରାମ ଦୁଲାଲ ସମସ୍ତଙ୍କ ଖାଇବା ବୁଝି ସାରି ଶେଷ ଟେବୁଲରେ ଟେଣ୍ଟ ବାଲାଙ୍କ ସଙ୍ଗେ ବସି ଖାଇଲା ହେଲେ ଭୁଲ୍ ରେ କରିସ୍ମାର ଦୁଇ ସାଙ୍ଗ କଥାରେ ମଜାରେ ଘର ଭିତରେ ରହିଗଲେ । ଦିନ ୨.୩୦ ଯେତେବେଳେ ହେଲା କରିସ୍ମା ବାହାରକୁ ଆସି ଦେଖେ ଭାଇ ଶେଷରେ ଖାଇବାକୁ ବସିଚି ଲୋକେ ସବୁ ଗଲେଣି, କରିସ୍ମା ସିଧା ଭାଇକୁ ଲୋକଙ୍କ ଆଗରେ କହିଲା, ଭାଇ ! ତୋତେ ଲାଜ ଲାଗୁନି ତୁ ଏକା ଏକା ଖାଇଗଲୁ, ମୋ ଦୁଇ ସାଙ୍ଗ ଖାଇ ନାହାନ୍ତି ?

ରାମଦୁଲାଲ୍, ହେଲେ ମୁଁ ତ ସମସ୍ତଙ୍କୁ ଡାକିଲି ଘରେ ବନ୍ଧୁ ବାନ୍ଧବ ସମସ୍ତେ ଖାଇ ସାରିଛନ୍ତି କହିଲେ ।  ଟେଣ୍ଟ ଭାଇ ଖାଇ ନଥିଲେ, ସେଥିଲାଗି ସେମାନେ ଶେଷରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବସିଲେ ଆଉ ମୁଁ । କରିସ୍ମା; ହୁଁ ! ତୁ କହିଲୁ ଜୀବନରେ କଉ କାମଟା ଠିକ୍ ସେ କରି ପାରିଛୁ, ଦୁଇ ଟଙ୍କାର ଘରକୁ ସାହାଯ୍ୟ ନା କୌଣସି ଦାୟିତ୍ୱ ? ରାମ ଦୁଲାଲ ଚୁପ୍ ଚାପ୍ ଅଧା ଖାଇବାରୁ ଉଠିଗଲା, ସକାଳ ଠାରୁ ଦୌଡ଼ା ଦୌଡ଼ି କରି ପୂଜା ଭଲ ସେ ସରିଲା, ସବୁ ବନ୍ଧୁ ବାନ୍ଧବ ଖାଇକି ଘରକୁ ଗଲେଣି ସାଇ ପଡ଼ିଶା ଘର ଧରିଲେଣି କିନ୍ତୁ ଘରର ସବୁ ବୁଝିଥିବା ପିଲାଟି ହୃଦୟ କଥା କେହି ବୁଝି ପାରିଲେନି । ରାମ ଦୁଲାଲ କ୍ୟାଟରିଙ୍ଗ ବାଲାଙ୍କୁ କହି କରିସ୍ମା ସାଙ୍ଗଙ୍କ କଥା ବୁଝିଲା । ଏବଂ ଶେଷରେ ସେମାନଙ୍କୁ ତାଙ୍କ ପାରିଶ୍ରମିକ ଦେଇ ଜଣ ଜଣଙ୍କୁ ବିଦା କଲା, ସନ୍ଧ୍ୟା ସୁଦ୍ଧା ସମସ୍ତେ ନିଜ ନିଜ ଘର ଧରିଗଲେ । ରାମ ଦୁଲାଲ ବଜାରରେ ବାକି ଥିବା ଟଙ୍କା ପୈଠ କରି ନିରୋଳାରେ ବସିଲା । ମନ ଭାରି ଥାଏ, ଲୋକ ତ ଯାହା କହିଲେ, ପୁଣି ନିଜ ଲୋକ ବି ଛାଡ଼ିଲେନି ? ସତରେ କଣ ଟଙ୍କା ପାଇଁ ସମ୍ପର୍କ ଭୁଲି ଯାଆନ୍ତି ? ନିଜ ମନକୁ ବୁଝେଇ ଘରକୁ ଫେରିଲା । ଦୁଇ ଦିନ ବିତିଗଲା ପରେ ରାକ୍ଷୀ ପୂର୍ଣ୍ଣିମା ଥାଏ । କରିସ୍ମା ସବୁ ବର୍ଷ ପରି ଏହି ବର୍ଷ ରାକ୍ଷୀ ବାନ୍ଧିଲା । କଥାରେ କଥାରେ ମା କହିଲେ, ଭଉଣୀକୁ ରାକ୍ଷୀ ପାଉଣା ଦେଲୁନି ? କି ? କରିସ୍ମା; ବୋଉ ତୁ ବି କାହାକୁ ମାଗୁଛୁ କହିଲୁ ତା ପାଖରୁ ମୋର ୧ ଟଙ୍କାରେ ଚକୋଲେଟ ଆଶା ନାହିଁ, ରାମ ଦୁଲାଲ ଚୁପ୍ ଚାପ୍ ହୋଇ ସେ ଜାଗାରୁ ଚାଲି ଯାଇଥିଲା । ଆଉ କହିଗଲା, ସମୟ କହିବ ତୁ କଣ ଆଶା କରୁଛୁ କି ନାହିଁ । ଏତଦ୍ ବେଳେ ରହିମ୍ ଡାକ ମାରେ ଦୁଲାଲ; ବାପା ଆସିଲୁ ଟିକେ, ରାମ ଦୁଲାଲ ଯାଇ ପହଁଚିଲା ବାପା ସେ ବାଡ଼ିରେ କଣ କରୁଛନ୍ତି ତାଙ୍କୁ ଯାଇ ସାହାଯ୍ୟ କରିବା ବେଳେ ବାପା କହିଲେ, ସବୁ ବାକି ପଇସା ପତ୍ର ବଜାରରେ ଦେଇ ଆସିଛୁ ତ ? ନ ହେଲେ ତୋ ଭଉଣୀର ସମ୍ମାନ ନଷ୍ଟ ହେଇଯିବ, ତୁ ସିନା ବଜାର ବୁଲା ତୋର କିଛି ହେବନି ହେଲେ ସେ ଚାକିରି କରିଛି, ହଁ ମୁଁ ଦେଇ ଦେଇଛି, ହଉ ତୁ ଯା ଏବେ ଆଉ କାମ ନାହିଁ । ରାମ୍ ଦୁଲାଲ, ମନେ ମନେ ଭାବୁଥାଏ, ୨ ଲକ୍ଷରୁ ବାପା ମୋତେ ସବୁ ୪୦ ହଜାର ଦେଇଛନ୍ତି, କଣ ସତରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୁଲିଗଲେ ଆଉ ସବୁ ଟଙ୍କା କଉଠୁ ଆସିଲା । ହଉ ଛାଡ଼, ରାମ୍ ଆଗକୁ ବଢ଼ିଲା, ଏମିତି ଏକ ବର୍ଷ ବିତି ଯାଇଥାଏ । ସେତେବେଳକୁ ରାମ୍ ଜଣେ ଡ୍ରାଇଭର ହୋଇ ଯାଇଥାଏ । ଦିନେ ରହିମ୍ ର ଦେହ ବହୁତ୍ ଖରାପ ହେଲା ଡକ୍ଟର କହିଲେ ତାଙ୍କର ହାର୍ଟ ଅପରେସନ ପାଇଁ ୭ ଲକ୍ଷ ଦରକାର । କରିସ୍ମା ପାଖରେ ସଞ୍ଚିତ ଧନ ୩ ଲକ୍ଷ ଥାଏ । ତାକୁ କାମରେ ଲାଗିଲା । ବାକି ୪ ଲକ୍ଷ ରାମ୍ ଦୁଲାଲ କଉଠୁ ଧାର କରି ଡାକ୍ତରଖାନାରେ ଜମା କଲା । ଅପରେସନ ସରିଲା ପରେ ରାମ୍ ଦୁଲାଲ ଘର ବାପାଙ୍କୁ ଛାଡି କହିଗଲା, ମୁଁ ଟିକେ ଆସେ, ସିଧା ଚାଲିଲା ତାର ଗୋଟେ ସାଙ୍ଗ ଦୁବାଇରେ, ସେଠାକୁ, ଘରେ କହିଗଲା ୪-୬ ମାସ ପରେ ଆସିବି । କରିସ୍ମାର ମନ ଟିକେ ହାଲୁକା ଥାଏ ହେଲେ ଏତେ ଗୁଡ଼ିଏ ଟଙ୍କା ଖର୍ଚ୍ଚ, ପୁଣି ବାପା ଦେହ ଖରାପ୍ ସହ ଭାଇଟା ବି ଘରୁ ବାହାରକୁ ଗଲା । ମନ ଦୁଃଖ । ରାମ୍ ଦୁଲାଲ ଘରେ କହିଥିଲା ଯେ ଟଙ୍କା ମାଉସୀ ଘର, ମାମୁଁ ଘର ଦେଇଛନ୍ତି ସେଇ ପଇସାରେ ବାପାଙ୍କ ଅପରେସନ, ହେଲେ ସତଟା ହେଲା ସେ ତାର ପିଲାଟି ବେଳର ସୁନା ଚେନ ଆଉ ଲକେଟ୍ ବିକ୍ରି କରି ଦେଇଥିଲା ବାକି ପଇସା ସେଇ ବଜାରରୁ ଧାର କରିଥିଲା । ଏଇ କଥା ବଜାରରେ ମିଶୁଥିବା ରାମ୍ ଦୁଲାଲ ସାଙ୍ଗ କିଛି ଜାଣନ୍ତି । ରହିମ୍ ର ସ୍ତ୍ରୀ ସିମରନ୍ ତା ଭଉଣୀ ସଙ୍ଗେ କଥା ହେଲା ବେଳେ ଶୁଣିଲା ଯେ ପଇସା ବାବଦରେ କିଛି ଜଣା ନାହିଁ । ସେମାନେ କେହି ରାମ୍ କୁ ଦେଇନାହାନ୍ତି, ଆଶ୍ଚର୍ଯ୍ୟ ହୋଇ କରିସ୍ମାକୁ ପଚାରେ, ହେଲେ ଉତ୍ତର ସମାନ । କରିସ୍ମା କହିଲା ବୋଉ ତୁ ବ୍ୟସ୍ତ ହୋନି, କେହି ମାମୁଁ ଘର ଦେଇଥିବ । ସେଦିନ କରିସ୍ମା ବଜାରରୁ ସଉଦା ଆଣିଲା ବେଳେ, ସ୍କୁଟିରୁ ପଡିଗଲା, ଆଉ ଏତିକି ବେଳେ ପଡୋଶୀଙ୍କ କଥା କାନରେ, ପୁଅ ବଜାର ଆସୁଥିଲା ଘର କାମ ପାଇଁ ହେଲେ, ଛୁଆଟା ଧାର ଉଧାରରେ ବୁଡ଼ି ଶେଷରେ ଘର ଛାଡ଼ିଦେଲା । କରିସ୍ମା ଚୁପ୍ ଚାପ୍ ହୋଇ ଶୁଣିଲା ଆଉ ବହୁତ୍ ଭାବିଲା ଆରମ୍ଭ ହୁଏ ତାର ଅନୁତାପ । ସତରେ ମୋ ଭାଇ ଏମିତି ପରିସ୍ଥିତିରେ । ଆଖି ଛଳ ଛଳ ଆଉ ନିରୁତ୍ତର, ଠିକ୍ ତା ପରଦିନ ରାକ୍ଷୀ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ପୂର୍ଣ୍ଣିମା, କରିସ୍ମାକୁ ଦୋକାନୀ ଲୋକେ ପଚାରିଲେ ଦିଦି ରାକ୍ଷୀ ନେବନି ଏଇ ବର୍ଷ, ସେ ଖାଲି ମୁଣ୍ଡ ହଲେଇ ଦେଲା, ହେଲେ ଆଖିର ଅଶ୍ରୁର ଧାର ଥିଲା ଅନେକ । ରାକ୍ଷୀ ପୂର୍ଣ୍ଣିମା ଦିନ ସେ କାଇଁ କେଜାଣି ଅନେକ ଭାଇକୁ ଖୋଜିଲା, ହେଲେ ଥିଲା ଯନ୍ତ୍ରଣା, ତାକୁ ଦେଇଥିବା ଅପମାନର ଦାଗ, ଟଙ୍କା ପାଇଁ ଅନ୍ୟ ଆଗରେ କରିଥିବା ଛୋଟ ତା ମନ ସହ ବିଦ୍ରୋହ । ପୁଣି ତାରି ପାଇଁ ବାପା ବୋଉ କେତେ ଅପମାନ । ଭାଇର ପୂର୍ବ ବର୍ଷ ରାକ୍ଷୀ ପୂର୍ଣ୍ଣିମା ଦିନ କଥା, "ସମୟ ଆସିଲେ ତୁ ଜାଣିବୁ ମୋ ପାଖରୁ ୧ ଟଙ୍କା ଆଶା କରୁ କି ନାହିଁ" ଆଜି ତାକୁ ବଜାରରେ କେହି ଅପମାନ କଲେ ବି ସେ କାହାକୁ କହିବ ? ଖାଲି ଯନ୍ତ୍ରଣା ଆଉ ଯନ୍ତ୍ରଣା । ତେଣୁ ଗୋଟେ କଥା ନିଶ୍ଚିତ ଟଙ୍କା ଅହଙ୍କାର ବଶବର୍ତ୍ତୀ ମଣିଷ ଭଗବାନ ବି କ୍ଷମା କରନ୍ତି ନାହିଁ । ବାପା ଆଉ ବୋଉ ଆଜି ବି ଝୁରୁଛନ୍ତି ରାମ୍ ଦୁଲାଲ କେବେ ଫେରିବ ୬ ମାସ କହି ୬ ବର୍ଷ ହୋଇଗଲା । ହେଲେ ବଜାରରେ ସବୁ ଟଙ୍କା ଲୋକଙ୍କର ସୁଝି ସାରିଥିଲା । କିନ୍ତୁ ସେ ଆଉ ଫେରିଲାନି ଗୋଟେ ଚିଠି ଆସିଥିଲା । ଏ ଜନ୍ମରେ ସିନା କାହାରି ଭଲ ହେଇ ପାରିଲିନି ଯଦି ଆର ଜନ୍ମକୁ ଜନ୍ମ ନେଲି ତାହେଲେ ଚେଷ୍ଟା କରିବି ବାପା, ବୋଉ ଆଉ ଶ୍ରଦ୍ଧାରେ କୁନି । ମୋତେ କ୍ଷମା କରିବ ।

ଇତି ହତଭାଗା ରାମ୍ ଦୁଲାଲ

ଦେବାଶିଷ୍ ମାଇତି
ଇରମ୍ ବାସୁଦେବପୁର
ଭଦ୍ରକ ୭୫୬୧୨୫
ଫୋନ୍:୯୮୫୩୫୫୬୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଦୃଶ୍ୟ ହାତ

ଆଶୁତୋଷ ନାୟକ



ସୃଷ୍ଟିର ଆରମ୍ଭରୁ ଏହା ପ୍ରମାଣିତ ଯେ ପ୍ରକୃତି ବିଜ୍ଞାନ ଠାରୁ ବଳଶାଳୀ । ମଣିଷ ନିଜର ସମସ୍ତ ସାମର୍ଥ୍ୟ ପ୍ରୟୋଗ କରି ମଧ୍ୟ ପ୍ରକୃତି ଉପରେ ନିଜର ଆଧିପତ୍ୟ ବିସ୍ତାର କରିବା ଅସମ୍ଭବ । ଯେଉଁ ମନୁଷ୍ୟମାନେ ଭଗବାନଙ୍କର ଅସ୍ତିତ୍ୱ ଉପରେ ସର୍ବଦା ପ୍ରଶ୍ନବାଚୀ ସୃଷ୍ଟି କରନ୍ତି ସେମାନେ ଜାଣି ରଖିବା ଉଚିତ ପ୍ରକୃତିର ସୃଷ୍ଟି ବିଜ୍ଞାନର ଅନ୍ତରୁ ହିଁ ଆରମ୍ଭ ହୋଇଥାଏ । ନିଜର ଅର୍ଥ, ବ୍ୟାଙ୍କ ବାଲାନ୍ସ, ପ୍ରତିଷ୍ଠା, କ୍ଷମତା, ସୁନ୍ଦର ଆକର୍ଷଣୀୟ ଚେହେରା ପାଇଁ ଅହଂକାର କରୁଥିବା ମନୁଷ୍ୟ ଆଜି କିନ୍ତୁ ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ପ୍ରତି ମୁହୂର୍ତ୍ତରେ ବଞ୍ଚିବା ପାଇଁ ସଂଗ୍ରାମ କରୁଛି ।

ଏକବିଂଶ ଶତାବ୍ଦୀର ମନୁଷ୍ୟ କୃତିମ ବୃଦ୍ଧିମତା ପ୍ରୟୋଗ କରି ଅନେକ ଅସାଧ୍ୟ କର୍ମ ସଂପାଦନ କରୁଛି । କୃତିମ ବୃଦ୍ଧିମତା ଦ୍ୱାରା ଅନେକ ଘାତକ ଦୂରାରୋଗ୍ୟ କ୍ୟାନସର, ହାର୍ଟଷ୍ଟ୍ରୋକ, ବ୍ରେନଷ୍ଟ୍ରୋକ, ହାର୍ଟ ଅପେରସନ, କିଡ଼ନୀ ଟ୍ରାନ୍ସପ୍ଲାଣ୍ଟ ଇତ୍ୟାଦି ସହଜରେ ଚିକିତ୍ସା କରାଯାଇ ପାରୁଛି । ବିଭିନ୍ନ ଅତ୍ୟାଧୁନିକ ସାଟେଲାଇଟ, ମିଶାଇଲ, ଇତ୍ୟାଦିର ପ୍ରେରଣ ସମ୍ଭବ ହୋଇପାରୁଛି । ଏକବିଂଶ ଶତାବ୍ଦୀର ମନୁଷ୍ୟ ନିଜର ବୃଦ୍ଧି, ବିବେକ, ଜ୍ଞାନ ବଳରେ ବଳୀୟାନ ହୋଇ ବିଜ୍ଞାନ ଦ୍ୱାରା ଅସମ୍ଭବ କୁ ସମ୍ଭବ କରୁଛି କିନ୍ତୁ ସବୁ କିଛି ଥାଇ ମଧ୍ୟ ଏ ବିଶ୍ୱ ବ୍ରହ୍ମାଣ୍ଡରେ ଥିବା ଅଗଣିତ ପ୍ରାଣୀଙ୍କ ମଧ୍ୟରେ ନିଜକୁ ସର୍ବଶକ୍ତିମାନ, ବୃଦ୍ଧିମାନ ପ୍ରାଣୀ ଭାବେ ବିବେଚନା କରୁଥିବା ରକ୍ତମାଂସଧାରୀ ମନୁଷ୍ୟ ପ୍ରକୃତି ପାଖରେ ଅସହାୟ ହୋଇପଡୁଛି ।

ଯେତେବେଳେ କୌଣସି ପ୍ରାକୃତିକ ଦୁର୍ବିପାକ ଯେପରି ଭୂମିକମ୍ପ, ସୁନାମି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଳୟଙ୍କାରୀ ବନ୍ୟା, ବାତ୍ୟା, ଘୁର୍ଣ୍ଣିଝଡ଼ ପରି ବିପଦକୁ ସାମନା କରୁଛି ସେତେବେଳେ କୌଣସି ଉପାୟ ନପାଇ ନିଜ ଜୀବନ ବଞ୍ଚାଇବା ପାଇଁ ଈଶ୍ୱରଙ୍କ ପାଖରେ ଆକୁଳ ନିବେଦନ କରୁଛି କାରଣ ସେତେବେଳେ ହିଁ ମନୁଷ୍ୟ ଈଶ୍ୱରଙ୍କ ସତ୍ତା ଉପଲବ୍ଧି କରୁଛି ଯେତେବେଳେ ସେ ବଞ୍ଚିବାର ରାହା ଖୋଜୁଛି । ଈଶ୍ୱରଙ୍କ ଅଦୃଶ୍ୟ ହାତ ବ୍ୟତୀତ ଏ ବିଶ୍ୱବ୍ରହ୍ମାଣ୍ଡରେ ଆଉ କୌଣସି ଶକ୍ତି ମନୁଷ୍ୟକୁ ଭୟଙ୍କର ବିପତ୍ତିରୁ ଉଦ୍ଧାର କରିବାର ସାମର୍ଥ ନାହିଁ ।

ଗୋଟିଏ ସହରରେ ଦୁଇଜଣ ବ୍ୟକ୍ତି ବସବାସ କରୁଥିଲେ । ସେହି ଦୁଇଜଣ ବ୍ୟକ୍ତି ପରମ ବନ୍ଧୁ ଥିଲେ ଏବଂ ତାଙ୍କ ମଧ୍ୟରେ ନିବିଡ ସମ୍ପର୍କ ଥିଲା । କିନ୍ତୁ ସେ ଦୁଇଜଣ ବନ୍ଧୁଙ୍କ ସ୍ୱଭାବ ବିପରୀତ ଥିଲା । ଜଣେ ପ୍ରଗାଢ଼ ଈଶ୍ୱର ବିଶ୍ୱାସୀ ଥିଲେ ସତ୍ୟ, ନୀତି ନିୟମ,ପରୋଉପକାରୀ, ସ୍ୱାଭିମାନୀ ବ୍ୟକ୍ତି ଥିଲେ । କିନ୍ତୁ ସେ ସୁଦାମାଙ୍କ ପରି ଅତ୍ୟନ୍ତ ଦରିଦ୍ର ବ୍ରାହ୍ମଣ ଥିଲେ । ସେ ପୂଜାପାଠ କରି ବହୁକଷ୍ଟରେ ନିଜର ପରିବାର ପୋଷଣ କରୁଥିଲେ । ଆଉ ଜଣେ ବ୍ୟକ୍ତି ନାସ୍ତିକ ଥିଲେ । ସେ ଈଶ୍ୱରଙ୍କୁ କଦାପି ବିଶ୍ୱାସ କରୁନଥିଲେ ଏବଂ ମନ୍ଦିରପରି ଧାର୍ମିକ ସ୍ଥଳକୁ କେବେବି ଯାଉନଥିଲେ । ସେ ବହୁତ ଅହଙ୍କାରୀ ଥିଲେ । ତାଙ୍କ ପାଖରେ ଅମାପ ସମ୍ପତ୍ତି, ପୁଳା ପୁଳା ଟଙ୍କା ଥିଲା । ସେ ଅର୍ଥକୁ ନିଜର ସବୁକିଛି ମନେ କରୁଥିଲେ ଆଉ ସଦାସର୍ବଦା କହୁଥିଲେ ଅର୍ଥ ଦ୍ୱାରା ସବୁକିଛି କରିପାରିବେ ସବୁ ଅସମ୍ଭବ କାର୍ଯ୍ୟକୁ ତୁଟିକି କରିପାରିବେ । ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତି ମୋହରେ ଅନ୍ଧ ହୋଇ ସେ ନିଜର ଅନ୍ତରଙ୍ଗ ଦରିଦ୍ର ବନ୍ଧୁଙ୍କୁ ସଦାସର୍ବଦା ଉପହାସ କରୁଥିଲେ ଏବଂ କହୁଥିଲେ ଈଶ୍ୱରଙ୍କ ସତ୍ତା କିଛି ନାହିଁ ଏ ଦୁନିଆରେ, ନିଜର ବାହୁବଳ, ଅର୍ଥବଳ, କ୍ଷମତା ପ୍ରୟୋଗ କରି ସେ ସବୁକିଛି କରିପାରିବେ ।

ଧନୀ ବ୍ୟକ୍ତିଙ୍କର ଦୁଇପୁତ୍ର ଥିଲେ । ସେମାନେ ସଦାସର୍ବଦା ନିଶାଗ୍ରସ୍ତ ରହୁଥିଲେ, ସୋମରସ ପାନ କରି ଆମିଷ ଭକ୍ଷଣ କରି ମଉଜ ମଜଲିସରେ ନିଜର ସମୟ ଅତିବାହିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରୁଥିଲେ । ସେମାନେ ଅତ୍ୟନ୍ତ ବିଶୃଙ୍ଖଳିତ, ଉଗ୍ର, ଗର୍ବୀ ଥିଲେ । ସେ ଦରିଦ୍ର ବ୍ରାହ୍ମଣ ବ୍ୟକ୍ତିଙ୍କର ଗୋଟିଏ ପୁତ୍ର ଥିଲେ । ସେ ଚିତ୍ରକଳାରେ ନିପୁଣ ଥିଲେ । ଜଗନ୍ନାଥ ମହାପ୍ରଭୁ ସାନିଧ୍ୟ ପାଇବା ପାଇଁ ନିଜର ପିତାଙ୍କ ପରି ସେ ମଧ୍ୟ ସଦାସର୍ବଦା ଧ୍ୟାନଗ୍ରସ୍ତ ରହୁଥିଲେ । କିଛିଦିନର ସମୟ ଅତିକ୍ରାନ୍ତ ହେଲାପରେ ଦିନେ ମହାପ୍ରଭୁ କାଳିଆ ସାଆନ୍ତଙ୍କ କୃପାଦୃଷ୍ଟି ସେ ଦରିଦ୍ର ବ୍ରାହ୍ମଣଙ୍କ ପୁତ୍ର ଉପରେ ପଡ଼ିଲା । ଦରିଦ୍ର ବ୍ରାହ୍ମଣର ପୁତ୍ର ଶୋଇଥିବା ସମୟରେ ମହାପ୍ରଭୁ ଜଗନ୍ନାଥଙ୍କର ସ୍ୱପ୍ନାଦେଶ ହେଲା ନିଜର ଚିତ୍ରକଳା ମାଧ୍ୟମରେ ବିଭିନ୍ନ ଦେବାଦେବୀଙ୍କର ପ୍ରତିମୂର୍ତ୍ତି ନିର୍ମାଣ କରି ଅର୍ଥ ଉପାର୍ଜନ କରିବା ପାଇଁ । ନିଦରୁ ଉଠିଲାପରେ ସେ କାଳବିଳମ୍ବ ନକରି ନିଜର ପିତାଙ୍କ ସହ ସ୍ୱପ୍ନାଦେଶ ବିଷୟରେ ଆଲୋଚନା କଲେ ଏବଂ ପିତାଙ୍କର ନିର୍ଦ୍ଦେଶରେ ବିଭିନ୍ନ ଦେବଦେବୀଙ୍କର ପ୍ରତିମୂର୍ତ୍ତି ନିର୍ମାଣରେ ଲାଗିଗଲେ । ମହାପ୍ରଭୁ ଜଗନ୍ନାଥଙ୍କର ଅଦୃଶ୍ୟ ହାତ ସଦାସର୍ବଦା ତାଙ୍କ ଉପରେ ରହିଛି ବୋଲି ତାଙ୍କର ପ୍ରଗାଢ଼ ବିଶ୍ୱାସଥିଲା । ସେଥିପାଇଁ ଅଳ୍ପ ଦିନ ମଧ୍ୟରେ ଚିତ୍ରକଳା ବିଦ୍ୟାରେ ସେ ପାରଙ୍ଗମ ହୋଇଯାଇଥିଲେ ଏବଂ ବିଭିନ୍ନ ଦେବାଦେବୀଙ୍କର ପ୍ରତିମୂର୍ତ୍ତି ତାଙ୍କ ପାଖରୁ ନେବା ପାଇଁ ଦେଶବିଦେଶରୁ ଅନେକବ୍ୟକ୍ତି ଆସୁଥିଲେ । ସେ ଚିତ୍ରକଳା ବିଦ୍ୟା ମାଧ୍ୟମରେ ଯାହାବି ଅର୍ଥ ଉପାର୍ଜନ କରୁଥିଲେ ସେଥିରୁ ଅଧିକାଂଶ ଅର୍ଥ ତାଙ୍କ ସହରରେ ଗୋଟିଏ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣରେ ବିନିଯୋଗ କରିଥିଲେ ।

ଏହିପରି କିଛିବର୍ଷ ଅତିକ୍ରାନ୍ତ ହେଲାପରେ ଦିନେ ସେ ଦରିଦ୍ର ବ୍ରାହ୍ମଣ ପରିବାର ସହିତ ଅଲୌକିକ ଘଟଣା ଘଟିଲା । ଦିନେ ପ୍ରାତଃ ସମୟରେ "ଭିକ୍ଷା ଦେହି"ର ଶବ୍ଦ ଦରିଦ୍ର ବ୍ରାହ୍ମଣ ପରିବାର ସଦସ୍ୟଙ୍କ କର୍ଣ୍ଣରେ ଗୁଞ୍ଜରିତ ହେଲା । ସେମାନେ ସପରିବାର ବାହାରକୁ ଆସି ଦେଖିଲେ ଜଣେ ସନ୍ୟାସୀ ଭଗବାନ ହନୁମାନଙ୍କ ମନ୍ଦିର ନିର୍ମାଣ ପାଇଁ କିଛି ଅର୍ଥର ସହାୟତା ଲୋଡ଼ିଥିଲେ । ସନ୍ୟାସୀଙ୍କ କଥା ଶୁଣି ବ୍ରାହ୍ମଣ ଏବଂ ତାଙ୍କର ପୁତ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାଳବିଳମ୍ବ ନକରି ତାଙ୍କ ପାଖରେ ସଞ୍ଚିତ ଥିବା କିଛି ଅର୍ଥରାଶି ସେ ସନ୍ୟାସୀଙ୍କୁ ପ୍ରଦାନ କରିଥିଲେ । ସେହି ସମୟରେ ଏକ ଆଶ୍ଚର୍ଯ୍ୟ ଘଟଣା ଘଟିତ ହେଲା । ସେ ସହରରେ ଭୟଙ୍କର ଭୂମିକମ୍ପ ଦୃଶ୍ୟମାନ ହେଲା । ଭୂମିକମ୍ପର ତୀବ୍ରତା ଏତେ ମାତ୍ରାରେ ଥିଲା ଯେ ସେ ସହରରେ ଥିବା ସମସ୍ତ ବିଶାଳକାୟ ସୁରମ୍ୟ ଅଟ୍ଟାଳିକା, ଅନେକ ଗୃହ, ଏପରିକି ସେ ଧନୀ ବ୍ୟକ୍ତିଙ୍କ ବିଶାଳ ସାମ୍ରାଜ୍ୟ ମଧ୍ୟ ତାସର ଘର ପରି ଭାଙ୍ଗି ଚୁରମାର ହୋଇ ଯାଇଥିଲା । ଧନୀ ବ୍ୟକ୍ତିଙ୍କ ପରିବାରର ସମସ୍ତ ସଦସ୍ୟ ଜୀବନଦୀପ ଲିଭିଯାଇଥିଲା ଏବଂ ତା ସହିତ ଗୃହର ସମସ୍ତ ଆସବାସ ପତ୍ର, ମୂଲ୍ୟବାନ ବସ୍ତୁ, ଜୀବନବ୍ୟାପି ସଞ୍ଚିଥିବା ସମସ୍ତ ଅର୍ଥ ଆଖି ପିଛୁଳାକେ ମାଟିରେ ମିଶିଗଲା । ହାତଗଣତି କିଛି ବ୍ୟକ୍ତିଙ୍କୁ ଛାଡି ଦେଲେ ସହରରେ ଅଧିକାଂଶ ବ୍ୟକ୍ତିଙ୍କର ଭୂମିକମ୍ପରେ ପ୍ରାଣହାନୀ ଘଟିଥିଲା ଆଉ ଅନେକ ପଙ୍ଗୁ ହୋଇଯାଇଥିଲେ ।

ସେ ଦରିଦ୍ର ବ୍ରାହ୍ମଣ ପରିବାର ଭୂମିକମ୍ପର କରାଳ ରୂପ ଦେଖି ହତବାକ ହୋଇ ଯାଇଥିଲେ । ସେ ରହୁଥିବା ବାସସ୍ଥାନ ମାଟିରେ ମିଶିଯାଇଥିଲେ ମଧ୍ୟ ତାଙ୍କ ପରିବାର ସମସ୍ତ ସଦସ୍ୟଙ୍କ ମୂଲ୍ୟବାନ ଜୀବନ ସୁରକ୍ଷିତ ଥିଲା । ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଯେ ସନ୍ୟାସୀ ବେଶରେ ଆସି ଭୂମିକମ୍ପ ପରି ଭୟଙ୍କର ବିପତ୍ତିରୁ ଦରିଦ୍ର ବ୍ରାହ୍ମଣ ପରିବାରର ସମସ୍ତ ସଦସ୍ୟଙ୍କୁ ଉଦ୍ଧାର କରିଛନ୍ତି ଏହା ସେମାନେ ଭଲଭାବରେ ବୁଝିଯାଇଥିଲେ ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ତାଙ୍କର ବିଶ୍ୱାସ ଆହୁରି ପ୍ରଗାଢ଼ ହୋଇଯାଇଥିଲା । ଯୁଗେ ଯୁଗେ ଏହା ପ୍ରମାଣିତ ମହାପ୍ରଭୁ କାଳିଆ ସାଆନ୍ତ ନିଜର ଭକ୍ତଙ୍କୁ ଉଦ୍ଧାର କରିବା ପାଇଁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିଥାନ୍ତି ଏହା ବୁଝିବା ସାଧାରଣ ମନୁଷ୍ୟ ପକ୍ଷରେ ଅସମ୍ଭବ । ସେଥିପାଇଁ କୁହାଯାଏ

" ଭକତ ତ ମାତା ପିତା ଭକତ ତ ବନ୍ଧୁ,

ଭକତ ନିମନ୍ତେ ତୋର ନାମ କୃପାସିନ୍ଧୁ " ।

ମୋବାଇଲ-୭୦୨୦୬୧୩୦୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଖରାଦିନେ କଟକ ସହର

ଶିବନାରାୟଣ ଦାସ



ଖରାବେଳ ଦ୍ୱିପ୍ରହର
କଟକ ସହର,
ଝାଂଜି-ତାତି ଉତ୍ପୀଡ଼ନ
ଅସହ୍ୟ ଗ୍ରୀଷମ,
ରାସ୍ତା-ଘାଟ, ଗଳି-କନ୍ଦି ବ୍ୟାପି
ଘାଣ୍ଟୁଥାଏ ଛୁଂଚିଫୋଡା ଗରମ ପବନ
କ୍ଳିଷ୍ଟ କରି
ଗଛ-ଲତା, ଜୀବ-ଜନ୍ତୁ ପ୍ରାଣ ।
ପତଲୁନ କାମିଜ ଭିଜାଇ
କନଟୁଥାଏ ଝାଳ ଘନ ଘନ,
ସକାଳରୁ ଟାଣ ଖରା
ସନ୍ତାପିତ ଜନ ଓ ଜୀବନ ।

ଶୋଷ ହୁଏ ଘନ ଘନ,
ପାଣି ଗିଲାସରେ ମୋଟେ ମାନେ ନାହିଁ ମନ ।
ଝାଳ ଜୁଡୁବୁଡୁ ହୋଇ
ରିକ୍ସାବାଲାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାସ୍ତା କଡ଼ରେ ଠିଆ ବିକାଳିଙ୍କ ଠାରୁ
ବରଫିଆ ଲେମ୍ବୁ-ପାଣି ଯାଉଥାନ୍ତି ପିଇ,
ଖଟିଖିଆ ମଜୁରିଆ ଯେତେ
ଶୋଷ ନିବାରନ୍ତି
କାକୁଡି, ଚଲଣା ଆଉ ତରଭୁଜ ଖାଇ ।
ସ୍କୁଲ-କଲେଜର ସବୁ
ଛୁଆଙ୍କର ଭିଡ଼ ଜମେ
କଲେଜ ଛକରେ -
ଧରାପରା ହେଉଥାନ୍ତି ବେଲ ପଣା ପାଇଁ,
ରାଣୀହାଟ ଟକିଜ ପାଖରେ
ସିନେମା ଦେଖାଳି
ଚୁଷିବାରେ ଲାଗିଥାନ୍ତି କୁଲଫି, ଥଣ୍ଡାଇ ।

ବାବୁ-ଭାୟା ମାନେ

ସରବତ ଦୋକାନ ଆଗରେ
କରୁଥାନ୍ତି ଭିଡ଼,
ଦୋଳମୁଣ୍ଡାଇ ଛକ
ଲସ୍‌ସି ଦୋକାନରେ
ଜମିଉଠେ ଲୋକଙ୍କ ଗହଳି -
ଛୋଟ ଠାରୁ ବୁଢ଼ାଯାଏ ସଭିଙ୍କ ପସନ୍ଦ ।



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଦୁଉଦିଆ ଖରା
ପଥ ଘାଟ ଜନଶୂନ୍ୟ -
ନିଛାଟିଆ,
ଲୋକବାକ ଆତଯାତ କାଁ ଭାଁ କେହି,
ବୁଲା ବିକାଳିଟା
ବୋକଚାକୁ ମୁଣ୍ଡ ତଳେ ଦେଇ
ଗଛ ଛାଇ ତଳେ
ନିଶ୍ଚନ୍ତରେ ପଡିଛି ଘୁମାଇ ।
ଛତ୍ର ବଜାରରେ
ପାଇକାରୀ ପରିବା ଦୋକାନୀ
ସକାଳର କିଣାବିକା ସାରି
ବସିଯାନ୍ତି ପଶା ପାଲି ଧରି,
ଝାଂଜି ପବନରେ
ଓଦା ଲୁଗା ମଥାରେ ଗୁଡ଼ାଇ
କର୍ମକ୍ଳାନ୍ତ ମୋଟ ବୁହା ମାନେ
ମୋବାଇଲ ବୋତାମ ଚିପନ୍ତି
ଦୋକାନ ପିଣ୍ଡାରେ,
ବୁଲା ଷଣ୍ଢ ଯେତେ
ବିନଷ୍ଟ ପରିବା ପାକୁଳି
ଥକା ମାରୁଥାନ୍ତି
ତାଳଦଣ୍ଡା କେନାଲ କୂଳର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ୍ଦ ମଳୟରେ ।

ଗଳଦ୍ଘର୍ମ ହୋଇ
ବାବୁମାନେ ଅଫିସ ଛୁଟନ୍ତି

ସାଇକେଲ ପେଲି ପେଲି
ରାଜପଥ ପରେ,
ଆଉ ପୁଣି ଭିଡ ଚାପା ଖାଇ
ଧୋକଡ଼ିଆ ଟାଉନ ବସ
ଅବା କେଉଁ ଦଦରା ରିକ୍ସାରେ ।
ହାକିମ ଓ ବଡ଼ବାବୁ ଯେତେ
କଦବା କେମିତି
ତୀର ବେଗେ ଆଗେଇ ଯାଆନ୍ତି
ଗରମ ହାୱାକୁ କାଟି
ବିଳସିତ ସ୍କୁଟର ଉପରେ ।
ଭିଡ଼ ଜମେ କୋଟ-କଚେରୀରେ,
ପେଂଚୁଆ ଓକିଲ ମାନେ
କଳା କୋଟ ପିନ୍ଧି
ଗୁଳୁଗୁଳି ଗରମରେ ଝାଳ-ନାଳ ହୋଇ
ଜମିବାଡ଼ି ମାଲି ମକଦ୍ଦମା
ଘାଣ୍ଟୁଥାନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହକିଲ ଡଂଟି-ଚିପା

ପଇସା ନିଶାରେ ।

ଟାଇପିଷ୍ଟ ବାବୁ ମାନେ

ଅସ୍ତବ୍ୟସ୍ତ ମେସିନ ଚଳାନ୍ତି

ପାନ ପିକ ପିଇ ପିଇ

ଝାଳ ନିଗିଡାଇ -

ଆଉ ପୁଣି କାମ ସରିଗଲେ

ନିଶ୍ଚିନ୍ତରେ ଶୋଇ ଶୋଇ

ଘୁଙ୍ଘୁଡ଼ି ମାରନ୍ତି

ମୁଣ୍ଡ ରଖି

ଟାଇପିଙ୍ଗ ମେସିନ ଉପରେ ।

ଗମ ଗମ ଝାଳ ବହେ

କଟକ ସହରେ

ଦିନ ଦ୍ୱିପ୍ରହରେ,

ଭାତ, ଡାଲି ତବତରେ

ଖାଇବାର ରୁଚି ହୁଏ ନାହିଁ,

ଚୁଡ଼ା-ଦହି ଥଣ୍ଡା କରେ ପେଟ -

ମିଶିପେ, ମାଇପେ ସବୁ

ଖାଆନ୍ତି ଖୁସିରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘୋଳଦହି-ଲେମ୍ବୁ ପଣା ପିଇ
ବଡ଼ ବୁଢ଼ାମାନେ
ସନ୍ତୋଷର ଢକାର ମାରନ୍ତି
ଘର ଆଗ ଦାଣ୍ଡ
ଅବା
ପଛପଟ ବାଡ଼ି ଅଗଣାରେ,
ଘରେ ଘରେ ପଖାଳ ଖାଆନ୍ତି
ଛୁଆ ଠାରୁ ବୁଢା ଯାଏ
ପରମ ତୃପ୍ତିରେ ।
ବାବୁମାନେ ଅଫିସରେ
ଟିଫିନ ଡବାରୁ
ଦହି-ପଖାଳ ସାଥେ
ଶାଗଭଜା, ବଡ଼ିଚୁରା ଖାଇ
ଗୃହିଣୀଙ୍କ ତାରିଫ କରନ୍ତି
ଆଉ ପୁଣି ପଙ୍ଖା ତଳେ
ଢୁଳାଇ ପଡ଼ନ୍ତି
କିଛି କ୍ଷଣ
ନିଦୁଆ ଆଖିରେ ।
କଟକ ସହର
ନହେଲେ ବି ଧବଳ ଟଗର
କା’ପାଇଁ ନଥାଏ କିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭାବ ଏଠାରେ,
ବୈଶାଖର ଟାଣ ଖରା ଦେଖି
ଛୋଟ ବଡ଼ ସବୁ ହୋଟେଲରେ
ପଖାଳ କଂସାର ବଢେ
ଚାହିଦା ପ୍ରବଳ -
କିଣିନିଏ ଗରାଖଙ୍କ ମନ,
ରାସ୍ତା କଡ଼ ଗଛ ମୂଳେ
ଅବା କେଉଁ ପୋଲ ତଳେ
ଠାଇଁ ପାରିଥିବା

ଗୃହହୀନ, ପଥ ଭିକାରୀବି
ଟଙ୍କ ତୋରାଣି ପିଇ
କାଟୁଥାନ୍ତି ଦିନ ।

ଛାଇ ଲେଉଟାଣି ବେଳ
ଦିନ ଢ଼ଳେ ଯେବେ
କଟକ ସହରେ,
ଖରା ଝାସ ମହଲଣ ହୁଏ
ସୁଲୁସୁଲୁ ବହୁଥିବା
ନଈକୂଳ ଥଣ୍ଡା ପବନରେ ।
ଗରମର ବିଳରୁ ବାହାରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାସ୍ତା ଘାଟେ ଜମିଉଠେ

ଲୋକଙ୍କ ଗହଳି,

ଠେଲା-ଗାଡି ଚାଟ୍, ପାନିପୁରୀ

ଅବା ପୁଣି ଦହିବରା-ଆଳୁଦମ ଖାଇ

କଣ୍ଟୁଥିବା ଝାଳ ଯାଏ ମରି ।

ମୁହଁ ସଞ୍ଜ ହେଲେ

ଧରାପରା ଲାଗେ -

ଫଗୁ ସାହୁ ଚାଳି ଦୋକାନରେ,

ଗରମ ହାୱାର ସାଥେ

ଅମାନିଆ ମନ ଭୁଲେ

ପାଟି ସୁଆଦରେ -

ବାଇଗଣି, ବରା ଆଉ ପକୁଡି ଭଜାରେ ।

ଯୋବ୍ରା ଆନିକଟ ପାଖେ

ଅବା ପୁଣି ତାଳଦଣ୍ଡା କେନାଲର ଧାରେ

ଗରମରୁ ତ୍ରାହି ମିଳେ

ଥଣ୍ଡା ପବନରେ,

ଆଉ କେତେ କିଏ

ହାୱା ଲାଗି ହେବାପାଇଁ

ସଞ୍ଜ ବେଳାଟାରେ

ରୁଣ୍ଡ ହେଉଥାନ୍ତି ଆସି

ବାରବାଟୀ ପାଖେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାନଦୀ କୂଳ - ଗଡ଼ଗଡ଼ିଆ ଘାଟରେ ।

ବେଲବୁଡ଼ ହେଲେ ଚାଲ ଯିବା ଆମେ ଥରେ
କାଠଯୋଡ଼ି କୂଳେ ଅବା
ମହାନଦୀ ତୀରେ,
ସୁଲୁସୁଲୁ ବହୁଥିବ ଦକ୍ଷିଣା ପବନ,
ଚେନାଚୁର ଖାଇ
କିବା ବାଦାମ ଭଜାରେ
ଗପର ଆସର ମେଳି
କାଟିବା ସମୟ ।

ପଣ୍ଡିଚେରୀ
ଭ୍ରାମ୍ୟଭାଷ : ୯୯୯୦୨୪୬୫୬
ଇମେଲ୍ : dasshibanarayan61@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଧୂମକେତୁ

ସରୋଜ ସାହୁ



ପିଲାବେଳେ, ବୋଉ କହୁଥିଲା
ଆକାଶରେ ଯେତେବେଳେ ଧୂମକେତୁ
ଦେଖାଯାଏ, ସେତେବେଳେ ପୃଥିବୀରେ
କିଛି ଗୋଟେ ବଡ଼ ପରିବର୍ତ୍ତନ ହୁଏ ।

ମୁଁ, ଝରକା କଡ଼ରେ ବସି ରାତି
ସାରା ଚାହିଁରହୁଥିଲି ସେଇ
ଲାଞ୍ଜତାରାକୁ ଦେଖିବା ପାଇଁ
ସେ ତ କେବେ ଆସିଲାନି ।

ମାତ୍ର ଜୀବନର ଆକାଶରେ
ଅନେକ ଆସିଲେ ଧୂମକେତୁ ପରି
କ୍ଷଣିକ ପାଇଁ, ଆଲୋକର ଗୋଟେ
ଲମ୍ବା ଗାର ଟାଣି ଦେଇ ଚାଲିଗଲେ ।

ଏବେ ସେଇ ଶୂନ୍ୟ ସ୍ଥାନକୁ ଚାହିଁଲେ
ମନେହୁଏ, ଆମେ ନିଜେ ହିଁ ଗୋଟେ
ଗୋଟେ ଧୂମକେତୁ, ନିଜ ଅନ୍ଧାର
ଭିତରେ ନିଜେ ହିଁ ଜଳୁଛୁ

ଏବଂ ଶେଷ ହେଉଛୁ ।


ଲୋକନାଥ ଘାଟ,
ପୁରୀ - ୭୫୨୦୦୧
ମୋ: ୯୮୭୧୮୭୯୯୧୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରେମ (ତୁମ ପାଇଁ)...

ଅଭିଜିତ୍ ନାୟକ



ପ୍ରେମରେ ତୁମର ସାଜିଛି ପ୍ରେମିକ
ଆଗୋ ମୋର ପ୍ରିୟତମା,
ସ୍ୱପ୍ନ ମୁଁ ଦେଖୁଛି ଦିନରାତି ଖାଲି
ତେଇଁ ସବୁ ପରିସୀମା ।।୧।।

ମୋ ହୃଦସ୍ପନ୍ଦନ ତୁମ ନାମ ଧରି
ଗାଏ ପ୍ରୀତିଭରା ଗୀତ,
ପ୍ରତି ମୁହୂର୍ତ୍ତରେ ଖୋଜେ ସେ ତୁମକୁ
କରିବାକୁ ମନ ମିତ ।।୨।।

ପ୍ରେମ ନୁହେଁ ନିନ୍ଦା ଅପମାନ
ପ୍ରେମ ଆମର ସମ୍ମାନ,
ପ୍ରେମ ଈଶ୍ୱରଙ୍କର ବଡ଼ ଦାନ
ରଖିବା ତାର ମାନ ।।୩।।

ତୁମ ସପନରେ ଯେବେ ଭିଜିଯାଏ
କିଛି ଦେଖେନାହିଁ ଆଖି ,
ସବୁବେଳେ ତୁମ ଛବି ମନେ ନାଚେ
ମନରେ ମନକୁ ଯୋଖି ।।୪।।

ତୁମ ହାତଧରି ବାଟ ଚାଲିବାକୁ
ଦେଖିଛି ମୁଁ ସ୍ୱପ୍ନ କେତେ,
ରହିଥିବା ପ୍ରିୟା ସାଥୀ ହୋଇ ଆମେ
ଆସୁ ଦୁଃଖ ଶୋକ ଯେତେ ।।୫।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେମ ଶିତଳତା ଚରମ ଉଲ୍ଲାସ
ଓଠ ତଳ ଚିର ହସ,
ପ୍ରେମ ସରିବନି ମନରୁ କେବେ
ରହିଥିବ ବର୍ଷ ମାସ ||୬||

ଭଲପାଇବାର ପ୍ରେମ ପାଠ ମୋତେ
ପଢ଼ାଇ ଦେଲ ତ ଆଜି,
ତୁମ ପ୍ରେମ ମନ୍ଦିରେ ପୂଜାରୀ ହୋଇ
ପ୍ରେମିକ ଯାଇଛି ସାଜି ||୭||

ଖୋଜି ଖୋଜି ପ୍ରିୟା ତୁମକୁ ପାଇଛି
ଏତେ ବଡ ଦୁନିଆରେ,
ହାତଛାଡ଼ି ପ୍ରିୟା ଯିବନାହିଁ ଚାଲି
ମରିଯିବି ବିରହରେ ||୮||

ମୃଦୁହାସ୍ୟମୟୀ, ସଙ୍ଗିନି, ପଦ୍ମିନୀ
ହୋଇଥିବ ସେ କିଏ ?
ହୃଦୟର ପ୍ରତିଟି ମୁହୂର୍ତ୍ତରେ
ଖୋଜିବୁଲେ ତୁମ ପରି ସାଥିଟିଏ ||୯||

ତୁମେ ମୋ ଜୀବନ ତୁମେ ମୋର ଧନ
ତୁମେ ମୋର ସବୁକିଛି
ତୁମ ପାଇଁ ପ୍ରିୟା ଲେଖକ ମୁଁ ସାଜି
ପ୍ରେମ କବି ପାଲଟିଛି ||୧୦||

ମୁଁ ଏବେ ଆଙ୍କୁଛି ମନ କାଗଜରେ
ବସି ତୁମ ପ୍ରତିଛବି ,
କହିପାର ତୁମେ ମୋତେ ଏକାଧାରେ
ପ୍ରେମିକ ଅଥବା କବି||୧୧||

ରାଜସୁନାଖଳା, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଛି ନାହିଁର ଦୁନିଆ

ପ୍ରହ୍ଲାଦ ସାହୁ



ସେହି ଗାଆଁ ଅଛି, ସେହି କୂଅ ଅଛି
ନାହିଁ ଗାଆଁ ମିଣିପଙ୍କ ସେ ଆଳାପ ।
ସେହି କଥା ଅଛି, ସେହି ମଥା ଅଛି
ନାହିଁ ମଥାରେ ପିତଳ ଗରା ଜଳ ।।
ଆଉ ନାହିଁ ସେ ଦିନ ଝୁରୁଛି ମନ
ସବୁ ଆଜି ଲାଗେ ମଧୁମୟ ସ୍ମୃତି ।
ଗାଁରେ ନାହିଁ ଆଉ ସେ ପ୍ରୀତି ବନ୍ଧନ
କଳି ଝଗଡାରେ ଦିନ ଯାଏ ବିତି ।।୧।।

ସେହି ଜହ୍ନ ଅଛି, ସେହି ତାରା ଅଛି
ନାହିଁ ଆକାଶେ ସ୍ୱଚ୍ଛତା ନିରନ୍ତର ।
ସେହି ଘର ଅଛି, ସେହି ଦାଣ୍ଡ ଅଛି
ନାହିଁ ଝାଟିମାଟିର ନଡା ଛପର ।।
ଗାଆଁ ପରିବେଶ ସୁନ୍ଦର ଦିଶଇ
ଗାଁ ମୁଣ୍ଡେ ଥିଲେ ମନ୍ଦିର ପକ୍କାକୂଅ ।
କାଖରେ କଳସି ମୁଣ୍ଡେ ଥିଲେ ଗରା
ଆହୁରି ସୁନ୍ଦର ଗାଆଁ ବୋହୁ ଝିଅ ।।୨।।

ସେହି ଗଛ ଅଛି, ସେହି ଫୁଲ ଅଛି
ନାହିଁ ସେ ଫୁଲ-ଗଛର ଆକର୍ଷଣ ।
ସେହି ଋତୁ ଅଛି, ସେହି ଛତୁ ଅଛି
ନାହି ସେ ଋତୁର ମିଠା ସମ୍ମୋହନ ।।
ଗାଁ ଆଉ ଗାଁ ପରି ହୋଇ ରହିନାହିଁ
ଏଠି ସହରୀ ନିଶା ଘାରିଛି ପରା ।
ସୁଖ ଶାନ୍ତି ସାତ ସପନ ହେଲାଣି
ସଭିଙ୍କ ଆଖିରେ ଲୁହର ଅଶରା ।।୩।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେହି ଜଳ ଅଛି, ସେହି ସ୍ଥଳ ଅଛି
ନାହିଁ ଜଳ-ସ୍ତର ଶୁଖିଲାଣି କୂଅ ।
ସେହି ନଳ ଅଛି, ସେହି କୂଅ ଅଛି
ନାହିଁ ଆଉ ହେଣ୍ଡପମ୍ପ ନଳକୂଅ ।।
ହାତେଧରି ରସି ଆସନ୍ତି ମା'ମାଉସୀ
    ଦୁଃଖ ସୁଖ ହୁଅନ୍ତି କୂଅ ପାଖେ ବସି ।
କୂଅରୁ ଭରି ପାଣି ଯାଆନ୍ତି ହସି
    ଗାଆଁ ପରିବେଶେ ହୁଏ ମନଖୁସି ।।୪।।

ସେହି ଜମି ଅଛି, ସେହି ବାଡି ଅଛି
ନାହିଁ ଆଉ ସେହି ବାଡି ବାଇଗଣ ।
ସେହି ଖରା ଅଛି, ସେହି ବର୍ଷା ଅଛି
ନାହିଁ ଋତୁଚକ୍ରେ ଖରା ବର୍ଷା ଗୁଣ ।।
ଲତା ମେଳେ ଟାଇଲ ଛପର ଘର
    କୂଅମୂଳେ ନାହିଁ ସେ କଦଳୀଗଛ ।
ବାସ ଚହଟୁନି ଆମ୍ବ ବଉଳର
    ଖାଁ ଖାଁ ଲାଗେ ବାଡି ପଛ ବରଗଛ ।।୫।।

ଚକ୍ରାପାଢ଼ୀ, ଆଗରପଡ଼ା, ଭଦ୍ରକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶାଗୁଆ ଓଢ଼ଣୀ ତଳେ

କିରନ୍ ସ୍ୱାଇଁ



ଭିଜା ମାଟିର
ମଧୁର ମହକେ
ଆଷାଢ଼ର ଚିଠି ନେଇ
ଟୋପି ଟୋପି ବରଷା ବିନ୍ଦୁ
ଝରେ ଅବିରତ
ସବୁଜ ପତର ଛୁଇଁ ।

ବହୁଦିନ ପରେ ଆଜି
ବର୍ଷା ଯାଏ ଝରି
ବାସ୍ନାଭରା ଦିନ ସବୁ
ସ୍ମୃତିର ଅଲିଭା ଚପଳା ସାଜି
ଚଡ଼୍ ଚଡ଼୍ କରି ଆଙ୍କି ଦିଏ
ଅନ୍ଧାର ଆକାଶରେ
ଧଳା ବିଜୁଳିର ପ୍ରତିଛବି ।

ବରଷାର ଧାରା ଝରି ଯାଉଥିବ
କାନ୍ଥ ପାଚେରୀ ଡେଇଁ
ସବୁଜିମା ଭରା ବାଡ଼ି ବଗିଚା ଓ
ଧାନ କ୍ଷେତର ଅଙ୍କୁରଣରେ
ଅନେକ ସପନ ମେଳେ
ମୋ ଛୋଟ ଗାଆଁ
ମହକି ଉଠିବ
ଶାଗୁଆ ଓଢ଼ଣୀ ତଳେ ।

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିହ୍ନ

ଦୁଷ୍ମନ୍ତ ବେହେରା



ସକଳ ମେଳଣରେ
ଦରଦ ଚିହ୍ନ...... ! !

ବେଳ ଲେଉଟାରେ
ଅମେଳ ମନ..... ! !

ଶରୀର ସୁନ୍ଦରରେ
ଘନ ଯୌବନ.... ! !

ହସି କହେ ଦେଖରେ
ସଜ ଫୁଲ ସଅଁଳ.... ! !

ଖେଳ ସରିଗଲେ ସମୟ
ହସେ ଦେଖି ଟକଳ...... ! !

ମନ ବନରେ ସଂସାର ଲୋଭ
ଏକା ଯିବୁରେ ମାଟିର ପାଶେ..... ! !

ଚଉଦିଗରେ ମାନବ ଥିବେ
ଦେଖି କହୁଥିବେ ଗଲାରେ..... ! !

ସମୟ ନଥିବ ଚିହ୍ନରେ ସତେ
ଯିବା ବେଳରେ ଏକା ଯିବୁରେ.... ! !

ଯାହା ପାଇଲୁ ଦୁନିଆରୁ ଯେତେ
ମିଶି ଯିବୁରେ ପାଉଁଶ ପାଶେ.... ! !

ଶରୀର ନଥିବ ଯୌବନ ନଥିବ
ଥିବ ମାଟିରେ ଚିହ୍ନ ତୋର..... ! !

ରାସୋଳ-ମୁଣ୍ଡିଆପଶି, ଢେଙ୍କାନାଳ
ମୋ ନଂ-୮୮୯୫୦୯୦୧୬୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଡୋରି ଥରେ ତୋର ଲଗେଇ ଦେ

ନଳିନୀ ଦାଶ



ଡୋରି ଥରେ ତୋର ଲଗେଇ ଦେଏରେ
ଟାଣିବି ତୋ ନନ୍ଦିଘୋଷ
ଭକତ ମେଳରେ ଚାହିଁ ରହିଥିବି
ଦେଖିବି ବାମନବେଶ ।
ବହୁ ଦୂରୁ ଚାଲି ଆସିଛି ଧନରେ
ଚିହ୍ନିକି ପାରିବୁ ମୋତେ
କୋଟିକୋଟି ଭକ୍ତ ତୋ କରୁଣା ପାଇଁ
ବ୍ୟାକୁଳ ହୋଇବେ ଚିତ୍ତେ ।
ତୁଣ୍ଡେ ଘୋଷୁଥିବି ଜୟ ଜଗନ୍ନାଥ
ଦୁଇ ହାତ ଯୋଡ଼ିଥିବି
ବାମନ ବେଶରେ ତୋର ଦରଶନ
ପାଇଲେ ମୁଁ ଧନ୍ୟ ହେବି ।

ଶରଧା ବାଲି ମୁଁ ମଥାରେ ବୋଳିବି
ଦେଖିବି ତୋ କଳାମୁଖ
ଲୁହ ଢାଳିଦେଇ ତୋ ଆଗେ କାଳିଆ
ଜଣାଇବି ମୋର ଦୁଃଖ ।
ଦୁଃଖୀ ଜନବନ୍ଧୁ ବୋଲାଉ ତୁହିରେ
ଜଗତେ ଉଡୁଛି ନେତ
ଦୁଃଖ ସାଗରରେ ଭାସିଗଲା ବେଳେ
ଧରି ନେବୁ ମୋର ହାତ ।


ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ—୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ କଳା ଠାକୁର

ସ୍ନିଗ୍ଧା ପଟ୍ଟନାୟକ



ବିଶ୍ୱର ନିର୍ମାତା ଆହେ ବିଶ୍ୱସ୍ରଷ୍ଟା
ବିଶ୍ୱର ପ୍ରାଣରେ ବଶ,
ବଶୀଭୂତ ହେଉ ବିଶ୍ୱାସେ ତୋହର
ଏ ଜୀବନର ନିଃଶ୍ୱାସ ।
ତୋ' ଚକାନୟନେ କି ମୋହ ରଖିଛୁ
ଟାଣି ନେଉ ତୋର ପାଶ,
କି ଅବା କହିବିରେ କଳାଠାକୁର
ତୁ ଆରମ୍ଭ ତୁହି ଶେଷ ।
ଜନମ ଦେଇଛୁ, ଜୀବନ ଦେଇଛୁ
ଦେଇଛୁ ସର୍ବସ୍ୱ ଢାଳି,
ତଥାପିରେ ଜଗା ତୋ' ପ୍ରେମ ଆଗରେ
ସବୁ ଯେ ଅଲୋଡ଼ା ଭଳି।
ଦୀପ୍ତିମନ୍ତ ସୂର୍ଯ୍ୟ ତୁ ଏ ଜଗତର
ରେ ମୋର କଳାଠାକୁର,
ତୋ' ବିନୁ କି ଆଉ ଲୋଭ ଯେ ମୋହର
ତୁହି ଏକା ମୋ ଆଧାର ।

ଅଭିଧାନେ ମୋର ଶବ୍ଦ ଯେ ନିଅଣ୍ଟ
ତୋହରି ବର୍ଣ୍ଣନା ପାଇଁ,
ତୁହି ଅସୀମର ଅୟମାରମ୍ଭ ଯେ
ତୁହି ଅନନ୍ତ ଗୋସାଇଁ ।
ତୁହି ମାତା ପିତା, ତୁହି ମୋର ସଖା
ତୁ ମୋର ଆଦି ଅନନ୍ତ,
ତୋ' ଆଶ୍ରେ ଆଶ୍ରିତ ଜୀବନ ଯାତ୍ରା ମୋ'
ତୋ' ହସ୍ତେ ହେଉ ସମାପ୍ତ ।
ଏ ଭବ ସାଗର ପାରି କରିବୁରେ
ଭାବର ଠାକୁର ମୋର,
ଏତିକି କରିବୁ ତୋ' ପଦ ପଙ୍କଜେ
ସ୍ଥାନ ଦେବୁ ଆତ୍ମା ମୋର।

ରାଇପୁର, ନୟାଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହେ ମୋର କଳାଠାକୁର

ଅଜୟ କୁମାର ମହାନ୍ତି



ମୋ ମନ ମନ୍ଦିରେ ହୃଦ ସିଂହାସନେ
ପୂଜିବି କଳା ଠାକୁର
କିପରି ପୂଜିବି ଚରଣ ସେବିବି
ଦେବି କିସ ଉପହାର ।
ତୁମ ଛବି ଆଙ୍କି ହୃଦୟ ଭିତରେ
ତୁମ ନାମ ଜପୁଥିବି
ଯାହା ନିବେଦିବି ସବୁ ତ ତୁମର
କିବା ନଇବେଦ୍ୟ ଦେବି ।
ଜାଣେନା ମୁଁ ପୂଜା ଆରାଧନା କିଛି
ପୂଜା ମନ୍ତ୍ର ଜାଣେ ନାହିଁ
ଏ ସାରା ସଂସାରେ ସବୁତ ତୁମର
କିଅବା ପାରିବି ଦେଇ ।

ତୁମେ ମୋର ପ୍ରାଣ ତୁମେ ମୋ ଜୀବନ
ହେ ମୋର କଳା ଠାକୁର
ମାର ଅବା ତାର ଦୁଃଖ ନାହିଁ ମୋର
କିଛି ଲୋଡ଼ା ନାହିଁ ମୋର ।
ମୋ ମନରେ ସଦା ରହିଥାଉ ଲାଖି
ତୁମ ମନଭୁଲା ଛବି
ଜୀବ ଗଲା ବେଳେ ଅନ୍ତିମ କାଳରେ
ସେହି ଛବି ଦେଖୁଥିବି ।

ହରିପୁର, କବୀର ପୁର, ଯାଜପୁର
ମୋ ୯୪୩୭୫୬୪୧୬୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଢେଙ୍କାନାଳ ଆଉ ବରା

ନିବେଦିତା ରଥ



ଜଳଖିଆ ନାଁ କଥା ପଡିଲେ

ମନେ ଆସେ ଆଗ ବରା,

ବରା ଭିତରେ ପ୍ରିୟ ସଭିଙ୍କର

ଢେଙ୍କାନାଳ ବିରି ବରା

ତାର ମହକ, ତାର ସୁଆଦ

ପାଇଛି ଯିଏ ଥରେ

ଭରିଯାଏ ମନ ଆତ୍ମତୃପ୍ତିରେ

ଖଟି ଜମିଯାଏ ସାଙ୍ଗ ସାଥିରେ

ବନ୍ଧୁ, କୁଣିଆ ଘରକୁ କେହି ପହଞ୍ଚିବାର ଥିଲେ

ଆଗ ପହଞ୍ଚେ ତାଙ୍କ ବାରତା

ଛାଣି ରଖିଥିବ ବିରି ବରା ତୁମେ

ମନେ ପଡ଼ିଯିବ ପୁରୁଣା କଥା

ମନ ତଳେ ଯାହା ଅଛି ସାଇତା

ଆମ ସ୍ୱାଭିମାନ, ଆମ ପରିଚୟ

ନିଷ୍କପଟ, ସରଳ, ସଚ୍ଚୋଟ ମଣିଷ

ସେମିତି ସାଧାରଣ ଏଇ ଦରବ ଭିତରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭରି ରହିଥାଏ କାହା ଲୋଡ଼ିବା ପଣର ମହକ,

କେତେ ସ୍ମୃତି ଆଉ କେତେ ଅନୁଭୂତି,

କେତେ ମିଠା ଗପ ଯୋଡି ହୋଇ ରହିଥିବ ଯୁଗ ଯୁଗକୁ

ଢ଼ିଙ୍କି ଶାଳରୁ ଢେଙ୍କାନାଳ ଯାଏ

ଲମ୍ବି ଥିବ ଗପ ପସରା

ଢେଙ୍କାନାଳର ନାଁ ସାଥିରେ

ଯୋଡି ହୋଇ ରହିଥିବ ବିରି ବରା

ସୃଜନୀକା

ଢେଙ୍କାନାଳ—୧୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବର୍ଷା ତୁମେ ଯେବେ ଆସ

କଳ୍ପନା ବିନ୍ଧାଣୀ



ବର୍ଷା, ତୁମେ ସତେ ଯେବେ ଆସ
ତୁମ ପାଦର ଛମ୍ ଛମ୍ ଶବ୍ଦରେ
ମତୁଆଲା ହୁଏ ଏ ପୃଥିବୀ
ଭରିଦେଇ ଗଭୀର ଆଶ୍ଲେଷ ।

ଦୀର୍ଘ ଅପେକ୍ଷାର କରି ଅନ୍ତ
ଉତ୍ତପ୍ତ ଧରାକୁ କର ତୁମେ ତୃପ୍ତ
ଆଲିଙ୍ଗନେ ବାନ୍ଧିଦିଅ ପ୍ରେମ ଫାଶେ
ପ୍ରଣୟର ନୀରେ କରି ସିକ୍ତ ।

ଭିଜା ଭିଜା ତୁମ କବରୀରେ
ଝରୁଥାଏ ଯେବେ ଟୋପା ଟୋପା ନୀର
ପ୍ରେମର ତୃଷାର୍ତ୍ତ ପ୍ରେମିକ ପରି
ପିଉଥାଏ ଧରା ଆନନ୍ଦରେ ।

ନିଜ ଗଭା କରି ବିମଣ୍ଡିତ
ଇନ୍ଦ୍ରଧନୁର ସାତରଙ୍ଗ ମାଖି
ତୁମେ ଯେବେ ସାଜ ନବବଧୂ
ଏ ଜଗତ ହୁଏ ପୁଲକିତ ।

ବର୍ଷା ତୁମେ ଆସ ଯେବେ
ପ୍ରକୃତି ସଜାଏ ଫୁଲର ଅଗଣା
ରଚିବାକୁ ମିଳନର ମଧୁଶଯ୍ୟା
ପ୍ରୀତିଭରା ସମ୍ଭୋଗର ପର୍ବେ ।

ବର୍ଷା ତୁମେ ଆସୁନା ଏମିତି
ପ୍ରକୃତିର ତୁମେ ପରା ଅଟ ଚିରସାଥୀ
ତୁମ ସାନିଧ୍ୟରେ ହଜାଇ ଦିଅହେ
ଝରାଇ ପ୍ରଣୟ ଅମୃତ ଗୀତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୁହଇଁ ସେ ଦାସୀ

ସନ୍ଧ୍ୟାରାଣୀ ବେହେରା



କା' ପାଇଁ ଜନନୀ-ଭଗିନୀ-ସଙ୍ଗିନୀ

ସବୁ ଯିଏ ସହିଯାଏ,

କା' ଲାଗି ରୂପଶ୍ରୀ-ମାନସୀ-ପ୍ରେୟସୀ

ନୀରବ ଯେ ସଦା ରହେ,

ନିଶି ଦିନ ଏଇ ଜଗତ ସେବାରେ

ନିଜକୁ ସେ ଭୁଲିଯାଏ,

ହୁଏ ନିଷ୍ପେସିତା-ଲାଞ୍ଛିତା-ବାଞ୍ଛିତା

ବୁଝେନି ତା' କଥା କିଏ,

ନୁହଁଇ ସେ ଦାସୀ

ଅବାରଣେ ଯିବ ସବୁକିଛି ସହି,

ସେ ପରା ପ୍ରକୃତି,ବିଚଳିତ ହେଲେ

ଜୀବଶୂନ୍ୟ ହେବ ଏ ସାରା ମହୀ ।

ଶ୍ରାବଣର ବର୍ଷାଧାରା, ଶୀତର କଅଁଳ ଖରା

ଖେଳାଏ ମନରେ ନବ ଜାଗରଣ,

ଶିହରଣ ଆଣେ ବସନ୍ତ ପବନ

ମୋହିନିଏ ମନ ଗ୍ରୀଷ୍ମ ସାୟନ୍ତନ,

ଶରତର ଶୋଭା ଅତି ମନଲୋଭା

ପ୍ରତି ସୁନ୍ଦରତା ପ୍ରକୃତିରେ ଶୋଭା,

ସୌନ୍ଦର୍ଯ୍ୟର ଗନ୍ତାଘର ସେ ସାଜିଛି

ଯେ ଯାଏଁ ଆଦରି ମାନବ ଚାଲିଛି ।

ଅଦିନିଆ ଝଡ, ବୈଶାଖୀର ମୋଡ

ଉଜାଡଇ କେତେ ଧନ ଜୀବନ,

ଅସହ୍ୟ ହୁଅଇ ଗ୍ରୀଷ୍ମର ତାତି

ଚାଲିଯାଏ ତହିଁ କେତେ ପରାଣ,

ହୁଏ ସାଗର ଯେବେ ଅଶାନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଏ ସବୁକିଛି ତା' ସାଥେ ବହି,

ରଚଇ ତାଣ୍ଡବ ଯେବେ ପ୍ରକୃତି

ଧରାରେ ଜୀବନ ନର୍କ ଲାଗଇ,

ନୁହଁଇ ସେ ଦାସୀ

ଅକାରଣେ ସବୁ ଯିବ ଯେ ସହି,

ସେ ପରା ପ୍ରକୃତି, କଲେ ଅଭିମାନ

ଏ ଧରାରେ କେହି ତିଷ୍ଠିବେ ନାହିଁ ।

ଝାଡବନ୍ଧ, ଗଞ୍ଜାମ(୭୬୧୧୧୪)

ଫୋନ୍ ନଂ-୬୩୭୮୮୫୪୬୩୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜାଗରେ ମଣିଷ ଆଜି

ସବିତା ସାବତ



ଜାଗରେ ସଭ୍ୟ ସମାଜ ଆଜି
କାପୁରୁଷପଣ ତେଜି
ମହଙ୍ଗା ମାଡ଼ରେ କାନ୍ଦୁଅଛି ଦେଶ
ତୁ କି ପାରୁନାହୁଁ ବୁଝି

ମାଟିର ମଣିଷ ଝାଳକୁ ବୁହାଇ
ଦେଶ ପାଇଁ କରେ ଚାଷ
ତା'ର ଚୁଲି ଆଜି ନିର୍ଜ୍ୱଳିତ ଦେଖି
ଆଖିରେ ତା ଅବଶୋଷ

ଦିନ ମଜୁରିଆ ଛାତି ଫାଟୁଅଛି
କଂକ୍ରିଟ ପାହାଡ଼ ତଳେ
ତଥାପି କାନ୍ଦୁଛି ତା' ନିଷ୍ପାପ ଶିଶୁ
ଅଭାବ ଅନ୍ଧାର କୋଳେ

ହାତେ ଡିଗ୍ରୀ ଧରି ଶିକ୍ଷିତ ଯୁବକ
ସ୍ୱପ୍ନ ପଥେ ଧାବମାନ
ସ୍ୱପ୍ନ ତ ଅନେକ ସୁଯୋଗ ଅଭାବ
ଆତ୍ମବଳ ହୁଏ କ୍ଷୀଣ

ପ୍ରଶ୍ନପତ୍ର କିଣା ବିକା ଦୁର୍ନୀତିରେ
ପ୍ରତିଭା ହେଉନି ବାରି
ପେଟ ପାଇଁ ପ୍ରତିଦିନ ଯୁଦ୍ଧ କରି
ବାପାଟିଏ ଯାଏ ସରି

ରାଜନୀତିର ମଞ୍ଚ ଉପରେ
ପ୍ରତିଶ୍ରୁତିର ବାଜଣା
ମଞ୍ଚ ତଳେ ଆସି କେତେ କେ ଶୁଣୁଛି
ଅଭିଯୋଗର କାନ୍ଦଣା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ତରେ ଜଳୁଛି ପ୍ରତିଶୋଧ ବହ୍ନି
ସୀମାନ୍ତରେ ଗୁଳିଗୋଳା
ଆକାଶରେ ଉଡ଼େ ଅଶାନ୍ତିର ପକ୍ଷୀ
ଧରାରେ ଅନ୍ୟାୟ ଲୀଳା

ଧର୍ମ ନାଁରେ ରକତର ହୋଲି
ମଣିଷ ଖେଳୁଛି ଆଜି
କେତେ ଦିନ ଆଉ ଚେଇଁ ଶୋଇଥିବୁ
ନିଦା ପଥରଟେ ସାଜି

ଉଠରେ ଉଠରେ ନବ ଯୁବ ପୀଢ଼ି
କଲମ କରୁ ଗର୍ଜନ
ସତ୍ୟକୁ ସାମନା କରି କମ୍ପିଉଠୁ
ଅନ୍ୟାୟର ସିଂହାସନ

ଭୋକରେ ନ କାନ୍ଦୁ ଗରିବର ଶିଶୁ
ନାରୀ ନ ହେଉ ଧର୍ଷିତା
ମଣିଷକୁ ଭଲ ପାଉ ମଣିଷଟେ
ସ୍ୱରରେ ରହୁ ସମତା

ଭାଙ୍ଗିଦିଅ ତୁମେ ଘୃଣାର ପ୍ରାଚୀର
ହଟୁ ଅନ୍ଧକାର ରାତି
ମାନବବାଦର ମହାମନ୍ତ୍ର ନାଦେ
ହସିଉଠୁ ଏଇ ଜାତି

ଜାଗରେ ମଣିଷ ଜାଗ୍ରତ ହୁଅ
ଚେତନାକୁ ଅସ୍ତ୍ର କରି
କରମେ ବଚନେ ବିଦ୍ରୋହର ବାଣୀ
ନିର୍ଭୟେ ଉଠୁ ସ୍ଫୁରି ।

ଶିକ୍ଷୟିତ୍ରୀ
ସ୍ୱାମୀ ଚିଦାନନ୍ଦ ଶିଶୁ ମନ୍ଦିର,ବେଲଗାଁ
ମୋ:୮୨୪୯୬୦୧୦୪୪

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗୁଣ୍ଡିଚା ପଥେ ଜଗନ୍ନାଥ

ବିକାଶ କୁମାର ମହନ୍ତ



ଆଷାଢ଼ ମାସର ଦ୍ୱିତୀୟା ତିଥିଟି
ଆସିଛି ଆଜି ଭୁବନେ
ଜୟ ଜଗନ୍ନାଥ ଧ୍ୱନିରେ କମ୍ପୁଛି
ପୁରୀର ଏହି ଗଗନେ।। ୧।।

ବଡଦାଣ୍ଡ ଆଜି ସଜାଇ ହୋଇଛି
ମୁରୁଜର ନାନା ରଙ୍ଗେ
ଜଗାଙ୍କ ଭକତ ଆନନ୍ଦେ ନାଚନ୍ତି
ବାଦ୍ୟର ମଧୁ ତରଙ୍ଗେ।। ୨।।

ତିନି ରଥ ଆଜି ସଜେଇ ହୋଇଛି
ନାନା ରଙ୍ଗ ଫୁଲ ମାଳେ
ମୁରୁଜର ରଙ୍ଗ ଶୋଭା ବଢ଼ାଉଛି
ବଡଦାଣ୍ଡର କୋଳରେ।। ୩।।

ଜଗତର ନାଥ ପହଣ୍ଡି ସାରିକି
ଯିବେ ସେ ଗୁଣ୍ଡିଚା ଧାମ
ସାଥିରେ ଚାଲିବେ ଭାଇ ଓ ଭଗିନୀ
ସାରି ନିଜ ନିଜ କାମ।। ୪।।

ପ୍ରଥମେ ଆସିବେ ସ୍ୱୟଂ ବଳଦେବ
ବିରାଜିବେ ତାଳଧ୍ୱଜେ।
ଦ୍ୱିତୀୟରେ ଦେବଦଳନେ ବସିବେ
ସୁଭଦ୍ରା ଭଗିନୀ ନିଜେ।। ୫।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ତିମରେ ନନ୍ଦିଘୋଷେ ବିରାଜିବେ
ସ୍ୱୟଂ ଜଗତର ନାଥ
ଏ ଦୃଶ୍ୟ ଦେଖିକି ନାଚିବ ଗଗନ
ନାଚିବ ସାରା ଜଗତ।। ୬।।

ନଅ ଦିନ ପାଇଁ ଦେଉଳ ଛାଡିକି
ଯିବେ ସେ ମାଉସୀ ଘର
ଶୂନ୍ୟ ହୋଇଯିବ ଶ୍ରୀମନ୍ଦିର ମାଟି
ନଥିବ ଭକ୍ତ ଚହଳ।। ୭।।

ନଅ ଦିନ ପରେ ବାହୁଡ଼ା ଯାତ୍ରାରେ
ଫେରିବେ ସେ ନିଜ ପୁର
ସାଙ୍ଗରେ ଢାଳିବେ ଖୁସିର କିରଣ
କରିବେ ବିଷାଦ ଦୂର।। ୮।।

ପ୍ରଭୁ ଆପଣଙ୍କ ରଥ ଯାତରାରେ
କରୁଛି ଏହି ପାର୍ଥନା
ହସ ଖୁସିରେ ପୁରୁ ଏ ସଂସାର
ଦୁରାଉ ଦୁଃଖ ଯାତନା।। ୯।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନର ଗତିପଥ

ମଧୁସ୍ମିତା ସାହୁ



ଏକାକୀ ଉଦୟ ଏକଦା ହିଁ ଅସ୍ତ
ତଥାପି ତେଲ ଲୁଣ ସଂସାରେ ବ୍ୟସ୍ତ
ଅଭିଯୋଗ ଅଭିନୟ ଅଭିମାନ
ମିଳିଥାଏ ସବୁବେଳେ ଶ୍ରେଷ୍ଠ ସ୍ଥାନ ।।

କର୍ମ ଜଞ୍ଜାଳ ରେ ମୁକତି ବିଷମ
ତଥାପି କର୍ତ୍ତବ୍ୟ ସମ୍ପାଦନ କାମ
ଦୁନିଆ ଟା ମିଛ ମାୟା ଖେଳ ଘର
ଛଦ୍ମବେଶୀ ନୀତି ଗଢ଼ିଛି ସବୁର ।।

ଚାଲିଛି ସଂସାର ସୁଖଦୁଃଖ ହାତେ
ବଞ୍ଚିବା କଷ୍ଟକର ହୋଇଛି ସତେ
ପ୍ରତି ପାଦେ ତିରସ୍କାର ନିର୍ଯ୍ୟାତନା
ଏଠି ହସିବା ପାଇଁ ସଭିଙ୍କୁ ମନା ।।

ଲୁହ ହୋଇ ବହିବା ସହଜ ନୁହେଁ,
ସ୍ମିତ ହୋଇ ଝରିବା ସମ୍ଭବ ନୁହେଁ
ଅବ୍ୟକ୍ତ ବେଦନା ସହି ହୁଏ ନାହିଁ
କୋହ କୁ ଜାବୁଡି ଧରି ହୁଏ ନାହିଁ ।।

ବିଶ୍ୱାସ ଜାଲରେ ଅବିଶ୍ୱାସ ଫଳ
ବୁଝାମଣା ସାଥେ ଅବୁଝାର ମେଳ
ଆପଣାର ହୋଇ ପର ପରି ଭାବ
ମନରେ ତୋଳଇ ବିଦ୍ୱେଷ ସ୍ୱଭାବ ।।

ଜୀବନର ଗତିପଥ କଣ୍ଟକିତ
ପ୍ରତି କ୍ଷଣ ଚାଲିଥାଏ ଆକ୍ଷେପିତ
ଚଲାପଥେ ଭରିରହିଛି ବିଦ୍ରୋହ
ଶ୍ୱାସରୁଦ୍ଧ ହୋଇଯାଏ ଅହରହ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପମାନ ନିଆଁ ହୁତୁହୁତୁ ଜାଳେ
ପହଁରି ହୁଏନି ଛୁଏଁ ନାହିଁ କୂଳେ
ଦୂର୍ଦ୍ଧଷା ବାତ୍ୟାର ପ୍ରକୋପେ ଶିକାର
ଭର୍ତ୍ସନା ନିନ୍ଦାର ହୁଅଇ ପ୍ରହାର ।।
ନୈରାଶ୍ୟ ଜନକ ଦିଏ ପଦକ୍ଷେପ
ଅଭାବନୀୟ ଘଟଣା ହସ୍ତକ୍ଷେପ
ବାଟବଣା ହୋଇ ବୁଲେ ଅବଶେଷ
ବଞ୍ଚିବା କାରଣ ଅଛି କି ବିଶେଷ ????
ତଥାପି ତୁମ ପରି ସାଥୀ ପାଇବା
ନିଜକୁ ନିଜେ ସୌଭାଗ୍ୟ ଭାବିନେବା
କେବଳ ଏହି ଜନ୍ମ ନୁହେଁ ଆମର
ପ୍ରତ୍ୟେକ ଜନ୍ମରେ ଜୀବନ୍ତ ପ୍ରେମର।।

ବ୍ରହ୍ମା ନଗର, ପ୍ରଥମ ଗଳି
ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋ---୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଥା ଓ କର୍ମ

ବିଜୟ କୁମାର ପାତ୍ର



କହିଲି ଯାହା କରିବି ତାହା
ଅଟେ ପୁରୁଷାକାର
କହିବା କଥା ପାଳଇ ଯିଏ
ଜୀବନ ଧନ୍ୟ ତା'ର ।।

ମୁହଁର କଥା ହୃଦୟ କଥା
ସମାନ ନୁହେଁ କେବେ
ହୃଦୟେ ଥିଲେ ଦୃଢ଼ ସଙ୍କଳ୍ପ
ଅମର ହୁଏ ଭବେ ।।

ମହାଭାରତ ଦିଅନ୍ତି ମତ
ଥିଲେ ଯେ ସତ୍ୟବ୍ରତ
ସଙ୍କଳ୍ପ କରି ପାଳନ କରି
ଭୀଷ୍ମ ନାମେ ନାମିତ ।।

କଥା ଦେଇ ଯେ କଥା ରଖେନା
ହୁଏ ସେ ଧୋକ୍କାବାଜ
ଦୁନିଆ ଆଗେ ଥାଏ ବିରାଗେ
ନିନ୍ଦା ଗାଏ ସମାଜ।।

ମାନବ ହୋଇ ଜନମି ଥିଲେ
କରି ମାନବୀୟ କର୍ମ
ମହତ ରଖି ଚଳିବା ସଖୀ
ଅରଜି ଯିବା ଧର୍ମ ।।

କଥା ଓ କାମ ସମାନ ହେଲେ
ରହିବ ଯଶ ମାନ
କହିବି ଯାହା କରିବି ତାହା
ସେ ପଥେ ଥାଉ ମନ ।।

ଆଳି, କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏତିକି ପ୍ରଭୁ ମିନତି

ଶକ୍ତିଦା ବିଷୋୟୀ



ପ୍ରଭାତୁ କରେ ପ୍ରଣତି
ଏତିକି ପ୍ରଭୁ ମିନତି
ଘେନ ମୋ ଟିକି ପ୍ରାର୍ଥନା
ଚଲାଅ ସୁପଥେ ନିତି......

ଲାଗୁ ମୋ ମନ ପଢାରେ
ବିଦ୍ୟା ବିନୟ ସୁମତି
ସୁପଥେ ଚଲାଅ ପ୍ରଭୁ
ରହୁ ସଦାଚାରେ ପ୍ରୀତି....

ଅନୁଶାସନ ବିହୀନ
ଅଧୁରା ଏହିଜୀବନ
ଦୁଷ୍କର୍ମେ ବଢଇ ପାପ
ମଳଇ ସମାଜେ ଘୃଣ୍ୟ. ..

ପ୍ରାପ୍ତ ଏହି ନର ଜନ୍ମ
କେତେ ଜନ୍ମ ପୂଣ୍ୟଫଳେ
ସତତ  ରତ ସତ୍କର୍ମ
ହେଉଏ ଶରୀର ବଳେ....

ପରଛିଦ୍ର ଅନ୍ୱେଷଣ
ନିମିଷେ ମନେ ନ ଆସୁ
କା'ମନେ କଷଣ ନୋହୁ
ଏହିବ୍ରତ  ହୃଦେ ଜାଗୁ .....



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଲୋଭ ମୋହ କାମ କ୍ରୋଧ
ନଆସୁ କେବେ କତିକୁ
ମଙ୍ଗଳ ମୟ ପ୍ରଭୁହେ
ଦିଅ ଭାବନା ମନକୁ...

ପରସେବା ଉପକାରେ
ପ୍ରଭୂ ବିତୁ ଏଜୀବନ
ଚରଣେ କୋଟି ପ୍ରଣତି
ସଦା ଏ ଦାସ ଶରଣ.....

ସୋରଡା, ଗଞ୍ଜାମ୍
ଦୂରଭାଷ : ୭୫୩୭୦୪୬୫୩୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଖତ ଖାଇ ଖାଇ ଯାଏ

ଡଃ ଚପଳା ପଣ୍ଡା



ଭୋଗାସକ୍ତ ରାଜା
ମୁକ୍ତଖିଆ ପ୍ରଜା
    ଲୁହକୁ କାହାଣୀ କରେ,
ଦେଶର ଅବସ୍ଥା
କହିଲେ ନ ସରେ
    ଭବିଷ୍ୟ ଅନ୍ଧାର ଘାରେ ।
ଦୁର୍ନୀତିରେ ମନ୍ତ୍ରୀ
ଲାଭଖୋର ଯନ୍ତ୍ରୀ
    କପଟ ପଶାରେ ନେତା,
ଅଚିରେ ଭୁଶୁଡ଼େ
ସଂସାର ଉଜୁଡ଼େ
    ଘାରଇ କୋକୁଆ ଚିନ୍ତା ।
ନିଶାଡ଼ି ଭୋଟର
ଜୁଆଡ଼ି ମେମ୍ବର
    ଲାଞ୍ଚଖିଆ ଅଫିସର,
ଠକ ଠିକାଦାର
ଅଳସ ଚାକର
    ଦୁର୍ଦ୍ଦିନ ବେଳେ ହାଜର ।

ନକଲି ଶିକ୍ଷକ
ରକ୍ଷକ ଭକ୍ଷକ
    ପୋଲିସର ଲାଠି ଦଣ୍ଡ,
ବେଡ଼ି ବନ୍ଧା କାଳେ
କୋରଡ଼ାର ମାଡ଼
    ଉଚ୍ଛୃଙ୍ଖଳ ଶୁଭେ ତୁଣ୍ଡ ।
ଦ୍ୱିତୀୟ ଈଶ୍ୱର
ଚିକିତ୍ସକ ବୀର
    ଯେବେ ଯମ ରୂପ ଧରେ,
କାହାକୁ କହିବା
ଜୀବନ ପଞ୍ଜିକା
    ଅକାଳରେ ମୃତ୍ୟୁ ବରେ ।
ଉଦ୍ଦଣ୍ଡୀ ଗୃହିଣୀ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଲଜ୍ଜାହୀନା ନାରୀ
ପରିବାର ପାଇଁ କାଳ,
ବାଳୁଙ୍ଗା ଉତ୍ପନ୍ନ
ଭୂମି ଶସ୍ୟ ଶୂନ୍ୟ
ଜଳେ ଉବୁଟୁବୁ ସ୍ଥଳ ।
ଉପଦେଶ ସବୁ
ଚକ୍ଷୁ ଅଗାଡ଼ିରେ
ଖତ ଖାଇ ଖାଇ ଯାଏ,
ଧଳା ଜହରରେ
ମଥାକୁ ନୁଆଇଁ
ଭେଣ୍ଡା ପୁଅ କୁଣ୍ଡା ଖାଏ ।
ଏସବୁ ଲକ୍ଷଣ
ଶୁଭଙ୍କରୀ ନୁହେଁ
ପ୍ରଳୟର ସୃଷ୍ଟିକାରୀ ।
ମାଳିକା ବଚନ
ଭବିଷ୍ୟ ଚିନ୍ତନ
ଡାକେ ଦେଖ ହାତ ଠାରି ।

ଶିକ୍ଷୟିତ୍ରୀ(ସେବା ନିବୃତ୍ତ), ଖୋର୍ଦ୍ଧା.
୯୪୩୭୪୨୧୮୧୬.

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସ୍ନାନ ଯାତ୍ରା

ଅମରନାଥ ବାରିକ



ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂରତି
ଦିଶୁଛନ୍ତି କେଡ଼େ ମନଲୋଭା ବେଶ
ଯା' ପାଦ ସେବନ୍ତି ପଣ୍ଡା ପରିହାରି
ସେହି ବ୍ରହ୍ମଦାରୁ ଉତ୍କଳ ନରେଶ ।

ଫୁଲଚୂଳ ଛତା ମୟୂର ଚନ୍ଦ୍ରିକା
ଘଣ୍ଟଘଣ୍ଟା ଶଙ୍ଖ କାହାଳୀ ବାଜାରେ
ରତନ ବେଦୀରୁ ସ୍ନାନ ମଣ୍ଡପକୁ
ଆସନ୍ତି ଠାକୁର ଭକତ ମେଳରେ ।

ଚନ୍ଦନ ପୂର୍ଣ୍ଣିମା ଠାରୁ ସ୍ନାନ ଯାଏଁ
ଶହେ ଆଠ କଳସରେ ଲୋଡ଼ା ପାଣି
ପବିତ୍ର ସୁବାସ ଜଳରେ ଦିଅଁଙ୍କୁ
ସ୍ନାନ ଯାତ୍ରା କରିଥାନ୍ତି ତେବେ ଆଣି ।

ଏହି ଲୀଳାଖେଳା ପହଣ୍ଡି ଭୋଗରେ
କାଇଁଚ ମାଳିରେ ସଜାନ୍ତି ଦଇତା
ତିନି ଠାକୁରଙ୍କ ତିନୋଟି ଟାହିଆ
ସୁଦର୍ଶନ ମହାପ୍ରଭୁଙ୍କୁ ପଇତା ।

କୃପାଦୃଷ୍ଟି ଢ଼ାଳି କରିବେ କଲ୍ୟାଣ
ଅଗତିର ଗତି ସେ ଦୁଃଖ ନାଶନ
ହରିନେବେ ଦୁଃଖ ଆଦ୍ୟ ଆଷାଢ଼ରେ
ରଥ ପାଇଁ ସଜ ପତିତ ପାବନ ।


କୟାଁ, ମଙ୍ଗଳପୁର, ଯାଜପୁର
ଦୂରଭାଷ ୯୫୪୦୩୦୮୦୯୫


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମା'ର ମମତା

ସୁନିତା ଦାଶ



କାଳର କରାଳ ସ୍ରୋତରେ
ଜୀବନର ଅନେକ ରଙ୍ଗ
ଧୋଇ ହୋଇଯାଏ,
ସମୟର ଝଡ଼ରେ
ଅନେକ ସମ୍ପର୍କର ରୂପ
ବଦଳି ଯାଏ,
ସ୍ୱାର୍ଥର ଭିଡ଼ରେ
ଆପଣାର ବୋଲି ଲାଗୁଥିବା
ମୁହଁମାନେ ମଧ୍ୟ
ଅପରିଚିତ ହୋଇଯାନ୍ତି ।

କିନ୍ତୁ...
ମା'ର ମମତାର
ଅଲିଭା ଦୀପଟି
କେବେ ଲିଭେ ନାହିଁ ।
ସେ ନିରବରେ ଜଳୁଥାଏ,
ସ୍ନେହର ଆଲୋକ ବିଛାଇ
ସନ୍ତାନର ପଥକୁ
ସଦା ଉଜ୍ଜ୍ୱଳ କରୁଥାଏ ।।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସକାଳ

ନୀଳମଣି ଚାନ୍ଦ



ପୂରୁବ ଦିଗେ
ସୂରୁଯ ଉଠେ
ଅନ୍ଧାର ତୁଟେ
ଫୁଲଟି ଫୁଟେ
ବାସ ତା ଛୁଟେ
ହସଇ ଧରା
ଗହଳଚହଳ
ଲାଗଇ ପରା ।

ବିଛଣା ପାଖେ
ଡାକନ୍ତି ମାଆ
ଯା ଉଠି ଯାଆ
ପ୍ରାର୍ଥନା ଗାଆ
କେ ପିଏ ଚାହା
ହକର ଆସେ
ଖବରକାଗଜ
ଥାଏ ତା ପାଶେ ।

ମନରେ ଆଉ
ଅଳସ ନାହିଁ
କାମଟି ପାଇଁ
ରହେରେ ଚାହିଁ
କେ ଯାଏ ଧାଇଁ
ସୂରୁଯ ଉଠେ
ଆଲୁଅ ନଈଟା
ଚାଲଇ ବାଟେ ।

ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବହିପାଠ ଯେବେ ଭୁଲ ହୁଏ

ହେମନ୍ତ କୁମାର ସାହୁ



ମାଷ୍ଟର ଯଦିବା ଠିକ ହୋଇଥିବ
ଭୁଲକୁ ଠିକ କରିବ
ନୋହିଲେ ଭୁଲକୁ ପିଲାଙ୍କୁ ପଢ଼ାଇ
ନିଜେ ଦୋଷ ମୁଣ୍ଡାଇବ ।
କଞ୍ଚା ମାଟି ନେଇ ମୂରତି ଗଢ଼ିଲେ
ସୁନ୍ଦର ମୂର୍ତ୍ତିଟି ହେବ
ବାଲି ମେଞ୍ଚେ ଦେଇ ମୂରତି ଗଢ଼ିଲେ
ମୂର୍ତ୍ତି ଭୁଶୁଡ଼ି ପଡିବ ।
ଠିକ ସେହିପରି ଉଚିତ ପଠନ
ଉଚିତ ହିଁ ଅଧ୍ୟୟନ
ଉଚିତ ଶିକ୍ଷକ ଠିକ ଶିକ୍ଷା ଦାନ
ଛାତ୍ରଙ୍କୁ କରେ ମହାନ ।

ବହିପାଠ ଯେବେ ଭୁଲ ହୋଇଯାଏ
ଠିକ କରିବା ଉଚିତ
ନିର୍ଭୁଲ ପୁସ୍ତକ ଅଧ୍ୟୟନ କଲେ
ଛାତ୍ରଙ୍କ ହେବ ଉର୍ନତ ।
ସେହି ବହି ପାଠ ସଠିକ ନ ହେଲେ
ଛାତ୍ରଙ୍କ ଜୀବନ ନଷ୍ଟ
ତେଣୁ ଏହାପ୍ରତି ଦୃଷ୍ଟି ଦେବା ଶ୍ରେୟ
ହେଉ ପଛେ ଯେତେ କଷ୍ଟ ।


ମାହାଙ୍ଗା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚମ୍ପକ ଦ୍ୱାଦଶୀ

ବିନୋଦିନୀ ନାୟକ



ଅକ୍ଷୟ, ଅବ୍ୟକ୍ତ ଆହେ ଜଗନ୍ନାଥ
ଦାରୁବ୍ରହ୍ମ ଦଇତ୍ୟାରି
କର ନା ନା ଖେଳା ଆହେ ଚକାଡୋଳା
ବସି ପ୍ରଭୁ ନୀଳଗିରୀ -୧

ଚମ୍ପକ ଦ୍ୱାଦଶୀ ଆଟେ ପୂଣ୍ୟତିଥି
ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀରେ
ହୁଅଇ ପାଳନ ନୀତି ଅନୁପମ
ଶ୍ରୀ ନୀଳାଚଳ ଧାମରେ -୨

ଜ୍ୟେଷ୍ଠ ଶୁକ୍ଳ ଏକାଦଶୀରେ ରୁକ୍ମିଣୀ
ହରଣ ନୀତି ପାଳନ୍ତି
ଦ୍ୱାଦଶୀ ପ୍ରଭାତେ ଦକ୍ଷିଣି ଗୃହକୁ
ପ୍ରଭୁ ବିଜେ କରିଥାନ୍ତି -୩

ମଦନମୋହନ ସଙ୍ଗତେ ଶ୍ରୀଦେବୀ
ଦକ୍ଷିଣ ଗୃହେ ପ୍ରବେଶ
ରତ୍ନ ସିଂହାସନେ ପ୍ରଭୁଙ୍କ ସୃଙ୍ଗାର
ନୀତି ହୁଏ ଅନୁଷ୍ଠିତ -୪

ମଦନମୋହନ ଶ୍ରୀଦେବୀ ଅଟନ୍ତି
ସ୍ୱୟଂ ରାଧା ଦାମୋଦର
ମନ୍ଦିର ବେଢା ପରିକ୍ରମା କରନ୍ତି
ବସି ପାଲିଙ୍କି ଉପର -୫

ପୂର୍ବଦ୍ୱାର ଦେଇ ରୋଷଣି ସଜାଇ
ଶ୍ରୀନଅରକୁ ଗମନ
ଚଳନ୍ତିପ୍ରତିମା ଗଜପତି ରାଜା
କରିଥାନ୍ତି ବନ୍ଦାପନ -୬

ପାଖୋଟି ନେଇଣ ଖଟ ସଜାଇଣ
ଆଳଟ ସେବା କରନ୍ତି
ସୁଆରଙ୍କ ଦ୍ୱାରା ପ୍ରସ୍ତୁତ ପିଠାକୁ
ପ୍ରଭୁଙ୍କୁ ଭୋଗ ଲଗାନ୍ତି -୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ରାଜନଅରର ନୀତି ଶେଷ ପରେ

କରନ୍ତି ପ୍ରତ୍ୟାବର୍ତ୍ତନ

ଯମେଶ୍ୱର ମହାଦେବଙ୍କ ପାଶରେ

ପଞ୍ଚଗ୍ରାସି ସମର୍ପଣ -୮

ମନ୍ଦିରକୁ ଫେରି ଆସନ୍ତି ଶ୍ରୀଦେବୀ

ପ୍ରଭୁ ମଦନମୋହନ

ସିଂହାସନ ତଳେ ରହନ୍ତି ଶ୍ରୀଦେବୀ

ପହୁଡ ପର୍ବ ପାଳନ -୯

ଏ ନୀତି ନିୟମ ପାଳନ ହୁଅଇ

ଚମ୍ପକ ଦ୍ୱାଦଶୀ ଦିନ

ଧନ୍ୟ ମହାପ୍ରଭୁ ଧନ୍ୟ ତବ ଲୀଳା

ଘେନ ମୋ କୋଟି ପ୍ରଣାମ -୧୦

ଛତ୍ରପୁର, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

# ସ୍ୱପ୍ନରେ

ଡଃ ସ୍ୱର୍ଣ୍ଣଲତା ଲେଙ୍କା



ବାସ୍ତବରେ ନହେଲା ନାହିଁ ଆସତ
ଆଖିରେ ସପନ ହୋଇ
ହଜିଯିବା ଏ ମନ ଆକାଶ ତଳେ
ମନର ଆବେଗ ନେଇ ।
ବାସ୍ତବତା ସିନା କଷ୍ଟ ଦିଏ ଏଠି
ସ୍ୱପ୍ନ ଦିଏ ମିଠା ଛୁଆଁ
ଆଖି ମୁଦି ଦେଲେ ଦିଶୁ ଥାଏ ସେଠି
ଆଉ ଏକ ନୂଆ ଦୁନିଆ ।
ପ୍ରୀତିର ଝରଣା କୁଳୁକୁଳୁ ହୋଇ
ବୋହି ଯାଏ ହୃଦୟରୁ
ମନ ତଳେ ମିଠା ଶୀହରଣ କେତେ
ଛୁଇଁ ଦିଏ ହୃଦୟକୁ ।
ଉଦାସିଆ ରାତି ଛାତିରେ ଜହ୍ନଟା
ଆସେ ଧୀରେ  ପାଦ ଥାପି
ରାତି ଉଜାଗର କଇଁ କେବଳତ
ଚିମୁଟାଏ ପ୍ରୀତି ଲାଗି ।

ଆଖି ବୁଜି ଦେଲେ ସ୍ୱପ୍ନ ଆସେ ପତା
ଛୁଇଁ ମିଠା ଗୀତ ଗାଇ
ପ୍ରୀତିର ଗଜଲ  ଗାଉଥାଏ ସିଏ
ମୁଠେ ପ୍ରେମ ବୁଣି ଦେଇ ।
ଭାବି ପାରେନା ମୁଁ କେଉଁ ଅଭିସାର
ସାଜି ସପନ ଆସିଛି
କିଛି ଜଣାନାହିଁ ସିଏ ପରା ମିଛ
ପ୍ରେମ ଜାଲରେ ଛନ୍ଦିଛି ।
ମିଠା ଛୁଆଁ ଦିଏ ଏଇ ଆଷାଢ଼ଟା
ଚୁମିଲା ପରି ମାଟିକୁ
ଚୁମି ଯାଏ ତନୁ ମନ ଭିଜାଇ ଦିଏ
ଶୁଷ୍କ ଏଇ ଜୀବନକୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଏ ଜଣେ ଆସେ ସ୍ୱପ୍ନରେ ଲେଖେ
ତା,ନାଁ ମନ ସିଲଟରେ
ପ୍ରେମ ଫୁଲ ଫୁଟିଯାଏ କେତେ ଏଇ
ମନ ଗୋଲାପ ବଣରେ ।
ହେଉ ପଛେ ଅବାସ୍ତବ ସପଟା ଦିଏ
ଭରି କେତେ ସୀହରଣ
ଭୁଲି ଯାଏ ମନ ସବୁ ଦୁଃଖ କଷ୍ଟ
ଭାଷେ ହୋଇ ସେ ବାଦଲ ।
ଆସ ତୁମେ ନୀଦ ମାଉସୀ ଆଖିରେ
ଆଖିଏ ନୀଦକୁ ଦେଇ
ଚାହିଁଛି ଅନିଦ୍ରା ଆଖିରେ ସପନକୁ
ସେ ଆସିଲେ ଯିବି ଶୋଇ ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନକୁ କି ଅବା ଭରଷା

ଅଗ୍ନି କୁମାର ସାହୁ



ଜୀବନକୁ କି ଅବା ଭରଷା
ଜାଣିଥାରେ ମନୁଆ ବାଇ
ଜୀବନର ମାନେ ନ ଜାଣି ମାନସ
ମିଛଟାରେ ଭ୍ରମୁଥାଇ ।
ଜନନୀ ଉଦରୁ ଏନ୍ତୁଡ଼ିଶାଳକୁ
ଲାଗଇ ଯେ ଦଶମାସ
କେତେକ ଯନ୍ତ୍ରଣା ଭୋଗିଣ ଯାତନା
ଫୁଟାଇ ଥାଏ ମାଁ ହସ ।
ଜନନୀ ଜଠରୁ ଭୂମିଷ୍ଠ ହୋଇଲୁ
ରାବ ଦେଲୁ କୁଆଁ କୁଆଁ
ଭୂମି ସ୍ୱର୍ଶ ହେଲା ମାୟା ଗ୍ରାସ କଲା
ନ ଦେଲୁ ତୁ ଧରାଛୁଆଁ ।
ପଞ୍ଚଭୂତେ ଗଢ଼ା ଏ ମାନବ ତନୁ
ସଂସାର ଅଟଇ ମାୟା
ଜୀବନର ଧର୍ମ ପର ଉପକାରେ
ଉତ୍ସର୍ଗୀକୃତ ହୋଇ ଯାଆ ।

ପାଣି ଫୋଟକା ର ଜୀବନ ଅଟଇ
ନିମିଷେ ମିଳେଇ ଯିବ
କ୍ଷଣ ଭଙ୍ଗୁର ଏ ମାନବ ଶରୀର
ତେଜ ସବୁ ଗର୍ବଭାବ ।
ତରିବାକୁ ହେଲେ ଏ ମାୟା ସଂସାରୁ
ହରି ପାଦେ ରଖମନ
ନାମକୁ ଶରଣ ଜୀବପରେ ଦୟା
ହୁଅ ତୁ ପରିବର୍ତ୍ତନ।
ଗର୍ବ ଅହଙ୍କାର ସବୁ ଭାଙ୍ଗିଯିବ
ତୁଟି ଯିବ ଘୃଣାଭାବ
ଦୁର୍ଲ୍ଲଭ ଶରୀର ପାଉଁଶ ହୋଇବ
ତୁଟି ଯିବ ସ୍ନେହ ଭାବ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଃଶ୍ୱାସକୁ ଅବା କି ବିଶ୍ୱାସ ଅଛି
ନ ଜାଣେ ଧନୀ ଗରିବ
ଖରା ବର୍ଷା ଶୀତ କାକର ନ ମାନେ
ପ୍ରାଣ ଛାଡି ହେବ ଶବ ।
ରାଗ ରୋଷ ହିଂସା କିବା ଅଭିମାନ
ଛାଡରେ ମନୁଆ ଭାଇ
ସତ୍ୟ ଆଶ୍ରେକରି ଦିନ ବଞ୍ଚିବାକୁ
ପ୍ରଚେଷ୍ଟା କରରେ ତୁହି ।
ପିତା ଚାହିଁ ଅଛି ମୃତ୍ୟୁ ର ପଥକୁ
ବାର୍ଦ୍ଧକ୍ୟ ପିଡାରେ ଗ୍ରାସି
ଯବାନ ପୁଅଟା ଅକାଳ ମୃତ୍ୟୁ ରେ
ହୋଇଯାଏ ଶୂନ୍ୟବାସୀ ।
ଅକାଳ ମୃତ୍ୟୁ ରେ ଚାଲି ଯାଏ ଜୀବ
ଆଜି ଅଛି କାଲି ନାହିଁ
ଜୀବନକୁ ଅବା କି ଭରଷା ଅଛି
ଜପ ମନ ଭାବଗ୍ରାହୀ ।

ପଲମ, ନର୍ଲା, କଳାହାଣ୍ଡି

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭଙ୍ଗା ଗଢ଼ା

ସୁଷମା ହୋତା



ମୁଁ ଜାଣେ ମୋ ସ୍ୱାମୀଙ୍କ ଥିବା
ଭଙ୍ଗା ଘର ବାଡ଼ି
ତଥାପି ଯିବି ମରି ଚାହିଁ ଚାହିଁ
ନିଜର ଭାବି ହୋଇ ଭିଡି ମୋଡି..
ମନେ ପଡେ ସେଇ
ବହୂ ହୋଇ ଆସିଥିଲା ଦିନ
ଚାଲ ଛାତ ପୁଣି ଖପରର
ସମାହାର ରେ ଘରଟି ଥିଲା ଏହି..
କରି ପରିଶ୍ରମ ରାତି ଦିନ
ପାଣି କାଢି ଅଣ୍ଟା କରି ଟେଢା
ତଥାପି ଘରଟି ରହିଗଲା ଅଧ ଗଢ଼ା
ପୂରା ହେବା ସପନ ଆଗରୁ
ଘରଟି ପୁଣି ଭାଙ୍ଗିବାକୁ
ଆରମ୍ଭ କଲା..

ଦେଖିବା ଭାରି କଷ୍ଟକର
ଲାଗିଛି ଯହିଁ ଝାଳ ବୁହା ପରିଶ୍ରମ ନିଜର
ସେଇ ଘରେ ଭରି ରହିଛି କେତେ ସ୍ମୃତି
ସେଇଠି ଥିଲା ଦଶ ଭାଇ
ଭଉଣୀର ପ୍ରୀତି..
ଯୋଡି ପାରିଲିନି ରଖି ପାରିଲିନି
ସେଇ ସପନର ଘର
ସବୁବେଳେ ଲାଗେ କାଇଁ ମତେ
ଅତି ନିଜର ନିଜର..

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଭିଙ୍କୁ ଲାଗେନା କଷ୍ଟ

ଯେ ରହିଛି ଜାଣିଛି ତାର

ଆରମ୍ଭରୁ ଶେଷ

ତା ମନ କିପରି ନ ହେବ

କରିବାକୁ ଅବଶୋଷ..

ମୁଁ ଭାବିଥିଲି ଯାହା

ନ ହେଲା ତ ତାହା

କେବଳ ଘରର ମୁଖ୍ୟ ଦ୍ୱାରଠୁ

ବାଡ଼ି ପଟ ଯାକ

ଲାଗୁ ଥାଏ ନିଛାଟିଆ..

ଗୁଲୁଣ୍ଡା, ମାନେଶ୍ୱର, ସମ୍ବଲପୁର,

୭୩୭୦୯୭୭୭୩୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭାଇ ଡାକ ପରା ପୀୟୁଷ ସମ

ଶ୍ରୀମନ୍ତ ନନ୍ଦ



ଭାଇ ଭଉଣୀର ସମ୍ପର୍କର କଥା
କାହାକୁ ଅଜଣା ଅଛି,
ଯୁଗେ ଯୁଗେ ଏଥିପାଇଁ ଭାଇ ହାତେ
ଭଉଣୀ ରାକ୍ଷୀ ବାନ୍ଧୁଛି ।

ଭାଇ ଭଉଣୀର ସମ୍ପର୍କ ଗଢ଼ିଛି
ଆସ୍ଥା ବିଶ୍ୱାସକୁ ନେଇ,
ନ ଥାଏ ସେଥିରେ ଆବିଳତା ଅବା
ସ୍ୱାର୍ଥପରତାର ଛାଇ ।

ଭଉଣୀର ବଡ ସାହସ ତା ଭାଇ
ପାଖେ ଯଦି ହୁଏ ଛିଡ଼ା,
ହେଉ ଧନୀ ଅବା ଗରିବ ବେକାର
ଯୁବକ ହେଉ ବା ବୁଢ଼ା ।

ସହୋଦର ସହୋଦରା ପିଲାବେଳୁ
ଉଭୟଙ୍କୁ ଜାଣିଥାନ୍ତି,
ଦୁଃଖ-ସୁଖ ହସ-କାନ୍ଦ ସହ ତାଙ୍କ
ଜୀବନ ବିତାଇଥାନ୍ତି ।

ଏମିତି ବି କେତେ ସପର୍କ ଗଢ଼ିଛି
ଭାଇ ଭଉଣୀଙ୍କୁ ନେଇ,
ଏକ ମାତା ଗର୍ଭୁ ଜନମ ନ ଲଭି
ଅଛନ୍ତି ଆଦର୍ଶ ହୋଇ ।

ସତ୍ୟଯୁଗେ ବଳି ବିରୋଚନ ସୁତେ
ଭାତୃଭାବ ମନେ ବହି,
ବାନ୍ଧିଥିଲେ ରାକ୍ଷୀ ଜଗତ ଜନନୀ
ଭଉଣୀ ରୂପରେ ଯାଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦ୍ୱାପରେ ବାନ୍ଧିଲେ ପାଞ୍ଚାଳନନ୍ଦିନୀ
କୃଷ୍ଣଙ୍କ ହାତରେ ରାକ୍ଷୀ,
ପ୍ରତିଦାନେ ଭାଇ ଯାହା ଦେଲେ ତାହା
ଇତିହାସ ଅଛି ସାକ୍ଷୀ ।

ସେହି ସମ୍ପର୍କକୁ ମନେ ରଖିବାକୁ
ନୀଳାଦ୍ରିମଣ୍ଡପ ଠାରେ,
ଭଉଣୀ ସୁଭଦ୍ରା ବସିଛନ୍ତି ଭାଇ
ଜଗା ବଳିଆ ମଝିରେ ।

ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କ
ରହିଥାଉ ଚିରଦିନ,
ଧନ ସମ୍ପତ୍ତି ବା ଅର୍ଥର ଲାଳସା
ନ କରୁ ତାହାକୁ ଛିନ୍ନ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭାଇ ଡାକ ପରା ପୀୟୁଷ ସମ

ସଂଯୁକ୍ତା ସାହୁ



ଗୋଟିଏ ଗର୍ଭରୁ ଜନ୍ମ ଭାଇ ଭଉଣୀ
ବିଧିର ବିଧାନ ପିତାମାତାଙ୍କ ଔରସରୁ
ଭାଇ,ଭଉଣୀ କରନ୍ତି କୋଳ ମଣ୍ଡନ
ଅତୀତର ସେହି ପିଲାଦିନ କଥା ମାନ,
ମନେ ପଡ଼ିଯାଏ ବେଳେ ବେଳେ ଭାରି
ଭାଇ ଭଉଣୀଙ୍କ ଅତୁଟ ବନ୍ଧନ ସବୁ
ଭାଇ ଡାକ ପରା ଅଟେ ପୀୟୂଷ ସମ
ବଡ଼ ଭାଇ ହେଉ ଅବା ସାନଭାଇ ,
ସାଥି ହୋଇ ନାଚିକୁଦି ଖେଳ ଖେଳି
ଭାଇର ସେନେହଁ ଆଦର ପାଇବାକୁ
ଭାଇଟିଏ ଥିଲେ ପାଖରେ ଆମର
କାହାକୁ ଡରଭୟ ନ ଲାଗଇ କେବେ,
ବିପଦେ ଆପଦେ ସାହା ହୋଇଥାଏ
ଭାଇ ମୋର ଅନେକ ଘାତପ୍ରତିଘାତ
ସାମ୍ନା କରି ,ସୁଖକୁ ଜଳାଞ୍ଜଳି ଦେଇ
ସିଏ ଆମମାନଙ୍କ ସୁଖ ସ୍ୱାଛନ୍ଦପାଇଁ,

ଛୋଟ ବେଳୁ ବାପା ଛାଡି ଚାଲିଗଲେ
ଯେଉଁଠିକୁ ଆଉ କେହି ଫେରେ ନାହିଁ
ଭାଇ, ବାପା ପରି ପାଳିଲେ ଆମକୁ
ସତେ ଅବା ଈଶ୍ୱରଙ୍କ ଚଳନ୍ତି ବିଗ୍ରହ,
ସବୁ ସହିଯାଇ ନୀରବରେ ପ୍ରତିକ୍ଷଣ
ଭାଇ ଥିଲେ ମୋ ବୋଉର ଜୀବନ
ସମୟ ଚକ୍ରରେ ଆମେ ବଡ଼ ହେଲୁ
ଆମେ ସବୁ ଆମ ସଂସାର ଗଢ଼ିଲୁ ,
ଭାଇ ପାଇଁ ସଦା ଚିନ୍ତିତ ବ୍ୟାକୁଳ ମନ
ଈଶ୍ୱରଙ୍କୁ ଡାକୁ ଭାଇ ଯେଉଁଠି ଥାଆନ୍ତୁ
ଖୁସିରେ, କୁଶଳରେ ଭଲରେ ରୁହନ୍ତୁ ।

ରାହାମା, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭାଇ ଡାକ ପରା ପୀୟୁଷ ସମ

ଡଃ ଧନଞ୍ଜୟ ମିଶ୍ର



ବାବୁ ମହୋଦୟ ଆଜ୍ଞା ମହାଶୟ
ଶବ୍ଦରେ ଭରା ସମ୍ମାନ
କେବେ କୃତଜ୍ଞତା କେବେ ତୋଷାମଦ
କେବେ ଶିକ୍ଷିତର ମାନ ।।

ଦୁନିଆଁ ରେ ଯେତେ ମଧୁର ସମ୍ପର୍କ
ସସମ୍ମାନେ ଡକାଯାଏ
ସବୁ ସମ୍ପର୍କ ରୁ ଭାଇ ଡାକ ଟିରେ
ଆପଣା ପଣ ଟା ଥାଏ ।।

ଅଜଣା ହଉ କି ଅପରିଚିତ ସେ
ଡାକି ଦେଲେ ଭାଇ ଥରେ
ସହାୟତା ପାଇଁ ଆଶ୍ୱାସନା ପାଇଁ ସତସଃ
ଇଚ୍ଛା ଜାଗେ ହୃଦୟରେ ।।

ଅଜଣା ରାଇଜେ ସାହାଯ୍ୟ ଡାକରେ
ହେଉ ପଛେ ପର ସାତ
ଶହେରୁ ଜଣରେ ଆପଣା ପଣରେ
ବଢାଇ ଦିଏ ତା ହାତ ।।

ଅଛି କଥା ଯୋଡ଼ା ସରି ନୁହେଁ ଘୋଡା
ସମୁହରେ ଥାଏ ଶକ୍ତି
ଭାଇ ଥିଲେ ସାଥେ ଶତସିଂହ ବଳେ
ଗର୍ବରେ ଫୁଲାଏ ଛାତି ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଇ ନୁହେଁ ଭାରସ୍ୟାମ ସଭିଙ୍କର
ଦୁର୍ବାର ଭିତ୍ତିକ ଟିଏ
ଧାତୁ ଠୁ କଠୋର ଫୁଲ ଠୁ କୋମଳ
ଦରଦୀ ହୃଦୟ ସିଏ ।।

ଭଉଣୀ ପାଇଁ ସେ ସୁରକ୍ଷା ବଳୟ
ଭରସାର ମହୋଦଧି
ପରାକ୍ରମୀ ଅବା ପ୍ରତାରକ ପାଇଁ
ଦୁର୍ଭେଦ୍ୟ ଦୂର୍ଗ ପରିଧି ।।

ଦୁନିଆଁ ବୁକୁ ରେ ସ୍ୱାର୍ଥ ଦଉଡରେ
କାହା ପାଇଁ କେହି ନାହିଁ
ଶୀଥିଳ ହୃଦୟ ତାଜା ହୋଇଉଠେ
ଡାକି ଦେଲେ କେହି ଭାଇ ।।

ସଂଘରେ ସଂସ୍କାରେ ମଠ ମନ୍ଦିରରେ
ସମାଜେ ସମୁହେ ବର
ଭାଇ ଡାକ ପରା ପୀୟୁଷରେ ଭରା
ଢାଳୁଥାଏ ପ୍ରୀତି ନୀର ।।

ବାଗସରପୁର,କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭାଇ ଡାକ ପରା ପୀୟୁଷ ସମ

ଡଃ ତାନଶ୍ରୀ ପାଣିଗ୍ରାହୀ



ଭାଇ ପରି ଆଉ ଅଛି କେ ସଂସାରେ
ସେ ପୁଣ୍ୟ ସମ୍ପର୍କ ଡୋରୀ
ସୁଖରେ ଦୁଃଖରେ ହସରେ ଲୁହରେ
ପାଖେ ପାଖେ ଥାଏ ରହି...

କେତେ ରାଗ ରୁଷା କେତେ ଅଭିମାନ
ଭାଇ ସାଥେ କେବେ କରେ
ଭାଇ ବିନା ପୁଣି ଅନ୍ତରଟା କାନ୍ଦେ
ତାକୁ ଝୁରି ଦିନ ସରେ...

ଭଉଣୀ ହାତରୁ ରାକ୍ଷୀଟିଏ ଯେବେ
ବାନ୍ଧେ ଭାଇ ସରାଗରେ
ଅମାପ ଖୁସିର ଜୁଆର ତା ମନେ
ଉଠେ ତା ମନ ସାଗରେ...

ଜଗତରେ ଭାଇ ଅମୂଲ୍ୟ ସମ୍ପଦ
ସ୍ୱର୍ଗୀୟ ମମତା ଭରା
ଧନ ଦଉଲତ ତା ପାଖରେ ତୁଚ୍ଛ
ଭାଇର ପ୍ରୀତି ଅସରା...

ଭାଇ ଡାକ ପରା ପୀୟୂଷ ସମାନ
କୋଟି ନିଧି ହୃଦୟରେ
ଭାଇ ପରି ସ୍ନେହୀ ବିଶ୍ୱାସର ବନ୍ଧୁ
ନାହିଁ ଆଉ ଏ ବିଶ୍ୱରେ ॥

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭାଇ ଡାକ ପରା ପୀୟୁଷ ସମ

ସଚିକାନ୍ତ ରଥ



ଦୁଇଟି ଅକ୍ଷରେ ଗଢ଼ା ଏକ ଶବ୍ଦ
"ଭାଇ"ବୋଲି ତାହା ଖ୍ୟାତ,
ଭାଇ ଡାକ ପରା ପିୟୁଷରେ ଭରା
ଜାଣନ୍ତି ସାରା ଜଗତ ।

ଶବ୍ଦ ସିନା ଗଢ଼ା ଦୁଇ ଅକ୍ଷରରେ
ସମ୍ପର୍କର ସେତୁ ତାହା,
ଭାଇଟି ନଥିଲେ ଏଇ ଦୁନିଆରେ
ଶୁଭିବନି ସ୍ୱର ଆହା ।

ଭାଇ ବୋଲି ଥରେ ସମ୍ବୋଧନ କର
ଜାଣି ପାରିବ ମହତ,
କେତେ ସୁମଧୁର ଲାଗେ ସେହି ଡାକ
ସତେକି ତାହା ଅମୃତ !

ପ୍ରେମର ରଜ୍ଜୁରେ ବନ୍ଧା ଏ ସଂସାର
ଭାଇ ପ୍ରେମଟି ନିଆରା,
ସାଥି ଥିଲେ ଭାଇ କିଛି ଭୟ ନାହିଁ
ସବୁ କାମରେ ସାହାରା ।

ଭାଇ ପାଇଁ ଭାଇ ଦେଇପାରେ ପ୍ରାଣ
ଭାଇ ବୋଲି ମାନିଥିଲେ,
ବିପଦେ ଆପଦେ କାନ୍ଧକୁ ମିଳାଇ
ପରିଚୟ ବାଢୁଥିଲେ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଭାଇବି ଭଗାରୀ ରୂପେ ପରିଚିତ
  ସବୁରି ମୂଳରେ ସ୍ୱାର୍ଥ,
ସ୍ନେହ ପ୍ରେମ ସବୁ ନିସ୍ୱ ହୋଇଥାଏ
  ଅର୍ଥ ଅଟେ ଯେ ଅନର୍ଥ ।

ଭାଇ ବୋଲି ସେଇ ଦୁଇଟି ଅକ୍ଷର
  ବର୍ଣ୍ଣିବାକୁ ନାହିଁ ଶକ୍ତି,
ମମତାର ଧାରା ତା ସେନେହ ପରା
  ସାରା ବିଶ୍ୱେ ପରିବ୍ୟାପ୍ତି ।

ଅତି ଆପଣାର ଭଉଣୀ ଯେ' ବେଳେ
  ଭାଇ ବୋଲି ଡାକି ଦିଏ,
ସେହି ମୁହୂର୍ତ୍ତରେ ଭାବେ ମୁଁ ନିଜକୁ
  ସଂସାରର ସୁଖୀ ଟିଏ ॥

ଶକ୍ତିବିହାର
ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭାଇ ଡାକ ପରା ପୀୟୁଷ ସମ

ନରେନ୍ଦ୍ର କୁମାର ଦାସ



ଦୁଇଟି ଅକ୍ଷରେ ଗଢ଼ା ଶବ୍ଦ ସିନା ଭାଇ ,
ଅର୍ଥ ତା'ବ୍ୟାପକ ତାଙ୍କ ସମ କେହି ନାହିଁ ।
ମାତା ଗର୍ଭୁ ଜନ୍ମି ଥିବା ପୁତ୍ର ତିନି ଦୁଇ ,
ସମ୍ପର୍କରେ ସହୋଦର ପରସ୍ପର ଭାଇ ।
ଏକ ମାତା ଠାରୁ ଯଦି କନ୍ୟା ଜାତ ହୁଏ ,
ଭଉଣୀ ଭାଇ ସମ୍ପର୍କ ମଧୁର ଅଟଇ ।
ଜ୍ୟେଷ୍ଠ ବା କନିଷ୍ଠ ହେଉ ସମ୍ପର୍କଟି ଭାଇ ,
ମଧୁ ବୋଲା "ଭାଇ" ଡାକେ ପୀୟୂଷ ମିଳଇ ।
ଭଉଣୀ ଜନ୍ମିଲେ ଆଦ୍ୟେ ଭାଇକୁ ଖୋଜଇ ,
ଭ୍ରାତା ବିନା ଭଗ୍ନୀ ଚିର କାଳ ଦୁଃଖ ପାଇ ।
ଭଗ୍ନୀ ଭଗ୍ନୀ ମଧ୍ୟେ ସ୍ନେହ ଶ୍ରଦ୍ଧା ପୂର୍ଣ୍ଣ ଥାଇ ,
ଅଭେଦ୍ୟ ପ୍ରୀତି ଡୋରିରେ ସର୍ବେ ବାନ୍ଧି ହୋଇ ।
ଅତୁଟ ବନ୍ଧନେ ବାନ୍ଧି ହୋଇ ଭାଇ ଭାଇ ,
ଭଉଣୀ ବିନା ଅଧୁରା ସମ୍ପର୍କ ହୁଅଇ।
"ଭାଇ"ମଧୁବୋଲା ଡାକ ସର୍ବ ଶ୍ରେଷ୍ଠ ହୋଇ ,
ପୀୟୂଷ ଝରଇ ସଦା ଡାକି ଦେଲେ ଭାଇ ।
ଭଉଣୀ ସହିତ ପରିବାରେ ଥିଲେ ଭାଇ ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଖ ଶାନ୍ତି ମିଳେ ମର୍ତ୍ତ୍ୟ ବଇକୁଣ୍ଠ ହୋଇ।
ନାରୀର ତିନୋଟି ରୂପ  ସଂସାରେ ଅଛଇ ,
ଜନନୀ ଠାରୁ ଭଗିନୀ ଜାୟା ସେ ହୁଅଇ ।
ଭାଇ ଅଗ୍ରଜ ଅନୁଜ ଯାହା ବି ହୁଅଇ ।
ପିତୃ ସମ ପାଳି ଥାଏ ସ୍ନେହ ଶ୍ରଦ୍ଧା ନେଇ  ।
ପିତୃ ତୁଲ୍ୟ ଭାଇ ଶାସ୍ତ୍ର ପୁରାଣ କହଇ ,
ପିତୃ ହରା ଜ୍ୟେଷ୍ଠ ଭ୍ରାତା ପିତା ସାଜି ଥାଇ ।
ଭାଇଙ୍କୁ ପାଳି ପୋଷି ମଣିଷ କରଇ ,
ସହୋଦର ବନ୍ଧୁ ସଖା  ହିତୈଷୀ ଅଟଇ ।
ଭ୍ରାତା ସମ ଇଷ୍ଟ ସାଥୀ ସଂସାରେ  କେ ନାହିଁ,
ଗୁରୁତ୍ୱପୂର୍ଣ୍ଣ ଭୂମିକା  ଭାଇର ଅଛଇ ।
ଭାଇର ଜ୍ୱଳନ୍ତ ଦୃଷ୍ଟାନ୍ତ ଶାସ୍ତ୍ରରୁ ମିଳଇ ,
ହତାଦର ଅସମାନ କେବେ କର ନାହିଁ  ।
ଶ୍ରୀରାମଙ୍କ ତୁଲ୍ୟ ଭାଇ ଏ ସୃଷ୍ଟିରେ ନାହିଁ,
ଅନୁଜ ଲକ୍ଷ୍ମଣ ଭରତ ନଜିର ହୁଅଇ  ।
ଜ୍ୟେଷ୍ଠ ବଳରାମଙ୍କ  ଭାଇ ଯୁଧିଷ୍ଠିର ହିଁ ଅଟଇ ।
ବଳିଆ ସୁଭଦ୍ରାଙ୍କର ଜଗନ୍ନାଥ ଭାଇ ,
ସୃଷ୍ଟିରେ ପୂଜା ପାଆନ୍ତି ଦୃଷ୍ଟାନ୍ତରେ ରହି ।
ରୁଢ଼ି କହେ "କ୍ଷୀର ଖାଅ ଗୃହେ ରଖି ଗାଈ ,
ଯୁଦ୍ଧ କରିବ ପାଖରେ ଯଦି ଥିବ ଭାଇ ।
ଶାଶ୍ୱତ ସତ୍ୟ ଅନାବିଳ ଅଟେ ଭାଇ ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ଡାକରେ ପୀୟୂଷ ସମ ମଧୁ ବରଷଇ ।
ଭଉଣୀ ପାଇଁ ଆଦର୍ଶ ଦୃଷ୍ଟାନ୍ତ ହିଁ ଭାଇ ,
ଭାଇ ପାଇଁ ମଙ୍ଗଳାଙ୍କୁ ପୂଜି ତଅପୋଇ ।
ସାତ ଭାଇଙ୍କ ଭଉଣୀ ସୁନାନାଖୀ ହୋଇ ,
ଖୁଦୁରୁକୁଣୀ ଓଷାରେ ମୁଖ୍ୟ  ତଅପୋଇ ।
ଆମ ସଂସ୍କୃତିରେ ଶ୍ରେଷ୍ଠ ସ୍ଥାନ ପାଇ ଭାଇ ,
ରକ୍ଷା ବନ୍ଧନ ପର୍ବଟି ପାଳନ ହୁଅଇ  ।
ଭାଇ ହାତେ ରାକ୍ଷୀ ବାନ୍ଧି ଶୁଭ ମନାସଇ ,
ଯୁଗେ ଯୁଗେ ପୂଜା ପାଏ ଭାଇ ଶ୍ରେଷ୍ଠ ହୋଇ ।

ଅବସର ପ୍ରାପ୍ତ ଶିକ୍ଷକ
ଦଶରଥପୁର, ଯାଜପୁର
ମୋ-୭୭୩୫୬୦୭୨୮୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭାଇ ଡାକ ପରା ପୀୟୁଷ ସମ

ଭାସ୍କର ରାଉତ



ଅକଳନା ପ୍ରୀତି ଜୀବନର ଗୀତି
ଭାଇ ଡାକରେ ନିହିତ,
ଜୀବନ ସ୍ପନ୍ଦନେ ଭବ୍ୟ ସମ୍ଭାଷଣେ
ଝରିଆସଇ ଅମୃତ ।।୦।।
ଶୈଶବର ସ୍ମୃତି ଅମାପ ସମ୍ପତ୍ତି
ଭାତୃତ୍ୱରେ ସେ ନିହିତ,
ତନୁ ଭିନ୍ନ ଭିନ୍ନ ଏକ ଅଟେ ମନ
ଏକଇ ରକତ ସେତ ।
ଜୀବନର ସାହା ବଞ୍ଚିବାର ରାହା
ଭାଇ ପାଇଁ ସମର୍ପିତ ।।
ସାଥେ ଥିଲେ ଭାଇ ଭୟ କିଛି ନାହିଁ
କଷ୍ଟ ହୁଏ ଦୂରୀଭୂତ,
ବାଧା ବିଘ୍ନ ଯେତେ ହଟନ୍ତି ତୁରିତେ
ଟଳିଯାଏ ପରବତ ।
ଭାଇ ଥାଉ ଦୂରେ କି ଅବା ପାଖରେ
ଭାବାବେଗ ଗୁଞ୍ଜରିତ ।।

ଶ୍ରୀରାମ ଲକ୍ଷ୍ମଣ ଭ୍ରତ ଶତ୍ରୁଘନ
ଦଶରଥଙ୍କର ସୁତ,
ଭାତୃତ୍ୱ ପ୍ରେମର ନାହିଁ ପଟାନ୍ତର
ଭାଇ ଲାଗି ସମର୍ପିତ ।
ଡାକି ଦେଲେ ଭାଇ ପୀୟୁଷ ଝରଇ
ପାଇ ମନ ହୁଏ ତୃପ୍ତ ।।

ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭାଇ ଡାକ ପରା ପୀୟୁଷ ସମ

ନୂତନ କୁମାର ବେହେରା



ଜୀବନର ଖେଳ ପଡ଼ିଆରେ ଖେଳୁ ଖେଳୁ
ଚକା ଚକା ଭଉଁରୀ...ମାରି ତାଇ ତାଳି
ନେପଥ୍ୟରୁ ଭାସିଆସେ ଉତ୍ସାହିତ କରିବାର
ଆନ୍ତରିକତା ପୂର୍ଣ୍ଣ ସାବାସୀର ପ୍ରେରଣା
କେବେ ଯଦି ଝୁଣ୍ଟି ପଡୁ...କଚଡ଼ା ଖାଉ ଭୂଇଁରେ
ଦୌଡ଼ି ଆସେ ଭାଇ ପାଖକୁ ହୋଇ ବିବ୍ରତ
କୋଳେଇ ନେଇ କହେ...ମୋ ସୁନା ଭାଇଟା
ତୋର କିଛି ହୋଇ ନାହିଁ ତ...ଉଠ୍ ଭାଇ ଉଠ୍
ସେ ଭାଇର ଦରଦ ଭରା ସେ ଭାଇ ଡ଼ାକ
କ୍ଷତାକ୍ତ ଦେହ ଆହତ ମନକୁ କରେ ଉପଶମ
ହୃଦୟ ଚିହ୍ନେ ହୃଦୟକୁ ଆସିଲେ ସଂକଟ
ପ୍ରାଣ ହୋଇ ଶାନ୍ତ ଅନୁଭବ କରେ ବାସ୍ତବତାକୁ
ଆତ୍ମା କହେ " ଭାଇ ଡ଼ାକ ପରା ପୀୟୂଷ ସମ
ବିପଦ ଆସିଲେ ମାଡ଼ି ଭାଇ ହୁଏ ସାହା ଭରସାର
ବାପାଙ୍କ ପରି ସହୃଦୟବାନ ହୋଇଥାଏ ଭାଇ
ରକ୍ତର ସଂପର୍କ ଭାଇ ସମ ବନ୍ଧୁ ମଧ୍ୟ ଜଣେ ଭାଇ
ଭାତୃଭାବ ରଖି ଭାବ ବିନିମୟ କରେ ଦୁଃଖେ ସୁଖେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଇଠୁ ନିଜର ନାହିଁ କେହି ଆଉ ଏ ସଂସାରରେ
ସେମିତି ଭାଇ ଡ଼ାକି ଦେଲେ ଥରେ ଭାଇ କହି
ଥିଲେ ଥାଉ ଯେତେ ରାଗ ରୁଷା ସବୁ ଯାଉଁ ଭୁଲି
ସ୍ନେହ ଶ୍ରଦ୍ଧା ଆପଣାପଣର ଭାବେ ସଂପର୍କ ମଧୁର
ସେ ଭାଇ ପାଖେ ଭାଇ ହୋଇ ରହୁ ଚିରଋଣୀ
ହୁଅନ୍ତି ସେ ରାମଙ୍କ ପାଶେ ଲକ୍ଷ୍ମଣ ଭରତ ଶତ୍ରୁଘ୍ନ
ତାଙ୍କର ବଦାନ୍ୟତା ରହିଥାଏ ପବିତ୍ର ଅମ୍ଳାନ
ଯେତେ ଥର ତାଙ୍କ ମୁହଁରୁ ସେ ଭାଇ ଡ଼ାକ ଶୁଣୁ
ଜୀବନଟା ଲାଗେ ସରସ ସୁନ୍ଦର ମହନୀୟ
ସ୍ପନ୍ଦିତ ହୁଏ " ଭାଇ ଡ଼ାକ ପରା ପୀୟୂଷ ସମ " ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭାଇ ଡାକ ପରା ପୀୟୁଷ ସମ

ବୀଣା ସାହୁ



ଭାଇ ବୋଲି ଥରେ ଡାକି ଦେଲେ ପରା
ହୃଦୟରୁ ଝରେ କୋହ,
ପ୍ରେମର ନଈରେ ଭାସିଯାଏ ସେତ
ସବୁ ବେଦନାର ମୋହ ।

ଦୁଃଖର ଦହନେ ଜଳୁଥାଏ ମନ
ଶୀତଳ ସମୀର ହୁଏ,
ଅଭିମାନ ର ସେ କଳା ବାଦଲଟା
କ୍ଷଣକେ ଦୂରେଇ ଯାଏ ।

ଭାଇ ଡାକ ପରା ପିୟୁଷ ସମ ଯେ
ଝରଇ ସ୍ନେହର ଧାର,
ଶୁଷ୍କ ହୃଦୟରେ ଫୁଟାଏ ସୁମନ
ଭରଇ ପ୍ରେମ ଅପାର ।

ସବୁଠାରୁ ବଡ଼ ଏ ସମ୍ପର୍କ ପରା
ଅମୂଲ୍ୟ ତାହାର ଦାନ,
ଭାଇ ଡାକରେ ଯେ ବଞ୍ଚି ରହିଥାଏ
ସ୍ନେହ ଶ୍ରଦ୍ଧା ଓ ସମ୍ମାନ ।

ଭାଇ ଡାକ ଅଟେ ବୀଣାର ଝଙ୍କାର
ମଧୁର ମୁରଲୀ ତାନ,
ପିୟୁଷ ଠାରୁ ବି ମିଠା ତ ଲାଗଇ
ପବିତ୍ର ତାହାର ମାନ ।

ଭାଇତ ନୁହଁଇ କେବଳ ସମ୍ପର୍କ
ମମତାର ମଧୁ ଗୀତ,
ଜୀବନ ପଥର କଣ୍ଟା ଭିତରେ ବି
ସେ ପ୍ରେମର ସୁଗନ୍ଧିତ ।

ସ୍ୱାର୍ଥପର ଏହି ଦୁନିଆ ଭିତରେ
ନିଷ୍କପଟ ସ୍ନେହ ଧାମ,
ଭାଇ ଡାକଟିତ ଚିର ଅମର ଯେ
ପ୍ରେମର ପବିତ୍ର ନାମ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭାଇ ଡାକ ପରା ପୀୟୁଷ ସମ

ଅନିତା ମିଶ୍ର



ଭ୍ରାତୃତ୍ୱର ସ୍ନେହ  ଅମୂଲ୍ୟ ଅତୁଲ୍ୟ
ଜୀବନର ମକରନ୍ଦ
ଅନାବିଳ ପ୍ରେମ    ସ୍ନିଗ୍ଧ ଅପ୍ରତିମ
ଅନ୍ତର୍ମନ ଅରବିନ୍ଦ ।

ଅସରନ୍ତି ପ୍ରୀତି  ଜୀବନର ଗୀତି
ନିବିଡ ଆଶ୍ଳେଷେ ବନ୍ଧା
ଜୀବନ ସ୍ପନ୍ଦନ   ଭବ୍ୟ ସମ୍ମୋହନ
ରକ୍ତର ସମ୍ପର୍କେ ଛନ୍ଦା ।

ଶୈଶବର ସ୍ମୃତି  ସୁମଧୁର ରୀତି
ଜୀବନ ମହାର୍ଘ ବେଳା
ଅଲଭ୍ୟ ଅସୀମ  ଭାବ ଅନୁପମ
ସଦା ଶୁଭଙ୍କର ଖେଳା ।

ବାଲ୍ୟ ମଧୁସ୍ମୃତି  ଭ୍ରାତୃତ୍ୱର ଦ୍ୟୁତି
ଜୀବନର ମଧୁଝର
ପ୍ରକୃତ ସମ୍ପତ୍ତି    ଜୀବନ ବିଭୂତି
ଶ୍ରେଷ୍ଠ ନବ୍ୟ ଉପହାର ।

ଓଷ୍ଠ ପ୍ରାନ୍ତେ ସଦା   ପ୍ରସ୍ଫୁଟିତ ଥାଏ
ଭ୍ରାତୃ ସ୍ନେହ ଶ୍ରଦ୍ଧା ପ୍ରୀତି
ଜୀବନ କଳସ   ମଧୁର ନିର୍ଯ୍ୟାସ
ଅପରୂପ ମଧୁକୃତି ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ବଞ୍ଚିବାର ରାହା  ଜୀବନର ସାହା
ଭ୍ରାତୃ ମନୋବଳ ଶକ୍ତି
ଜୀବନ ଆକାଶେ ତୋଫା ଜହ୍ନଟିଏ
ସଞ୍ଚରଇ ମହାଶାନ୍ତି ।

ଭାଇ ଥିଲେ ପାଶେ  ମନପ୍ରାଣ ହସେ
ଦୁଃଖକଷ୍ଟ ଦ୍ରବୀଭୂତ
ଅୟୁତ ସପନେ   ମୃଦୁ ସମୀରଣେ
ଜୀବନ ହୁଏ ପୁଷ୍ପିତ ।

ସରଳ ବିମଳ   ହୃଦୟ ନିର୍ମଳ
ଭ୍ରାତୃତ୍ୱ ପ୍ରେମର ଡୋର
ଅପୂର୍ବ ପରଶେ  ହର୍ଷ ଓ ଉଲ୍ଲାସେ
ତୋଳେ ଅମୃତ ଝଙ୍କାର ।

ଭାଇ ହୃଦ ସ୍ୱନ   ସେ ମଧୁ ଝରଣ
ଝରୁଥାଏ ଅବିରତ
କେ ଦେବ ଉପମା  ଭ୍ରାତୃତ୍ୱ ସୁଷମା
ନିରନ୍ତର ଶିହରିତ ।

ନିବିଡ଼ ଶକତ   ଅଟେ ମଜଭୂତ
ଭାତୃତ୍ୱ  ପ୍ରେମର ଚିହ୍ନ
ବିଶ୍ୱାସ ଭରସା   ଦିବ୍ୟ ଅଭିଳାଷା
ଅମଳିନ ଚିରନ୍ତନ ।

ଦୂରେ ଥାଉ ଭାଇ କିବା ପାଶେ ଥାଉ
ଭାବାବେଗ ଗୁଞ୍ଜରିତ,
ସୁଖର ଉନ୍ମେଷ  ତା' ଭବ୍ୟ ପ୍ରକାଶ
ମନପ୍ରାଣ ବିମୋହିତ ।

ଭାଇ ଡାକ ପରା ପୀୟୂଷରେ ଭରା
ଜଗତରେ ଅଟେ ସାର,
ଭାଇ ପାଇଁ ସିନା  ଲାଗେ ଏହି ବିଶ୍ୱ
ମଧୁମୟ ମନୋହର ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭାଇ ଡାକ ପରା ପୀୟୁଷ ସମ

କ୍ରିଷ୍ଣା ସେନାପତି



ବାଉଳା ହେବ ଡାକଟା
ନ ଥିଲେ ତାର ନାମଟା
ତେଣୁ ବିଜ୍ଞ ଲୋକ ଗଣ
ରଖି ଯାଇଛନ୍ତି ନାମ କରଣ
ବିଭୁଙ୍କ ଶାସନ ଦରବାରେ
ଭିନ୍ନ ଭିନ୍ନ ନାମ ହେଇଛି ରଖାରେ ।

ପାଠର ଦେବତା ଭାଇ ଗଣେଶର
ଭଉଣୀ ଦେବି ବୀଣା ପାଣିର
ଭଣ୍ଡାର ଘର ରମାଦେବୀର
ସୃଷ୍ଟିର ଆଦି ଶ୍ରୀ ବିଷ୍ଣୁ
ସୃଷ୍ଟି ସର୍ଜନା ବ୍ରହ୍ମା
ସୃଷ୍ଟି ପ୍ରଳୟ ମହେଶ୍ୱର
ଗଲା ଦେବ ଦେବୀର
ଡାକ ନାମ ସବୁର ।

ପରିବାରରେ ପିତାମହ ପିତାମହୀ
ଘରର ମୂରବୀ ସେହି
ବାପା ଡାକ ଅତି ମଧୁର
ତୁଳନା ନାହିଁ ମା ଡାକର ।

ସମ୍ପର୍କ ଭାଇ ଭଉଣୀର
ଡାକରେ ମଧୁ ଝର
ଭାଇ ବୋଲି ଡାକି ଦେଲେ ଥରେ
ବିପଦେ ଆପଦେ ଧାଇ ଆସେରେ
ଡାକର ମହତ୍ତ୍ୱ  କିଏ ବୁଝିବ
ଶବ୍ଦ କମ କିଏ ବଖାଣିବ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ବୋଧନକୁ ଦିଅ ମାନ
ରକ୍ଷା କରିବ ତୁମ ସମ୍ମାନ ।

ପୁରାଣ କଥା ପଡେ ମନେ
ଚିତ୍ର ଛାପ ହୃଦବନେ
କୁରୁ ସଭାରେ ଦ୍ରୌପଦୀ ପଡ଼ିଲେ ବିପଦେ
ଭାଇ କୃଷ୍ଣଙ୍କୁ ଡାକେ ଆର୍ତ୍ତନାଦେ
ଉଦ୍ଧାର କର୍ତ୍ତା ହୋଇ
ସହସ୍ର ବସ୍ତ୍ର ଦେଲେ ପକାଇ
ଭଲ କଥା ସଦା ଚିତ୍ତରେ ରଖ
ଭାଇ ମର୍ଯ୍ୟାଦା କର ଟେକ ।

ଭାଇ ଡାକରେ ଭରା ପୀୟୂଷ
ମଧୁର ଡାକେ ବଢିଯିବ ତୁମ ଆୟୁଷ।

ଭାଇ ସମ୍ପର୍କର ଡୋର
ବାନ୍ଧି ରଖ ମଜବୁତର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭାଇ ଡାକ ପରା ପୀୟୁଷ ସମ

ପୁଷ୍ପଲତା ମିଶ୍ର



ଭାଇ ( ନନା ) ଡାକ ସିନା ପୀୟୁଷ ସମାନ
ସିଏ ତ ମୋହର ଜଗା,
ଭଲ ରେ ମନ୍ଦରେ ପାଖେ ପାଖେ ଥାଏ
ନ ଥାଏ ମନରେ ଦକା ।।
ଜନମ ଜନମ ପୁଣ୍ୟ ଫଳ ମୋର
ପାଇଛି ମୁଁ ବଡ଼ ଭାଇ,
ମୋ ଭାଇ ମୋ ପାଇଁ ଜଗତ ଠାକୁର
ତା ପରି କେହିତ ନାହିଁ ।।
ବଡ଼ ଦେଉଳରେ ବସିଛି କାଳିଆ
ଭାଇ ଭଉଣୀଙ୍କୁ ଘେନି,
ମୋ ଭାଇର ଡାକ ମୋ ପାଇଁ ନିଜର
ତା ବିନା ରହି ପାରେନି ।।
ବଡ଼ ଭାଇ ମୋର ବଳିଆ ଠାକୁର
ଜଗା ତ ଯାଇଛି ରୁଷି ,
ଜଗା ପାଇଁ ଆମେ ଦୁଃଖରେ ରହିଛୁ
ପାଉନୁ ତାହାକୁ ଖୋଜି ।।

ସରଗରେ ଅଛି ମୋ ସାନ ଭାଇଟି
ଆକାଶରେ ତାରା ହୋଇ,
ଆମେ ଭାଇ ଭଗ୍ନୀ ଖୋଜୁଛୁ ତାହାକୁ
ଏ ଦୁନିଆ ରେ ରହି ରହି ।।
କୋଟିଏ ଆୟୁଷ ଦିଅନ୍ତୁ ଭାଇକୁ
ସେ ଆମ ଲୋତକ ଭରା ,
ସଜଳ ନୟନେ ଦେଖଇ ଆମକୁ
ସେ ତ ନୟନର ତାରା ।।

ଭୁବନେଶ୍ୱର
୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭାଇ ଡାକ ପରା ପୀୟୁଷ ସମ

ରଞ୍ଜିତା ତ୍ରିପାଠୀ



ପିତୃ ତୁଲ୍ୟ ସ୍ନେହ ଆଦର କରନ୍ତି
ସେ ଅଟନ୍ତି ବଡ ଭାଇ
ମନରେ ଆନନ୍ଦ ଖୁସି ଭରିଯାଏ
ଭାଇ ଡାକି ଦେଲେ ମୁହିଁ ।
ସେ ପୀୟୁଷ ଭରା ଭାଇ ଡାକ ପରା
ଜୀବନେ ଅମୂଲ୍ୟ ଧନ
ଭାଇ ସମ୍ବୋଧନ କରିଦେଲେ ଥରେ
ଖୁସି ହୋଇଯାଏ ମନ ।
ଦୁଇ ଭାଇ ମୋର ଜଗା ଓ ବଳିଆ
କରନ୍ତି ଅମାପ ସ୍ନେହ
ବାପା ଗଲା ପରେ ସେ ମୋ ବାପା ପରି
ତାଙ୍କ ତୁଲ୍ୟ କେହି ନୁହଁ ।

ସ୍ନେହରେ ଯେବେ ସେ ମୋର ମଥା ପରେ
ହାତ ଦିଅନ୍ତି ବୁଲାଇ
ସେ ଅମୃତ ସ୍ପର୍ଶ ମୋ ପାଇଁ ଆଶୀଷ
ଭୁଲିପାରେ ନାହିଁ ମୁହିଁ ।
ଏତିକି ମିନତୀ ହେ ଜଗତ ପତି
ଦୀର୍ଘାୟୁ କର ଭାଇଙ୍କୁ
ପୀୟୁଷ ସମ ସେ ଭାଇ ଡାକ ମୋର
ରହିବ ଯୁଗଯୁଗକୁ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭାଇ ଡାକ ପରା ପୀୟୁଷ ସମ

ରାଧାଶ୍ୟାମ ମହାନ୍ତି



ଭାତୃତ୍ୱ ବନ୍ଧନ ନାହିଁ ତା ତୁଳନା
ସତରେ ଅମୃତ ସୁଧା
ଶତ୍ରୁ ସାଥେ ଯଦି ଯୋଝିବାର ଥିବ
ଭାଇଟି ନ ଦିଏ ବାଧା ।

ଭାଇର ସେନେହ ଅମୃତ ସମାନ
ରହିଛି କେତେ ଆଦର
ମମତା ବନ୍ଧନ ଯୋଗ ଯୋଗ ପାଇଁ
ଅମୃତ ସୁଷମା ଧାର ।

ଭାଇ ଡ଼ାକ ଯେବେ ଶୁଣିବାକୁ ମିଳେ
ପବିତ୍ର ହୁଏ ଅନ୍ତର
ଭେଦା ଭେଦ ଭୁଲି ସବୁ କାମ ଛାଡ଼ି
ସେବୁଥାନ୍ତି ନିରନ୍ତର ।

ଭାଇ ଡାକ ପରା ପୀୟୂଷ ସମାନ
ଟାଣଇ ଲକ୍ଷ୍ମଣ ଗାର
ସମ୍ପର୍କର ହେଉ ଅବା ସେ ରକ୍ତର
ସମ୍ପର୍କ ଯୁଗ ଯୁଗର ।

ଛଳନା କପଟ ହଳାହଳ ବିଷ
ଗରଳ ଭରୁଛି ଆଜି
ନାହିଁ ପ୍ରେମ ଏଠି ସନ୍ଦେହ ବର୍ଷୁଛି
ଧନ ଓ ସମ୍ପତି ସାଜି ।

ଭାଇ ଭଉଣୀର ଝଗଡ଼ା ହେଉଛି
ପାଣିର ଫୋଟକା ପରି
ସାନକୁ ସେନେହ ବଡକୁ ସମ୍ମାନ
ନିଅନ୍ତି ସର୍ବେ ଆଦରି ।

ବିପଦେ ଆପଦେ ଭାଇ ଏକା ସାହା
ପାଖରୁ ଛାଡି ଯାଏନି
ପାଖରେ ରହିଣ ଦିଏ ହିତୋପଦେଶ
କଟୁ ବଚନ କହେନି ।।

ଭୋଗରାଇ, ବାଲେଶ୍ବର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ନାନ ମଣ୍ଡପେ ମୋ କଳାଠାକୁର

ଭରତ ବନ୍ଧୁ ବିଶ୍ୱାଳ



କାଳିଆ ସୁନାର ଶୁଭ ଜନ୍ମଦିନ
ଗଜାନନ ବେଶେ ଦେବେ ଦର୍ଶନ
ସ୍ୱର୍ଣ୍ଣ କଳସୀରେ ଅଣତୁଠ ଜଳ
ବାସ ମହୌଷଧି ହୋଇ ମିଶ୍ରଣ
ଅଷ୍ଟବନ୍ଧେ ହେବ ଅଭିମନ୍ତ୍ରିତ
ଚତୁର୍ଦ୍ଧା ମୂରତି ମୋ କଳା ଠାକୁର
ସ୍ନାନ ଲୀଳା ବିଧି ଦିବ୍ୟ ଅଦ୍ଭୁତ ।
ପିନ୍ଧି ସେନାପଟା ବାହୁଟି ଠାକୁର
ସାତ ପାହୁଚକୁ କରିବେ ବିଜେ
ଲାଗି ହେବ ଚୂଳ ଟାହିଆ ଶିରରେ
ପନ୍ତି ଘଷା ନାଗି ସେବା ନୈବେଦ୍ୟେ
ଆସ୍ଥାନେ ବସିବେ ସ୍ନାନ ମଣ୍ଡପେ
ସ୍ନାନାନ୍ତେ ପ୍ରତ୍ୟେକ୍ଷ ହେବ ଅବକାଶ
ତିନି ବଦଳରେ ଏକ ହିଁ ଧୂପେ ।

ସ୍ନାନ ପୂର୍ଣ୍ଣିମାରୁ ନେତ୍ରୋତ୍ସବ ଯାଏ
ଜ୍ୱରାକ୍ରାନ୍ତ ହେବେ ଚତୁର୍ଦ୍ଧା ମୂର୍ତ୍ତି
ରହିବେ ପନ୍ଦର ଦିନ ଅଣସରେ
କାଠ ପିଣ୍ଡି ଘରେ ପଡ଼ିବ ତାଟି
ଅଲାରନାଥଙ୍କୁ କରି ଦର୍ଶନ
ଶ୍ରଦ୍ଧାଳୁ ଭକତ ହୁଅନ୍ତି କୃତାର୍ଥ
ମନସ୍କାମ ହୁଏ ସଫଳ ପୂର୍ଣ୍ଣ ।

ଉପର ବରୁଆଁ, କବିରପୁର, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଇତି ତୁମର ମୁଁ

ଡଃ ମଞ୍ଜୁଳା ପ୍ରଧାନ

ଆତୁରେ ଖୋଜୁଛି ତୁମକୁ ମୁଁ
ଆଜି ପାଖେ ପାଇଯିବି ବୋଲି
ବେ ସାହାରା ଏଇ ଜୀବନକୁ ଧରି
ଆଉ ପାରୁନି ଚାଲି, ମନ ମୋ ଚାହୁଁଛି
ତୁମେ ମୋ ପାଖେ ଆଉ
ଟିକେ ରହିଯାଅ ମନେ ମୁଁ ଭାବିଲି
ଜାବୁଡି ଧରିବି ଏ ସବୁ ବାସ୍ତବ
ନୁହଁ, ଛାତି ଭିତରତା ଯନ୍ତ୍ରଣାରେ
ଭରା କାହା ଆଗେ କହିବି କୁହ
ଚିଠିଟା ଲେଖିଲେ ତୁମ ମୁହଁ ଦିଶେ
ତୁମେ ହସି କଥା କୁହ, ତୁମ ପାଇଁ ସିନା
ସାଦା କାଗଜରେ ଶବ୍ଦର
ସମାରୋହ କବିତା ତାହାର ନାମ
କିଏ କହେ, ସେ ମୋ ଦରଦି
ପ୍ରାଣର କୋହ, କହିବାକୁ ଥିଲା,
କହିପାରିଲିନି ହୃଦୟରେ ଦେଲି
ପୋତି, ଆଜି ମୁଁ ଝୁରୁଛି ପାରୁନି
ମୁରୁଛି କରି ପାରୁନି ଇତି ମୁଁ ତୁମର
ଲେଖି ଜଣାଇଲି ପତର ।

କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଇତି ତୁମର ମୁଁ

ଦିବାକର ସିଂ



ଇତି ତୁମର ମୁଁ
ଲେଖୁଛି ଆଜି ନିଃଶବ୍ଦ ରାତିରେ
ହୃଦୟର ଅକୁହା କେତେ କଥା
ଶବ୍ଦ ସବୁ ହଜିଯାଏ
କଲମ ବି ଅଟକି ଯାଏ
ତଥାପି ତୁମ ସ୍ମୃତି ସବୁ
ମୋ କବିତାର ମଧୁର ବାର୍ତ୍ତା ।

ସମୟର ଲମ୍ବା ପଥରେ
କେତେ ରାତି ବିତିଯାଇଛି
କେତେ ଋତୁ ଆସିଛି ଯାଇଛି
କେତେ ଫୁଲ ଫୁଟି ଝଡି ଯାଇଛି
କେତେ ମେଘ ଆକାଶରେ ଭାସିଯାଇଛି ।

କିନ୍ତୁ ମୋ ମନ ଆକାଶରେ
ଆଜି ବି ତୁମ ଛବି ଉଙ୍କି ମାରେ
ତୁମ ଓଠର ମିଠା ମିଠା କଥା
କେତେ ରାଗ ଅଭିମାନ ସବୁ
ସ୍ମୃତିର ଉଜ୍ଜଳ ଦୀପଶିଖା ପରି
ଜଳୁଛି ଅବିରତ ଦିନରାତି ।

ତୁମେ ଥିଲ ମୋ ସୁଖର ସାଥୀ
ଦୁଃଖ ସମୟର କଅଁଳ ରବି
ମୋ ହୃଦୟର ସୂକ୍ଷ୍ମ ତନ୍ତ୍ରୀରେ
ତୁମେ ଥିଲ ମିଠା ମିଠା ସ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାହାର ଝଙ୍କାରରେ
ମନରେ ଭରିଥିଲା ନୂଆ ଆଶା ।

ଆଜି ଦୂରତାର ଦୀର୍ଘ ପାଚେରୀ
ଦୁହିଁଙ୍କ ମଝିରେ ଠିଆ ହୋଇଛି
ତଥାପି ପ୍ରେମର ସେତୁ ଭାଙ୍ଗିନାହିଁ
ଆଜି ବି ହିମାଳୟ ପର୍ବତ ପରି
ଦୃଢ଼ ଭାବରେ ଛିଡା ହେଇ ରହିଛି ।

ପବନର ପ୍ରତିଟି ମୃଦୁ ସ୍ପର୍ଶରେ
ଜଳଧିର ନୀଳ ଉର୍ମି ମାଳାରେ
ଜହ୍ନର ପ୍ରତିଟି ତୋଫା କିରଣରେ
ଫୁଲର ପ୍ରତିଟି ସୁବାସରେ
ମୁଁ ଅନୁଭବ କରେ ତୁମ ଉପସ୍ଥିତି ।

କେବେ କେବେ ଏକାକୀ ଥିଲେ
ମନ ଖୋଜେ ତୁମ ପାଦ ଚିହ୍ନ
ସ୍ମୃତିର ଝରକା ଖୋଲି ଦେଖେ

ଅତୀତର ସେ ସୁନେଲି ଦିନ
ଯେଉଁଠି ହସ ଥିଲା ସ୍ୱପ୍ନ ଥିଲା
ଆଉ ଥିଲା ଗଭୀର ବିଶ୍ୱାସ ।

ଜୀବନର ଶେଷ ପ୍ରହର ଯାଏଁ
ଏହି ସ୍ନେହ ଓ ଶ୍ରଦ୍ଧା ରହିଥିବ
ମୋ ହୃଦୟର ପ୍ରତିଟି ସ୍ପନ୍ଦନ
ତୁମ ନାମ ସଦା ଗାଉଥିବ
କଲମ ସିନା ଅଟକି ଯିବ
ସମୟ ଗଡିଯିବ ଧିରେ
କିନ୍ତୁ ଏହି ଭାବନା କେବେ
ମରି ନାହିଁ କି କେବେ ମରିବନି ।

ସେଇଥିପାଇଁ ତ......
ଏହି କବିତାର ଶେଷ ପଙ୍କ୍ତିରେ
ମୋର ସମସ୍ତ ସ୍ନେହ ପ୍ରେମ ଶ୍ରଦ୍ଧା
ବିଶ୍ୱାସ ଓ ଆତ୍ମୀୟତା
ଅର୍ପଣ କରି ଲେଖୁଛି —
“ଇତି ତୁମର ମୁଁ "



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଇତି ତୁମର ମୁଁ

ସୀମାଞ୍ଚଳ ରାଉଳ



୧.

ତୁମ ପ୍ରେମ ଆଶେ ଝୁରେ ଦିନ ।ରାତି
ମୁଁ ଏକା ଏକା ଚାତକ,
ତୁମେ ମୋ ଜୀବନ  ତୁମେ ମୋର ଆଶା
ତୁମେ ମୋର ପଥ-ଦର୍ଶକ ।

ତୁମ ବିନା ଏହି  ସାରା ସଂସାରଟା ।
ଲାଗଇ ମତେ ଅନ୍ଧାର,
ଚିଠି ଶେଷେ ଆଜି ।
ଲେଖିଦେଲି ପ୍ରିୟା ।
"ଇତି ତୁମର ମୁଁ" ଜହ୍ନର ।

ନୀଳ ଆକାଶର ଶେଷ ସୀମା ଯାଏ ।
ଉଡ଼ିଯାଏ ମୋର ଭାବନା,
ତୁମରି ସ୍ମୃତିରେ  ହଜିଯାଏ ମନ
ଭୁଲି ସବୁ ଦୁଃଖ ଯାତନା ।

ତୁମରି ଚାହାଣି  ମନେ ଭରିଦିଏ
ଅସୁମାରୀ ଖୁସି ସ୍ପନ୍ଦନ,
ତୁମରି ଚରଣେ ସମର୍ପିଲି ଆଜି
ମୋର ଏହି ତନୁ ଜୀବନ ।

ଫଗୁଣର ସେହି  ମୃଦୁ ମଳୟରେ
ଶୁଭେ ତୁମରି ସେ ନୂପୁର,
ତୁମରି ପ୍ରେମରେ  ରଙ୍ଗେଇ ହୋଇଛି
ମୋର ଏହି ସାରା ଅନ୍ତର ।

ଯେତେ ବାଧାବିଘ୍ନ ଆସୁ ପଛେ ପଥେ
ହାତ ଛାଡ଼ିବିନି ତୁମର,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମେ ମୋର ସାଥୀ  ସୁଖେ ଦୁଃଖେ ସଦା
ତୁମେ ମୋର ବାଲିଘର ।

ଆଖିର ଲୁହକୁ  ହସରେ ବଦଳି
ଦେଇପାରେ ତୁମ ସିଂହାସନ,
ତୁମ ପ୍ରେମ ପାଇଁ  ଧନ୍ୟ ହୋଇଅଛି
ମୋର ଏହି ମର୍ତ୍ତ୍ୟ ଭୁବନ ।

ମହେନ୍ଦ୍ର ଗଡ଼, ଗଜପତି

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଯଦି କେବେ ଦେଖାହେବ

ସୁଭାଗିନୀ ସିଂହ



ଯଦି କେବେ ଦେଖାହେବ ମାଧବ ହେ
ଶ୍ରୀ ଚରଣରେ ଆଶ୍ରା ଦେବ
ଚତୁର୍ଦ୍ଦିଗ ସର୍ବବ୍ୟାପୀ ତୁମ ନାମ
ମହାବିପଦୁ ରଖିବ ।।
କଦମ୍ବ ମୂଳିଆ ଯମୁନା କୂଳିଆ
ନଟବର ବେଣୁ ପାଣି
ପଦରେ ନୂପୁର ରୁଣୁଝୁଣୁ ଶବ୍ଦ
କି ସୁନ୍ଦର ଠାଣି ମାଣି ।
ନାଲି ଅଧର ରେ ମୋହିତ ଜଗତ
କଟିରେ ପୀତ ବସନ
ଗଳେ କାଇଁଚ ମାଳି ଦିଶେ ସୁନ୍ଦର
ଚୋରୀ କଲ ରାଧା ମନ ।
ଯଦି ହୋଇ ଥାନ୍ତି ଦାସିଆ ବାଉରୀ
ଅବା ଭକତ ବିଦୂର
ରହିଥାନ୍ତେ ଭକତ ର ଡାକ ଶୁଣି
କରି ପାରିନି ହୃଦର ।
ମାୟା ବନ୍ଧନରେ ଆବଦ୍ଧ ହୋଇ ମୁଁ
ସେ ନାମ ତୁଣ୍ଡେ ନ ଧରି
ମିଛ ସମ୍ପର୍କ ରେ ମୋର ମୋର କହି
ଜଞ୍ଜାଳେ ହେଉଛି ଘାରି ।।
ଅଭାବରେ ରହି ଡାକୁ ଅଛି ମୁହିଁ
ବିପଦୁ ରଖିବ ହରି
ତୁମ ନାମ ବିନା କିଛି ନାହିଁ ପ୍ରଭୁ
ନିଶ୍ଚୟ କରିବେ ପାରି ।
ନିଜ ଇଚ୍ଛାରେ ମୁଁ ହଜାଇ ଦେଇଛି
ଯାହାଥିଲା ମୋର ପାଶେ
ଦୟାକରିବ ହେ ଦୟାର ସାଗର
ତବ ଦରଶନ ଆଶେ ।।
ଆଙ୍ଖି ବେଳେ ସିନା ଏ ସାରା ସଂସାରେ
କରୁ ଅଭିନୟ କେତେ
ଯଦି ଦେଖାହୁଏ କହିବି ତୁମକୁ
ହୃଦୟ ବେଦନା ସତେ ।।

ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସହରରୁ ଗଲି ଗାଁକୁ ବୁଲି

ହେମନ୍ତ କୁମାର ନାୟକ



ସହରରୁ ଗଲି ଗାଆଁକୁ ବୁଲି
ମାଟି ଝାଟି ନାହିଁ କଂକ୍ରିଟ ଖାଲି
ଶିଳ ଶିଳପୁଆ ନାହିଁ ବାଟଣ
ନୋଳା ତୋଳାନାହିଁ ଶାଗ ତିଅଣ
ଶାଢ଼ୀ ନାହିଁ ଦେହେ ପିନ୍ଧି ନାଇଟୀ
ଶାଶୁ କରୁଅଛି ବୋହୂ ପାଇଟି
ଗ୍ରାଇଣ୍ଡର ଘୁରାଇ ବାଟି ମସଲା
ମାଟି ଚୂଲି ଗଲା ଗ୍ୟାସର ଚୂଲା
କୁଟା କାଠି ଆଉ ଜାଳୁଛି କିଏ
ଗ୍ୟାସ ଜଳାଇଲେ ରୋଷେଇ ହୁଏ
ଘରେ ଜଳେ ନାହିଁ ଲଣ୍ଠନ ଟିଣା
ଇନଭର୍ଟର ସଙ୍ଗେ ବେଟ୍ରୀଟି କିଣା
ଗାଆଁଟିରେ ନାହିଁ ଛପର ଘର
ଭାଇ ଭାଇ ଆଜି ହେଲେଣି ପର
ଆକ୍ୱାଗାର୍ଡ ଆଣି ପିଇଲେ ପାଣି
କୂଅ ପୋଖରୀକୁ ଭୁଲି ଗଲେଣି
ଅଧା ଇଂଗ୍ରାଜିକୁ ଅଧା ଓଡିଆ

କହୁଅଛି ବସି ପିଣ୍ଡାରେ ବୁଢା
ଗାଆଁରେ ନାହିଁ ସେ କରୁଆ ନୋଟା
ସ୍ୱାମୀକୁ ଡାକିଲେ ଧନ ସୁନାଟା
କାହାରି କାନ୍ଧରେ ନାହିଁ ପଇତା
ହଜି ଯାଇଛି ସେ ପୂର୍ବ ମମତା
ବାପାଙ୍କୁ ମୁରବୀ ଭାବୁନି ବୋଉ
ସରକାର ନୀତି ମାଆ ଆଗଉ
ସହର ଠୁଁ ଏବେ ବଳିଛି ଗାଆଁ
ଖରା ଦିନ ସାରା ଗରମ ନିଆଁ
ଶୀତ ସକାଳରେ ନାହିଁ ସେ ରୁଣ୍ଡ
ବିଲ ବାଡ଼ି ସବୁ ବୁଲିଲେ ଷଣ୍ଢ
ଗୋବର ପାଣିରେ ଲିପୁନି ବୋଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସର୍ଫ ସାବୁନରେ ବାସନ ଧୋଉଁ
ଦେଖା ହେଉନାହିଁ ପାଣି ମାଠିଆ
ବନ୍ଧିରି କଳମ ନାହିଁ ଝାଟିଆ
ବାଡ଼ ଉଠିଯାଇ ପାଚେରୀ ହେଲା
ପତ୍ନୀ ପତିଙ୍କୁ ଛାଡପତ୍ର ଦେଲା
ମାଆ ବଳୁନାହି ସନ୍ଧ୍ୟା ବଳିତା
କିଣା ହୋଇଆସେ ଧୂପ ସଳିତା
ଚାଉଳକୁ ବାଟି ଗଢୁନି ପିଠା
ଛୁଆ ପାଇଁ ହୁଏ ସାର୍ଲାକ ଚିଠା
ଗାଆଁରେ ଗଡୁନି ଶଗଡ଼ ଗାଡି
ବାପା ବୋଉ ଛାଡ଼ି ମମି ଡାଡି
ଗାଆଁ ପୋଖରୀରେ ଫୁଟୁନି ଫୁଲ
ପୁଅ ବୁଝୁ ନାହିଁ ବାପାଙ୍କ ମୂଲ୍ୟ
ମେଞ୍ଚୁଆତୀ ପତ୍ର ବାଟୁନି ବୋଉ
ସଜ ହେବାପାଇଁ ପାର୍ଲର ଧାଉଁ
ବସାଇ କି କିଏ ଦେଉନି ଖଲି
ସବୁ ଖାଉ ଅଛନ୍ତି ବୁଲି ବୁଲି
ସହର ଠୁଁ ଏବେ ବଳିଛି ଗାଆଁ
ପରିସ୍ଥିତି ପାଇଁ ଦଇବ ସାହା
ହେମନ୍ତ ଦେଖିଲା ଗାଆଁକୁ ବୁଲି
ସ୍ନେହ ଓ ମମତା ଯାଇଛି ଚାଲି

ଆନନ୍ଦପୁର କେନ୍ଦୁଝର
ମୋ - ୮୦୧୮୨୪୦୨୬୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମେ ସାହିତ୍ୟ ବୃତ୍ତର ବ୍ୟାସ

ରୀତାରାଣୀ ଦାଶ



ଆଧୁନିକ ଯୁଗେ ଓଡ଼ିଆ ଭାଷାରେ
ଜନକ ତୁମେ ଫକୀର ମୋହନ
ସାହିତ୍ୟ ବୃତ୍ତର ବ୍ୟାସଦେବ ରୂପେ
ବାଲେଶ୍ୱର କୋଳେ ହୋଇଲ ଜନ୍ମ ।

ଶୁଷ୍କ ମୃତ୍ତିକାରେ ବିକଶିତ ହେଲା
ଅଗଣିତ ଯେ ସାହିତ୍ୟ କୁସୁମ
ଉପନ୍ୟାସ, ଗଦ୍ୟ ପ୍ରବନ୍ଧ କବିତା
ଯେବେ ଧରିଲ କାଗଜ କଲମ ।

"ଛ ମାଣ ଆଠ ଗୁଣ୍ଠ "ରେ ଗରିବର
ଶୋଷିତ ବେଦନା ହେଲା ସ୍ଥାନିତ
ମାଦଳ ପାଞ୍ଜି ଲେଖି ବ୍ୟାଖ୍ୟା କରିଦେଲ
ସତ୍ୟର ପାନ୍ଥକୁ ପ୍ରକାଶ ନିତ୍ୟ ।

ଅନ୍ଧକାରେ ତୁମ ସାହିତ୍ୟ ଆଲୋକ
ବିଦ୍ୟାପତି ପରେ ଦ୍ୱିତୀୟ ରବି
ଓଡ଼ିଆଙ୍କ ଶିକ୍ଷା ଭାଷା ରକ୍ଷାକର୍ତ୍ତା
ସାଜିଗଲ ନିଜେ ଯେ ବ୍ୟାସ କବି ।

ସମଗ୍ର ବିଶ୍ୱରେ ବାଲେଶ୍ୱର ରାଜା
ଅପୂର୍ବ ବାରତା ଶିଖାଇ ଦେଲ
ସତ୍ୟ ଲେଖନୀ ତ ମରେ ନାହିଁ କେବେ
ଲେଖା ଦ୍ୱାରା ଶିକ୍ଷା ଯେ ବାଣ୍ଟି ବାଣ୍ଟି ଦେଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଷା ପାଇଁ ଲଢ଼ି ସମାଜ ସଂସ୍କାରେ
ଲେଖିଗଲେ ପରା ରେବତୀ ତୁମେ
କଲମକୁ ଅସ୍ତ୍ର ଅନ୍ୟାୟ ବିରୁଦ୍ଧେ
ଦଣ୍ଡାୟମାନ ହେ ଦେବତା ରୂପେ ।

ସାହିତ୍ୟ ବୃତ୍ତର ବ୍ୟାସ ହେ ଫକୀର
କୀର୍ତ୍ତି କଳା ତୁମ ବିଶ୍ୱ ବିଦିତ
ଓଡ଼ିଆ ସାହିତ୍ୟ କଥା ସମ୍ରାଟ ହେ
ସଂକ୍ରାନ୍ତି ପୁରୁଷ ଭାବେ ବିଖ୍ୟାତ ।

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭୋକ

ଶ୍ୟାମା ପ୍ରସାଦ ବୋଷ



ଭୋକର ତାଡନା ସହିତ ହୁଏନା
ଭୋକ ବାଟବଣା କରେ
ଭୋକର ତାଡନା କ୍ଷୁଧାର୍ତ୍ତ ବୁଝେନା
ଭୋକ ଉଗ୍ରରୂପ ଧରେ । ୧

ଭୋକର ଠିକଣା ଭୋକିଲା କୁ ଜଣା
ଭୋକ ପାଇଁ ବୁଦ୍ଧି ହରେ
ଭୋକର ଯନ୍ତ୍ରଣା ଭୋକର ମନ୍ତ୍ରଣା
ଭୋକ ଜିଜ୍ଞସତା ଭରେ । ୨

ଭୋକର ଯାତନା କରେ ଆନମନା
ଭୋକ ବଢ଼ିଥାଏ ଖରେ
ଭୋକର କାମନା କରେ ବିବସନା
ଭୋକର ଭୂଗୋଳ ପରେ । ୩

ଭୋକର ଭରଣା ଖାଦ୍ୟର ପାଉଣା
ଭୋକକୁ ଆୟତ୍ତ କରେ
ଭୋକର ଅରଣା ମଇଁଷି ଧାରଣା
ଭୋକକୁ ଭୀଷଣ ଡରେ । ୪

ଭୋକ ଜ୍ୱାଳା ସିନା ରଚଇ ଛଳନା
ଭୋକରେ ଲୋତକ ଝରେ
ଭୋକର ବେଦନା ଅସହ୍ୟ ରୋଦନା
ଭୋକ ଅଣାୟତ୍ତ କରେ । ୫

Listen to Odia Podcast Original at https://youtube.com/@drjyotiprasad

ଭୋକର ଭରଣା ନାହିଁ ବୁଝାମଣା
ଭୋକ ମନ୍ଦ ବିଚାରରେ
ଭୋକର ପାଉଣା ନଥାଏ ଧାରଣା
ଭୋକ କ୍ଳିଷ୍ଟ ଆଧାରରେ । ୬

ଭୋକର ତାଡନା ସହିତ ପାରେନା
ଭୋକରେ ଭୋକିଟି ମରେ
ଭୋକ ବୁଦ୍ଧି ହୀନା ବିବେକ ରଖେନା
ଭୋକ ପଶୁ ତୁଲ୍ୟ କରେ । ୭

ଗ୍ରାମ : - ବେଗୁନିଆଁ , ମଲ୍ଲୀକ୍ ସାହି
ପୋଷ୍ଟ : - ଗୋପ୍ , ଜିଲ୍ଲା : - ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମ ଗାଆଁ ନଈପଠା

ନିରଞ୍ଜନ ସାହୁ



ତୁମରି ଗାଆଁର ନଈ ପଠା ମୋତେ
ସବୁଠାରୁ ଭଲ ଲାଗେ
ତୁମ ଗାଆଁ ଗଲେ ନଈର ପଠାରେ
ପହଁଚଇ ମୁହିଁ ଆଗେ ।

ଡ଼ଙ୍ଗାରେ ନାଉରୀ କାତ ମାରିକରି
ମୋତେ ପହଁଚାଇ ଦିଏ
ଅବଶ୍ୟ ସେ କିଛି ଅଧିକ ପାଉଣା
ମୋହରି ପାଖରୁ ନିଏ
ଡ଼ଙ୍ଗାକୁ କୂଳରେ ଲଗାଇଥାଏ ସେ
ଧୀରେଧୀରେ ଭଲ ବାଗେ ।

ସେ ନଈ ପଠାରେ ଝାଉଁବଣ ରୂପ
ସବୁଜ ସବୁଜ ଦେଖି
କାଗଜ କଲମ ଧରି ମୁଁ ସେଠାରେ
କବିତା ଦିଅଇ ଲେଖି
ସେହି ଇଲାକାରେ ଘର ତୋଳିବାକୁ
ମୋ ମନରେ ସ୍ୱପ୍ନ ଜାଗେ ।

ପଠା ଚାରିପଟେ ନଈ ଘେରିଥାଏ
ବହଇ ଶୀତଳ ବାଆ
ଶାନ୍ତି ଲାଗିଥାଏ ସେହି ସ୍ଥାନ ମୋତେ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଖାଇଥାଆ କି ନ ଖାଆ
ଈଶ୍ୱରଙ୍କୁ ପାଖେ ପ୍ରାର୍ଥନା କରି ମୁଁ
ଏଇ ସ୍ଥାନଟିକୁ ମାଗେ ।

ନଈର ପଠାରେ ଚାଷୀ କରିଥାନ୍ତି
ଫସଲ ଯେ ଋତୁ ମତେ
ସେ ଫସଲ ଦେଖି ମନ ପୁରିଉଠେ
ଖୁସି ଲାଗିଥାଏ ସତେ
ପଠାର ରୂପ ବି ବଦଳି ଯାଆଇ
ନାନାବିଧ ପାଣିପାଗେ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭାଗ୍ୟ ଆଉ ହୃଦୟରେ ନଥାଏ ଭଲ ସମ୍ପର୍କ

ସୁଶାନ୍ତ ସାହୁ



ଭାଗ୍ୟ ସଦା ଅଟେ କର୍ମର ଅଧୀନ
ନାହିଁ ତା ଆପଣା ପର
କର୍ମ ଅନୁସାରେ ଦିଏ ଫଳ ସେହି
ନ ଜାଣେ ହୃଦ ଅନ୍ତର
କୃତକର୍ମଫଳ ଅବଶ୍ୟ ଭୁଞ୍ଜିବା
ଏଥିରେ ନାହିଁ ସଂଶୟ
କର୍ମ ହିଁ ଭାଗ୍ୟର ନିର୍ଦ୍ଧାରଣ କର୍ତ୍ତା
ଜନ୍ମ କରେ ନିର୍ଣ୍ଣୟ
ଅଯୋଗ୍ୟ ଅପଦାର୍ଥ ଅକୃତଜ୍ଞ ଜନ
ସ୍ରଷ୍ଟାରେ ଦିଏ ଦୋଷ
ଆପଣା କର୍ମ ନ କରେ ସୁଧାର
ଶେଷକୁ ହୁଏ ନିରାଶ
ମାଲିକ କେବେ ନ କରନ୍ତି ନିରାଶ
ଭ୍ରମ ଏ ମଣିଷ ମନର
ସପ୍ତସିନ୍ଧୁ ଯାର କରୁଣା ର ବିନ୍ଦୁ
ବିଶ୍ୱଜୀବନ ସେ ସବୁର

ସେ କି କେବେ ପୁଣି କରିବେ ନିରାଶ
ଏତ, ଭ୍ରାନ୍ତ ମନର ପ୍ରକାଶ
ପ୍ରତିଟି ଲୋମରେ ପ୍ରକାଶ ଜୀବନ୍ତ
ନ କରନ୍ତି ସୃଷ୍ଟି ନାଶ
ସ୍ୱାର୍ଥ ଅହଂ କ୍ଷଣିକ ର ମୋହ
କରେ ଆମରେ ବିଭ୍ରାନ୍ତ
ଅନ୍ତିମ ସମୟେ ଭାଗ୍ୟକୁ ନିନ୍ଦିବା
ହୁଏ ହୃଦୟ ଅଶାନ୍ତ
ପ୍ରଶାନ୍ତି ରୁ ଗତି ନ ହେଲେ ଦୁର୍ଗତି
ଏତ, ସୃଷ୍ଟିର ସଂରଚନା
ସ୍ରଷ୍ଟା ତ ଅନେକ କରି ଯାନ୍ତି କ୍ଷମା
ନହେଲେ ଅଶେଷ ଯାତନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୃଷ୍ଟିଶୃଙ୍ଖଳା ଅଧିନିୟମ ମାନି
ଚଳିବାକୁ ହେବ ନିୟତ
ନିୟତି ବିଧାନ ନ କରି ଅମାନ୍ୟ
ମନକୁ କର ସଂଯତ
ଏ ଦେହ ମନ ଯେବେ ନୁହେଁ ତ ନିଜର
ସଂସାର କେମିତି ଅବିନଶ୍ୱର
କର୍ମକୁ ସଂଯତ ନକରି ସଜୀବ
ସ୍ରଷ୍ଟା ଦୋଷୀ ନିରନ୍ତର
ମାଲିକଙ୍କୁବୃଥା ଦୋଷ ଦେଲେ ସଦା
ଦ୍ୱିଗୁଣିତ ହୁଏ ଦୁର୍ଭାଗ୍ୟ
କରମେ ନଜର ରଖ ହେ ମଣିଷ
ନ ହୁଅ ଏ ଜୀବନେ ଅଯୋଗ୍ୟ

ଜ୍ଞାନବିବେକ ସର୍ବସ୍ୱ ହୋଇ ବି
କାହିଁକି ନବୁଝ ଅବୁଝା
ବୁଜିଦେଲେ ଆଖି ହଜିବ ସଂସାର
ନିଜ କର୍ମ ତୁ କରିଯା
ସ୍ୱାର୍ଥବଶ ହୋଇ ଅକର୍ମ ରେ ବଶ
ଅନ୍ତିମ ବିଚାର ନିୟନ୍ତ୍ରିତ
ହୃଦୟବିଦୀର୍ଣ୍ଣ ହେଲେ ବି ଶରୀରେ
କର୍ମେ ଭାଗ୍ୟ ନିର୍ଦ୍ଧାରିତ
ଶରୀର ନଥିବ ବଳ କ୍ଷମତା ଯଶ
ରହିବ ବା କେମିତି ଚିର
ହାଣିହେଲେ ହୃଦ ଭାଗ୍ୟ ନ ବଦଳେ
ଫଳ ମିଳେ ନିରନ୍ତର

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହସ

ନାଭିଦତ୍ୟ ଦିଗାଲ



ଦେଉଥିଲ ହସି ଆରେ ମୋ ମାନସୀ
ମନଲାଖି ହସ ଟିଏ
ଟିକି ଦୁନିଆରେ ହସ ଟିଏ ପାଇଁ
ହେଲି ମୁଁ ପାଗଳ ପ୍ରାୟେ ।

କାହିଁକି କେଜାଣି ହଜି ହଜି ଗଲା
ସ୍ମୃତି ରହିଲା ହୃଦୟେ ।
ଗଗନେ ଉଡ଼ିଲି ସାଗରେ ବୁଡ଼ିଲି
ଜୀବନଟା ହାଏ ହାଏ ।

ସବୁ ଦୁଃଖ ଦୂର ହେବ ବୋଲି କରି
ମନେ ମୁରୁକି ହସିଲି
ହସ ବଦଳରେ କାନ୍ଦ ପହଞ୍ଚିବ
ଦିନେ ବି ଭାବି ନ ଥିଲି ।

ହସ କାନ୍ଦ ଦୁଇ ମୁଦ୍ରା ପାର୍ଶ୍ୱ ପରି
ଆକୁଳେ ଭାଙ୍ଗି ମୁଁ ପଡିଲି
ଫେରି ଆସିବ କି ସମୟ ସ୍ରୋତରେ
ବାଟକୁ ଅନାଇଁ ରହିଲି ।

ହସି ହସି କରି ଗଡ଼ିବି ଭୂଇଁରେ
ଚଗଲା ମନକୁ ନେଇ
କିରି କିରି ହସି ନାଚି ଥେଇ ଥେଇ
ଦିବା ନିଶି ଭାବୁଥାଇ ।

ଖଜୁରୀଗାଁ, ଗୋଛାପଡ଼ା
କନ୍ଧମାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସବୁଜିମା, ଏକ ଆର୍ତ୍ତନାଦ

ସୁଜିତ କୁମାର ମିଶ୍ର



ରହସ୍ୟ ଘେରରେ
ପୃଥିବୀର ଯଶ, ତା ତମାମ୍ ଆୟୁଷ ।

ଗୁନ୍ଧି ପକଉଛି ଜୀବନକୁ
ଏ ବିଷାକ୍ତ ଗହଳି ଚହଳି
ଯେମିତିକି କ୍ଷେତକୁ କ୍ଷତାକ୍ତ
କରୁଥାଏ କୀଟ, ଦଂଶନକାରୀ ।

ମାଟି ପାଣି ପବନ
ଗଛଲତା ଗିରି ବନ
ସବୁଠି ବହଳ ବହଳ
କଳା କିଟିମିଟି ଧୁଆଁ,
ଦାରୁଣ ଶ୍ୱାସରେ ଜୀବନ ମରଣ ମୁହାଁ ରସ
ବ୍ୟାପୁଛି ବିଷାଦ ରସ ।

ଅନ୍ଧାରୀ କୋଠରୀ ଭିତରେ
ସବୁଜିମା, ଏକ ଆର୍ତ୍ତନାଦ
ନା ସାତ୍ତ୍ୱିକ ଚିନ୍ତନର ସୁବାସିତ ବେଦ ?

ସ୍ୱପ୍ନ ପ୍ରଦୂଷିତ ଛବିର
ବନ୍ଦୀଘରେ,
ବିକାଶ ଗୁରୁଣ୍ଡୁ ଥିବା ଶିଶୁର
ଅସହାୟ ସ୍ୱରରେ ।

ନିଜ ସୁଖରେ ମସଗୁଲ ମାନବ
ସାଜିଛି ଦୁଃଖନଈ,
ତା ସହରର ଚାକଚକ୍ୟରେ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଅବାରିତ ରକ୍ତାକ୍ତ ପ୍ରିୟ ଭୂଇଁ,
ବହୁଜନଙ୍କ ଭାର ବୋହିବାକୁ ତା
ପାଖରେ ବେଳ କାହିଁ ?

ପାଦ ତଳ ସଙ୍କଟର ଗଭୀର ଗର୍ତ୍ତ
ମୁଣ୍ଡ ଉପର ଧୂଆଁମୟ,
ଚାରିପଟ ଚଞ୍ଚକତାର ସ୍ରୋତ,
ଆମେ ଉଛତାରେ ଆଧୁନିକ ମଣିଷ ।

ଏଠି ଚର୍ଚ୍ଚିତ ହୁଅନ୍ତି
ପରିଣତ ରାଜନେତା ରାଜନେତ୍ରୀ
ଆଉ ତାଙ୍କ ମଧୁର ପ୍ରଣୟ,
ଜୁନ ୫
ଗୋଟିଏ ଅଣ ଚର୍ଚ୍ଚିତ ଗପର
ଜଡ କ୍ୟାଲେଣ୍ଡର,
ଯେଉଁଠୁ ଝରୁଥାଏ ଖାଲି
ମିଥ୍ୟା ପ୍ରତିଶ୍ରୁତିର ଅବାଧ୍ୟ ସ୍ୱର ।

ସବୁ ରଙ୍ଗ ଫିକା ପଡିଗଲା ପରେ
ସବୁଜ ରଙ୍ଗର ସମ ଭାଗ୍ୟ,
ବୋଧେ ସେଥିପାଇଁ ବନ୍ଦୀ ଘରେ
କାହିଁ କେତେ କାଳୁ ପ୍ରକୃତି
ଓ ଈଶ୍ୱର ।

ପରିବେଶକୁ ସଜେଇବା ପାଇଁ
ଆମେ କେବେ କରିବା ସ୍ୱାର୍ଥକୁ
ଶୂନ୍ୟ ମୋହର ଛାଇ ?

ଏଇ ସବୁଜିମା ତ
ଆମ କଳାପାହାଡଙ୍କ ହାତେ ଚିରକାଳ
ଲୁଣ୍ଠିତ,
ଆମେ ହିଁ ବୃଥା ଆସ୍ଫାଳନର
ଲମ୍ବୁଥିବା ଚିତ୍ର ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଁ କୋଣାର୍କ କହୁଛି

କାର୍ତ୍ତିକ ପାଣିଗ୍ରାହୀ



ହଁ....,
ମୁଁ କୋଣାର୍କ କହୁଛି ...
ତମେ ତ ଦେଖିଛ ଦେହରେ ମୋହର
କାରୁକାର୍ଯ୍ୟର ମେଳା ,
ଦେଖିଛ କି କେବେ ମୋ ପାଇଁ କେମିତି
ସାଜିଥିଲା ସିଏ ଶିଳା ?
ନାଟ ମଣ୍ଡପରେରେ ଦେଖିଛ ତ ତମେ
ନର୍ତ୍ତକୀର ଭାବ ଭଙ୍ଗୀ ,
ଦେଖିଛ କି କେବେ ନର୍ତ୍ତକୀ ମୁହଁରେ
କାରୁଣ୍ୟତାର ଛବି ?
ତମେ ତ ପଢ଼ିଛ "ଶୀଳାଲିପିରେ ମୋ
ଜୀବନ୍ତ କାହାଣୀ କଥା ,
ପଢି କି ପାରିଛ ସେ କାହାଣୀ ପଛେ
ହୃଦୟ୍ର ବେଦନା ବ୍ୟଥା ?
ତମେ ତ ଜାଣିଛ ବାରସ ବଢ଼େଇ
ଜୀବନ୍ୟାସ ଦେଲେ ମୋତେ ,
ଶୁଣି କି ପାରିଛ *ଧର୍ମପଦ* ପାଇଁ
କେତେ ମୁଁ କାନ୍ଦିଛି ସତେ... ? ?

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆମ ପଡ଼ୋଶୀ

ଡଃ ସସ୍ମିତା ନାୟକ

କି କହିବି ଆମ ପଡ଼ୋଶୀ କଥା
ଭାବିଲେ ମନେ ଲାଗଇ ବ୍ୟଥା
ଆମ ଘରେ ରୁଣ୍ଡୁଝୁଣ୍ଡୁ ହେଲେ
ଗୁଣ୍ଡୁଗୁଣ୍ଡୁ ସିଏ ଗୀତ ଗାଇଲେ ।୧

ମୁଁ କୁଆଡ଼େ ଗଲି ଆଇଲି
କଣ କିଣା କିଣିଟି କଲି
ସବୁ କଥା ପଡ଼ୋଶୀ ଜାଣନ୍ତି
ମନ୍ଥରା, ରୋଲ୍ ଭଲ କରନ୍ତି ।୨

ଆମ ଘର ଝିଅ ଗେଲେଇ ହେଲେ
ମୁରୁକି ମୁରୁକି ହସି କହିଲେ
ଆଜିକାଲି ଛୁଆ ଭାରି ଉଦ୍ଧତ
ପଇସା ଅଛି ତ ଭାଉ ବହୁତ ।୩

ମୋ ଘରର ସବୁ ଭଲ ମନ୍ଦ
ଶୁଣିକରି ପାଇଥାନ୍ତି ଆନନ୍ଦ
ଦୁଇ ଦୁଇଟା ତୁମ ରୋଜଗାର
ହିସାବ କରନ୍ତି ଥରକୁ ଥର ।୪

ଦେଖିବାକୁ ସିଏ ମା କାଳିକା
ଭିତରେ ଚାଲାକ୍, ବାହାରୁ ବୋକା
ଆମ ଘରକୁ କିଏ ଯା ଆସ କଲେ
ସହି ନ ପାରନ୍ତି ଜମାରୁ ଭଲେ ।୫

ଆମ ଦୁଃଖରେ ବହୁତ ଖୁସି
କଳେ ବଳେ ସିଏ ହୁଅନ୍ତି ନେଶି
ଶାଶୁଙ୍କୁ ପଚାରନ୍ତି ପାଖରେ ବସି
ଭଲରେ ରଖିଛନ୍ତି ତ ମାଉସୀ ? ।୬

ଅଧ୍ୟାପିକା, କମଳା ନେହେରୁ ମହିଳା
ମହାବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୯୩୮୭୫୬୨୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପଞ୍ଚପିତା

ଡଃ ନାରାୟଣ ଚନ୍ଦ୍ର ସେନାପତି



*ଜନ୍ମଦାତା*

ସନ୍ତାନ ଯାହାଙ୍କ ନିଃଶ୍ୱାସ ପ୍ରଶ୍ୱାସ
ଅମାପ ଆଶା ବିଶ୍ୱାସ
ତାର ହିତ ପାଇଁ ପ୍ରାଣ ଦେଇଥାନ୍ତି
ତ୍ୟାଗକୁ ମଣି ପୀୟୂଷ
ସେ ମୋ ଜନ୍ମଦାତା ପିତା
ତାଙ୍କ ଶବ୍ଦାବଳୀ ପ୍ରୀତି ଅର୍ଘ୍ୟଥାଳୀ
ଗୀତା ପୁରାଣ ସଂହିତା ।

*ବିଦ୍ୟାଦାତା*

ତ୍ୟାଗର ଈଶ୍ୱର ପ୍ରେମର ଭାସ୍କର
ଅମାପ ଗୁଣ ସମ୍ରାଟ
ଶିଷ୍ୟ ପାଇଁ ଯିଏ ସକଳ ଅରପି
ଦେଖାନ୍ତି ମୁକ୍ତିର ବାଟ
ସେଇ ମୋ ପରମ ଗୁରୁ
ତାଙ୍କ ଆଶିଷରେ ତ୍ରିଭୁବନ ଜିଣି
ହୋଇପାରେ ମହାମେରୁ ।

*ଅନ୍ନଦାତା*

ମାଟିରେ ଜନମି ମାଟିରେ ଗୋଳେଇ
ମାଟିରେ ଫଳାଏ ସୁନା
ଖରା ବର୍ଷା ଶୀତ ଖାତିର ନ କରି
ପେଟ ପାଇଁ ଦିଏ ଦାନା
ସିଏ ପରା ଅନ୍ନ ଦାତା
ବିଶ୍ୱ ତା ପାଦେ ମଥା ନଇଁ କହେ
ଧନ୍ୟ ହେ ପ୍ରାଣଦାତା ।

*ଭୟତ୍ରାତା*

ବିପଦେ ଆପଦେ ବନ୍ଧୁ ସଖା ହୋଇ
ମନରୁ ଯେ ଶୋଷେ ଭୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୁଖିଲା ମନକୁ ଗଜରାଇ ଦିଏ
ନେସି ସାହସ ମଳୟ
  ସେଇ ପରା ଭୟତ୍ରାତା
ପାଖେ ଛିଡା ହୋଇ ହାତ ଧରିଦେଲେ
  ଉଚ୍ଚ ହୋଇଯାଏ ମଥା ।

*ଦୀକ୍ଷା ଗୁରୁ*

ଜୀବନ ଗଣିତ ସମାଧାନ ପାଇଁ
ସେ ପରା ସରଳ ସୂତ୍ର
ଉପାୟ କୌଶଳ ଯୋଜନା ବତାଇ
ବନି ଯାନ୍ତି ଆମ ମିତ୍ର
ସେ ଆମର ଦୀକ୍ଷା ଗୁରୁ
ସରସ ସୁନ୍ଦର ଜୀବନ ପାଇଁ ସେ
  ସାଜିଥାନ୍ତି ମହାମେରୁ ।

ଜମ୍ଭରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହୀନ କି ଜାଣିବ ମାନର ମାନ

ନଳିନୀ ପ୍ରଭା ମିଶ୍ର



ହୀନ ହୋଇ ସିଏ ଲଭିଛି ଜନମ
ନିଜ ଭାଗ୍ୟ ଫଳ ନେଇ
ଦାରିଦ୍ର୍ୟର କଷାଘାତ ରେଖା
ତଳେ ଜୀବନ ବିତାଇ ଥାଇ ।
ପଢି ନାହିଁ ପାଠ ଆଜନ୍ମ ମୂରୁଖ
ଜ୍ଞାନର ନାହିଁ ଭଣ୍ଡାର
ପେଟ ପାଇଁ ସକାଳରୁ ସଞ୍ଜ
ଯାଏଁ ଖଟୁ ଥାଏ ନିରନ୍ତର ।
ମାନର ଯୋଗ୍ୟତା ସେ କାହୁଁ
ଜାଣିବ ଦରିଦ୍ର ହୋଇ ତା' ଜନ୍ମ
ମାନ ର ମାନ ର ମୂଲ୍ୟାୟନ
ଲାଗି ଅଛି କି ! ତା' ଠାରେ ଜ୍ଞାନ ।
ନଗଡା ନିଗିଡ଼ା ଲୁହରେ ଜୀବନ
ଉଡା ପ୍ରତିଶ୍ରୁତି ପାଇ
ପେଜୁଆ ଆଖିରେ ଆଶା ମରିଯାଏ
ଦିଗ୍ ବଳୟକୁ ଚାହିଁ ।

ହୀନ ହୋଇ ସିଏ ରହିଛି ସମାଜେ
ଅଜ୍ଞାନତା ଅନ୍ଧ କାରେ
ହୀନ ବୋଲି ତାକୁ ମଣନା
କେବେ ହେଁ ନିଜ ଭାବ ଅହଙ୍କାରେ ।
ମାନର ମାନକୁ ଜାଣିବା ସାମର୍ଥ୍ୟ
ଦେବା କର୍ତ୍ତବ୍ୟ ଆମର
ସେ ନିଶ୍ଚିତ ଦିନେ ଜାଣିବ ମାନର
ମହତ୍ତ୍ୱ ରୂପ ରେଖର ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୭୯୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହୀନ କି ଜାଣିବ ମାନର ମାନ

ମଲ୍ଲିକା ସିଂହ



କୋଟି ପୁଣ୍ୟ ବଳେ ମାନବ ଜନମ
ହୀନ ନୁହେଁ ଏଠି କେହି
ହୀନ ଅଟେ ସେହି ଜ୍ଞାନ ଥାଇ ଯିଏ
ନିଜ ଭୁଲ୍ ନ ବୁଝ୍ଇ ,
ଅହଙ୍କାର ହୋଇ ବଶ
ନିଜ ଚରିତ୍ର କୁ ତର୍ଜମା ନ କରି
କାଢ଼ଇ ଅନ୍ୟର ଦୋଷ ।

ଅନ୍ଧ କୁ "ଦର୍ପଣ' କନ୍ଧ କୁ 'ଗୋଦାନ 'ହୀନ
କରେ ସନମାନ
ରଖିବେ କି ସିଏ ମାନ ର ମହତ୍ୱ
କରିବେ କି ଜୟ ଗାନ,
ଅନ୍ଧ ବୁଝାମଣା ନୀତି
ଅର୍ଥ ଦେଇ ଅଜ୍ଞ କିଣୁଛି ଉପାଧି
ମାନପତ୍ର ହୁଏ ବିକ୍ରି ।

ଯଶ ଅପଯଶ ନିନ୍ଦା ପରସଂସା
ସୁକର୍ମ କୁକର୍ମ ଫଳ,
ଲେଖା ଥାଏ କିଛି ଜନ୍ମ ଜାତକ ରେ
ପରବ୍ଧ ପୁଣ୍ୟ ର ବଳ ,
ଶାମୁକା ଭିତର ମୋତି
ସାତତାଳ ପଙ୍କ ଭେଦି କି ପଦୁଅଁ
ସଂସାରେ ଲଭଇ ଖ୍ୟାତି ।

ହୀନ ପାଖେ କିବା ମାନ ମହତ୍ୱ ଧରମ
ବିଧର୍ମୀ ବୁଝେକି ପୁଣ୍ୟ
ମାତାଲ୍ ପାଗଳ ନିର୍ଲଜ୍ଜ ଅଳସ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ପାଶେ ମାନ ମୂଲ୍ୟ ହୀନ
ଆତ୍ମ ଅହଂକାରୀ ମନ
ମାନ ର ମାନ କୁ ନ ପାରନ୍ତି ବୁଝି
ଅନ୍ୟକୁ ମଣନ୍ତି ନ୍ୟୁନ ।

ଋଣ କରି ଘୃତ ଖାଇବନି କେବେ
ଅପାତ୍ରେ ନ ଦେବ ଦାନ
ମୁରୁଖ ଜନଙ୍କ ମୁଣ୍ଡ ବୋଲାଇଲେ
ବଢ଼ିବ କି ଯଶ ମାନ ,
ଆତ୍ମ ପ୍ରଶଂସକ ହୋଇ
ଆପଣା ଡିଣ୍ଡିମ ଆପେ ବାଡ଼େଇଲେ
ମହତ୍ୱ କି ବଢ଼େ ଭାଇ.. ?


ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହୀନ କି ଜାଣିବ ମାନର ମାନ

ନିବେଦିତା ପଣ୍ଡା



ଅଭିମାନ ଆଉ ସ୍ୱାଭିମାନ ନେଇ
ମଣିଷ ଗଢ଼େ ସଂସାର,
ସ୍ୱାଭିମାନହୀନ ମଣିଷର ପାଇଁ
ସଂସାର ସାଜେ ଜହର ।

ହୀନ ଜନ କେବେ ଜାଣେନା ସମ୍ମାନ
ସ୍ନେହ ସମ୍ପର୍କ ଆବେଗ,
ମାନ ମହତ୍ୱକୁ ନଥାଏ ନଜର
ମନେ ଥାଏ ଅହଂ ଭାବ ।

ଛଳନାର ମୁଖା ପିନ୍ଧିଥାଏ ସେ'ତ
ସ୍ୱାର୍ଥପର ଦୁନିଆରେ,
ସ୍ୱାର୍ଥକୁ ପୁରଣ କରିବାକୁ ସିଏ
ଅନେକ ବାହାନା କରେ ।

ଖେଳିଥାଏ ପୁଣି କା' ଜୀବନ ସହ
ପରିଣତି କଥା ଭୁଲି,
କ୍ଷଣିକ ସୁଖରେ ମାତି ଭୁଲ୍ କରେ
ଅବାଟରେ ଯାଏ ଚାଲି ।

ନିଜର ଖୁସିକୁ ପ୍ରାଧାନ୍ୟ ଦେଇ ସେ
ଅନ୍ୟକୁ ଦିଏ ଯାତନା,
ସୁଖ ବଦଳରେ କିଣିନିଏ ଦୁଃଖ
ରଖି ସ୍ୱାର୍ଥର ଭାବନା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଝି ସେ ପାରେନା କାହାରି ମନର
ହୃଦୟ ତଳର ବ୍ୟଥା,
ନଥାଏ ତାହାର ବୁଝିବା ଦକ୍ଷତା
ରହେ ନାହିଁ ବଦାନ୍ୟତା ।

ରହେ ନାହିଁ ତାର ଦରଦୀର ଭାବ
ମନ ପରିଭାଷା ପାଇଁ,
ସ୍ୱାର୍ଥପର ହୋଇ ଦୁନିଆରେ ବଞ୍ଚେ
ନିଜ ପ୍ରାଧାନ୍ୟ ହରାଇ ।

ନିଜର ସ୍ୱାର୍ଥରେ ବଞ୍ଚୁଥିବା ବ୍ୟକ୍ତି
କରେନା କା'ର ଉନ୍ନତି,
ସମାଜ ଜାତିର କଳଙ୍କ ସାଜି ସେ
କରଇ ନିଜର କ୍ଷତି ।

ନିର୍ଦ୍ଦୟ ପଣରେ ବଞ୍ଚଇ ସ୍ୱାର୍ଥରେ
ସମ୍ମାନ କରଇ କ୍ଷୁର୍ଣ୍ଣ ,
ଆତ୍ମସ୍ୱାର୍ଥୀ ହୋଇ ବଞ୍ଚିଥାଏ ବୋଲି
ସମ୍ପର୍କ ବି ହୁଏ ଛିନ୍ନ ।

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହୀନ କି ଜାଣିବ ମାନର ମାନ

ଲତା ବେହେରା



ହୀନ କି ଜାଣିବ ମାନର ମାନଟି
ସେନେହ ସମ୍ପର୍କ ଡୋର
ବିକୃତ ତା ମନ ବିବେକ ତା ଶୂନ୍ୟ
ଯେଣୁ ଥାଏ ଅହଂକାର ।

ନ ଥାଏଟି କ୍ଷମା ବୁଝେନି ସେ ଜମା
ଭାବେ ନିଜେ ସର୍ବେଶ୍ୱର
ଛଳନା କପଟ କରେ ନଟକୂଟ
ସ୍ୱାର୍ଥ ପରା ତାର ଘର ।

ହାସଲଟି ସ୍ୱାର୍ଥ ନ ହେଲେ ଅନର୍ଥ
ଘଟାଏ ସେ ନିରନ୍ତର
ଛିଣ୍ଡାଇଣ ଦିଏ ସମ୍ପର୍କକୁ ସିଏ
ହୁଏନି କେବେ କାହାର ।

ନିଜ ସ୍ୱାର୍ଥ ପାଇଁ ସବୁ ସୀମା ଡେଇଁ
ଖେଳ କରେ ଭୟଙ୍କର
ସହି ପାରେ ନାହିଁ କା ସମ୍ପର୍କ ସେହି
ଛିନ୍ନ କରେ ବାରମ୍ବାର ।

ସେନେହ ମମତା ଲାଗେ ତାକୁ ପିତା
ସ୍ୱାର୍ଥେ ଯେଣୁ କାରବାର
ସ୍ୱାର୍ଥ ଗଲେ ସରି ହୁଏନି କାହାରି
ହୀନ ଭାବନା ତାହାର ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

କୃପଣ କି ଜାଣେ ଦାନର ମହିମା
ଚୋର କି ସାଧୁ ବେଭାର
କ୍ଷମା କରେ ଯିଏ ଜାଣେ ସିନା ସିଏ
କେତେ ମହତ ଏହାର ।

ସେନେହୀ ଲୋକଟି ସମ୍ପର୍କ ରଖେଟି
ନିନ୍ଦା ସହି ବାରମ୍ବାର
ଗର୍ବୀ ଅହଂକାରୀ ସ୍ୱାର୍ଥୀ କ୍ରୋଧକାରୀ
ଭାଙ୍ଗେ ଟି ଥରକୁ ଥର ।

ସ୍ନେହ ମମତାର ମୂଲ ସେ ବୁଝେନା
ହୀନ ଚିନ୍ତାଧାରା ତାର
ହୀନ ବୁଦ୍ଧି ତାକୁ ଗ୍ରାସ କରିଥାଏ
ହୀନ ପଥେ ଅଗ୍ରସର ।

ହୀନ ତାର ମନ ତା ପ୍ରକୃତି ହୀନ
ହୀନ ଅଟେ ହୃଦ ତାର
ହୀନ ତା ବେଭାର ହୀନ ବୁଦ୍ଧି ତାର
ହେବ କି କେବେ କାହାର ?

ହୀନ କି ଜାଣିବ ମାନ ଅଭିମାନ
କେତେ ମହତ କାହାର
ତାର ଦୟା କ୍ଷମା ନ ଥାଏଟି ଜମା
ହୀନରେ ଯେଣୁ ବିହାର ।

ସ୍ୱଭାବ ତା ହୀନ ବିଚାର ତା ହୀନ
ହୀନ ତାର ବ୍ୟବହାର
ସ୍ନେହ ତାର ହୀନ ମମତା ତା ହୀନ
ହୀନର ସେ କାଳାକାର ।

ହୀନରେ ଶରୀର ଗଢାଟି ତାହାର
ହୀନର ସେ ଯାଦୁଗର
ହୀନ କି ଜାଣିବ ମାନର ମାନଟି
ହୀନର ସେ ସୌଦାଗର ।

ଜକା, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସଳିତା

ଡଃ ମନ୍ଦାକିନୀ ପାଢ଼ୀ



ଗୋଧୂଳି ଲଗନେ ସଜେଇ ହୁଅନ୍ତି
ସଳିତା ବଳିତା ବତୀ
ଚଉରା ମୂଳରେ ନିତି ଜଳିଥାଏ
ଭାଗ୍ୟବତୀ ସଞ୍ଜବତୀ ।।

ଚତୁର୍ଦ୍ଦିଗରେ ଅନ୍ଧାରର ରାଜୁତି
ଚଉରାରେ ଭୁଆସୁଣୀ
ଝଲସୁ ଥାଏ ଗୋରା ମୁହଁ ଗୋଟି
ବୋହୂ ଅଟ୍ୟ ସୁଲକ୍ଷଣୀ ।।

ସଞ୍ଜ ଆଳତୀ ଦିବ୍ୟରୂପ ଦର୍ଶନ
ଦେଖି ଦିବ୍ୟରୂପ ମୂର୍ତ୍ତି
ପ୍ରାଣପକ୍ଷୀ ବସା ବାନ୍ଧେ ପ୍ରଭୁପାଖେ
ସଳିତା ଜଳଇ ନିତି ।।

ବନିତା ଦୁହିତା ଦୁଇକୁଳ ହିତା
ସଞ୍ଜବତୀ ପରି ଜଳେ
ପରିବାର ସୁଖଶାନ୍ତି ପ୍ରାପ୍ୟ ପାଇଁ
ଚଉରାରେ ଲୁହଢ଼ାଳେ ।।

ଆୟୁଷ ଦୀପରୁ ତେଲ ସରିଗଲେ
ସଳିତାଟି ଲିଭିଯାଏ
ସତ୍ୟ ଚିରନ୍ତନ ସଂପର୍କ ବନ୍ଧନ
ଚିରଦିନ ଇତିହୁଏ ।।

ବୈକୁଣ୍ଠ ସମାନ ପରିବାର ଗଢ଼ି
ସରିଯାଏ ତେଲ ପରି
ବିଜୟିନୀ ସୁନା ଚାନ୍ଦ ସୁନା ମୁହିଁ
ଜଳିବା ସଂକଳ୍ପ ତାରି ।।

ପଦ୍ମପୁର ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଘୁଙ୍ଘୁର ମୋ

ସୀତାଂଶୁ ଜେନା



ତୁମେ ଚୋରିକରି ମୋର ଘୁଙ୍ଘୁର
ନୂପୁର ପିନ୍ଧେଇ ଦେଲ
ସବୁ ଛନ୍ଦେ ମୋର ବେଡ଼ି ପକାଇଲ
ଥିରି ପାଦ କରିଦେଲ
ଯିବିନାହିଁ ବୋଲି ନାଟ ମଣ୍ଡପକୁ
କେତେ ତାଗିଦି ଗୋ କଲ
ତୁମେ ଚୋରିକରି ମୋର ଘୁଙ୍ଘୁରକୁ
ନୂପୁର ପିନ୍ଧେଇ ଦେଲ................

ମୋର ଗବାକ୍ଷର ତାଟିକବାଟକୁ
ତାଲା ଦେଇ ମୁଦି ଦେଲ
ସୁବର୍ଣ୍ଣ ଚଟୁକୁ କରେ ମୋର ଦେଇ
ସପତଣୀ ସଜାଇଲ
ଦେବଦାସୀରୁ ମୁଁ ହୋଇଲି କିଂକରୀ
ଚରଣ ସେବା ପାଇଲ
ତୁମେ ଚୋରିକରି ମୋର ଘୁଙ୍ଘୁରକୁ
ନୂପୁର ପିନ୍ଧେଇ ଦେଲ................

ଚୁପି ଚୁପି ଆସି ନିରୋଳା ରାତ୍ରିରେ
ମୋହନ ବଂଶୀ ଫୁଙ୍କିଲ
ଲୁଚାଇ ଲୁଚାଇ ପାଟ ଦେଈଙ୍କୁ ଗୋ
ମୋ ସାଥେ ପିରତି କଲ
ଲାଗିକଲା ତୁମ କଳା ଶ୍ରୀମୁଖରେ
ମୋ ଓଠର ନାଲି ଦାଗ ଭଲ

ପୋଛି ଦେଲ ଯାଇଁ ହୋଇ ତରତର
ଭାଙ୍ଗିଦେବେ ରମା ତୁମ ଗେଲ
ତୁମେ ଚୋରିକରି ମୋର ଘୁଙ୍ଘୁରକୁ
ନୂପୁର ପିନ୍ଧେଇ ଦେଲ................

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କଥା

ଆକୁଳାନନ୍ଦ ପୃଷ୍ଟି



କଥା ତ କଥା ମଧୁର କଥା
ମନକୁ ନିଏ କିଣି
କଥା ତ କଥା କଟୁ କଥାରେ
ହୃଦୟ ହୁଏ ହାଣି ।

କଥାରେ କ୍ଲେଶ କଥାରେ ବିଷ
ହୃଦୟ ଯାଏ ମରି
ଅଭୁଲା ରହେ ସାରା ଜୀବନ
ତିକ୍ତତା ଯାଏ ଭରି ।

ଗୁଳି ଠୁ ବଳି ଆଘାତ ଦିଏ
କଟୁ ବଚନ ପଦେ
ନିଜ ଲୋକଟା ପର ପାଲଟେ
ସାରା ଜୀବନ କାନ୍ଦେ ।

କଥା ପଦେରେ ଜୀବନ ବଞ୍ଚେ
ଦୋଷରୁ ଦୋଷୀ ମୁକ୍ତ
ପଦେ କଥାରେ ଜୀବନ ହାରେ
ସମ୍ପର୍କ ହେଲେ ତିକ୍ତ ।

ବ୍ୟଙ୍ଗ କର ବିଦ୍ରୁପ ନୁହଁ
କଥାରୁ ଝରୁ ମହୁ
ଶୁଣିବା ଲୋକ ଅଧରେ ହସ
କ୍ଷଣକ ପାଇଁ ରହୁ ।

ପ୍ରଶସ୍ତି ହେଉ ଯୁକ୍ତି ଯୁକ୍ତ
ଅପ୍ରିୟ ସତକଥା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଣିଷ ବୁଝୁ ପ୍ରକୃତ ସତ୍ୟ
କଥାରେ ମାଦକତା ।

ସତ୍ୟବାନର ଜୀବନ ରକ୍ଷା
ପତ୍ନୀ ସାବିତ୍ରୀ କଲେ
ଭାବ ଭକ୍ତିରେ ଯମ ରାଜନ
ଯୁକ୍ତିରେ ହାରିଗଲେ ।

ହୃଦୟ ଜୀଣ ମନକୁ କିଣ
କଥାରେ ଆକର୍ଷଣ
ମଧୁର କଥା କହିବା ପାଇଁ
ଖର୍ଚ୍ଚ ହୁଏ କି ଧନ ?

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଲପଡ଼ା କଖଡି କଟକ
ମୋ -୯୪୩୭୮୭୪୫୭୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସ୍ୱାର୍ଥର ସହର

ଅନଙ୍ଗ ପଟେଲ



ମାଲିକ ହୋଇଣ ଏ ଧରା ପୃଷ୍ଠକୁ
ଯିଏ ଦିନେ ଆସିଥିଲା,
ଚାକର ପରିକା ଖଟିଖଟି ତାର
ଜୀବନଟି ସରିଗଲା ।

ଜ୍ଞାନର ଅଭାବେ ଅଜ୍ଞାନୀ ହୋଇଣ
ଜ୍ଞାନୀ ଅଭିନୟ କରେ,
ଦିବ୍ୟ ପଥ ଭୁଲି ସ୍ୱାର୍ଥର ପଥରେ
ଗର୍ବେ ବିଚରଣ କରେ ।

ଲାଭ କ୍ଷତି ସବୁ ହିସାବ କରଇ
ପ୍ରତିଟି କରମେ ତାର,
ଯେଉଁ କରମରେ ନଥାଏ ଟି ଲାଭ
ନଦିଏ ଲବେ ନଜର ।

ସୁନ୍ଦରଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିଚ୍ଛେଦର ଜ୍ୱାଳା

ଆଶିଷ କୁମାର ସାହୁ



ଆଗୋ ପ୍ରାଣ ପ୍ରିୟା, ତୁମେ ନାହଁ ବୋଲି
ଏ କାମନା ଜାଳରେ ଜଳେ,
ଶ୍ରାବଣୀଟେ ସାଜି କେବେ ଭିଜେଇବ ?
ଭିଜିବି ମୁଁ ତୁମ ସାଥିରେ ।

ଅପେକ୍ଷାର ସୀମା କେବେ ଅନ୍ତ ହେବ ?
ଆଖିରେ ମିଶାଇ ଆଖି,
ଭାବେ ଖାଲି ଆଜି ତୁମେ ଥିଲେ ପ୍ରିୟା
ଉଡିଥାନ୍ତେ ହୋଇ ପ୍ରେମ ପକ୍ଷୀ ।

ପ୍ରତୀକ୍ଷା ମୁହୂର୍ତ୍ତ ବଢ଼ି ବଢ଼ି ଯାଏ,
ହୃଦୟେ ଭାବନା ଛାଏ,
ତୁମେ ପାଖେ ଥିଲେ ପ୍ରିୟା ଆଜି ମତେ
ମିଳନ୍ତା ଟିକିଏ ଶାନ୍ତି ।

ମୋ ମନ ଭାବନା ମନେ ରହିଯାଏ,
ଦେଉଛି ଆଜି ଚିଠିରେ ଲେଖି,
ତୁମ ସାଥେ ସେହି ପ୍ରଥମ ବର୍ଷାରେ
ବୁଲିବାକୁ ଇଛା ଭାରି ।

ତୁମେ ଥିଲେ ପ୍ରିୟା ଏ ମୋର ଜୀବନ
ହୁଅନ୍ତା ଟିକିଏ ରଙ୍ଗୀନ,
ଫଗୁଣର ସେହି ଅବିର ନେଇକି
ଗାଲରେ ଦିଅନ୍ତି ବୋଲି ।

ତୁମବିନା ପ୍ରିୟା ଅନ୍ଧାର ମୋ ଦୁନିଆଁ,
ଦୀପାବଳି ବି ଲାଗେ ଫିକା,
ତୁମେ ପାଖେ ଥିଲେ ପ୍ରେମ ଦୀପ ଜାଳି
ଉଜ୍ଜ୍ୱଳ ଲାଗନ୍ତା ଦୁନିଆଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମ ବିନା ସଖୀ ଆଜି ମୁଁ ଏଠି
ବିଚ୍ଛେଦ ଜ୍ୱାଳାରେ ଜଳୁଛି,
ତୁମେ ପାଖେ ଥିଲେ ପ୍ରେମର ପରଶେ
ମିଳନ୍ତା ହୃଦୟେ ଶାନ୍ତି ।

ଇଚ୍ଛା ମୋର ପ୍ରିୟା ମରି ମରି ଯାଏ,
ତୁମେ ନାହଁ ବୋଲି ଏଠି,
ହୃଦୟର ସବୁ ଇଚ୍ଛାକୁ ମୁଁ ମାରି
ତୁମ ଫଟୋ ଦେଖି ଭୁଲେ।

ତୁମେ ନାହଁ ବୋଲି ପ୍ରିୟା ଆଜି ମୁହିଁ
କାମନା ଜ୍ୱାଳାରେ ଜଳେ,
ଅପେକ୍ଷା କରିଛି ସେହି ମୁହୂର୍ତ୍ତକୁ
ଆସିବ କେବେ ମୋ ପାଖରେ ।

ଭେଜିପଦର, ଭବାନୀପାଟଣା, କଳାହାଣ୍ଡି
ଆଳାପ -୮୧୪୪୧୧୫୨୬୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ ଅନାଥର ନାଥ

ସୌଦାମିନୀ ତ୍ରିପାଠୀ



ତୁମେ ଅନାଥର ନାଥ  ମହାବାହୁ
ତୁମେ ଅଗତିର ଗତି  ମହାବାହୁ
ପତିତ ତାରଣ ଅଶରଣ ଶରଣ
ପତିତପାବନ  ମହାବାହୁ
ତୁମେ ଜଗତର ନାଥ  ମହାବାହୁ ।
ଜାଣି ମୁଁ ପାରେ ନା ବୁଝି ମୁଁ ପାରେ ନା
ମନରେ ମୋ କେବେ ଅବିଶ୍ୱାସ ଜାଗେନା
ତୁମ ପାଇଁ ଶ୍ରଦ୍ଧା ବିଶ୍ୱାସ ଥାଉ
ଆହେ ମହାବାହୁ ଆହେ ମହାବାହୁ ।
ଚତୁର୍ଭୁଜ ନାମ ବଳିଆର ଭୁଜ
ଦାରୁବ୍ରହ୍ମ ରୂପ ଶୂନ୍ୟ ତୁମ ଭୁଜ
ଦୁନିଆଁରେ ଶୁନ୍ୟ  ଦୁଇଟି ନୟନ
ପରଂବ୍ରହ୍ମ ରୂପ ହେ ଚକା ନୟନ
ବ୍ରହ୍ମାଣ୍ଡ   ବିଶ୍ୱଟି ଆକାର ଶୂନ୍ୟ
ଅଧମରେ ତୁମ ସୁଦୟା ଥାଉ
ଆହେ ମହାବାହୁ ଆହେ ମହାବାହୁ ।
କାହାରେ ଦେଉଛ ଦାନ ଶୂନ୍ୟ ଭୁଜ
କାହାଠୁ ନେଉଛ ହାତେ ଶୂନ୍ୟ ଭୁଜ
ଭୁଜର ମହିମା ଅଦ୍ଭୁତ ଅସୀମା
ସାରା ସଂସାରଟି ଚକିତ  ହେଉ
ଆହେ ମହା ବାହୁ ଆହେ ମହାବାହୁ ।
କେତେଦୂରୁ କେତେ ଭକ୍ତି ବିଶ୍ୱାସେ
କେତେ ପରୀକ୍ଷା ବା ଦୃଢ ଭରସେ
ଭୋକିଲା ପାଇଁ କି ରାତି ନିଦ୍ରା  ଛାଡି
ସୁବର୍ଣ୍ଣ ଥାଳିକୁ ପରସି ଦେଉ
ଆହେ ମହାବାହୁ ଆହେ ମହାବାହୁ ।
ବରଷକେ ଥରେ ତୋ ରଥ ଯାତରେ
ଅଗତି ଜନଙ୍କୁ ଦରଶ ଦେବାରେ
ଅନାଥର ନାଥେ ପ୍ରଭୁ ଜଗନ୍ନାଥେ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ତୋର ରଥ ଛାଡି ଭକ୍ତ ବାଲି ରଥେ

ଭକ୍ତର ଡାକରେ ଭକ୍ତିର ଟାଣରେ

ତୋ ରଥକୁ ଛାଡି ସେଠି ବିରାଜଉ

ଆହେ ମହା ବାହୁ ଆହେ ମହାବାହୁ।

ବଳିଆର ଭୁଜ ଖୋଲି ଚତୁର୍ଭୁଜ

ଭକ୍ତର ଭକ୍ତିରେ ପ୍ରସନ୍ନ  ବିରାଜ

ରଥଯାତ୍ରା ବେଳେ  ତୋ ବଡ ଦାଣ୍ଡରେ

ଗରୀବ ଦଳିତ ଆକୁଳେ  ଭକ୍ତ

ସଭିଙ୍କୁ ଦେଖିଣ ସଭିଙ୍କୁ ଦର୍ଶନ

ଭକ୍ତ ଇଛାପୂରଣ ତୁ କରି ଥାଉ

ଆହେ ମହାବାହୁ ଆହେ ମହାବାହୁ।

ଭୁବନେଶ୍ୱର -୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ ଅନାଥର ନାଥ

ଚନ୍ଦନ କୁମାର ପାତ୍ର



ତୁମେ ଅନାଥର ନାଥ ହେ ମହାବାହୁ
ଦୁଃଖିର ହୃଦୟେ ଭର ନୂଆ ଉତ୍ସାହ
ଶୂନ୍ୟ ଜୀବନରେ ଆଶାର ଆଲୋକ
ତୁମ ନାମ ଶୁଣି ହସେ ଦୁଃଖର ଲୋକ
ନୀଳାଚଳ ଧାମେ ବିରାଜ ଦୟାମୟ
ଭକ୍ତର ଡାକରେ ହୁଅ ତୁମେ ସହାୟ
ଆଖିର ଲୁହକୁ କର ସ୍ନେହର ଜଳ
ପାପୀର ହୃଦୟେ ଭର ଭକ୍ତିର ଫୁଲ
ଦାରୁବ୍ରହ୍ମ ରୂପେ ଦିଶ ଜଗତେ
ପ୍ରେମର ବାରତା ଦିଅ ପ୍ରତି ମନେ
ଦୀନ ହୀନ ଜନେ ତୁମ ଆଶ୍ରୟ ପାଏ
ଭଙ୍ଗା ମନର ବ୍ୟଥା ତୁମ ପାଶେ କହେ
ଝଡ଼ ଝଞ୍ଜା ଯେବେ ଆସେ ଜୀବନରେ
ତୁମେ ହିଁ ଦୀପଟି ଅନ୍ଧାର ପଥରେ
କଣ୍ଟକ ଭରା ଏହି ସଂସାର ରାସ୍ତା
ତୁମ ଚରଣେ ମିଳେ ଶାନ୍ତିର ବ୍ୟବସ୍ଥା

କାଳର ପ୍ରବାହେ ସବୁ ଯାଏ ହରି
ତୁମ ନାମ ମାତ୍ର ରହେ ସଦା ଧରି
ଜଗତର ନାଥ ତୁମେ ଚକାଡୋଳା
ଭକ୍ତର ହୃଦୟେ ତୁମ ପ୍ରେମ ଲୀଳା
ହେ ମହାବାହୁ, କର ଏତିକି ଦାନ
ସତ୍ୟ ପଥେ ଚାଲୁ ମୋ ମନ ପ୍ରାଣ
ତୁମେ ଅନାଥର ନାଥ, କରୁଣା ସାଗର
ତୁମ ଚରଣେ ଥାଉ ମୋ ଜୀବନ ଅନ୍ତର
ଜୟ ଜଗନ୍ନାଥ ଜୟ ମହାବାହୁ
ତୁମ ନାମେ ଭରୁ ଜଗତର ମହିମାର ସୁଗନ୍ଧ
ଦୀନବନ୍ଧୁ ଭକ୍ତବତ୍ସଳ କରୁଣା ଆଧାର
ତୁମେ ଅନାଥର ନାଥ ହେ ପ୍ରଭୁ ଅପାର

ଧର୍ମଗଡ, କଳାହାଣ୍ଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱପ୍ନ ପାଇଁ ସାହସ

ସୁନୀନା ମିଶ୍ର



ଛୋଟିଆ ଗାଁରେ ଛୋଟିଆ ପୁଅଟିଏ,

ଡଉଳ ଡାଉଳ ଦେଖିବାକୁ, ମନଟା ତା'ର ବିକଳିଆ ।

ଦୁଷ୍ଟାମି ତା'ର ଥିଲା ସୀମାହୀନ,

ଘରର ଲୋକଙ୍କୁ କରେ ସେ ଖୁବ୍ ହଇରାଣ ।

ଏହି ଦୁରନ୍ତପଣ ଦେଖି ମା' କରିଦିଅନ୍ତି ବନ୍ଦୀ,

ଅନ୍ଧାର ଘରେ ରହିଲେ ଡରିବ ବୋଲି ଭାବନ୍ତି ।

କିନ୍ତୁ ତା'ର ଦୁରନ୍ତ ବିକଳିଆ ମନ,

ହାଣ୍ଡିରେ ଥିବା କ୍ଷୀରକୁ ଲାବଣି କରି କରେ ଭୋଜନ ।

ଦୁରନ୍ତପଣ ତା'ର ଏତିକି ନୁହେଁ, ଆହୁରି ଶୁଣ,

ବାପାଙ୍କ ପକେଟରୁ ନେଇଯାଏ ଟଙ୍କା

ଛୁପିଛୁପି ପୁଣି, ବାଡ଼ିପଟ ଜମିରେ ଯାଇ ଲୁଚାଇ ଦିଏ ,

ବାପାଙ୍କ ନାଲି ଆଖି ଦେଖି ଘରୁ ପଳାଏ ହସିହସି ।

ଫେରି ଆସି ଖୋଜେ ଯେବେ ଲୁଚାଇଥିବା ଧନ,

କେଉଁଠି ରଖିଥିଲା ସେ କଥା ଭୁଲିଯାଏ ନିଜ ମନ ।

ପାଠରେ ନଥାଏ ମନ,

କିନ୍ତୁ ଖୁବ୍ ବଡ଼ ଥିଲା ତା'ର ସ୍ୱପ୍ନ ।

ପାଠକୁ ସେ ଟିକେ ଡରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିନ୍ତୁ ନୂଆ ଜିନିଷ ଶିଖିବାକୁ ଭାରି ମନ କରେ ।

ପରୀକ୍ଷା ଅଛି ଆଗକୁ, ବଢ଼େ ହୃଦୟର ସ୍ପନ୍ଦନ,

ଡରରେ ବିକଳ ମନ, ଘରୁ ପଳାଇଲା ସେହି କ୍ଷଣ ।

ସାଙ୍ଗରେ ଗୋଟିଏ ସାଙ୍ଗକୁ ନେଇ,

କାହାକୁ କିଛି ନ କହି ଚାଲିଗଲା ସେ ଚୁପଚାପ ।

ଗାଁ ଛାଡ଼ି ଅନେକ ଦୂର,

ଦିଲ୍ଲୀ ସହର ହେଲା ତା'ର ନୂଆ ଠିକଣା ତାର ।

ମଠରେ ରହି ସଂସ୍କୃତ ପଢ଼ିଲା ମନ ଲଗାଇ,

ଘରଠାରୁ ଦୂରେ ରହି କାମ କଲା ହସ ଲୁଚାଇ ।

ମାସକୁ ମାସ ଟଙ୍କା ପଠାଇ,

ଦୂରେ ଥାଇ ମଧ୍ୟ ପରିବାରର ଭରସା ହୋଇ ରହିଗଲା ସେହି ।

ଖୁବ୍ ଦିନ ବିତିଗଲା, ମନ ହେଲା ଅଧୀର,

ମା' ଆଉ ଭଉଣୀଙ୍କ ଆଖିରେ ଲୁହ ଥିଲା ନିରନ୍ତର ।

କାନ୍ଦି କାନ୍ଦି ଡାକିଲେ, "ଘରକୁ ଫେରିଆ ଧାନ",

ସବୁକିଛି ଛାଡ଼ି ଫେରିଲା ସେ,  ବାୟୋଚ୍ଛାବର କଲା ନିଜ ମନ ।

କିନ୍ତୁ ଭାଙ୍ଗିଲା ନାହିଁ ତା'ର ସାହସ,

ବଣିଜ୍ୟ ପାଇଁ କଲା ସେ ଅକ୍ଲାନ୍ତ ସଂଘର୍ଷ ।

ଦୁଃଖରେ  ବିଷୟ ଥିଲା ଯେ, ଠାକୁର ହେଲାନି ସହା,

କେତେ ବଣିଜ୍ୟ ବାରମ୍ବାର ହେଲା ବିଫଳ, ତଥାପି ହାରିଲା ନାହିଁ ସେ କେବେ ।

ନାନା ପ୍ରକାର ବ୍ୟବସାୟ କଲା, କିନ୍ତୁ ବାରମ୍ବାର ହେଲା ବିଫଳ,

କେବେ ବର୍ଷା ପାଣିରେ ଭାସିଗଲା ଧନ, କେବେ ଅଗ୍ନିରେ ପୋଡ଼ିଗଲା କପଡ଼ା ଦୋକାନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେବେ ହୋଟେଲ ଚାଲିଲା ନାହିଁ, କେବେ ଭାଙ୍ଗିଗଲା ସବୁ ଆଶା,
ଭାଗ୍ୟ ବାରମ୍ବାର ନେଲା ପରୀକ୍ଷା, ବଢ଼ାଇଲା ସଂଘର୍ଷର ଭାଷା ।
ତଥାପି ହୃଦୟରେ ସାହସ ରଖି ଆଗକୁ ବଢ଼ିଲା ସେ,
ହାର ମାନିବା ତା'ର ସ୍ୱଭାବ ନଥିଲା, ଲଢ଼ିବା ହିଁ ଥିଲା ତା'ର ପଥ ।
ପୁଣି ଜୀବନରେ ଆସିଲା ଏକ ନୂଆ ମୋଡ଼,
ମା' ଜଗଦ୍ଧାତ୍ରୀଙ୍କ କୋଳ ପାଖରେ ମିଳିଲା ଛୋଟିଏ ପୂଜା ଦୋକାନ ।
ମା'ଙ୍କ ଆଶୀର୍ବାଦେ ଆଗକୁ ବଢ଼ିଲା ତା'ର ପାଦ,
ସଂଘର୍ଷର ରାତି ସରି, ଉଦିଲା ସଫଳତାର ପ୍ରଭାତ ।

କିଛି ସମୟ ପରେ ଘରକୁ ଆସିଲେ ଗୋଟିଏ ଲକ୍ଷ୍ମୀ,
ବିବାହ ପରେ ଆରମ୍ଭ ହେଲା ନୂଆ ଜୀବନର ଗାଥା ।
ସୁଖର ଛୋଟିଏ ସଂସାର ଗଢ଼ିଲା ସେ ସ୍ନେହରେ,
ସବୁ ଦୁଃଖକୁ ଜିତି ହସିଲା ନିଜ ପରିଶ୍ରମରେ ।
ଆଜି ସେହି ପୂଜା ଭଣ୍ଡାର ଚାଲିଛି ସଫଳତାର ସହ,
ସମାଜରେ ତା'ର ନାମ ଓ ସମ୍ମାନ ଅଛି ଅପାର ।
ଯେଉଁ ସ୍ୱପ୍ନ କେବେ ଥିଲା ଆଖିରେ, ଆଜି ସେ ହୋଇଛି ସତ,
କାରଣ ସ୍ୱପ୍ନ ଛୋଟ କି ବଡ଼ ନୁହେଁ, ସାହସ ହିଁ କରେ ତାକୁ ସତ ।
ସଂଘର୍ଷର ପ୍ରତି ପଦେ ଯିଏ ହାର ମାନିନି କେବେ,
ସେହି ଆଜି ସମାଜକୁ ଶିଖାଏ—
"ସ୍ୱପ୍ନ ଦେଖ, ସାହସ ରଖ, ପରିଶ୍ରମ କର;
ଦିନେ ନା ଦିନେ ସଫଳତା ନିଶ୍ଚୟ ତୁମ ଦ୍ୱାରେ ଆସିବ ।"

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

କେମିତି ସେହି ଦୁଷ୍ଟ ପିଲାଟିଏ ଆଜି ସ୍ରଷ୍ଟା ପାଲଟିଛି,

ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଛି ।

ହଁ, ତା'ର କାମ ବହୁତ ବଡ଼ ନୁହେଁ କି ନାମୀ ନୁହେଁ,

କିନ୍ତୁ ତା'ର ଚରିତ୍ର ଆଉ ସତତା ଆଗରେ ଆଜି ବଡ଼ ବଡ଼ ଲୋକ ମଧ୍ୟ ମୁଣ୍ଡ ନୁଆଁନ୍ତି ।

ତା'ର ସଂଘର୍ଷର କାହାଣୀ ଆଜି ହୋଇଛି ଏକ ପ୍ରେରଣା,

ନିଜ ପିଲାଙ୍କୁ ଶିଖାଇବା ପାଇଁ ଅନେକେ ଦିଅନ୍ତି ତା'ର ଉଦାହରଣ ।

ସ୍ୱପ୍ନ ଯେତେ ବଡ଼ ହେଉ, ସାହସ ଯଦି ସାଥିରେ ଥାଏ,

ସଂଘର୍ଷର ପ୍ରତ୍ୟେକ ପାଦଚିହ୍ନ ଦିନେ ସଫଳତାର ପଥ ଦେଖାଏ ।

ବି ଏଡ଼ ଟ୍ରେଇନି, SISER, ଭୁବନେଶ୍ବର

ରାଉରକେଲା, ୮୨୪୯୭୨୩୮୬୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରାଣ ପଣେ ମୋର ଡର

ତାରା ପ୍ରସାଦ ଜେନା



ତୋର କିଟି ମିଟି ଚାହାଣିକୁ ଗୋରୀ
ପ୍ରାଣ ପଣେ ମୋର ଡର
କୋଉ ଭୁଲ୍ ମୁଁ ଯେ କରିଦେଲି କହ
ତୋର ହୋଇଯିବି ପର ?
ତୋର କିଟି ମିଟି ଚାହାଣିକୁ ଗୋରୀ.....। ଠ ।

ମିଠା କଥା ନାହିଁ ତୀର ପରି କଥା
ଛାତି ମୋର ଦେଉ ବିନ୍ଧି
ବାଟ ଅଣ୍ଟୁନାହିଁ କେମିତିକା ଆଉ
ତୋହ ଠାରେ ହେବ ସନ୍ଧି,
ଛୁଇଁଦେଲେ ତୋତେ ବିଜୁଳିକି ମାରୁ
ଝଟକା ତୁ ଜୋରଦାର
ତୋର କିଟି ମିଟି ଚାହାଣିକୁ ଗୋରୀ.....। ଠ ।

ହସ ଘର ତୋର ଶୂନ୍ୟ ପଡ଼ିଅଛି
କଞ୍ଚା ଚୋବାଇବୁ ସତେ
ଦେହ କାଲୁଆକୁ ବଳ ଖସିଯାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛାନିଆରେ ମୁଁଯେ ମୂତେ,

ଆମ ଭଲ ପାଇଁ ତୋର ଶାନ୍ତି ଚୁକ୍ତି

ଲଙ୍ଘିବିନି କୋଉ ଥର

ତୋର କିଟି ମିଟି ଚାହାଣିକୁ ଗୋରୀ.....। ୨ ।

ରଣପୁର, ଜିଲ୍ଲା-ନୟାଗଡ଼

ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମଧ୍ୟ ପ୍ରାଚ୍ୟର ଦୁଃଖ

ଡଃ ବି ପ୍ରକାଶ ଚନ୍ଦ୍ର ପାତ୍ର



ଚାହୁଁ ଚାହୁଁ ଧ୍ୱଂସ ହେଲା କେତେ ସ୍ୱପ୍ନ
କେତେ ଅଭିଳାଷ, କେତେକେତେ ଆଶା ଓ ଆକାଂକ୍ଷା--------
ଅବସୋସ ରହିଗଲା ପୁର୍ଣ୍ଣ ହେଲାନାହିଁ
କରିଥିବା ଶପଥ ମା' ମାଟି ପାଇଁ-- !
ବେସାହାରା ଲକ୍ଷଲକ୍ଷ ଲୋକ
ତମ୍ବୁ ତଳେ ବିସ୍ଥାପିତଙ୍କ ଜୀବନ
ଖାଦ୍ୟ ନାହିଁ ପାଣି ନାହିଁ--
ଯୁଆଡେ ଦେଖିବ ଖାଲି ହାହାକାର---
ଆମର ଦିନେ ସୁରକ୍ଷାର ଠିକଣା ଥିବା
ଅଟ୍ଟାଳିକା,ସ୍କୁଲ-କଲେଜ, ଡାକ୍ତର ଖାନା
କବର ଖାନାରେ ପରିଣତ....
ହିଜ୍ ବୁଲ୍ଲା-ଇସ୍ରାଇଲଙ୍କ ଭିଷଣ ଯୁଦ୍ଧରେ
ଟାୟର-ବେରୁଟ୍ ର ନିରୀହ ମଣିଷ ଧ୍ୱଂସ
ଟେଣ୍ଟତଳେ ମୁଣ୍ଡ ଗୁଞ୍ଜି ମୁକ୍ତିର ବାଟ ଖୋଜୁ ଛନ୍ତି---
ଆହାଃ ପଦେ କହିବାକୁ କେହି ନାହିଁ।
କ୍ଷମତାର ଲୋଭ ଆଉ ସ୍ୱାର୍ଥ ପୁରଣର
ଅହଂକାରରେ କ୍ରୋଦ୍ଧିତ ନେତା ଓ ଜନତା
ନିଜେନିଜ ଆତ୍ମୀୟଙ୍କ ବିନାଶର କାରଣ ହୁଅନ୍ତି---
ପ୍ରକୃତିକୁ ଭଲରେ ଚିହ୍ନି ନଥିବା ନିରୀହ ଶିଶୁଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫୁଲ ପରି ଝଡି ପଡୁଛି ମିସାଇଲ୍ ମାଡରେ---
କଣ ପାଇଁ ଏ ଯୁଦ୍ଧ-- ? ?
କି' ବାହାବା ନେବାକୁ ନିଜ ଗୋଡରେ ନିଜକୁ
କୁରାଢ଼ି ମାରନ୍ତି ମୁଖିଆ----
ଜାତିସଂଘଙ୍କ ଚିନ୍ତା ପ୍ରକଟରେ
ଫେରି ଆସିବକି ନିହତ ନିଷ୍ପାପ ମଣିଷ
ମାନବିକତାକୁ ଖୋଜ,-
ଖୋଜିଦେଖ ମମାନବୀୟତାର ବିଲୁପ୍ତ କାହାଣି---
ଶାନ୍ତିଆଣ  ଶାନ୍ତି ଆଣ ମଧ୍ୟ ପ୍ରାଚ୍ୟ ବାସି
ଯିଏ ବଡହେଉ  ଯାହାର ଜିତା ହେଉ
ଆମେ ସରଳ ମଣିଷ ମରିବାକୁ ଚାହୁଁ ନାହୁଁ--
ଜୀବନ ଯୁଦ୍ଧରେ କେତେ ରାସ୍ତା ଅଛି
ଖାଲି ହୋର୍ମୁଜ ନୁହଁ ସବୁ ବାଟ ଖୋଲି
ଆମକୁ ବଞ୍ଚିବାକୁ ଦିଅ ହେ' ଈଶ୍ୱର---- !
ବନ୍ଦହେଉ ଯୁଦ୍ଧ----
ଶାନ୍ତି ଦିଅ ଶାନ୍ତି ଦିଅ ---- !
ତମେ ଯିଏ ହୁଅ ଟ୍ରମ୍ପ ହୁଅକି ପୁତିନ୍
ତମେ ଆଲ୍ଲା ହୁଅ କି ଯିଶୁ ହୁଅ ଅବା ରାମ
ଆମେ ଚାହୁଁ ଶାନ୍ତି---- ଶାନ୍ତି---- ଶାନ୍ତି----
ବିଶ୍ୱ ଶାନ୍ତି- ସର୍ବଶାନ୍ତି- ! !

ପ୍ରକ୍ତାନ ଅଧ୍ୟକ୍ଷ
ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ
ବାଲିପଦର- ଗଞ୍ଜାମ, ୮୮୯୫୯୭୨୭୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମ ପାଇଁ ପଦେ

ଡଃ ଅଲେଖ ପ୍ରସାଦ ମହାରଣା



କରୁଛି ପ୍ରକାଶ କଥା ମୋର ଶେଷ  ଅନୁଭବ କରି ଅବଶୋଷ
ବଢେ  ଅଣଚାଶ ହେଉଛି ହତାଶ ଜାଣିଛି ମୁଁ  ସଦା ନିରୀଦୋଷ ।
ବିଶ୍ୱାସ ରେ ବନ୍ଧା ଭରସାରେ  ଛନ୍ଦା  ଆଗୋ ପ୍ରେୟସୀ ଆମ ଜୀବନ
କି କାରଣେ ତୁମେ  ଭ୍ରମୁଅଛ ଭ୍ରମେ ଉଜୁଡି ଯାଉଛି ଦୁଇ ପରାଣ ।

ଅଛି କି ରହସ୍ୟ ଅବା ନୂଆ ଦୃଶ୍ୟ କ୍ଷଣ ଭଙ୍ଗୁର ଜୀବନେ ଆମ
କି କଥା ଲୁଚାଇ ରଖିଅଛି ସହୀ କୁହ, ବ୍ୟଥା ହେବ ଉପଶମ ।
ପାଉଥିଲ ଭଲ କରୁଥିଲ ଗେଲ ଏ ଯାଏଁ ନକରି କେବେ ରୋଷ
କେଉଁ କାରଣ ରେ ଅଯଥା ରେ ମୋରେ ଥୋଇଦେଲ ମୁଣ୍ଡେ ଦୋଷ. ।

ଛଳନା ତୁମର ବୋଝ ସମ ଭାର ପରାଣ ମୋ ଦହେ ପ୍ରତିନିତି
ତୁମ ମିଛ କ୍ରୋଧ ଅଭିମାନ ବୋଧ କହିଦିଏ ତୁମ ଭାବ  ପ୍ରୀତି ।
ଅଯଥା ବିବାଦ  କେତେ କଟୁ ଶବ୍ଦ ତନୁ ମନ ମୋର ଯାଏ ମରି
ସବୁ ଥାଇ ମୋର ପିନ୍ଧି ନିସ୍ୱ ହାର ଭାଗ୍ୟ ନିନ୍ଦେ ପିଇ କାଦମ୍ବରୀ ।

ପାଷାଣ ଶରୀର ହୋଇବ ଅସାର କରିବନି ଯେବେ  ବୁଝାମଣା
ମରୁ ମରିଚିକା,ହେବ ତୁମ ସଖା ହେବ ନିଶ୍ଚେ ତୁମେ ବାଟବଣା ।
ସମୟ ଇଶାରା ମାନି ନିଅ ପରା ତୁମେ ତ ଏହି ମାଟି ମଣିଷ
ଆଗୋ ପ୍ରିୟତମା ଲାସ୍ୟମୟୀ ବାମା  ମାନିନେଇ ବିଭୁ ଆଶିଷ ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଯାହା ହାତ ଧରି

ଅମୃତନାରାୟଣ ଶତପଥୀ



ଯାହା ହାତ ଧରି ଯିବା ପାଇଁ ତରି ଭାବଇ ମନୁଷ୍ୟ ମନ,

ସେ ଏବେ ବନ୍ଧୁ ମାରାତ୍ମକ ସାଜି ନେଉଛି ପୁଣି ଜୀବନ ।(୧)

କାହାକୁ ପାହାଡୁ ଫିଙ୍ଗି ଯେ ମାରୁଛି କାହାକୁ ବୁଡାଇ ଜଳେ,

କିଏ ତିଳ ତିଳ ମରେ ପିଇ ବିଷ କିଏ ଆତ୍ମହତ୍ୟା ଛଳେ।(୨)

କିଏ ପୁଣି ରେଳ ଧାରଣାରେ କଟେ କିଏ ଭସ୍ମ ହୁତାଶନ,

କିଏ ପୁଣି ଖଣ୍ଡ ଖଣ୍ଡ ଟୁକୁଡାରେ ହରାଏ ନିଜ ଜୀବନ ।(୩)

ବିଶ୍ୱାସ ଏବେ ଭୂ ଲୁଣ୍ଠିତ ବନ୍ଧୁ ଗୋଳାଇ ହୋଇ ବିଷ,

ଉପରୁ ଉପରୁ ମଖ ମଲ୍ଲୀ ରୂପ ଦିଶିଲେ ଯେତେ ସରସ ।(୪)

ମନ ଯେ ଦୂଷିତ ବିବେକ କୁପୋଷିତ ନୈତିକତା ଚୁଲିକୁ ଯାଇ,

ସ୍ୱାର୍ଥ ସର୍ବସ୍ୱ ହେଲାଣି ସମାଜ ଥଣ୍ଡା ରକ୍ତ ହତ୍ୟାକାଣ୍ଡ ବଢଇ ।(୫)

ଅପରାଧୀ ସଂଗଠିତ ଅପରାଧ ହେଲାଣି ଏକ ସାଧାରଣ କଥା,

ରକ୍ତ ରଞ୍ଜିତ ହୋଇବାଟା ପୁଣି ବିନା କୌଣସି ବ୍ୟଥା ।(୬)

ସଶକ୍ତିକରଣ ନାମରେ ଅପରାଧ ପ୍ରବଣ ହୋଇଲେ ପୁଣି ସମାଜ,

ଆପଣା ହସ୍ତରେ ଜିହ୍ୱା ଛେଦନ ସମ ଗଣିବା ପ୍ରମାଦ ।(୭)

ଭୟ ଭ୍ରାନ୍ତି କାହିଁକି ଅଭାବ ହେଲାଣି ଅପରାଧବୋଧ ପାପ,

ନୈତିକତା ସହ ଦୃଷ୍ଟାନ୍ତ ମୂଳକ ଦଣ୍ଡର ଅଭାବ ପାଇଁ ରହୁନି ସନ୍ତାପ ।(୮)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଳିର କରାଳ ଗ୍ରାସ ଧୀରେ ଧୀରେ ଆହୁରି ହୋଇପାରେ ସଙ୍ଗିନ୍,

ଯେ ପର୍ଯ୍ୟନ୍ତ ମନୁଷ୍ୟ ମୂଲ୍ୟବୋଧ ନବୁଝି ଜୀବନକୁ ଭାବୁଥିବ ରଙ୍ଗୀନ୍ ।(୯)

ସମାଜ ସଂସ୍କାର ପାଇଁ ଏବେ ଲୋଡା ଏକ ସମୂହ ସଚେତନତା,

ତେବେ ଅପରାଧ ମୁକ୍ତ ହୋଇ ଏ ସମାଜ ଫେରି ପାଇବ ପୂର୍ବ ବିବିଧତା ।(୧୦)

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦେଖି ଚାହିଁ ଚାଲ ତ !

ଶଶଧର କୁମାର ସେଠୀ



ଏ ସମାଜ ଗତି ଦୃତ
ସର୍ବେ ଏଠି ମହା ଧୃତ
ଲମ୍ବା ରାସ୍ତା ଭବିଷ୍ୟତ, କରୁଅଛି ସ୍ୱାଗତ
ହୁଅ ନାହିଁ ଇତସ୍ତତଃ, ଦେଖି ଚାହିଁ ଚାଲ ତ !!

ଆଧୁନିକ ଯନ୍ତ୍ରତନ୍ତ୍ର
ସ୍ୱୟଂ ସର୍ବେ କାର୍ଯ୍ୟରତ
ସତେ ଅବା ଭାରି ବ୍ୟସ୍ତ, ନାହିଁ ଜମା ବିରତ
ଅର୍ଥ ପାଇଁ ଆତ୍ମସ୍ୱାର୍ଥ ଜୋକ ପିଏ ରକତ
ଦେଖି ଚାହିଁ ଚାଲ ତ !!

ସଂପର୍କର ଦୃଢ ହାତ
ଖୋଳି ପାରେ କେବେ ଗାତ
ପଡିଗଲେ ଅକସ୍ମାତ, ଉଠି ପଡି ଚାଲ ତ !
ହୁଏନାହିଁ ମର୍ମାହତ, ଝୁରନାହିଁ ଅତୀତ
ଦେଖି ଚାହିଁ ଚାଲ ତ !!

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଜୀବନରେ ସମୁଚିତ
କର୍ମଫଳ ସୁନିଶ୍ଚିତ
ମାଘରେ ଲୁଚୁଛି ଶୀତ, ସ୍ୱପ୍ନ ଆଜି ବସନ୍ତ
କାନ୍ଦ ନାହିଁ ଅବିରତ, ଓଠ ଖୋଲି ହସତ !
ଦେଖି ଚାହିଁ ଚାଲ ତ !!

ମୁକ୍ତି ତୋର କରାଗତ,
ମାନୁ କାହିଁ ପରାଜିତ
ହେଲେ ହେଉ ରକ୍ତପାତ, ହୁଅ ନାହିଁ ବିରକ୍ତ
ଉଡାଅ ମହିମା ନେତ, ଦେଖୁ ଥାଉ ଭାରତ
ଦେଖି ଚାହିଁ ଚାଲ ତ !!

ଶିକ୍ଷକ ତେଲକୋଇ ସରକାରୀ ଉଚ୍ଚ ବିଦ୍ୟାଳୟ, ତେଲକୋଇ
୮୮୪୭୮୧୨୫୦୫


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୀର୍ତ୍ତିମୟୀ ଉତ୍କଳ

ରତି ରଞ୍ଜନ ମହାପାତ୍ର



ନୀଳ ସିନ୍ଧୁ-କାଞ୍ଚି ନୀଳାଦ୍ରି-ବିରିଞ୍ଚି ନୀଳମଣି ଚକାଡ଼ୋଳା,
କାଳିଆ କଳ୍ପନା କାଳ-ନାଶୀ କାନ୍ତା କରୁଣା କମଳ ମାଳା ।
ଭକତ ଭାବନ ଭଞ୍ଜନ ହେ,
ପତିତପାବନ ପତିତପାବନ ପଦ ପଙ୍କଜେ ଶରଣ ଦେ,
ବେଗେ ହେ ପ୍ରଭୁ ଶରଣ ଦେ ।

ଚକା ଆଖି ଚାନ୍ଦ ଚାନ୍ଦିନୀ ଚକୋର ଚାତକ ଚିତ୍ତ ଚିନ୍ତନ,
ଦାରୁ ଦୟାମୟ ଦୀନ ଦୁଃଖ ଦାହ ଦୂର କରେ ଦରଶନ ।
ଶଙ୍ଖ କ୍ଷେତ୍ରର ସମ୍ରାଟ ହେ,
ରଥ ରୁଚିରରେ ରଙ୍ଗ ରସେ ରଞ୍ଜି ରକ୍ଷାକର ହେ ଜଗତ ନାଥ,
ଦିଅ ହେ ପାଦ ପଦ୍ମ ହାତ ।

ବଡ଼ଦେଉଳର ବଡ଼ଠାକୁର ହେ ବଡ଼ବୋଲି ବଡ଼ ପଣ,
ପତିତପାବନ ବାନା ଉଡ଼ାଇଛ ବାରେ ବାରେ ହର ପ୍ରାଣ ।
ଭାବ-ବିନୋଦିଆ ଠାକୁର ହେ,
କାଳିଆ ବଳିଆ କମଳ ଲୋଚନ କର ହେ କରୁଣା କଲ୍ୟାଣ,
ଜଗତର ନାଥ ନାରାୟଣ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାପ୍ରସାଦର ମହିମା ମହତ ମଣିମା ହେ ମହାବାହୁ,

କୈବଲ୍ୟ କଳିକା କଳୁଷ କାଟିବ କୋଟି ଜନ୍ମ ପାପ ଯାହୁ ।

ଆନନ୍ଦ ବଜାରେ ଆନନ୍ଦ ହେ,

ଜାତି ଅଜାତିର ଜଞ୍ଜାଳ ଜଳାଇ ଜଗତେ ଜଳୁଛି ଜ୍ଞାନ ପ୍ରଦୀପ,

ହେ ପ୍ରଭୁ ହରିବ ସନ୍ତାପ ।

ଘଣ୍ଟ ଘାଘୁଡ଼ିର ଘମଘମ ଧ୍ୱନି ଘେନ ମୋର ଗୁହାରି,

ଚନ୍ଦନ ଚର୍ଚ୍ଚିତ ଚାରୁ ଚିତ୍ରପଟ ଚିନ୍ମୟ ହେ ଚକ୍ରଧାରୀ ।

କରପତ୍ର ଯୋଡ଼ି କହୁଛି ହେ,

ଦାରୁବ୍ରହ୍ମ ଦେବ ଦାରିଦ୍ର୍ୟ ଦହନ ଦୟାସାଗର ହେ ମୁରାରି,

ଦୁଃଖସାଗରୁ ଦିଅ ସଭିଙ୍କୁ ତାରି ।

ଶ୍ୟାମଳ ଶସ୍ୟର ଶାଢ଼ୀ ପରିହିତା ଶୋଭନୀୟା ଶୁଭ୍ର-ସ୍ମିତା,

ଉତ୍କଳ ଜନନୀ ଉତ୍ସ ବତ୍ସଳା ହେ ଉଦାର-ଉତ୍ସ-ବିଦିତା ।

ମହାନଦୀ ମାତୃରୂପା ବହେ,

କୋଳେ ତୋର କେତେ କବି ଓ କୋବିଦ କାବ୍ୟ ଯେ ରଚିଲେ,

ମାଟି ଯେ ତୋର ପରମ ଗୀତା ।

ଶୈଳ ଶିଖରରେ ସବୁଜିମା ଶୋଭା ସରସ ସୁରଭି ବହେ,

କପିଳାସ କୂଳେ କଳକଳ ରବେ କେତେ କଥା ଝରଣା କହେ ।

ଚିଲିକା ଚାରୁ ଚିରନ୍ତନ ହେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମରାଳ ମାଳିନୀ ମଳୟ-ମାରୁତ ମନ-ମୟୂରକୁ ମୋହେ,
ମହିମା ତୋହର ମହି ଯେ ମହେ ।

କୋଣାର୍କ କଳାର କମଳ-କଳିକା କାଳ-ବକ୍ଷେ ସେ ଅମ୍ଳାନ,
ବାହାରେ ପଥର ଭିତରେ ପ୍ରାଣର ଭାବ ହୁଏ ସ୍ପନ୍ଦନ ।
ଶିଳ୍ପୀ-ଶାଳାର ସେ ସୌରଭ ହେ,
ଧର୍ମାର ଧରମ ଧରଣୀ ଧନ୍ୟ ସେ ଧ୍ୱନିତ କରେ ଗଗନ,
ଭାସେ ଭାସ୍କର୍ଯ୍ୟ ସେ ରତନ ।

ଭୁବନେଶ୍ୱରର ଭବ୍ୟ ବିଭବ ହେ ଭାସ୍ୱର ଭୂଷିତ ସଦୃଶ
ଲିଙ୍ଗରାଜ ଲାଟ ଲୀଳାମୟ ଲିଙ୍ଗ ଲାଭଇ ଲୋକେ ହରଷ ।
ଖଣ୍ଡଗିରି-ଗୁହା ଗୌରବ ହେ,
ଜୈନ ଜୀବନର ଜୟ ଯାତ୍ରା କଥା ଜଣାଏ ଜଗତେ ଯଶ,
ମାଟି ଯେ ମୋର ପରମ ଈଶ ।

ବାରବାଟୀ ବୀର ବୀରତ୍ୱର ବାର୍ତ୍ତା ବୋଲେ ବିଗତ କାଳର,
ଗଙ୍ଗ ଗଜପତି ଗୌରବ ଗାରିମା ଗର୍ବ ଦେଶର ।
କଟକ କଳା-କାଳଜୟୀ ହେ,
ରୂପା-ତାରକସି ରୂପେ ରୂପାୟିତ ସେ ରଚଇ ରଙ୍ଗ ମନର,
ସାକ୍ଷ୍ୟ ସେ ଚଣ୍ଡୀ ମନ୍ଦିର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୋଇତ ସେଦିନ ବାଣିଜ୍ୟ ବିସ୍ତାରି ଯାଇଥିଲା ସୁଦୂରେ,
ବାଲିଯାତ୍ରା ବାଲି ବଖାଣେ ବେଭାର ବୀର ବଣିକର ସୁରେ ।
ସାଧବ ପୁଅର ସାହସ ହେ,
ଜାଭା ସୁମାତ୍ରାର ଜଳ ପଥ ଯାତ୍ରା କଥା ଚାଲିଥିଲା ବିଶ୍ୱ ଭରେ,
ଗୁଞ୍ଜରୁ ନାହିଁ କଥା ତୋ କର୍ଣ୍ଣେ କି ସୁପ୍ତ ଓଡ଼ିଆରେ ।

ମାତୃଭାଷା ମୋର ମହୁଠାରୁ ମିଠା ମଧୁସୂଦନ ମାନସ,
ଫକୀରମୋହନ ପ୍ରଦୀପ ପ୍ରକାଶି ରଖିଗଲେ ଜାତି ଯଶ ।
ରାଧାନାଥ ରଙ୍ଗ-ରାଶି ହେ,
ଗଙ୍ଗାଧର ଗୀତ ଗାଇ ଗାଇ ଢାଳି ଦେଲେ ମନେ ପୀୟୂଷ,
ଓଡ଼ିଆ ଅକ୍ଷର ବିଶେଷ ।

ସାରଳା ସାହିତ୍ୟ ସାଗର ସୁକୃତ ସଂସ୍କୃତିର ସେହି ସେତୁ,
ଉପେନ୍ଦ୍ର ଭଞ୍ଜଙ୍କ ଉଦ୍ଦାମ ଉଲ୍ଲାସ ଉଡ଼ାଏ କାବ୍ୟର ସେ ଧୂମକେତୁ ।
ରାଧାମୋହନ ରସ-ଘନ ହେ,
ଗୋପବନ୍ଧୁ ଗୋପେ ଗରିବର ଗୁହାରି ଗାଇଲେ ଦେଶର ହେତୁ,
ତ୍ୟାଗର ସେ ମହା କେତୁ ।

ଘଣ୍ଟା ଧ୍ୱନି ବାଜେ ଘଣ୍ଟଶାଳା ଘରେ ଘନେଇ ଆସଇ ସଞ୍ଜ,
ଭାଗବତ ଟୁଙ୍ଗି ଭାବର ତରଙ୍ଗେ ଭାଙ୍ଗଇ ପାପ-ପ୍ରପଞ୍ଚ ।
ଜଗନ୍ନାଥ ଦାସ ଜୟ ହେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଓଡ଼ିଆ ପ୍ରାଣର ଓଁକାର ଓଜସ୍ୱୀ ଓଡ଼ିଶା ମାଟିର କୁଞ୍ଜ,
ଭାବେ ଶୁଦ୍ଧ ଭାବ ପୁଞ୍ଜ ।

ସାନ୍ତାଳ ସାନ୍ନିଧ୍ୟ ସାବର ସଂସ୍କୃତି ସୁନ୍ଦର ସେ ଶାବରୀର,
ଗୋଟିପୁଅ ଗତି ଗୁରୁ କେଳୁଚରଣ ହେ ଗାରିମା ଓଡ଼ିଶୀର ।
ଛଉ-ନୃତ୍ୟର ସେ ଛନ୍ଦ ହେ,
ମାଦଳ ମୁରଜ ମୂର୍ଚ୍ଛନା ମଧୁର ମୋହିତ କରେ ରୁଧିର,
ଗର୍ବ ଏ ସଦା ଉତ୍କଳ ଭୂମିର ।

ସମ୍ବଲପୁରୀର ସୁନ୍ଦର ଶାଢ଼ୀ ସେ ସୂତାର ସୂକ୍ଷ୍ମ କାରୁ,
ସମଲେଇ ସେଠି ସମର ସାକ୍ଷିଣୀ ଶକ୍ତିର ମହା-ମେରୁ ।
ହୀରାକୁଦ ହ୍ରଦ ହସଇ ହେ,
ବନ୍ଧ-ବାଟେ ବାରି ବହଇ ବେଗେ ଯେ ବିଦ୍ୟୁତ ବିସ୍ତାରୁ,
ରତ୍ନଗର୍ଭା ଏ ସେ ମେରୁ ।

ପଶ୍ଚିମର ପୀଠ ପଦ୍ମପୁର ପାଶେ ପ୍ରକୃତିର ପଟ୍ଟଚିତ୍ର,
ନୃସିଂହନାଥଙ୍କ ନିର୍ଝର ନିନାଦେ ନିର୍ମଳ ହୁଏ ଚିତ୍ତ ।
ହରିଶଙ୍କର ଶୀତଳ ହେ,
ଗନ୍ଧମାର୍ଦ୍ଦନ ଗରିମା ଗ୍ରନ୍ଥେ ଯେ ଗୁପ୍ତ ବେଦର ସୂକ୍ତ,
ଧନ୍ୟ ସେ ମାଟି ପବିତ୍ର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉତ୍ତର ସୀମାରେ ବାଲେଶ୍ୱର ବେଳା ବାଣୀ-ପୀଠ ସୁଭଦ୍ରା,
ଚାନ୍ଦିପୁର ଚାରୁ ଚମତ୍କାର ଚିତ୍ତ ଚୁମଇ ସିନ୍ଧୁ ନିଦ୍ରା ।
ବୁଢ଼ାବଳଙ୍ଗର ବୀରତ୍ୱ ହେ,
ବାଘାଯତୀନଙ୍କ ବୀର-ବାର୍ତ୍ତା ବୋଲେ ବିଦାରି ଦେଇ ତନ୍ଦ୍ରା,
ଜୟ ଉତ୍କଳ ବସୁନ୍ଧରା ।


ଜୟ ଜୟ ଜୟ ଜଗନ୍ନାଥ ଭୂମି ଜୟ ହେ ଉତ୍କଳ ଦେଶ,
ଧରଣୀ-ମଣ୍ଡଳେ ତୁହି ଭାଗ୍ୟବତୀ ପୂରିଛି ପୁଣ୍ୟ ବିଶେଷ ।
କୋଟି ଓଡ଼ିଆର କଲ୍ୟାଣ ହେ,
ଏହି ମାଟିରେ ଜନ୍ମ ଏହି ମାଟିରେ ମୃତ୍ୟୁ ଏତିକି ମୋର ଅବଶେଷ,
ରହୁ ତୋ ଚରଣେ ଶେଷ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନାରୀ : ଏକ ଅନିର୍ବାଣ ଶିଖା

କୃଷ୍ଣା କାବେରୀ ଖଣ୍ଡାଇ



ସେ ତ ଅଫେରା ଆକାଶର ନୀରବ କବିତା,
ସହନଶୀଳତାର ଅନନ୍ୟ ସଂହିତା ।
ବୁକୁର ନିଭୃତ କୋଣେ ଲୁଚାଇ କାନ୍ଦଣା,
ସଂସାରକୁ ବାଣ୍ଟେ ସିଏ ହସର ଅଲଣା ।
ନାରୀ ଜୀବନର ପଥ ସଦା କଣ୍ଟକିତ,
ତଥାପି ସେ ପରିବାରେ ପ୍ରୀତି-ସୁବାସିତ !
ସ୍ୱେଚ୍ଛାରେ ସେ ଜଳେ ସଦା ପ୍ରଦୀପ ସଦୃଶ,
ଧୈର୍ଯ୍ୟେ ତାର ଝରିପଡ଼େ ସ୍ୱର୍ଗୀୟ ପୀୟୂଷ !
ଜଳିଯାଏ ନିଜେ ସିଏ ଅନ୍ୟକୁ ଆଲୋକି,
ନିଃସ୍ୱାର୍ଥପର ପ୍ରେମେ ତାର ସଂସାର ପୁଲକି ।
ଦୁଃଖର ଦାବାନଳକୁ ପିଇ ସେ ଅମୃତ,
କୁଟୁମ୍ବର ମଙ୍ଗଳ ପାଇଁ ସଦା ସମର୍ପିତ ।
କେତେବେଳେ କନ୍ୟା ସିଏ, କେତେବେଳେ ଜାୟା,
ମାତୃରୂପେ ସେ ତ ପୁଣି ସ୍ନେହ-ମୟୀ ଛାୟା ।
ତ୍ୟାଗ ଓ ତିତିକ୍ଷାର ସେ ଅମଳିନ ଜ୍ୟୋତି,
ଝଡ଼ଝଞ୍ଜା ସତ୍ତ୍ୱେ ହାରେନାହିଁ ତାର ଗତି !
କଷ୍ଟର ପାହାଡ଼ ତଳେ ଚାପି ନିଜ ସ୍ୱପ୍ନ,
ଅନ୍ୟର ସୁଖରେ ସିଏ ରହେ ସଦା ମଗ୍ନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ଆଖିର ଲୁହକୁ ସେ କରି ଅଭିଷେକ,
ସୁଖର ସଂସାର ଗଢ଼େ ସେ ତ ଅନିମେଷ ।
ଓଠରେ ତାର ଥାଏ ଅକୁହା ବେଦନା,
ହେଲେ ଆଶିଷେ ତାର ଥାଏ ଶ୍ରଦ୍ଧାର ବନ୍ଦନା ।
କେବେ ସେ ମମତାର ଶୀତଳ ଝରଣା,
କେବେ ସେ ଅନ୍ୟାୟ ବିରୁଦ୍ଧରେ ଦୁର୍ଗା ପ୍ରେରଣା ।
ଅକୁଣ୍ଠ ଚିତ୍ତରେ ସିଏ ସହେ ସବୁ ଜ୍ୱାଳା,
ପରକୁ ଆପଣାର କରି ପିନ୍ଧେ ଦୁଃଖ ମାଳା ।

ନିଜ ଇଚ୍ଛା ଆହୁତିର ଯଜ୍ଞକୁଣ୍ଡେ ସିଏ,
ପ୍ରତିଦିନ ହସି ହସି ଜୀବନକୁ ଦିଏ ।
ଅଭିମାନୀ ଝିଅଟିଏ ଘର ପର କରି,
ନୂଆ ଏକ ଦୁନିଆକୁ ନିଏ ସେ ଆଦରି ।
ଝାଉଁଳି ଯାଏ ସେ ସିନା ସମୟର ସ୍ରୋତେ,
ବିଶ୍ୱାସର ଦୀପଟିଏ ଜାଳେ ସବୁ ଚିତେ ।
ଭାଙ୍ଗିପଡ଼େ ସିଏ ସିନା କାହାର ଅଲିଅଳେ,
ସାହସ ସାଜି ଠିଆହୁଏ ସଂସାରର ଜଞ୍ଜାଳେ ।
ତା' ପଣତ କାଣିରେ ବନ୍ଧା ସାରା ଦୁନିଆର ସୁଖ,
ନିଜେ ଉପବାସ ରହି ଦୂରେଇ ଦିଏ ସେ ଭୁଖ ।
ସେ ତ ସୃଷ୍ଟିର ଆଧାର, ସେ ତ ପୃଥିବୀର ରୂପ,
ନିଃଶବ୍ଦରେ ଜଳୁଥିବା ସେ ସୁବାସିତ ଧୂପ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାହାର ସେ ଭଗିନୀ ତ କାହାର ସେ ପ୍ରିୟା,
ତା' ବିନା ଶୂନ୍ୟ ଏହି ସଂସାରର ମାୟା ।
ସବୁ ସହି ରହିଯାଏ ପାଷାଣ ସଦୃଶ,
ତା' ମନର ବ୍ୟଥା ବୁଝେ କେଉଁ ଅନ୍ତରୀକ୍ଷ ?
ଅଗ୍ନି ପରୀକ୍ଷାରେ ସିଏ ହୁଏ ଉତ୍ତୀର୍ଣ୍ଣ,
ତଥାପି ଏ ସମାଜରେ ସେ କାହିଁ ବିବର୍ଣ୍ଣ ?
ଲୁହ ନୁହେଁ, ସେ ତ ଶକ୍ତିର ଉତ୍ସ,
ତା' ଚରଣ ସ୍ପର୍ଶରେ ସବୁ ପାପ ହୁଏ ଧ୍ୱଂସ ।
ଧନ୍ୟ ହେ ନାରୀ ତୁମ ଅପୂର୍ବ ମହିମା,
ତୁମ ଧୈର୍ଯ୍ୟ ସୀମାହୀନ, ନାହିଁ ତାର ସୀମା !
ଅନ୍ଧକାର ମଧ୍ୟେ ତୁମେ ଆଲୋକର ସ୍ୱର,
ତୁମରି ତ୍ୟାଗରେ ଗଢ଼ା ଏ ସୁନ୍ଦର ସଂସାର ।

"ନାରୀ କୌଣସି ଦୁର୍ବଳ ଅଭିଧା ନୁହେଁ, ସିଏ ତ ସହନଶୀଳତାର ସେହି ମହାସମୁଦ୍ର, ଯିଏ ନିଜ ଭିତରେ ଦୁଃଖର ଶହେ ଝଡ଼କୁ ସାଇତି ରଖି ମଧ୍ୟ ସଂସାରକୁ କେବଳ ସ୍ନେହର ଅମୃତ ବାଣ୍ଟିଥାଏ । ନିଜ ଆଖିର ଲୁହକୁ ଓଠର ହସ ପଛରେ ଲୁଚାଇ, ନିଜ ସ୍ୱପ୍ନର ଆହୁତି ଦେଇ ଯିଏ ଏକ ସୁନ୍ଦର କୁଟୁମ୍ବ ଗଢ଼େ, ସେ ହେଉଛି ନାରୀ । ତା' ତ୍ୟାଗର କୌଣସି ମୂଲ୍ୟ ନାହିଁ, ତା' ଧୈର୍ଯ୍ୟର କୌଣସି ସୀମା ନାହିଁ; ସିଏ ଜଳିଗଲେ ସଂସାର ଆଲୋକିତ ହୁଏ, ସିଏ ନୀରବ ହୋଇଗଲେ ସାରା ସୃଷ୍ଟି ଶୂନ୍ୟ ହୋଇଯାଏ ।"

ଜିଲ୍ଲା - ଭଦ୍ରକ, ବନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଛକୁ ପଚାରେ...

ଜସ୍ମିନ୍ ସାହୁ



କହ ଲୋ ଗଛ କେତେ ତୋର ଶକ୍ତି,
ତୋ ଜାଗାରେ ଥିଲେ ମୁଁ କେମିତି ପାଆନ୍ତି ମୁକ୍ତି ।
ମଣିଷ ହେଲି ସିନା କଷ୍ଟ କୁ ନ ହରେଇପାରିଲି,
ସବୁବେଳେ ଅବଶୋଷ କୁ ଜିତିବାକୁ ଦେଲି ।
ତୁ ଥିଲେ ମୋ ଜାଗାରେ କଣ କରିଥାନ୍ତୁ,
କେମିତି ଅବଶୋଷ ରୁ ବାହାରି ପାରିଥାନ୍ତୁ ।
ଗଛ କହେ କଣ କହିବି ମୋ ଜୀବନ ଗାଥା,
ଦଶ ଘଡ଼ି ଯାଏଁ ଥାଏ ସୂର୍ଯ୍ୟଙ୍କୁ ଟେକି ମଥା ।
ମାଟିକୁ ଆଶ୍ରା କରି ମୁଁ ବଞ୍ଚିଯାଏ ସିନା,
ଖାଲିରେ ଛାଡ଼ିଦେଲେ ଶୁଖି ଯାଏ ପାଣି ବିନା ।
କେତେ ସମୟ ଯାଏଁ ରହିବି ଖାଲି ପାଣିକୁ ଆଶା କରି,
ମାଟି ଆଉ ପାଣି ବିନା ଶେଷରେ ପରା ମୁଁ ଯାଏ ମରି ।
ଆଖି ବନ୍ଦ କରି ଭରସା କରେ ମୁହିଁ,
ମାଟିକୁ ଛାଡିଦେଲେ ଆଉ ମୋର ଅନ୍ୟ ଗତି ନାହିଁ ।
ଠିକ୍ ସେପରି ଅବଶୋଷ କରିବାକୁ ହେଲେ ଦୂର,
ଦିନ ରାତି ଭଗବାନଙ୍କ ନାମ ଜପ କର ।
କେତେ ବାଧାବିଘ୍ନ ଆସିଲେ ବି ଶେଷରେ ଯେ ହେବ ସଫଳ,
ଏବେ କଷ୍ଟ ସହିଥିଲେ ହିଁ ମିଳିବ ଆଗକୁ ଭଲ ଫଳ ।

ହିଞ୍ଜିଳିକାଟୁ, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଏମିତି ହୋଇଥିବ

ଟିକେଶ୍ୱର ସାହୁ



ବାପା ହୋଇଥିବ ଏମିତି  ପୁତ୍ର ପାଇଁ ଆକାଶ,
ପଡ଼ିବନି ପୁତ୍ର ଦେହରେ ଜଳ ଟୋପେ ଅବଶ୍ୟ ।୧।
ମାଆ ହୋଇଥିବ ଏମିତି ସର୍ବଂ ସହା ଧରିତ୍ରୀ ,
ସତଶିକ୍ଷା ଦେଇ ପିଲାଙ୍କୁ ପୋଶିଥିବ ଯେମିତି ।୨।
ପୁତ୍ର ହୋଇଥିବ ଏମିତି ବାପ ଯଶ ରଖିବ,
ଭଲ ମଣିଷଟେ ହୋଇକି ପିତାମାତା ପୋଶିବ ।୩।
ଝିଅ ହୋଇଥିବ ଏମିତି ଦୁଇକୁଳ ଦୁହିତା,
ସମାଜ ସଂସ୍କାର ରକ୍ଷଣେ ହୋଇଥିବ ସେ ହିତା ।୪।
ବୋହୂ ହୋଇଥିବ ଏମିତି କୁଳଶିଳ ନମ୍ରତା,
ସୁଗୁଣର ପରିହିତା ସେ ହେବ ଜଗତ ଜିତା ।୫।
ଭାଇ ହୋଇଥିବ ଏମିତି ଭଉଣୀର ରକ୍ଷକ,
ଭ୍ରାତାଭଗ୍ନି ସ୍ନେହ ମମତା ରଖିଥାଏ ସେ ଟେକ ।୬।
ଭଉଣୀ ହୋଇବ ଏମିତି ଭ୍ରାତା ଶୁଭ ମନାସୀ ,
ପରିବାର ଶାନ୍ତି ସଂହତି ରଖେ ସୁଖ ପରଶି ।୮।
ଅର୍ଦ୍ଧାଙ୍ଗିନୀ ହେବ ଏମିତି ସ୍ୱାମୀ ସୁଖଦୁଃଖରେ ,
ସହଭାଗୀ ହେବ ତେବେତ ସୁଖ ତା ପରିବାରେ ।୯।
ସ୍ୱାମୀ ହୋଇଥିବ ଏମିତି ଅର୍ଦ୍ଧାଙ୍ଗିନୀର ସୁଖ ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁଃଖେ ସହଭାଗୀ ହୋଇବ  ଯାହା ପରମ ସୁଖ ।୧୦।

ପଡ଼ୋଶୀ ହୋଇବ ଏମିତି ଦୁଃଖସୁଖର ଭାଗୀ,

ପରହିତ ଲାଗି ଜୀବନ ଦେବ ଲୋଭକୁ ତ୍ୟାଗି ।୧୧।

ଘରର ମୁରବୀ ଏମିତି ଥିବ ସମତାଭାବ,

ସମଦୃଷ୍ଟି ଦେଇ ପାଳିବ ପରିବାର ସ୍ୱଭାବ ।୧୨

ଜଗନ୍ନାଥ ସାହା ହେବେ ଯେ ସଂସାରର କରତା,

ଭବ ପାରାବାର ବନ୍ଧନ ଦୂର କର ବିଧାତା ।୧୩।

ଦେବଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସବୁଜ ଯୌବନା ସ୍ମୃତି

ସ୍ୱର୍ଣ୍ଣ ରଥ ମହାପାତ୍ର



ତୋ ସ୍ମୃତି କୁଆଁରୀ ଥିଲା ଦିନେ
ଏବେ ସେ ଯୌବନରେ ଗୋଟାପଣେ ଉବୁଟୁବୁ
ମୋ ଛାତିର କ୍ଷତ ଯନ୍ତ୍ରଣା ବାର୍ଦ୍ଧକ୍ୟ ଛୁଇଁଲେଣି
ତୋ ସ୍ମୃତିକୁ ଥାମିବାକୁ ହୃଦୟରେ ଜାଗା କାହିଁ !
ଛାତି ସିଙ୍କୁଡ଼ି ଗଲେଣି ହୃତସ୍ପନ୍ଦନ ଧିମେଇଲେଣି ।
ଯେତେ ଯେତେ ଚାହେଁ ବ୍ୟବଧାନ କୋଶ ଯୋଜନ କରି
ତତେ ଆକଶର ଦୂରତାରେ ଥାପିଦେବି
ସେତେ ସେତେ ତୁ ପହଞ୍ଚିଯାଉ ମୁଁ ଯେଉଁଠି ପହଞ୍ଚେ
ମୋ ଘର ଗଳି ଆଖ ପାଖରେ ଟହଲ ପକେଇ
ଗୁଣୁ ଗୁଣୁ ଗୀତ ଗାଉ ପବନର ତାଳେ ତାଳେ ।

ମୋ ବଗିଚାର ଚାରିପାଖେ ସପ୍ତଫେଣୀ
ସ୍ମୃତି ତୋର ଫୁଲ ହେଇ ଫୁଟିବାକୁ ମାଟି କାହିଁ !
ଫୁଟିବୁ ତ ତାରା ମେଳେ ଫୁଟି ମେଳଣ ଲଗା
କେବେ କେବେ ଝରକା ମେଲେଇ ଦୂରୁ ଦେଖିବି ତତେ
ଅତିଥି ପରି ସଂଖୋଳିବି ଔପଚାରିକତାରେ
ହୃଦ ଝରକା ମୁଁ କିଳି ଦେଇଛି କେତେ କାଳୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ମୃତିମାନଙ୍କର ଅବାଧ୍ୟ ପ୍ରବେଶ ରୋକିବି ବୋଲି ।

ତୋ ସ୍ମୃତି ମୌସୁମୀ ପରି ସବୁଜ ଯୌବନା

ନିଜେ ନାଚେ ମାଟି ପାଣି ପବନକୁ ନଚାଏ

ତୋ ବରଷାରେ ଭିଜିବାରେ ପରିପୃକ୍ତ ମନ ମୋର

ଆଦ୍ରରେ ବି ଶୁଖିଲା ପାଚିଲା ଥାଏ

ତୁ ଶବ୍ଦରେ ଥା, ଡାଏରୀରେ ଥା

ମୋ ଜୀବନରେ କବିତା ହେଇ ଆସେନା ।

ବିଜୟ୍ଯା ଗାର୍ଡେନ,

ଜାମଶେଦପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମା ରମ୍ଭାଦେବୀଙ୍କ ଐତିହ୍ୟ

ଡଃ ସମୀର କୁମାର ନନ୍ଦ



## ମା' ରମ୍ଭାଦେବୀ: ଶକ୍ତି ଉପାସନାର ଏକ ଜୀବନ୍ତ ପରମ୍ପରା ଏବଂ ଦେବଗଡ଼ର ପବିତ୍ର ଐତିହ୍ୟ

ଦିବ୍ୟ ମାତା, କିମ୍ବା ଶକ୍ତିଙ୍କ ପୂଜା, ଭାରତର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟରେ ଏକ କେନ୍ଦ୍ରୀୟ ସ୍ଥାନ ଅଧିକାର କରେ । ଅନାଦି କାଳରୁ, ମାତା ଦେବୀଙ୍କୁ ପୂଜା କରିବାର ପରମ୍ପରା ଭାରତୀୟ ଲୋକଙ୍କ ଭକ୍ତିମୟ ଜୀବନରେ ପ୍ରବାହିତ ହୋଇଆସିଛି । ଏହି ପବିତ୍ର ପ୍ରଥାର ସଠିକ୍ ଉତ୍ପତ୍ତି ଅଜଣା ରହିଛି, ତଥାପି ପ୍ରାଚୀନ ଶାସ୍ତ୍ର, ପୁରାଣ ଏବଂ ମୌଖିକ ପରମ୍ପରା ସାକ୍ଷ୍ୟ ଦିଏ ଯେ ଦିବ୍ୟ ମାତାଙ୍କ ଚେତନା ଧାର୍ମିକ ବିଶ୍ୱାସର ପ୍ରାରମ୍ଭିକ ପ୍ରକାଶନ ମଧ୍ୟରୁ ଗୋଟିଏ ଥିଲା । "ଯା ଦେବୀ ସର୍ବ ଭୂତେଷୁ ଶକ୍ତି ଭାବରେ ଭାବରେ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ବାସ କରୁଥିବା ଦେବୀଙ୍କୁ ନମସ୍କାର" କାଳଜୟୀ ଆବାହନ ମନ୍ଦିର ଏବଂ ପର୍ବଗୁଡ଼ିକରେ ପ୍ରତିଧ୍ୱନିତ ହୋଇ ଚାଲିଛି, ନାରୀ ଦିବ୍ୟ ପ୍ରତି ପ୍ରଦାନ କରାଯାଇଥିବା ଅନନ୍ତ ଶ୍ରଦ୍ଧା ପ୍ରକାଶ କରୁଛି ।

ଧାର୍ମିକ ପର୍ବଗୁଡ଼ିକ କେବଳ ଉତ୍ସବର ଅବସର ନୁହେଁ; ସେମାନେ ନୈତିକ ମୂଲ୍ୟବୋଧ, ସାମାଜିକ ସମନ୍ୱୟ ଏବଂ ଆଧ୍ୟାତ୍ମିକ ଜାଗରଣକୁ ପ୍ରେରଣା ଦିଅନ୍ତି । ସେମାନେ ଜାତି, ଧର୍ମ ଏବଂ ସାମାଜିକ ସ୍ଥିତିର ପାର୍ଥକ୍ୟ ବାହାରେ ସମ୍ପ୍ରଦାୟଗୁଡ଼ିକୁ ଏକତ୍ର କରନ୍ତି, ଯାହା ଭାରତୀୟ ସଂସ୍କୃତିର ଅନ୍ତର୍ଭୁକ୍ତ ଆତ୍ମାକୁ ପ୍ରତିଫଳିତ କରେ । ଦେବୀଙ୍କ ପୂଜା ସମାଜକୁ ଶାନ୍ତି, ସମୃଦ୍ଧି ଏବଂ ଧାର୍ମିକତା ପ୍ରଦାନ କରେ ବୋଲି ବିଶ୍ୱାସ କରାଯାଏ, ଯାହା ମାନବଜାତିକୁ ଦିଗଦର୍ଶନ ଏବଂ ସୁରକ୍ଷା ପ୍ରଦାନ କରେ ବୋଲି ସାମୂହିକ ବିଶ୍ୱାସକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୃଢ଼ କରେ ।

ଏହି ସ୍ଥାୟୀ ପରମ୍ପରାର ଏକ ଉତ୍କୃଷ୍ଟ ଉଦାହରଣ ହେଉଛି ଓଡ଼ିଶାର ଦେବଗଡ଼ ଜିଲ୍ଲାର ତିଲେଇବଣି ବ୍ଲକର ବାସୁଦେବପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ରମ୍ଭାଦେବୀଙ୍କ ବାର୍ଷିକ ଉତ୍ସବ । ପ୍ରତିବର୍ଷ, ଜ୍ୟେଷ୍ଠ ମାସର ଶୁକ୍ଳ ପକ୍ଷର ତ୍ରୟୋଦଶୀରେ, ହଜାର ହଜାର ଭକ୍ତ ଅତ୍ୟନ୍ତ ଭକ୍ତି ଏବଂ ଉତ୍ସାହର ସହିତ ପବିତ୍ର ରମ୍ଭାଦେବୀ ଯାତ୍ରା ପାଳନ କରିବାକୁ ଏକତ୍ରିତ ହୁଅନ୍ତି । ଦେବୀଙ୍କ ପବିତ୍ର ଚରଣରେ ପ୍ରାର୍ଥନା କରି, ଭକ୍ତମାନେ ଆଧ୍ୟାତ୍ମିକ ପରିପୂର୍ଣ୍ଣତା, ମନର ଶାନ୍ତି ଏବଂ ଦିବ୍ୟ ଆଶୀର୍ବାଦ ଖୋଜନ୍ତି । ଏହି ଉତ୍ସବ ଭକ୍ତି ସଙ୍ଗୀତ, ନୃତ୍ୟ ପ୍ରଦର୍ଶନ ଏବଂ ପଶ୍ଚିମ ଓଡ଼ିଶାର ସ୍ପନ୍ଦନଶୀଳ ସାଂସ୍କୃତିକ ପରମ୍ପରାକୁ ପ୍ରତିଫଳିତ କରୁଥିବା ସାମ୍ପ୍ରଦାୟିକ ଉତ୍ସବ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଆହୁରି ସମୃଦ୍ଧ ହୁଏ ।

ବାର୍ଷିକ ଯାତ୍ରା ଧର୍ମ କିମ୍ବା ସାମାଜିକ ପୃଷ୍ଠଭୂମି ନିର୍ବିଶେଷରେ ଦେବଗଡ଼ ଏବଂ ପଡ଼ୋଶୀ ଜିଲ୍ଲାରୁ ଭକ୍ତମାନଙ୍କୁ ଆକର୍ଷିତ କରେ । ଏହା ସାମ୍ପ୍ରଦାୟିକ ସଦ୍ଭାବ ଏବଂ ସାମୂହିକ ଭକ୍ତିର ପ୍ରତୀକ ପାଲଟିଛି, ଯେଉଁଠାରେ ବିଶ୍ୱାସ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରେ । ଦେବୀଙ୍କୁ ଜଣେ ଦୟାଳୁ ମା' ଭାବରେ ପୂଜା କରାଯାଏ ଯିଏ ତାଙ୍କ ସମସ୍ତ ସନ୍ତାନଙ୍କ ଉପରେ ସମାନ ସ୍ନେହ ସହିତ ତାଙ୍କର ଆଶୀର୍ବାଦ ବର୍ଷା କରନ୍ତି ।

ମା' ରମ୍ଭାଦେବୀଙ୍କ ମୂଳ ମନ୍ଦିର ଘନ ଜଙ୍ଗଲ ଏବଂ ପାହାଡ଼ ମଧ୍ୟରେ ଏକ ନିର୍ଜନ ଗୁମ୍ଫା ମଧ୍ୟରେ ଅବସ୍ଥିତ । କଷ୍ଟକର ଭୂମି ହେତୁ, ପାହାଡ଼ ମନ୍ଦିରରେ ପ୍ରତିଦିନ ପୂଜା ସମ୍ଭବ ନୁହେଁ । ତେଣୁ, ସୁଗୁଡ଼ା ଗ୍ରାମରେ ଏକ ସହାୟକ ମନ୍ଦିର ପ୍ରତିଷ୍ଠିତ ହୋଇଛି, ଯେଉଁଠାରେ ନିୟମିତ ଦୈନନ୍ଦିନ ପୂଜା ଏବଂ ପୂଜା କରାଯାଏ । ବିଶେଷ ଶୁଭ ଅବସରରେ, ବିଶେଷକରି ବାର୍ଷିକ ଉତ୍ସବ ସମୟରେ, ପାରମ୍ପରିକ ପୁରୋହିତ (ଦେହୁରୀ) ଏବଂ ଭକ୍ତମାନେ ମୂଳ ଗୁମ୍ଫା ମନ୍ଦିରରେ ପହଞ୍ଚିବା ଏବଂ ବିସ୍ତୃତ ପୂଜା କରିବା ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଙ୍ଗଲ ପାହାଡ଼ ପଥ ଦେଇ ଏକ ତୀର୍ଥଯାତ୍ରା କରନ୍ତି । ଦୀର୍ଘକାଳୀନ ସ୍ଥାନୀୟ ପ୍ରଥାର ଏକ ଅଂଶ ଭାବରେ, ସ୍ଥାନୀୟ ସମ୍ପ୍ରଦାୟ ଦ୍ୱାରା ପାଳନ କରାଯାଉଥିବା ପୁରୁଣା ପ୍ରଥା ଅନୁସାରେ ପଶୁବଳି ସମେତ ପାରମ୍ପରିକ ବଳିଦାନ କରାଯାଏ ।

ମନ୍ଦିରକୁ ଘେରି ରହିଥିବା ଏକ ଆକର୍ଷଣୀୟ କିମ୍ବଦନ୍ତୀ । ଏହା ବିଶ୍ୱାସ କରାଯାଏ ଯେ ପ୍ରାଚୀନ କାଳରେ ଭକ୍ତମାନେ ମା' ରମ୍ଭାଦେବୀଙ୍କ ମୂର୍ତ୍ତିକୁ ସିଧାସଳଖ ଦର୍ଶନ କରିପାରିବେ । କିନ୍ତୁ, ଏକ ଅଜଣା ଦିବ୍ୟ ଘଟଣା ଯୋଗୁଁ, ଏକ ବିଶାଳ ପଥର ରହସ୍ୟମୟ ଭାବରେ ଏକ ପ୍ରାକୃତିକ ଦ୍ୱାର ପରି ଗର୍ଭଗୃହର ପ୍ରବେଶ ଦ୍ୱାରକୁ ବନ୍ଦ କରିଦେଇଥିଲା । ସେହି ଦିନଠାରୁ, କେହି ମୂଳ ମୂର୍ତ୍ତିକୁ ଦେଖିପାରିଲେ ନାହିଁ । ଭକ୍ତମାନେ ଏବେ ପବିତ୍ର ସ୍ଥାନକୁ ପୂଜା କରନ୍ତି, ଯାହାକୁ ଶ୍ରଦ୍ଧାପୂର୍ବକ ଶୂନ୍ୟ ଠାକୁର ନାମରେ ଜଣାଶୁଣା, ବିଶ୍ୱାସ କରନ୍ତି ଯେ ଦେବୀଙ୍କ ଅଦୃଶ୍ୟ ଉପସ୍ଥିତି ପଥର ପଛରେ ରହିଛି । ଏହି ଅନନ୍ୟ ପରମ୍ପରା ଏହି ମନ୍ଦିର ଚାରିପାଖରେ ଥିବା ଆଧ୍ୟାତ୍ମିକ ରହସ୍ୟକୁ ଗଭୀର କରିଛି ଏବଂ ପିଢ଼ି ପିଢ଼ିର ତୀର୍ଥଯାତ୍ରୀଙ୍କ ବିଶ୍ୱାସକୁ ଦୃଢ଼ କରିଛି ।

ଦେବଗଡ଼ର ପବିତ୍ର ଦୃଶ୍ୟ ମା' ପ୍ରଧାନପାଟେଶ୍ୱରୀଙ୍କ ସହିତ ଜଡିତ ଆଉ ଏକ ଚିରସ୍ପନ୍ଦିତ କିମ୍ବଦନ୍ତୀ ଦ୍ୱାରା ଆହୁରି ସମୃଦ୍ଧ ହୋଇଛି, ଯାହାଙ୍କ ମନ୍ଦିର ପ୍ରସିଦ୍ଧ ପ୍ରଧାନପାଟ ଜଳପ୍ରପାତ ନିକଟରେ ଅବସ୍ଥିତ । ସ୍ଥାନୀୟ ଲୋକକଥା ଅନୁଯାୟୀ, ମା' ପ୍ରଧାନପାଟେଶ୍ୱରୀ ଏବଂ ମା' ରମ୍ଭାଦେବୀ ହେଉଛନ୍ତି ପଡ଼ୋଶୀ ପାହାଡ଼ରେ ବାସ କରୁଥିବା ଦିବ୍ୟ ଭଉଣୀ । ପ୍ରତି ମଧ୍ୟରାତ୍ରିରେ, ଏହା ବିଶ୍ୱାସ କରାଯାଏ ଯେ, ମା' ପ୍ରଧାନପାଟେଶ୍ୱରୀ ତାଙ୍କ ଘୋଡାରେ ଚଢ଼ି ନୀରବ ଜଙ୍ଗଲ ଦେଇ ରମ୍ଭାଦେବୀ ପାହାଡ଼ରେ ତାଙ୍କ ପ୍ରିୟ ଭଉଣୀଙ୍କୁ ଭେଟିବାକୁ ଯାଉଥିଲେ । ବୃଦ୍ଧ ଗ୍ରାମବାସୀମାନେ ରାତିର ନୀରବତା ମଧ୍ୟରେ ଘୋଡାର ଖୁରର ଶବ୍ଦର ଲୟପୂର୍ଣ୍ଣ ଶବ୍ଦ ଶୁଣିବାକୁ ମନେ ପକାନ୍ତି, ଯଦିଓ ଦିବ୍ୟ ଭଉଣୀମାନେ ନିଜେ ମାନବ ଆଖିରୁ ଅଦୃଶ୍ୟ ଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ମନମୋହକ କିମ୍ବଦନ୍ତୀ ପ୍ରେମ, ସ୍ନେହ ଏବଂ ସାହଯ୍ୟର ଅନନ୍ତ ବନ୍ଧନକୁ ପ୍ରତୀକ କରେ, ଏପରିକି ଦିବ୍ୟ ଜୀବମାନଙ୍କ ମଧ୍ୟରେ ମଧ୍ୟ । ଏହା ଭକ୍ତମାନଙ୍କୁ ମନେ ପକାଇ ଦିଏ ଯେ ପାରିବାରିକ ମୂଲ୍ୟବୋଧ ଏବଂ ପାରସ୍ପରିକ ଯତ୍ନ ସଂରକ୍ଷଣ ଯୋଗ୍ୟ ପବିତ୍ର ଗୁଣ । ଲୋକକଥା ପ୍ରକୃତି ଏବଂ ଆଧ୍ୟାତ୍ମିକତା ମଧ୍ୟରେ ସୁସଜ୍ଜିତ ସମ୍ପର୍କକୁ ମଧ୍ୟ ପ୍ରତିଫଳିତ କରେ, ଯେଉଁଠାରେ ଜଙ୍ଗଲ, ପାହାଡ଼, ଗୁମ୍ଫା ଏବଂ ଜଳପ୍ରପାତକୁ ଦିବ୍ୟ ଉପସ୍ଥିତିର ଜୀବନ୍ତ ପ୍ରକାଶନ ଭାବରେ ବିବେଚନା କରାଯାଏ ।

ମା' ରମ୍ଭାଦେବୀଙ୍କ ସହିତ ଜଡିତ ଆଉ ଏକ ଗଭୀର ବିଶ୍ୱାସ ହେଉଛି ଯେ ଏହି ନିର୍ଜନ ତୀର୍ଥରେ ଦିଆଯାଇଥିବା ନିଷ୍ଠାପର ପ୍ରାର୍ଥନା ଭକ୍ତମାନଙ୍କର ହୃଦୟସ୍ପର୍ଶୀ ଇଚ୍ଛା ପୂରଣ କରେ । ତୀର୍ଥଯାତ୍ରୀମାନେ ପ୍ରାୟତଃ ଅଟଳ ବିଶ୍ୱାସ ସହିତ ଜଙ୍ଗଲ ମଧ୍ୟ ଦେଇ କଷ୍ଟକର ଯାତ୍ରା କରନ୍ତି, ସ୍ୱାସ୍ଥ୍ୟ, ସମୃଦ୍ଧି, ପରିବାର କଲ୍ୟାଣ ଏବଂ ଲୋଭନୀୟ ଆକାଂକ୍ଷାର ପୂରଣ ପାଇଁ ଆଶୀର୍ବାଦ ଲୋଡ଼ିଥାନ୍ତି । ଅଗଣିତ ସ୍ଥାନୀୟ କାହାଣୀରେ ଏପରି ଭକ୍ତମାନଙ୍କ ବିଷୟରେ କୁହାଯାଇଛି ଯେଉଁମାନଙ୍କର ପ୍ରାର୍ଥନା ଦେବୀଙ୍କ କୃପା ମାଧ୍ୟମରେ ଉତ୍ତର ପାଇଥିଲା, ଜଣେ ଦୟାଳୁ ଏବଂ ଇଚ୍ଛା ପୂରଣକାରୀ ଦେବୀ ଭାବରେ ତାଙ୍କର ଖ୍ୟାତିକୁ ଆହୁରି ଦୃଢ଼ କରିଥିଲା ।

ରମ୍ଭାଦେବୀ ଯାତ୍ରା ଅନ୍ୟଥା ଶାନ୍ତ ପାହାଡିଆ ଅଞ୍ଚଳକୁ ଭକ୍ତି ଏବଂ ସାଂସ୍କୃତିକ କାର୍ଯ୍ୟକଳାପର ଏକ ସ୍ପନ୍ଦନଶୀଳ କେନ୍ଦ୍ରରେ ପରିଣତ କରେ । ଅସ୍ଥାୟୀ ବଜାର, ଧାର୍ମିକ ସମାବେଶ ଏବଂ ସାଂସ୍କୃତିକ ପ୍ରଦର୍ଶନ ଆନନ୍ଦ ଏବଂ ଉତ୍ସବର ପରିବେଶ ସୃଷ୍ଟି କରେ । ଏହାର ଧାର୍ମିକ ଗୁରୁତ୍ୱ ସହିତ, ଏହି ପର୍ବ ସ୍ଥାନୀୟ ଅର୍ଥନୀତିରେ ମଧ୍ୟ ଅବଦାନ ରଖେ ଏବଂ ଏହି ଅଞ୍ଚଳର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ସଂରକ୍ଷଣ କରିବାରେ ସାହାଯ୍ୟ କରେ ।

ଦ୍ରୁତ ଆଧୁନିକୀକରଣର ଯୁଗରେ, ମା' ରମ୍ଭାଦେବୀଙ୍କ ସହିତ ଜଡିତ ପବିତ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରମ୍ପରାଗୁଡ଼ିକ ସେମାନଙ୍କର ବିଶ୍ୱାସ, ଏକତା ଏବଂ ସାଂସ୍କୃତିକ ନିରନ୍ତରତାର ସ୍ଥାୟୀ ବାର୍ତ୍ତା ସହିତ ପିଢ଼ିକୁ ପ୍ରେରଣା ଦେଇ ଚାଲିଛନ୍ତି । ବାର୍ଷିକ ଉତ୍ସବ କେବଳ ଏକ ଧାର୍ମିକ ପାଳନ ନୁହେଁ; ଏହା ଓଡ଼ିଶାର ଆଧ୍ୟାତ୍ମିକ ଐତିହ୍ୟର ଏକ ଜୀବନ୍ତ ପ୍ରକାଶନ, ପ୍ରାଚୀନ ପରମ୍ପରା, ଲୋକକଥା ଏବଂ ସାମୁଦାୟିକ ମୂଲ୍ୟବୋଧକୁ ସଂରକ୍ଷଣ କରୁଛି । ଯେତେବେଳେ ଭକ୍ତମାନେ ପ୍ରାର୍ଥନା କରିବା ପାଇଁ ଜଙ୍ଗଲ ଘେରା ପାହାଡ଼ ଚଢ଼ିଥାନ୍ତି, ସେମାନେ କେବଳ ଦିବ୍ୟ ଆଶୀର୍ବାଦ ଖୋଜନ୍ତି ନାହିଁ ବରଂ ଏକ କାଳଜୟୀ ପରମ୍ପରାର ଅଂଶ ହୋଇଯାଆନ୍ତି ଯାହା ବର୍ତ୍ତମାନକୁ ଅତୀତର ପବିତ୍ର ଐତିହ୍ୟ ସହିତ ସଂଯୋଗ କରେ । ତେଣୁ, ମା' ରମ୍ଭାଦେବୀ କେବଳ ଜଣେ ପୂଜ୍ୟ ଦେବୀ ନୁହଁନ୍ତି ବରଂ ମାତୃ କରୁଣା, ଆଧ୍ୟାତ୍ମିକ ଶକ୍ତି ଏବଂ ଦେବଗଡ଼ର ସମୃଦ୍ଧ ସାଂସ୍କୃତିକ ପରିଚୟର ଏକ ଚିରନ୍ତନ ପ୍ରତୀକ ହୋଇ ରହିଛନ୍ତି ।

ବାଣୀମଞ୍ଜୁଳ ଡକ୍ଟର ସମୀର କୁମାର ନନ୍ଦ
୯୪୩୭୨୧୮୯୧୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୀଳାଦ୍ରିସୁନ୍ଦର କାବ୍ୟରେ ଜଗନ୍ନାଥ ଚେତନା

ଡଃ ନିରୁପମା ନାୟକ

ଜଗନ୍ନାଥ ଏକ ବିଶ୍ୱଜନୀନ ଚେତନା । ଏକ ସାଂସ୍କୃତିକ ସମନ୍ୱୟ ଏକ ଅଖଣ୍ଡ ମାନବିକ ବିଶ୍ୱାସ, ଓଡିଆ ପ୍ରାଣର ଦେବତା ଶ୍ରୀ ଜଗନ୍ନାଥ । ପ୍ରେମ ଓ ବିଶ୍ୱାସର ଦେବତା ଶ୍ରୀ ଜଗନ୍ନାଥ । ଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢି ଉଠିଛି ଓଡିଆ ସଂସ୍କୃତି ଓଡିଶାର ଇତିହାସ ଜଗନ୍ନାଥଙ୍କ ଇତିହାସ । ଓଡ଼ିଶା ଜନଜୀବନର ଆଶା, ଆକାଂକ୍ଷା ଖାଦ୍ୟ, ପାନୀୟ ପୋଷାକ ପରିଚ୍ଛେଦ ସାଂସ୍କୃତିକ ବିଭବ ଲୋକବିଶ୍ୱାସ ଓ ରାଜନୈତିକ ଅଭ୍ୟୁଦୟ ସହିତ ସେ ଜଡିତ । ଏପରିକି ପୃଥିବୀର ସବୁ ମୌଳିକ ଚେତନାକୁ ଜଗନ୍ନାଥଙ୍କଠାରେ ଆବିଷ୍କାର କରାଯାଏ । ଉକ୍ତ ତାଙ୍କ ଶକ୍ତିର ଉତ୍କର୍ଷ ଉପଲବ୍ଧ କରନ୍ତି ତାଙ୍କର ଦିବ୍ୟ ଦର୍ଶନରେ । କଳାକାର ଶତଚେଷ୍ଟା କରେ ପ୍ରଦର୍ଶନ କରିବାକୁ ତାଙ୍କୁ ତାର କଳା ନୈପୁଣ୍ୟରେ । ଭାବୁକ ତାଙ୍କୁ ଖୋଜେ ଭାବନାର ରଙ୍ଗୀନ ରାଜ୍ୟରେ ପୁଣି ସାହିତ୍ୟିକ ନିଜକୁ ଧନ୍ୟ ମନେ ତାଙ୍କର ସଫଳ ବର୍ଣ୍ଣନାରେ । କବି କେବେ ତାଙ୍କୁ ଲୋକଙ୍କ କାନ ଦେଇ ମର୍ମରେ ସ୍ପର୍ଶ କରାଉ ଗୀତି କବିତା ମାଧ୍ୟମରେ ପୁଣି କେବେ ତାଙ୍କୁ ଦେଖ ଦାର୍ଶନିକ ଦୃଷ୍ଟିରେ, ଗଢେ କାବ୍ୟ କବିତାର ତାଜମହଲ, ଜୀବନକୁ କୃତାର୍ଥ କରେ ସବୁ ସମର୍ପି ତାଙ୍କ ଶ୍ରୀପୟରରେ । ଲୋକଙ୍କ ମନରେ ଏବଂ ଆତ୍ମାରେ ରହିଥିବା ଏକ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଅନୁଭୂତି ହିଁ ଜଗନ୍ନାଥ ଚେତନା । ଏହା ତାଙ୍କ ପ୍ରତି ତୀବ୍ର ଶ୍ରଦ୍ଧା ଭକ୍ତି, ନିଜତ୍ୱଭାବ ଭଲ ପାଇବାର ପରିପ୍ରକାଶ ।

ଏହି ଚେତନା କେବଳ ଧାର୍ମିକ ଦୃଷ୍ଟିରେ ନୁହେଁ ବରଂ ଏହା ଏକ ଏକତା, ସମାନତା ଓ ସାମାଜିକ ସମନ୍ୱୟର ପ୍ରତୀକ ଭାବେ ବ୍ୟାପକ ରୂପେ ମାନ୍ୟତା ଲଭିଛି । ଶ୍ରୀଜଗନ୍ନାଥଙ୍କ ପୂଜା କେବଳ ଏକ ଧାର୍ମିକ ଆଖ୍ୟାନ ନୁହେଁ, ଏହା ଏକ ସାର୍ବଜନୀନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବନା, ଯାହା ସମସ୍ତ ମନୁଷ୍ୟ ପ୍ରତି ସମଦୃଷ୍ଟିସମ୍ପନ୍ନ ହୋଇ ଏକତାର ପ୍ରତୀକ ଭାବେ ଅବିରତ ପ୍ରବାହିତ ହେଉଛି ।

ଶ୍ରୀ ଗୁଣ୍ଡିଚା ଯାତ୍ରା, ଜଗନ୍ନାଥ ଚେତନାର ସର୍ବୋତ୍ତମ ପ୍ରତୀକାତ୍ମକ ଘଟଣା ଅଟେ । ଭଗବାନ ଶ୍ରୀମନ୍ଦିର ଛାଡି ଜଗତ କଲ୍ୟାଣ ନିମନ୍ତେ ଜନସାଧାରଣଙ୍କ ମଧ୍ୟକୁ ଆସି ପ୍ରମାଣିତ କରନ୍ତି ଯେ ଦେବତା ସର୍ବତ୍ର ବିଦ୍ୟମାନ ଓ ଉପଲବ୍ଧ ଏବଂ ସମସ୍ତଙ୍କ ପାଇଁ ସମାନ । ଏହା ଏକ ସୁନ୍ଦର ସାମାଜିକ ସଂଯୋଗ ଏବଂ ସମାନତାର ପ୍ରତୀକ । ମନ୍ଦିର ପରିସୀମା ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ନୀତିକାନ୍ତି ରହିଥିଲେ ମଧ୍ୟ ରଥଯାତ୍ରାରେ ଧର୍ମ ଜାତି ଓ ଭାଷାରେ ଭିନ୍ନ ସମସ୍ତ ମାନବ ଏକତ୍ର ହୋଇ ପ୍ରାଣରେ ମିଶି ଏହି ପବିତ୍ର ଯାତ୍ରାରେ ଭାଗ ନେଇଥାନ୍ତି ଯାହା ବିଶ୍ୱଭାତୃତ୍ୱ ଓ ମାନବବାଦର ପ୍ରତୀକ ଭାବେ ଗ୍ରହଣ କରାଯାଇ ପାରେ । ଜଗନ୍ନାଥ ଓ ଚେତନାର ପ୍ରତିଫଳନ କେବଳ ଓଡିଆ ଭାଷା ସାହିତ୍ୟ ନୁହଁ ଭାରତୀୟ ବିଭିନ୍ନ ଭାଷା ସାହିତ୍ୟ ସଂସ୍କୃତିରେ ଦୃଷ୍ଟିଗୋଚର ହୁଏ । କିନ୍ତୁ ଓଡିଆ ପ୍ରାଣର ଦେବତା ଶ୍ରୀଜଗନ୍ନାଥଙ୍କ ପର୍ଯ୍ୟାପ୍ତ ବର୍ଣ୍ଣନା ଓଡିଆ କାବ୍ୟକବିତା ପ୍ରବନ୍ଧରେ ପରିଲିକ୍ଷିତ ହୁଏ । ମୟୂରଭଞ୍ଜର ବରପୁତ୍ର ତଥା ବିଶିଷ୍ଟ କବି ଡକ୍ଟର ନୀଳକଣ୍ଠ ମିଶ୍ରଙ୍କ ଜୀବନ ବ୍ୟାପି ସାଧନାର ନିର୍ଯ୍ୟାସରୂପେ ଜଗନ୍ନାଥଙ୍କୁ ସମର୍ପିତ କରିଛନ୍ତି ତାଙ୍କର କାଳଜୟୀ ସୃଷ୍ଟି ନୀଳାଦ୍ରୀ ସୁନ୍ଦର କାବ୍ୟ । ନିଳାଦ୍ରିସୁନ୍ଦରର ପ୍ରତିଟି ପଦ ଶ୍ରୀଜଗନ୍ନାଥଙ୍କ ଦିଗନ୍ତ ବିସ୍ତାରି ମହିମା ଓ ରହସ୍ୟର ଉଦ୍ଘାଟନ ନିମନ୍ତେ ଅଭିପ୍ରେତ । ଜଗନ୍ନାଥ ଚେତନା ବର୍ଣ୍ଣିତ ନୀଳାଦ୍ରିସୁନ୍ଦର ଏକ ସ୍ୱୟଂସମ୍ପୂର୍ଣ୍ଣ ଆଧ୍ୟାତ୍ମିକ କାବ୍ୟ । ଏଠାରେ ପୂର୍ଣ୍ଣବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରହସ୍ୟମୟ ସ୍ୱରୂପକୁ ତଥା ତାଙ୍କର ଅବତାରୀତ୍ୱକୁ ସୁଚାରୁ ରୂପେ ସଫଳ ଚିତ୍ରିତ କରାଯାଇଛି । କାବ୍ୟରେ ଶ୍ରୀ ଜଗନ୍ନାଥ ହିଁ ମୁଖ୍ୟ ନାୟକ ତଥା ମୁଖ୍ୟ ପ୍ରବକ୍ତା । ଆଦ୍ୟରୁ ପ୍ରାନ୍ତ ଯାଏଁ ସମସ୍ତ ଘଟଣା ଓ ଦୃଶ୍ୟାବଳୀକୁ ଏକ ଅଚିନ୍ତ୍ୟ ଚେତନା ରାଜ୍ୟରେ ସଂଘଟିତ କରାଇବାର ଭରପୁର ପ୍ରୟାସ କରାଯାଇଛି । ଶ୍ରୀଜଗନ୍ନାଥଙ୍କ ମହାମହିମତ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରବଚନ କାବ୍ୟିକ ପ୍ରାଚୁର୍ଯ୍ୟ ସହ ଅତି ଆକର୍ଷଣୀୟ ଢଙ୍ଗରେ ବଢ଼ାଯାଇଛି । ରୂପ ସ୍ନିଗ୍ଧ ନିଳାଦ୍ରିସ୍ଥ ମହାନୀଳିମାର ମହୋଲ୍ଲାସ ସହସା ଫୁଟି ଉଟିଛି ଉକ୍ତ ଶ୍ରେଷ୍ଠ ଦାସିଆ ବାଉରିଙ୍କ ଭାବ ବିମୁଗ୍ଧ ନେତ୍ରରେ ଓ ସଂଘଟିତ ହୋଇଛି ଚେତନାର ଦିବ୍ୟ ଉତ୍ତରଣ । ଚେତନର ସେହି ଅନନ୍ତ ବସ୍ତୁତି ମଧ୍ୟରେ ନାଚିଯାଉଛି ଭୂମାର ଚିତ୍ର ଓ ଭାସିଯାଉଛି ଅନନ୍ତ କାଳସ୍ରୋତରେ କ୍ରମ ବିବର୍ତ୍ତନର ମନ୍ଦ୍ର-ମଧୁରଧାରା, ଅନ୍ତର୍ଜଗତର ଏଇ ଆଲୋକ ସାମାନ୍ୟ ଉପଲବ୍ଧିର ଛନ୍ଦାୟିତ ଭାବ ସ୍ରୋତ ନେଇ । ଜଗନ୍ନାଥ ଚେତନାରେ ଉଦ୍ବୃଦ୍ଧ ବିଶ୍ୱଚେତନାର ଦୃଶ୍ୟ ଅତି ମନୋଜ୍ଞା ଭାବରେ କାବ୍ୟରେ ବର୍ଣ୍ଣିତ । କବିଙ୍କ ଭାଷାରେ

ନୀଳ ପ୍ରଜାପତି ସେ ଯେ
ଅୟୁତ ଫୁଲରେ ବସି
ତୃପ୍ତି ଲଭେ
ବିଶ୍ୱାସର ମଧୁ ଟୋପେ ପିଇ
ନୀଲାଭ ଆକାଶ ତଳେ
ମଳୟର ତରଫଟେ ଅବା
ଛୁଇଁ ଛୁଇଁ ଚାଲିଯାଏ
ଦେଖି ମନଲୋଭା
କେବେ ପୁଣି ଅୟୁତ ଦ୍ରୁମରେ
ଚନ୍ଦନର ଗନ୍ଧ ଭର୍ତ୍ତି
ଫାଲଗୁନରେ
ଶାନ୍ତ ନିଶାନ୍ତରେ ।

ସ୍ୱତନ୍ତ୍ର ବର୍ଣ୍ଣନା ଶୈଳୀରେ ଶ୍ରୀଜଗନ୍ନାଥଙ୍କୁ ଅବତାରି ପୁରୁଷ ଭାବେ ବର୍ଣ୍ଣନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଯାଇଛି ଏହି କାବ୍ୟରେ । କଳ୍କି ଅବତାରଙ୍କ ସ୍ୱରୂପକୁ ଅତି ସୁନ୍ଦର ଭାବରେ ଏ ବିଜ୍ଞାନ ଯୁଗର ପ୍ରତ୍ୟକ୍ଷୀଭୂତ ଅନୁଭୂତିର ନିଦର୍ଶନ ନେଇ ବର୍ଣ୍ଣିତ ହୋଇଛି ।

କଳକି ରୂପ, ରୂପ ନୁହେଁ ମୋର
ନୁହେଁ ଅବତାର
ଶୁଣ ବତ୍ସ ବାଲିଗ୍ରାମ ଦାସ
ମୋ ଶକ୍ତିର କଳକି ଏକ
ବିଚିତ୍ର ପ୍ରକାଶ
ମୋ ଜ୍ୟୋତିର ଅଗ୍ନେୟ ଉଦ୍ଭାସ
ବିକଟ ବିଭତ୍ସ

ଜାଳିପୋଡି ଧ୍ୱଂସ କରିବାକୁ
ମୋ ଶକ୍ତିର ପ୍ରଚଣ୍ଡ ସ୍ଫୁରଣ ।

ଓଡିଶାରେ ଶ୍ରୀଜଗନ୍ନାଥଙ୍କ ସଂପର୍କରେ ପ୍ରଚଳିତ ଥିବା ବହୁ ଜନଶ୍ରୁତି, କିମ୍ବଦନ୍ତୀ ତଥା ଉପନିଷଦ, ସଂସ୍କୃତ ପୁରାଣ ଓ ଓଡିଆ କାବ୍ୟ କବିତାବଳୀର ଅପୂର୍ବ ସମନ୍ୱୟ କରି ଚିତ୍ରକର ଏକ ପୂର୍ଣ୍ଣାବୟବ ଚିତ୍ର ଅଙ୍କନ କଳାପରି ଶ୍ରୀଜଗନ୍ନାଥଙ୍କ କାବ୍ୟରେ ସ୍ଥାନ ଦିଆଯାଇଛି । ଗଭୀର ଅଧ୍ୟୟନରେ ପ୍ରତୀୟମାନ ହୁଏ ଶ୍ରୀଜଗନ୍ନାଥ ସ୍ୱୟଂ ପ୍ରବକ୍ତା ସାଜି ତାଙ୍କ ସ୍ୱରୂପ ଓ ସଂସ୍କାର ରହସ୍ୟମୟତାକୁ ସୁନ୍ଦର ଭାବେ ଉନ୍ମୋଚନ କରିଛନ୍ତି ଏବଂ ନିଜର ସର୍ବମୟତା ଓ ନିଜଠିଁ ଥିବା ସର୍ବଧର୍ମର ସମନ୍ୱୟତାକୁ ଉଦାର କଣ୍ଠରେ ଶୁଣାଇ ଶ୍ରୀଜଗନ୍ନାଥ ତତ୍ତ୍ୱଦର୍ଶନର ଏକ ପୂର୍ଣ୍ଣାଙ୍ଗ ଓ ପ୍ରଭାବଶାଳୀ ଚିତ୍ର ବାଢିଛନ୍ତି । ସେହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସକଳସୃଷ୍ଟିର ମୂଳାଧାର ଆଉ ସୃଷ୍ଟି ସ୍ଥିତି ପ୍ରଳୟର ସେ ହିଁ କାରଣ ।

ନୀଳାଦ୍ରିସୁନ୍ଦର କାବ୍ୟରେ ସ୍ପଷ୍ଟଭାବେ ଘୋଷଣା କରାଯାଉଛି ସ୍ୱୟଂ ଶ୍ରୀ ଜଗନ୍ନାଥ ଏହି ଧୂଳିଧୂସରିତ ଧରାକୁ ଦେବତ୍ୱ ଓ ଦିବ୍ୟତ୍ୱରେ ଭରି ଦେବା ପାଇଁ ପ୍ରଦାନ କରିଛନ୍ତି ନିର୍ଭର ପ୍ରତିଶୃତି ଏବଂ ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ର କରି ସମଗ୍ର ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧିବା ପାଇଁ ବୀଜମନ୍ତ୍ରର ବର୍ଣ୍ଣନା ରହିଛି । କବିଙ୍କ ଲେଖନୀରେ-

ଆଲୋକ ସନ୍ଧାନୀ ବିଶ୍ୱ
ଆପଣାର କରିବାକୁ
ମୋ ଅନନ୍ୟ

ସଂସ୍କୃତି ଉଦାର
ମଣ୍ଡିବ ଏ ନୀଳାଚଳ କୋଳ
ଆଦରିବ ମୋହରି ଆଦର୍ଶ
ଯେଣୁ ମୁହିଁ ଆଦର୍ଶର ଶୀର୍ଷ
ଦେବତ୍ୱର ଦୁର୍ଲଭ ପ୍ରକାଶ
ମୂର୍ତ୍ତିମାନ ବ୍ରହ୍ମ ।

ଏ ଜାତିର ଇତିହାସ ଜଗନ୍ନାଥଙ୍କ ବିନା ଅସପୂର୍ଣ୍ଣ ।  ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାରା ରାଜା ଇନ୍ଦ୍ରଦ୍ୟୁମ୍ନ ସଂଶୟମୋଚନ ଅବସରରେ ବହୁ ଉତ୍କଳ ଇତିହାସର ଗୌରବମୟ ଘଟଣାକୁ ନୀଳାଦ୍ରିସୁନ୍ଦରରେ ସ୍ଥାନ ଦିଆଯାଇଛି ।

ଯାଯାତି, ଅନଙ୍ଗ, ବୀର ଚୋଡଗଙ୍ଗ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏ ମାଟ ନରେଗ
ସମୟରେ ଶିଳାପରେ
ଲଭି ମୋ ଆଶିଷ
ଅମଳିନ ଯଗ
ଆଙ୍କିଯିବେ
ବିସ୍ତାରିବେ ସୁବିଶାଳ
ସାମ୍ରାଜ୍ୟ ତାଙ୍କର
ଗଙ୍ଗାଠାରୁ ଗଦାବରୀ
ଯୁଝି ନିରନ୍ତର ।

ଶ୍ରୀଜଗନ୍ନାଥ ଚେତନାର ପ୍ରଭାବ କାବ୍ୟର ମୂଳରୁ ଶେଷ ପର୍ଯ୍ୟନ୍ତ ଅତି ସୁସ୍ପଷ୍ଟ । ଚେତନାର ବିଭିନ୍ନ ବିଭବକୁ କବି ଡକ୍ଟର ନୀଳକଣ୍ଠ ମିଶ୍ର ତାଙ୍କ କାଳଜୟୀ ସୃଷ୍ଟି ନୀଳାଦ୍ରି ସୁନ୍ଦରରେ ଅତି ନିଖୁଣ, ଆକର୍ଷକ, ମନଜ୍ଞ ଓ ଚମତ୍କାର ଭାବେ ତୋଳିଧରି ଓଡିଆ ସାହିତ୍ୟର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

ସହାୟକ ପ୍ରାଧ୍ୟାପିକା, ଓଡିଆ
ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ
ଅନୁଗୋଳ

ସହାୟକ ଗ୍ରନ୍ଥସୂଚୀ

ମିଶ୍ର ନୀଳକଣ୍ଠ. ନୀଳାଦ୍ରି ସୁନ୍ଦର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସତ୍ୟଧୃତି ଚରିତ

ବାବାଜୀ ଚରଣ ଦାସ



ସତ୍ୟଧୃତି ମହାଭାରତରେ ବର୍ଣ୍ଣିତ ଜଣେ ବୀର ଯୋଦ୍ଧା । ସେ ଶତାନନ୍ଦ ଋଷିଙ୍କ ପୁତ୍ର ଓ ଗୌତମ ଋଷିଙ୍କ ନାତି ।

ବଂଶ: ଗୌତମ → ଶତାନନ୍ଦ → ସତ୍ୟଧୃତି । ତେଣୁ ସେ ଗୌତମ ଗୋତ୍ରୀୟ ବ୍ରାହ୍ମଣ ।

ନାମର ଅର୍ଥ: ସତ୍ୟ + ଧୃତି = ଯିଏ ସତ୍ୟକୁ ଧାରଣ କରେ, ସତ୍ୟ ଓ ଧୈର୍ଯ୍ୟର ପ୍ରତୀକ ।

ସେ ମିଥିଳା ରାଜପରିବାର ସହ ସମ୍ପୃକ୍ତ ।

ସତ୍ୟଧୃତିଙ୍କ ବିଷୟରେ ମୁଖ୍ୟତଃ ଦ୍ରୋଣ ପର୍ବରେ ବର୍ଣ୍ଣନା ମିଳେ । କୁରୁକ୍ଷେତ୍ର ଯୁଦ୍ଧରେ ସତ୍ୟଧୃତି ପାଣ୍ଡବ ପକ୍ଷରୁ ଯୁଦ୍ଧ କଲେ । ସେ ଜଣେ ମହାରଥୀ ଥିଲେ । ସେ ଧନୁର୍ବିଦ୍ୟାରେ ଅତି ନିପୁଣ ଥିଲେ । କୌରବ ସେନାର ବହୁ ଯୋଦ୍ଧାଙ୍କୁ ସେ ପରାସ୍ତ କରିଥିଲେ । ୧୩ଶ ଦିନ ଯୁଦ୍ଧରେ ଦ୍ରୋଣାଚାର୍ଯ୍ୟଙ୍କ ସହ ଘୋର ଯୁଦ୍ଧ କରି ଦ୍ରୋଣଙ୍କ ହାତରେ ବୀରଗତି ପ୍ରାପ୍ତ ହେଲେ । ଦ୍ରୋଣ ପର୍ବରେ ଏହାର ବର୍ଣ୍ଣନା ଅଛି ।

“ତତଃ ସତ୍ୟଧୃତିଂ ନାମ ଗୌତମସ୍ୟାତ୍ମଜଂ ବଳୀ ।
ଜଘାନ ସମରେ ଦ୍ରୋଣୋ ମହେଷ୍ୱାସଂ ମହାରଥମ୍ ॥”

ବ୍ରହ୍ମକ୍ଷତ୍ରିୟ: ଜନ୍ମରୁ ବ୍ରାହ୍ମଣ ହେଲେ ବି କ୍ଷତ୍ରିୟ ଧର୍ମ ପାଳନ କଲେ । ପର୍ଶୁରାମଙ୍କ ପରି ସେ ବି ବ୍ରହ୍ମକ୍ଷତ୍ରିୟ ଥିଲେ ।

ଜେଜେବାପା ଗୌତମ ଓ ପିତା ଶତାନନ୍ଦଙ୍କ ପରି ସେ ବି ଧର୍ମ ପକ୍ଷରେ ଠିଆ ହେଲେ । ପାଣ୍ଡବମାନେ ଧର୍ମର ପ୍ରତୀକ ବୋଲି ତାଙ୍କ ପକ୍ଷ ନେଲେ । ଋଷି ପୁତ୍ର ହୋଇ ବି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜଧର୍ମ ଓ ଯୁଦ୍ଧଧର୍ମ ପାଳନ କରି ଦେଶ ଓ ଧର୍ମ ପାଇଁ ପ୍ରାଣ ଦେଲେ ।

କେତେକ ପୁରାଣରେ ସତ୍ୟଧୃତି ନାମରେ ଆଉ ଜଣେ ରାଜାଙ୍କ କଥା ବି ଅଛି ଯିଏ ବିଶ୍ୱାମିତ୍ରଙ୍କ ବଂଶଧର । କିନ୍ତୁ ମହାଭାରତରେ ଯୁଦ୍ଧ କରିଥିବା ସତ୍ୟଧୃତି ଶତାନନ୍ଦଙ୍କ ପୁତ୍ର । ସତ୍ୟଧୃତି ଗୌତମ ବଂଶର ଗୌରବ । ଋଷିକୁଳରେ ଜନ୍ମ ହୋଇ ବି ଧର୍ମରକ୍ଷା ପାଇଁ ଅସ୍ତ୍ର ଧରିଲେ ଓ କୁରୁକ୍ଷେତ୍ରରେ ଶହୀଦ ହେଲେ । ସେ ପ୍ରମାଣ କଲେ – "ଯତ୍ର ଧର୍ମସ୍ତତ୍ର ଜୟଃ" ପାଇଁ ବ୍ରାହ୍ମଣ ବି କ୍ଷତ୍ରିୟ ହୋଇପାରେ ।

ପଞ୍ଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚକ୍ରରାଜ ସୁଦର୍ଶନ

ହେମାମାଳିନୀ ବିଶ୍ୱାଳ

ଭଗବାନ ଶ୍ରୀ ବିଷ୍ଣୁଙ୍କର ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଏହି ଆୟୁଧ ମଧ୍ୟରୁ ଶ୍ରେଷ୍ଠ ଆୟୁଧ ହେଉଛନ୍ତି ଚକ୍ର, ଯାହାଙ୍କର ନାମ ସୁଦର୍ଶନ । ସଚରାଚର ବିଶ୍ୱର ସର୍ବମୟକର୍ତ୍ତା, କୋଟିକୈବଲ୍ୟ ନାଥ ପ୍ରଭୁ ହେଉଛନ୍ତି ଜଗତର ନାଥ ଜଗନ୍ନାଥ । ମହାପ୍ରଭୁ ଚତୁର୍ଦ୍ଧା ବିଗ୍ରହ ରୂପରେ ରତ୍ନସିଂହାସନରେ ପୂଜା ପାଉଛନ୍ତି ପ୍ରଭୁ ଶ୍ରୀ ବଳଭଦ୍ର, ମା ସୁଭଦ୍ରା, ଶ୍ରୀଜଗନ୍ନାଥ ଏବଂ ଶ୍ରୀ ସୁଦର୍ଶନ ମହାପ୍ରଭୁଙ୍କର ବାମ ଭାଗରେ ଏକ ସ୍ତମ୍ଭାକୃତି ରୂପରେ ସୁଦର୍ଶନ ପୂଜା ପାଆନ୍ତି ।

ପ୍ରବଳ ପ୍ରତାପୀ ଜଳନ୍ଧରକୁ ବିନାଶ ନିମନ୍ତେ ଦେବଗଣ ରୁଦ୍ରଙ୍କୁ ଅନୁରୋଧ କଲେ । ଭଗବାନ ଶିବ ଆୟୁଧ ବିନା ଜଳନ୍ଧରକୁ ନିଧନ ସମ୍ଭବ ନୁହେଁ ବୋଲି କହିଲେ ।

ସ୍କନ୍ଦ ପୁରାଣ ମତରେ -:

"ଇଶ୍ୱର ବୋଇଲେ ମୋର ଏସବୁ ଅସ୍ତ୍ରରେ
ଏ ମହାଦୈତ୍ୟକୁ ବଧ କରି ମୁଁ ନପାରେ ।"

ଏହା ଶୁଣି ସମସ୍ତ ଦେବତା ସେମାନଙ୍କର ତେଜ ବିଷ୍ଣୁଙ୍କୁ ଅର୍ପଣ କଲେ । ଶ୍ରୀବିଷ୍ଣୁ ସେହି ତେଜକୁ ରୁଦ୍ରଙ୍କୁ ପ୍ରଦାନ କଲେ । ଦେବତାମାନଙ୍କର ରକ୍ଷା ପାଇଁ ତଥା ଜଗତର ମଙ୍ଗଳ ପାଇଁ ଶ୍ରୀବିଷ୍ଣୁ ବୃନ୍ଦାବତୀଙ୍କର ସତୀତ୍ୱ ହରଣ କଲେ । ଯାହା ଦ୍ୱାରା କି ଶଙ୍କର ସୁଦର୍ଶନ ଚକ୍ର ଦ୍ୱାରା ଜଳନ୍ଧରର ବଧ କରିବାକୁ ସମର୍ଥ ହେଲେ । ସ୍କନ୍ଦ ପୁରାଣର ବର୍ଣ୍ଣନା ଅନୁସାରେ-:

"ସୂର୍ଯ୍ୟ ସମ କାନ୍ତି ଯେଉଁ ଚକ୍ର ସୁଦର୍ଶନ
ସେ ଚକ୍ରକୁ ଧରି ତିନିବାର ବୁଲାଇଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫିଙ୍ଗିଲେ ସେ ଆକାଶକୁ ପ୍ରଜ୍ଜ୍ୱଳିତ କରି

ତଳକୁ ଅଇଲା ଶୂନ୍ୟ ମାର୍ଗ ଖସିକରି

ଜଳନ୍ଧର ଦାନବର କନ୍ଧରେ ପଡିଲା

ଗଣ୍ଡିରୁ ମୁଣ୍ଡକୁ ତାର ଛିନ୍ନ କରିଦେଲା ।"

ଭଗବାନ ଶିବ ସୁଦର୍ଶନ ଚକ୍ରକୁ ପ୍ରଥମେ ବ୍ୟବହାର କରି ଜଳନ୍ଧରକୁ ବଧ କରିବା ପରେ ପବିତ୍ର କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଭଗବାନ ଶ୍ରୀବିଷ୍ଣୁଙ୍କ ହସ୍ତରେ ଅର୍ପଣ କରିଥିଲେ । ଯାହା ବୈକୁଣ୍ଠ ଚତୁର୍ଦ୍ଦଶୀ ନାମରେ ନାମିତ ।

ଭୁବନପୁର, ଗଡ଼ମଧୁପୁର , ଧର୍ମଶାଳା,ଯାଜପୁର,

୮୭୬୩୩୧୪୮୩୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବସନ୍ତ : ପ୍ରକୃତି, ସଂସ୍କୃତି ଓ ସାହିତ୍ୟର ସମନ୍ୱୟ

ଅଙ୍କିତ ସାହୁ



ବସନ୍ତ ଋତୁ ହେଉଛି ପ୍ରକୃତିର ସବୁଠାରୁ ମନୋରମ, ସୁଖଦାୟକ ଏବଂ ଆନନ୍ଦମୟ ଋତୁ, ଯାହାକୁ କବି, ସାହିତ୍ୟିକ ଓ ପ୍ରକୃତିପ୍ରେମୀମାନେ 'ଋତୁରାଜ' ଭାବରେ ସମ୍ବୋଧନ କରିଥାଆନ୍ତି । ଷଡ଼ଋତୁର ଏହି ମାଟିରେ ବସନ୍ତର ଆଗମନ ଏକ ନୂତନ ଚେତନା, ପ୍ରେରଣା ଓ ଅଫୁରନ୍ତ ଉଲ୍ଲାସ ବହି ଆଣିଥାଏ । ଫଗୁଣ ଓ ଚୈତ୍ର ମାସର ସନ୍ଧିକ୍ଷଣରେ ଯେତେବେଳେ ପ୍ରକୃତି ଶୀତର କଠୋରତା, କୁହୁଡ଼ିର ଆବରଣ ଓ ନିସ୍ତବ୍ଧତାରୁ ମୁକ୍ତି ପାଏ, ସେତେବେଳେ ବସନ୍ତର ସ୍ପର୍ଶରେ ସମଗ୍ର ସୃଷ୍ଟି ଏକ ନୂତନ ରୂପାନ୍ତର ମଧ୍ୟ ଦେଇ ଗତି କରେ । ବସନ୍ତ କେବଳ ଏକ ଋତୁ ନୁହେଁ, ଏହା ହେଉଛି ଜୀବନର ଜୟଗାନ, ଯେଉଁଠାରେ ନୈରାଶ୍ୟ ଦୂର ହୋଇ ଆଶାର ସଂଚାର ହୁଏ । ଶୀତଋତୁର ପତ୍ରଝଡ଼ା ପରେ ବୃକ୍ଷମାନେ ଯେତେବେଳେ ନିଜକୁ ନିଃସ୍ୱ ଓ ଶୂନ୍ୟ ଅନୁଭବ କରନ୍ତି, ସେହି ସମୟରେ ବସନ୍ତର ଆଗମନ ସେମାନଙ୍କୁ ପୁଣିଥରେ ନୂତନ ଜୀବନ ଦାନ କରେ । ପ୍ରତ୍ୟେକ ବୃକ୍ଷରେ କଅଁଳ ପତ୍ରର ସମାରୋହ, ଫୁଲର ସମ୍ଭାର ଓ ପ୍ରକୃତିର ପରିବର୍ତ୍ତନ ସମସ୍ତଙ୍କ ମନରେ ଏକ ଅପୂର୍ବ ଆନନ୍ଦ ଭରିଦିଏ । କୋଇଲିର ମଧୁର କୁହୁତାନ ଓ ମଳୟ ପବନର ସ୍ପର୍ଶ ମଣିଷର ମନରେ ଅଜାଣତରେ ଆନନ୍ଦର ଲହରୀ ଖେଳାଇ ଦିଏ, ଯାହା ମଣିଷକୁ ପୁଣି ଥରେ ଜୀବନକୁ ନୂଆ ଦୃଷ୍ଟିକୋଣରୁ ଦେଖିବାକୁ ବାଧ୍ୟ କରେ ।

ପ୍ରାଚୀନ କାଳରେ ବସନ୍ତ ଋତୁର ମହତ୍ତ୍ୱ ଅତ୍ୟନ୍ତ ଗଭୀର ଓ ବ୍ୟାପକ ଥିଲା । ସେ ସମୟରେ ମଣିଷ ଓ ପ୍ରକୃତି ମଧ୍ୟରେ ଯେଉଁ ନିବିଡ଼ ଓ ଆତ୍ମୀୟ ସମ୍ପର୍କ ଥିଲା, ତାହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବସନ୍ତର ଆଗମନରେ ଅଧିକ ସ୍ୱଷ୍ଟ ହେଉଥିଲା । ଲୋକମାନେ ବସନ୍ତର ଆଗମନକୁ ଏକ ବଡ଼ ଉତ୍ସବ ଭଳି ପାଳନ କରୁଥିଲେ । ସେ ସମୟରେ ଆଧୁନିକତାର ପ୍ରଦୂଷଣ ନଥିଲା, ଚାରିଆଡ଼େ ସବୁଜିମାର ସମାରୋହ ଥିଲା ଏବଂ ବୃକ୍ଷଲତାମାନେ ବର୍ଷସାରା ଭରା ରହୁଥିଲେ । ବସନ୍ତ ଆସିଲେ କୃଷକମାନେ ଅତ୍ୟନ୍ତ ଖୁସି ହେଉଥିଲେ, କାରଣ ଏହି ସମୟରେ ଫସଲ ଅମଳର ସମୟ ହୋଇଥାଏ ଏବଂ ପ୍ରକୃତିର ସନ୍ତୁଳନ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିଲା । ଅତୀତରେ ବସନ୍ତ କେବଳ ଏକ ଋତୁ ନଥିଲା, ଏହା ଥିଲା ମାନବିକ ସମ୍ବେଦନାର ଏକ ପ୍ରତୀକ, ଯେଉଁଠାରେ ମଣିଷ ପ୍ରକୃତିର ପ୍ରତ୍ୟେକ ପରିବର୍ତ୍ତନକୁ ନିଜର ବୋଲି ମନେ କରୁଥିଲା । ଗ୍ରାମାଞ୍ଚଳରେ ଦୋଳ ଯାତ୍ରା ଓ ହୋଲିର ପର୍ବ ଏତେ ଆନନ୍ଦରେ ପାଳନ କରାଯାଉଥିଲା ଯେ ଲୋକେ ସମସ୍ତ ଭେଦଭାବ ଭୁଲି ଯାଉଥିଲେ । ସେ ସମୟର ବସନ୍ତରେ ଏକ ପ୍ରକାରର ପବିତ୍ରତା, ଶାନ୍ତି ଓ ଆଧ୍ୟାତ୍ମିକତା ଥିଲା, ଯାହା ଆଜିର ଯାନ୍ତ୍ରିକ ଜୀବନରେ ଦୁର୍ଲଭ ହୋଇପଡ଼ିଛି । ବସନ୍ତକୁ କବିମାନେ ପ୍ରେମ ଓ ମିଳନର ଋତୁ ବୋଲି ବର୍ଣ୍ଣନା କରିଛନ୍ତି, ଯେଉଁଠାରେ ପ୍ରକୃତି ନିଜେ ସୁନ୍ଦରୀ ନାରୀ ସଦୃଶ ସଜ୍ଜିତ ହୋଇଥାଏ ।

ବର୍ତ୍ତମାନର ଯୁଗରେ ବସନ୍ତ ଋତୁର ସ୍ୱରୂପ ବହୁ ପରିମାଣରେ ବଦଳି ଯାଇଛି । ବିକାଶ ଓ ଶିଳ୍ପାୟନର ନାମରେ ଜଙ୍ଗଲ କ୍ଷୟ, ଅନିୟନ୍ତ୍ରିତ ସହରୀକରଣ ଏବଂ ବର୍ଦ୍ଧିତ ପ୍ରଦୂଷଣ ଯୋଗୁଁ ବସନ୍ତର ସେହି ପୁରୁଣା ସୌନ୍ଦର୍ଯ୍ୟ ଆଜି ମଳିନ ପଡ଼ିଯାଇଛି । ଜଳବାୟୁ ପରିବର୍ତ୍ତନ ହେତୁ ଋତୁଚକ୍ରରେ ଅନିୟମିତତା ଦେଖାଦେଇଛି, ଫଳସ୍ୱରୂପ ବସନ୍ତର ସମୟ ଅବଧି କମିବାରେ ଲାଗିଛି । ଆଜିର ମଣିଷ ମଧ୍ୟ ବ୍ୟସ୍ତବହୁଳ ଯାନ୍ତ୍ରିକ ଜୀବନଯାପନ ମଧ୍ୟରେ ପ୍ରକୃତିର ଏହି ମହାନ ପରିବର୍ତ୍ତନକୁ ଉପଭୋଗ କରିବା ପାଇଁ ସମୟ ପାଇପାରୁନାହିଁ । କୋଇଲିର ମଧୁର କୁହୁତାନ ଆଜି ସହରୀ କୋଳାହଳରେ ହଜି ଯାଉଛି । କଂକ୍ରିଟର ଜଙ୍ଗଲ ମଧ୍ୟରେ ଫୁଲର ସମ୍ଭାର ଦେଖିବାକୁ ମିଳୁନାହିଁ, ବରଂ ପ୍ରଦୂଷିତ ବାୟୁ ଏବଂ କୃତ୍ରିମ ବାତାବରଣ ମଧ୍ୟରେ ମଣିଷ ବନ୍ଦୀ ହୋଇ ରହିଛି । ଯଦିଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜି ଆମେ ଆଧୁନିକତାର ଶୀର୍ଷରେ ଅଛୁ, ତଥାପି ଆମେ ପ୍ରକୃତିଠାରୁ ଦୂରେଇ ଯାଉଛୁ । ବସନ୍ତ ଆସୁଛି, କିନ୍ତୁ ତାହାର ସେହି ପାରମ୍ପରିକ ଆବେଦନ ଆଜିର ପିଢ଼ି ପାଇଁ କେବଳ ସୋସିଆଲ ମିଡ଼ିଆର କିଛି ଫଟୋ ବା ପୋଷ୍ଟରେ ସୀମିତ ରହିଯାଇଛି । ପ୍ରକୃତି ସହ ଏହି ଦୂରତା ମାନବ ସମାଜ ପାଇଁ ଏକ ବଡ଼ ଚେତାବନୀ ।

ଭବିଷ୍ୟତକୁ ଦୃଷ୍ଟିରେ ରଖିଲେ, ବସନ୍ତର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ମନେ ହେଉଛି । ଯଦି ଆମେ ବର୍ତ୍ତମାନ ସଚେତନ ନ ହେଉ, ତେବେ ଆଗାମୀ ପିଢ଼ି ବସନ୍ତ ଋତୁକୁ କେବଳ ପୁସ୍ତକ ଓ କାହାଣୀରେ ପଢ଼ିବାକୁ ପାଇବ । ପ୍ରଦୂଷଣ ଓ ବିଶ୍ୱ ତାପମାତ୍ରା ବୃଦ୍ଧିର ସମସ୍ୟା ଯଦି ଏହିପରି ବଢ଼ିବ, ତେବେ ପ୍ରକୃତିର ସନ୍ତୁଳନ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯିବ । ଭବିଷ୍ୟତର ବସନ୍ତକୁ ବଞ୍ଚାଇବା ପାଇଁ ଆମକୁ ବୃକ୍ଷରୋପଣକୁ ଏକ ସାମୂହିକ ଅଭିଯାନ ଭାବେ ଗ୍ରହଣ କରିବାକୁ ପଡ଼ିବ । କେବଳ ବୃକ୍ଷ ଲଗାଇବା ନୁହେଁ, ବରଂ ସେମାନଙ୍କର ଯତ୍ନ ନେବା ଓ ଜଙ୍ଗଲ ସଂରକ୍ଷଣ କରିବା ମଧ୍ୟ ଆବଶ୍ୟକ । ସହରୀ ଯୋଜନାରେ ସବୁଜିମାକୁ ପ୍ରାଧାନ୍ୟ ଦେବା, ଜଳଉତ୍ସର ସୁରକ୍ଷା କରିବା ଏବଂ ପ୍ରଦୂଷଣ ନିୟନ୍ତ୍ରଣ କରିବା ଦ୍ୱାରା ହିଁ ଆମେ ପ୍ରକୃତିକୁ ପୁନର୍ଜୀବିତ କରିପାରିବା । ଆଗାମୀ ଦିନରେ ବସନ୍ତକୁ ପୁଣିଥରେ ସେହି ପୁରୁଣା ମହକ ଓ ସୌନ୍ଦର୍ଯ୍ୟ ଫେରାଇ ଆଣିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ । ଯଦି ଆମେ ଆଜି ପ୍ରକୃତିର ଏହି ଅମୂଲ୍ୟ ଦାନକୁ ସମ୍ମାନ ନ ଦେବା, ତେବେ ଆଗାମୀ ପିଢ଼ି କେବେହେଲେ ବସନ୍ତର ପ୍ରକୃତ ଆନନ୍ଦ ଅନୁଭବ କରିପାରିବେ ନାହିଁ । ବସନ୍ତ ଆମକୁ ଏକ ସୁସ୍ଥ ପୃଥିବୀର ବାର୍ତ୍ତା ଦିଏ, ଯାହାକୁ ବଞ୍ଚାଇ ରଖିବା ଆମର ପରମ ଧର୍ମ ।

ବସନ୍ତ କେବଳ ଏକ ଋତୁ ନୁହେଁ, ବରଂ ଏହା ମାନବ ସଭ୍ୟତାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ପ୍ରାଚୀନ ଭାରତୀୟ ସଂସ୍କୃତିରେ ବସନ୍ତକୁ 'ମଦନ ମହୋତ୍ସବ' ଭାବରେ ପାଳନ କରାଯାଉଥିଲା, ଯାହା ପ୍ରେମ ଓ ଉର୍ବରତାର ପ୍ରତୀକ ଥିଲା । ଏହି ସମୟରେ ପୁଷ୍ପ, ବୃକ୍ଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଓ ମନୁଷ୍ୟ ମଧ୍ୟରେ ଏକ ଅଦ୍ଭୁତ ସମନ୍ୱୟ ସୃଷ୍ଟି ହୁଏ । ବସନ୍ତର ଆଗମନ ସମୟରେ ରାତି ଓ ଦିନର ସମୟସୀମା ପ୍ରାୟତଃ ସମାନ ହୋଇଥାଏ, ଯାହା ଏକ ପ୍ରକାରର ସନ୍ତୁଳନକୁ ସୂଚାଏ । ବସନ୍ତ ଆମକୁ ଶିଖାଏ ଯେ କିପରି ସୀମିତ ସମ୍ବଳ ମଧ୍ୟରେ ମଧ୍ୟ ପ୍ରକୃତି ନିଜକୁ ନୂତନ କରି ଗଢ଼ିପାରେ । ଯଦି ଆମେ ଆମର ଜୀବନଶୈଳୀରେ ସାମାନ୍ୟ ପରିବର୍ତ୍ତନ ଆଣିବା, ତେବେ ଆମେ ମଧ୍ୟ ପ୍ରକୃତି ସହ ତାଳ ମିଳାଇ ଚାଲିପାରିବା । ଆମର ସହରଗୁଡ଼ିକୁ ସବୁଜିମା ମୟ କରିବା, ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ଏବଂ ଜଳ ସଂରକ୍ଷଣ କରିବା ଭଳି କାର୍ଯ୍ୟ ବସନ୍ତକୁ ଆହୁରି ମଧୁର କରିବ । ବସନ୍ତର ପ୍ରତିଟି ଫୁଲରେ ଏକ ବାର୍ତ୍ତା ଅଛି, ପ୍ରତିଟି ପତ୍ରରେ ଏକ ଜୀବନ ଅଛି । ଆମେ ଯଦି ସେହି ଭାଷା ବୁଝିପାରିବା, ତେବେ ଜୀବନ ଅଧିକ ସାର୍ଥକ ହେବ ।

ବସନ୍ତର ଅନ୍ୟ ଏକ ଦିଗ ହେଉଛି ଏହାର ସାହିତ୍ୟିକ ପ୍ରଭାବ । ଓଡ଼ିଆ ସାହିତ୍ୟରେ ବସନ୍ତକୁ ନେଇ କେତେ ଯେ କବିତା, ଗୀତ ଓ କାହାଣୀ ରଚିତ ହୋଇଛି ତାହାର ହିସାବ ନାହିଁ । କବିମାନେ ବସନ୍ତକୁ ପ୍ରକୃତିର ସୌନ୍ଦର୍ଯ୍ୟର ଭଣ୍ଡାର ବୋଲି ବର୍ଣ୍ଣନା କରିଛନ୍ତି । ବସନ୍ତର ଆଗମନରେ ଉପେନ୍ଦ୍ର ଭଞ୍ଜ, କବିସମ୍ରାଟଙ୍କ ଠାରୁ ଆରମ୍ଭ କରି ଆଧୁନିକ କବି ପର୍ଯ୍ୟନ୍ତ ସମସ୍ତେ ମୁଗ୍ଧ ହୋଇଛନ୍ତି । ବସନ୍ତର ସେହି ରୂପ, ରସ ଓ ଗନ୍ଧ ସାହିତ୍ୟକୁ ଏକ ନୂତନ ଦିଗ ଦେଇଛି । ବସନ୍ତର ଏହି ସାହିତ୍ୟିକ ସୌନ୍ଦର୍ଯ୍ୟ ଆମକୁ ମନେ ପକାଇ ଦିଏ ଯେ ଆମେ କେତେ ସୌଭାଗ୍ୟବାନ ଯେ ଆମେ ଏହି ଧରାରେ ଜନ୍ମ ନେଇଛୁ । ଆସନ୍ତୁ, ବସନ୍ତର ଏହି ମହାନ ପର୍ବକୁ ସମ୍ମାନ ଜଣାଇ ପ୍ରକୃତିର ସୁରକ୍ଷା ପାଇଁ ଶପଥ ନେବା । ବସନ୍ତ କେବଳ ଫୁଲ ଫୁଟାଇବା ପାଇଁ ନୁହେଁ, ବରଂ ମଣିଷର ହୃଦୟରେ ମଧ୍ୟ ପ୍ରେମ ଓ କରୁଣାର ଫୁଲ ଫୁଟାଇବା ପାଇଁ ଆସିଥାଏ । ତେଣୁ, ଏହି ବସନ୍ତରେ ଆମେ ସଂକଳ୍ପ ନେବା ଯେ ଆମେ ପ୍ରକୃତିର ରକ୍ଷକ ହେବା ଏବଂ ସମଗ୍ର ସୃଷ୍ଟିକୁ ସୁନ୍ଦର କରି ଗଢ଼ି ତୋଳିବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିଶେଷରେ, ବସନ୍ତର ଆଗମନ ଏକ ନୂତନ ସମ୍ଭାବନାକୁ ସୂଚାଏ । ଆମର ଜୀବନରେ ଯେତେ କଷ୍ଟ ବା ଦୁଃଖ ଥାଉ ନା କାହିଁକି, ବସନ୍ତ ଆସିଲେ ତାହା ସବୁ ପାସୋରି ହୋଇଯାଏ । ବସନ୍ତର ଏହି ପବିତ୍ର ଦିନଗୁଡ଼ିକ ଆମକୁ ନୂଆ ସାହସ ଓ ପ୍ରେରଣା ଦେଇଥାଏ । ଆମେ ଯଦି ଆମର ମନକୁ ମଧ୍ୟ ପ୍ରକୃତି ପରି ସୁନ୍ଦର ଓ ସ୍ୱଚ୍ଛ କରିପାରିବା, ତେବେ ବସନ୍ତ ଆମ ଭିତରେ ସର୍ବଦା ଜୀବିତ ରହିବ । ଆସନ୍ତୁ, ଆମର ଏହି ପ୍ରିୟ ଋତୁରାଜ ବସନ୍ତକୁ ସ୍ୱାଗତ କରିବା ଏବଂ ପ୍ରତିବର୍ଷ ଏହାକୁ ଅଧିକ ଆନନ୍ଦ ଓ ଉଲ୍ଲାସ ସହ ପାଳନ କରିବା । ବସନ୍ତର ମାଧୁର୍ଯ୍ୟ ଆମ ଚାରିପାଖରେ ସର୍ବଦା ବିରାଜମାନ କରୁ, ଏହାହିଁ ଆମର କାମନା । ବସନ୍ତର ଏହି କୋମଳ ସ୍ପର୍ଶ ଆମ ଜୀବନକୁ ସାର୍ଥକ ଓ ସୁନ୍ଦର କରୁ, ଏହି ପ୍ରାର୍ଥନା ସହ ବସନ୍ତ ଋତୁକୁ ସାଦରେ ସ୍ୱାଗତ କରୁଛୁ । ବସନ୍ତ ସର୍ବଦା ଆମ ଜୀବନରେ ଆଶା ଓ ଉତ୍ସାହର ସଞ୍ଚାର କରୁ, ଏହି ଆଶାରେ ହିଁ ଆମେ ଆମର ସାମାଜିକ ଜୀବନକୁ ପ୍ରକୃତି ସହ ସନ୍ତୁଳିତ କରି ଚାଲିବା । ବସନ୍ତର ଏହି ବାର୍ତ୍ତା ହେଉଛି ଶାନ୍ତି, ପ୍ରେମ ଓ ପ୍ରଗତିର ବାର୍ତ୍ତା । ଏହି ବାର୍ତ୍ତାକୁ ଗ୍ରହଣ କରି ଆମେ ଆଗକୁ ବଢ଼ିବା ଏବଂ ପୃଥିବୀକୁ ସ୍ୱର୍ଗରେ ପରିଣତ କରିବା ।

ଅଙ୍କିତ ସାହୁ

ପ୍ରତିଷ୍ଠାତା, ଓଡ଼ିଆମଣି ଇ-ପତ୍ରିକା, କଟକ

Listen to Odia Podcast Original at https://youtube.com/@drjyotiprasad

# ଲେଖକଙ୍କ ଦିନଚର୍ଯ୍ୟା

ମଧୁସ୍ମିତା ସାହୁ



ପୃଥିବୀ ପୃଷ୍ଠରେ ପ୍ରତ୍ୟେକ ଜୀବଠାରୁ ସର୍ବୋଚ୍ଚ ସ୍ଥାନ ଅଧିକାରୀ କେବଳ ମାନବ ଜାତି । ଏହି ମାନବ ଜାତିର ଚେତନା, ଚିନ୍ତନ, ଜ୍ଞାନ, ବିଜ୍ଞ, ସଦବୁଦ୍ଧି ସହ ଗଢା ହୋଇଛନ୍ତି । ଶ୍ରେଷ୍ଠ ମାନବ ଜାତି ଗଠିତ ହେବା ପାଇଁ ହେଲେ ଶାନ୍ତିଶୃଙ୍ଖଳା, ଦାୟିତ୍ୱରେ ନିପୂଣତା, ଯଥାସମ୍ଭବ ମାନବ ପ୍ରେମୀ, ଉଦାରବୋଧ, ସହଯୋଗୀ, ନିଃସ୍ୱାର୍ଥପର ସମାଜସେବା, ନିରହଂକାରୀ, ମଧୁରତା, ଭଗବତ ବିଶ୍ୱାସୀ, ଆସ୍ତିକଭାବ, ଶୁଦ୍ଧବିଚାର, ଦୟା, କ୍ଷମା, ସୌଜନ୍ୟଶୀଳତା, ବିବେକ ଏପରି ଅନେକ ଗୁଣରେ ସମାହାର ହୋଇଥାଏ ।

ପରସ୍ପର ସହ ସ୍ନେହ, ପ୍ରେମ, ସଦଭାବନା, ତ୍ୟାଗ ସମର୍ପିତ ଭାବ, ବିଶ୍ୱାସ ଇତ୍ୟାଦି ରହିବା ସର୍ବୋତ୍ତମ ଅଟେ ।

ମାନବ ସଂସାର ଭିତରେ ସର୍ବଶ୍ରେଷ୍ଠ ଲେଖକଙ୍କ ସ୍ଥାନ ଅଟେ । ଦ୍ୱିତୀୟ ଈଶ୍ୱର ସଦୃଶ୍ୟ ଦିବ୍ୟ ଭାବାପନ୍ନ ସୃଷ୍ଟି ସଂରଚନା କରିଥାନ୍ତି । ଈଶ୍ୱରଙ୍କ ସ୍ୱତନ୍ତ୍ର ଅବଦାନ ଓ ବିଶେଷ ଆଶୀର୍ବାଦ ତଥା ପୂର୍ବ ପୁରୁଷମାନଙ୍କର ଶୁଭ ଦୃଷ୍ଟି ଅନୁସାରେ ଲେଖନୀ ଚାଳନା ସମ୍ଭବ ହୋଇ ପାରିଛି । ଭାବନା, ପରିକଳ୍ପନା, ଆଧାରକୁ ନେଇ ନୂତନ ଚିନ୍ତାଧାରାକୁ ପ୍ରଗତିଶୀଳ କରିବାରେ ଏହି ଲେଖନୀ ପ୍ରକ୍ରିୟା ଏକ ସର୍ବୋତ୍ତମ ସାଧନା ଅଟେ ।

ଲେଖକ ନିଜ ଭାବନାକୁ ଶବ୍ଦ କୁହୁକର ଜାଦୁଗରିରେ ସମଗ୍ର ସତ୍ତାକୁ ରୁଦ୍ଧିମନ୍ତ କରି ଚଳଚଞ୍ଚଳ, ସୌନ୍ଦର୍ଯ୍ୟମୟ ସୁସଜ୍ଜିତ କରି ଗଢିତୋଳିବାରେ ସାମର୍ଥ୍ୟ ପାଇଥାଏ ।

ଦିନଚର୍ଯ୍ୟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲେଖକମାନେ ବ୍ରହ୍ମମୁହୁର୍ତ୍ତରେ ଶଯ୍ୟାତ୍ୟାଗ କରି ନିତ୍ୟକର୍ମ ସାରି ପ୍ରଥମେ ବିଭୁଙ୍କୁ ବନ୍ଦନା କରି ତାଙ୍କ ଚରଣ ତଳେ ସର୍ମପିତ ଭାବ ରଖି ନିଜ ଆତ୍ମାକୁ ସତ୍ୟକର୍ମରେ ନିୟୋଜିତ କରି ଦିନଚର୍ଯ୍ୟା ଆରମ୍ଭ କରିଥାନ୍ତି ।

ଯୋଗ ଧ୍ୟାନ, ତପସ୍ୟା, ପ୍ରାଣାୟମ ଦ୍ୱାରା ନିଜ ମନକୁ ଶାନ୍ତ, ଆୟତ୍ତ, ସଂଯମ କରି ଚିନ୍ତନ ମନ୍ଥନ କରିବା ହିଁ ଉତ୍ତମ ମାନର କାର୍ଯ୍ୟ ଅଟେ ।

ସୁସ୍ଥ ଶରୀର, ସୁସ୍ଥ ମନ, ସୁସ୍ଥ ଆତ୍ମା ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିଥାଏ ।

କୌଣସି ପ୍ରକାର ମାନସିକ ଦୁଶ୍ଚିନ୍ତା ମନକୁ ନିରାଶ ପଥରେ ଠେଲି ଦେଇ ଦୁର୍ବଳ କରି ପକାଇଥାଏ । ଏଣୁକରି ନକାରାତ୍ମକ ଭାବନାକୁ ସଦାସର୍ବଦା ଦୂରେଇ ରଖି ମନକୁ ଆସ୍ତିକ ଭାବନା ଜାଗ୍ରତ ସୃଷ୍ଟି କରିବା ଉଚିତ୍ । ଏଥିପାଇଁ ନିଜକୁ ଠାକୁରଙ୍କ ସମ୍ମୁଖସ୍ଥ ସମର୍ପଣ ଭାବ ରଖି ଭଗବତ୍ ଚିନ୍ତାଧାରା ହେବା ପାଇଁ ସର୍ବ ପ୍ରଥମେ ଭଗବତ ଗୀତାକୁ ଯଥାକାଳେ ଅଧ୍ୟୟନରତ ହେବା ଉଚିତ୍ । ଦ୍ୱନ୍ଦ ଭାବେ ଦୋଳାୟମାନ ଭାବକୁ ତୁରନ୍ତ ସମାଧାନର ସୂତ୍ର ବାହାର କରିଥାଏ । ଏହି ଗୀତା ସାର ମନୁଷ୍ୟର ସମସ୍ତ ବିକାର, ସମସ୍ୟା ଓ ଅହଂକାର ଗର୍ବକୁ ଧ୍ୱଂସ କରିଥାଏ । ଏଣୁ ନିତ୍ୟକର୍ମ ଅନୁଯାୟୀ ଧାରାବାହିକ ଭାଗବତ ଗୀତାକୁ ପଠନ ପ୍ରକ୍ରିୟା ଅଭ୍ୟାସ କରିବା ଉଚିତ୍ ।

ନିଜ ମନକୁ ଆୟତ୍ତ କରି ରଖି ଲୋକମାନଙ୍କୁ ସ୍ନେହ, ଆଦର, ଶ୍ରଦ୍ଧା, ଅନୁରାଗ, ଓ ବୟୋଜ୍ୟେଷ୍ଠ ମାନଙ୍କୁ ସମ୍ମାନ ଓ ଭକ୍ତି ଆରାଧନା କରିବା ମହତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ଲେଖକ ସବୁବେଳେ ସମାଜ ସୁଧାକର ହୋଇଥାଏ ସମାଜର ଦିଗ୍ ଦର୍ଶନ ରୂପେ ଲେଖା ମାଧ୍ୟମରେ ସମାଜକୁ ପରିବର୍ତ୍ତନର ବାର୍ତ୍ତା ଦେଇଥାଏ । ନିଜ ଲେଖା ମାଧ୍ୟମରେ ଶିକ୍ଷଣୀୟ ତଥ୍ୟ ପ୍ରସ୍ତୁତ କରି ସମାଜର ହିତ ସାଧନ କରାଇବାରେ ଧୂରନ୍ଧର ହୋଇ ପଡିଥାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତ୍ୟେକ ଲେଖାରେ କାୟା ପ୍ରବେଶ କରି ନିଜକୁ ପ୍ରତି ଚରିତ୍ରରେ ଆତ୍ମାକୁ ପ୍ରବେଶ କରିବା ହିଁ ଉତ୍ତମ ଲେଖକ ହୋଇ ପାରିବା । ଲେଖକ ସନ୍ତୁଳିତ ହୋଇ ବାରମ୍ବାର ପ୍ରୟାସ କରିବା ହିଁ ଲେଖକର ଉନ୍ନତ ଘଟିଥାଏ । ଲେଖକର ସାଧନା କରିବାରେ ପ୍ରଥମତଃ ପ୍ରତ୍ୟେକ ଉଚ୍ଚଶୈଳୀର ଲେଖାଗୁଡ଼ିକ ଅଧ୍ୟୟନରତ ହେବା ମୁଖ୍ୟତଃ ଆବଶ୍ୟକ ।

ସମସ୍ତ ବିଜ୍ଞ ପ୍ରାଜ୍ଞ ପୂର୍ବ କାଳଜୟୀ ମହାନ୍ ଲେଖକମାନଙ୍କ ଲେଖା ପୁସ୍ତକ ସବୁ ବାରମ୍ବାର ପଢି ଅଗାଧ ପାଣ୍ଡିତ୍ୟ ଅର୍ଜ୍ଜନ କରିବାରେ ସାମର୍ଥ୍ୟ ହାସଲ କରି ପାରିବା । ଉପନ୍ୟାସ, ନାଟକ, ପ୍ରବନ୍ଧ, କବିତା, ଆଲୋଚନା ଇତ୍ୟାଦି ପଢିବା ଓ ଶୁଣିବା ଫଳରେ ଅନେକ ଭାଷା ଜ୍ଞାନ ପରିମାର୍ଜିତ ହୋଇ ଶବ୍ଦମାନ ସଂଗୃହୀତ ହୋଇ ପାରିଥାଏ ।

ପଢ଼ିବାର ରୁଚି ବଳରେ ଆମକୁ ବିଭିନ୍ନ ଉପସ୍ଥାପନା ଶୈଳୀର ଧାରା ଶିକ୍ଷଣୀୟ କରାଇଥାଏ । ପ୍ରଥମେ ଅନ୍ୟମାନଙ୍କର ଲେଖା ଗୁଡ଼ିକୁ ପଢ଼ିବାରେ ଲେଖା ଜ୍ଞାନମାର୍ଜିତ ହୋଇଥାଏ । ନିର୍ଭୁଲ ଭାବେ ଆବୃତ୍ତି କରିବାରେ ସଫଳ ହେବା ସମ୍ଭବ ପର ହୋଇଥାଏ । ପ୍ରତ୍ୟେକ ଶବ୍ଦର ପ୍ରତିଶବ୍ଦ ଜ୍ଞାନ ପ୍ରାପ୍ତ ହୋଇଥାଏ ।

ଲେଖକର ଶାଳୀନତା, ଉଦାରତା, ଦୟାଭାବ, ପ୍ରେମଭାବ, ଭାତୃଚାରା, ଆଚାର, ବ୍ୟବହାର, ମାନବିକତା ଦୃଷ୍ଟିଭଙ୍ଗୀ ଏବଂ ନମ୍ରତା ଭାବ ଇତ୍ୟାଦି ଗୁଣସବୁ ପ୍ରସ୍ଫୁଟିତ ହୋଇ ନିଜ ଲେଖାରେ ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇ ପାରିଥାଏ । ସଦାସର୍ବଦା ଶିକ୍ଷଣୀୟ ଭାବ ରଖିବା ଦ୍ୱାରା ଉଚ୍ଚକୋଟୀର ଲେଖକ ହୋଇ କାଳଜୟୀ ସାରସ୍ୱତ ହୋଇ ପାରିବା ।

ବ୍ରହ୍ମା ନଗର ପ୍ରଥମ ଗଳି
ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋ–୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୂଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad